

କାହାଣୀ ପାଇଁ ଅଟକିଛି 'ଏସ୍ଏସ୍ଏମ୍‌ବି୨୯'ର ସୁଟିଂ
▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-28 ◆TUESDAY ◆22 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮ ◆ମଙ୍ଗଳବାର ◆୨୨ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କଲେଜ ଉପରେ ଖସିଲା ବାୟୁସେନା ବିମାନ



**୧୯ ମୃତ, ୧୬୦ ଆହତ**

■ **ଢାକା, ୨୧।୭(ଏଜେନ୍ସି):** ବାଂଲାଦେଶ ରାଜଧାନୀ ଢାକାରେ ଆଜି ବାୟୁସେନାର ଏକ ଜେଟ୍ ବିମାନ କଲେଜ ଉପରେ ଖସିପଡ଼ିବାରୁ ୧୯ ଜଣ ପ୍ରାଣ ହରାଇଛନ୍ତି ଏବଂ ଶହେରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୬ ଜଣ ଛାତ୍ରଛାତ୍ରୀ, ଦୁଇ ଜଣ ଶିକ୍ଷକ ଓ ଜେଟ୍ ପାଇଲଟ୍ ଅଛନ୍ତି। ବିମାନଟି ଉଡ଼ିବାର ୩୦ ମିନିଟ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଆହତ ହୋଇଥିବା ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ମାଇଲଷ୍ଟୋନ ସ୍କୁଲ ଏଣ୍ଡ କଲେଜରେ ଆଜି ପାଠପଢ଼ା ଚାଲିଥିବା ବେଳେ ଏହା ଉପରେ ଜେଟ୍ ଖସିପଡ଼ିଥିଲା। ପାଇଲଟ ଫ୍ଲାଇଟ୍ ଲେଫ୍ଟନାଣ୍ଟ ମହମ୍ମଦ ତୋଉକିର ଇସ୍‌ଲାମଙ୍କ ସମେତ ୧୬ ଛାତ୍ର ଓ ଦୁଇଜଣ ଶିକ୍ଷକ ମୃତ୍ୟୁବରଣ କରିଛନ୍ତି। ୧୬୦ରୁ ଅଧିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ରଛାତ୍ରୀ। ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେବେ ବିମାନ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ପ୍ରଧାନମନ୍ତ୍ରୀ ୟୁନୁସ ଏଥିପାଇଁ ଶୋକ ପ୍ରକାଶ କରିଛନ୍ତି।

## ଶପଥ ନେଲେ ଜଷ୍ଟିସ ମାନସ ପାଠକ

**ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି**

■ **କଟକ, ୨୧।୭ (ସମିସ):** ଜଷ୍ଟିସ ମାନସ ରଞ୍ଜନ ପାଠକ ଆଜି ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଜଷ୍ଟିସ୍ ପାଠକଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଶପଥ ପାଠ କରାଇଛନ୍ତି। ହାଇକୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ସମସ୍ତ ବିଚାରପତି, ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡେପୁଟି ସଲିସିଟର୍ ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ହାଇକୋର୍ଟ ବାର୍ କର୍ମକର୍ତ୍ତାଙ୍କ ସମେତ ବହୁ ପୂର୍ବତନ ବିଚାରପତି ଏବଂ ଆଇନଜୀବୀମାନେ ଯୋଗ ଦେଇଥିଲେ।

ଗତ ମେ' ୨୬ତାରିଖରେ ଜଷ୍ଟିସ ▸ପୃଷ୍ଠା-୭



# ଉପରାଷ୍ଟ୍ରପତି ଧନଖଡ଼ଙ୍କ ଇସ୍ତଫା



■ **ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି):** ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଅଚାନକ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିବା କୁହାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦେଇଥିବା ଇସ୍ତଫାପତ୍ରରେ ଧନଖଡ଼ ଲେଖିଛନ୍ତି ଯେ ଡାକ୍ତରଙ୍କ ପରାମର୍ଶ ଓ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଉଛନ୍ତି। ସେ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇବା ସହିତ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ମଧ୍ୟ ସହଯୋଗ ଓ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି।

କାର୍ଯ୍ୟକାଳ ପୂରିବା ପୂର୍ବରୁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାରେ ଧନଖଡ଼ ହେଉଛନ୍ତି ତୃତୀୟ ବ୍ୟକ୍ତି। ଏହାପୂର୍ବରୁ ୧୯୬୯ରେ ଭିଭି ଗିରି ଏବଂ ୧୯୮୭ରେ ଆର. ଭେଙ୍କଟରମଣ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ କୌଣସି ଉପରାଷ୍ଟ୍ରପତି ଏଭଳି ଇସ୍ତଫା ଦେଇନଥିଲେ। ଉଭୟ ଭିଭି ଗିରି ଏବଂ ଭେଙ୍କଟରମଣ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଇସ୍ତଫା ଦେଇଥିଲେ। କିନ୍ତୁ ଧନଖଡ଼ ସ୍ୱାସ୍ଥ୍ୟ କାରଣ ଦର୍ଶାଇ ଇସ୍ତଫା ଦେଇଛନ୍ତି।

ଉପରାଷ୍ଟ୍ରପତି ଧନଖଡ଼ଙ୍କ ଅଚାନକ ଇସ୍ତଫା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଦିନରେ ସେ ଆଜି ରାଜ୍ୟସଭାରେ ଗୃହ ପରିଚାଳନା କରିଥିବା ବେଳେ ସନ୍ଧ୍ୟାରେ ତାଙ୍କର ଅଚାନକ ଇସ୍ତଫା ଖବରକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଉପରାଷ୍ଟ୍ରପତି ପଦ ଏବେ ଖାଲି ରହିବ ଏବଂ ଆସନ୍ତା ୬ ମାସ ମଧ୍ୟରେ ଏହି ପଦ ଲାଗି ନିର୍ବାଚନ କରିବାକୁ ପଡ଼ିବ।

ରାଷ୍ଟ୍ରପତିଙ୍କୁ ଲେଖିଥିବା ଇସ୍ତଫାପତ୍ରରେ ଧନଖଡ଼ ଉଲ୍ଲେଖ କରିଛନ୍ତି, ଏବେ ନିଜର ସ୍ୱାସ୍ଥ୍ୟ ପ୍ରତି ତାଙ୍କୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ ଏବଂ ଏଥିପାଇଁ ଡାକ୍ତର ପରାମର୍ଶ ମଧ୍ୟ ଦେଇଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ସେ ସମ୍ବିଧାନର ଧାରା ୬୭(ଏ) ଅନୁଯାୟୀ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଉଛନ୍ତି। ସମଗ୍ର କାର୍ଯ୍ୟକାଳ ସମୟରେ ସୁସଂପର୍କ ଓ ଅକୁଣ୍ଠ ସମର୍ଥନ ପାଇଁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମସ୍ତ ସାଂସଦ ଯେପରି ତାଙ୍କୁ ସ୍ନେହ ଓ ଶ୍ରଦ୍ଧା କରିବା ସହିତ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି, ସେଥିପାଇଁ ଧନଖଡ଼ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ୭୪ ବର୍ଷୀୟ ଧନଖଡ଼ ୨୦୨୨ରେ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ▸ପୃଷ୍ଠା-୭

**ଭାରତର ଉପରାଷ୍ଟ୍ରପତି**

| | |
|---|---|
| ଡ. ସର୍ବପଲ୍ଲୀ ରାଧାକୃଷ୍ଣନ୍ | ୧୯୫୨-୬୨ |
| ଡ. ଜାକିର ହୁସେନ୍ | ୧୯୬୨-୬୭ |
| ଭି.ଭି.ଗିରି | ୧୯୬୭-୬୯ |
| ଗୋପାଳସ୍ୱରୂପ ପାଠକ | ୧୯୬୯-୭୪ |
| ବି.ଡି. ଯତି | ୧୯୭୪-୭୯ |
| ଏମ୍.ହିଦାୟତୁଲ୍ଲା | ୧୯୭୯-୮୪ |
| ଆର୍.ଭେଙ୍କଟରମଣ | ୧୯୮୪-୮୭ |
| ଡ. ଶଙ୍କରଦୟାଲ ଶର୍ମା | ୧୯୮୭-୯୨ |
| କେ.ଆର୍.ନାରାୟଣନ୍ | ୧୯୯୨-୯୭ |
| କୃଷ୍ଣକାନ୍ତ | ୧୯୯୭ - ୨୦୦୨ |
| ଭୈରୋସିଂହ ଶେଖାୱାତ | ୨୦୦୨-୦୭ |
| ଏଚ.ହମିଦ୍ ଆନସାରୀ | ୨୦୦୭- ୧୭ |
| ଏମ୍.ଭେଙ୍କିଆ ନାଇଡୁ | ୨୦୧୭-୨୨ |
| ଜଗଦୀପ ଧନଖଡ଼ | ୨୦୨୨-୨୫ |

### ସଂସଦର ମୌସୁମୀ ଅଧିବେଶନ

# ଆରମ୍ଭରୁ ହଙ୍ଗାମା

- ସଂସଦରେ ଉଠିଲା ଓଡ଼ିଶା ପ୍ରସଙ୍ଗ
- ପହଲଗାମ, ବିହାର ଉପରେ ଆଲୋଚନା ଦାବି
- ଉଭୟ ଗୃହ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ



■ **ନୂଆଦିଲ୍ଲୀ, ୨୧।୭:** ଆରମ୍ଭରୁ କମ୍ପିଲା ସଂସଦର ମୌସୁମୀ ଅଧିବେଶନ। ଆଜି ବୈଠକ ଆରମ୍ଭ ହେବାମାତ୍ରେ ଉଭୟ ଗୃହରେ ବିରୋଧୀ ଦଳମାନେ ପହଲଗାମ, ଅପରେସନ ସିନ୍ଦୂର ଏବଂ ବିହାର ପ୍ରସଙ୍ଗରେ ଆଲୋଚନା ଦାବିରେ ହୋହାଲ୍ଲା କରିଥିଲେ। ସମସ୍ତ କାର୍ଯ୍ୟ ବନ୍ଦ ରଖି ଏହିସବୁ ପ୍ରସଙ୍ଗ ଉପରେ ତୁରନ୍ତ ଆଲୋଚନା କରିବାକୁ ସେମାନେ ଦାବି କରିଥିଲେ। ଏଥିପାଇଁ ସରକାର ରାଜି ନହେବାରୁ ଗୃହରେ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଉଭୟ ଗୃହକୁ ମୁଲତବୀ ରଖାଯାଇଥିଲା।

ଲୋକସଭା ଆରମ୍ଭ ହେବାମାତ୍ରେ କଂଗ୍ରେସ ସଭ୍ୟ ମଣିକମ୍ ଟାଗୋର ଉପରୋକ୍ତ ପ୍ରସଙ୍ଗ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ରାଜ୍ୟସଭାରେ ମଧ୍ୟ ଦଳୀୟ ସାଂସଦ ରଣଦୀପ ସୂର୍ଯ୍ୟେୱାଲା ନିୟମ ୨୬୭ ଅନୁଯାୟୀ ନୋଟିସ ଦେଇଥିଲେ। କିନ୍ତୁ ଅଧ୍ୟକ୍ଷ ଧନଖଡ଼ ଏହି ନୋଟିସକୁ ଖାରଜ କରିଦେଇଥିଲେ। ତେବେ ଏହାଉପରେ ସଂକ୍ଷିପ୍ତ ମନ୍ତବ୍ୟ ରଖିବା ପାଇଁ ▸ପୃଷ୍ଠା-୭

### ସିଦ୍ଧରମୈୟାଙ୍କ ପତ୍ନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମାମଲା

# ଇଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



■ **ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି):** ସୁପ୍ରିମକୋର୍ଟ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ତୀବ୍ର ଭର୍ତ୍ସନା କରିଛନ୍ତି। ରାଜନୈତିକ ଲଢେଇ ନିର୍ବାଚନରେ ଲଢିବା ଉଚିତ, ଯାଞ୍ଚ ଏଜେନ୍ସିଙ୍କ ମାଧ୍ୟମରେ ନୁହେଁ। ଇଡିକୁ ଏପରି ଭାବେ କାହିଁକି ବ୍ୟବହାର କରାଯାଉଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ମହୀଶୂର ସହରୀ ବିକାଶ ବୋର୍ଡ (ମୁଡା) ମାମଲାରେ ଇଡି ପକ୍ଷରୁ ଦାଏର ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀଙ୍କୁ ଇଡି ପକ୍ଷରୁ ଜାରି କରାଯାଇଥିବା ସମନକୁ ମଧ୍ୟ କୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ କର୍ଣ୍ଣାଟକ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ମାତ୍ର ଇଡି ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା। ଏହାର ଶୁଣାଣି କରି ରାଜନୈତିକ ସଂଘର୍ଷରୁ ଦୂରେଇ ରହିବା ପାଇଁ ଇଡିକୁ ସର୍ବୋଚ୍ଚ ନ୍ୟାୟାଳୟ ଚେତାବନୀ ଦେଇଛନ୍ତି। ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କଡ଼ା ବାଣୀ ଶୁଣାଇଛନ୍ତି। ମୁହଁ ଖୋଲିବାକୁ ସୁପ୍ରିମକୋର୍ଟଙ୍କୁ ବାଧ୍ୟ କରନାହିଁ ବୋଲି ମାନ୍ୟବର ଖଣ୍ଡପୀଠ କହିଛନ୍ତି।

ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ ଆମ ମୁହଁ ଖୋଲିବାକୁ ଚେଷ୍ଟା କରନ୍ତୁ ନାହିଁ। ନଚେତ, ଇଡି ଉପରେ କଠୋର ଟିପ୍ପଣୀ ଦେବାକୁ ବାଧ୍ୟ ହେବୁ। ମୋ ପାଖରେ ମହାରାଷ୍ଟ୍ରର କିଛି ଅଭିଜ୍ଞତା ରହିଛି। ରାଜନୈତିକ ଲଢେଇ ନିର୍ବାଚନରେ ଲଢନ୍ତୁ। ରାଜନୈତିକ ସଂଘର୍ଷ ପାଇଁ ଏଜେନ୍ସିକୁ କାହିଁକି ଅପବ୍ୟବହାର କରୁଛନ୍ତି। କୌଣସି ଚାଲବାଜି କରିବାର ଆବଶ୍ୟକତା ନାହିଁ। ଏହାପରେ ଇଡି ଆବେଦନ ପ୍ରତ୍ୟାହାର କରି ନେଇଥିଲେ। ଏହି ରାୟକୁ ଅନ୍ୟ ମାମଲାରେ ଉଦାହରଣ ଭାବେ ବ୍ୟବହାର ନ କରିବାକୁ ଅତିରିକ୍ତ ସଲିସିଟର ଜେନେରାଲ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଇଡିର ଆବେଦନ ▸ପୃଷ୍ଠା-୭

## ଜେଲ୍ ଗଲେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି

■ **ଭୁବନେଶ୍ୱର,୨୧।୭(ସମିସ):** ଦୁଷ୍କର୍ମ ମାମଲାରେ ଗତକାଲି ଗିରଫ ହୋଇଥିବା ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ସୋମବାର ଜେଲ୍ ଯାଇଛନ୍ତି। ପୁଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ମେଡିକାଲ ପରୀକ୍ଷା କରିବା ପରେ କୋର୍ଟରେ ହାଜର କରିଥିଲା। ଜାମିନ୍ ନାମଞ୍ଜୁର ପରେ ତାଙ୍କୁ ଝାରପଡ଼ା ଜେଲ୍ ହାଜତକୁ ପଠାଇ ଦିଆଯାଇଛି।



ମେଡିକାଲ ପରୀକ୍ଷା ପାଇଁ ଯିବା ସମୟରେ ଉଦିତ୍ କହିଛନ୍ତି ଯେ ଏହା ତାଙ୍କ ବିରୋଧରେ ସରକାରଙ୍କ ଷଡ଼ଯନ୍ତ୍ର। ମେଡିକାଲ ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ। ଅନ୍ୟପକ୍ଷରେ ଉଦିତ ଜେଲ୍ ଯିବା ପରେ ଥାନାରେ ଅଭିଯୋଗ କରିଥିବା ପୀଡ଼ିତା ଏବଂ ଅନ୍ୟ ୩ ଜଣଙ୍କ ▸ପୃଷ୍ଠା-୭

### ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣାର ପ୍ରତିବାଦ

# ତିନି ଆର୍‌ଡିସି ଅଫିସ୍ ଆଗରେ ଗର୍ଜିଲା ବିଜେଡି

■ **ଭୁବନେଶ୍ୱର, ୨୧।୭ (ସମିସ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି, ମହିଳା ବିରୋଧୀ ଅପରାଧ ବୃଦ୍ଧି ଏବଂ ଏଫ୍ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସୋମବାର ବିଜେଡି ପକ୍ଷରୁ ରାଜ୍ୟର ୩ ଆର୍‌ଡିସି ଅଫିସ ଘେରଉ କରାଯାଇଛି। ଏଫ୍ଏମ୍ କଲେଜର ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ଆର୍‌ଡିସି ଅଫିସ ସମ୍ମୁଖରେ ଦଳ ବିକ୍ଷୋଭ, ପ୍ରତିବାଦ ପ୍ରଦର୍ଶନ କରିଛି। କଲେଜ ଛାତ୍ରୀ ଆତ୍ମଦାହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଦଳ। ବିଜେଡିର ହଜାର ହଜାର କର୍ମୀ ଏଥିରେ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରିଥିବା ବେଳେ ଦଳ ପକ୍ଷରୁ ଆର୍‌ଡିସିଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବା ସହିତ ନାରୀ, ଛାତ୍ରୀ ଓ ଶିଶୁମାନଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ ନ୍ୟାୟ ପାଇଁ ▸ପୃଷ୍ଠା-୭




**ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣାରେ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି**

## ପୁଲିସ ଦେଲାନି ନ୍ୟାୟ: ଥାନାରେ ବିଷ ପିଇଲେ ଯୁବତୀ



■ **ନୟାଗଡ଼, ୨୧।୭(ସମିସ):** ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ପୁଲିସଠାରୁ ନ୍ୟାୟ ନ ପାଇ ଜଣେ ଯୁବତୀ ଥାନା ପରିସରରେ ବିଷ ପିଇଦେବା ଭଳି ଘଟଣା ଆଜି ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଥାନା ପରିସରରେ ଯୁବତୀଜଣଙ୍କ କୀଟନାଶକ ପିଇବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ଇଟାମାଟି ଥାନା ଶରଧାପୁର ଗାଁର ଛବି ମାଝୀଙ୍କ ଝିଅ ପିଙ୍କି ସେହି ଗାଁର ବୈକୁଣ୍ଠ ସ୍ୱାଇଁଙ୍କ ପୁଅ ଆଲୋକଙ୍କୁ ଭଲ ପାଉଥିଲେ। ଆଲୋକ ବିବାହ ପ୍ରତିଶ୍ରୁତି ଦେଇ ପିଙ୍କିଙ୍କ ସହ ସମ୍ପର୍କ ରଖିଥିଲେ। କିନ୍ତୁ ପରେ ଆଲୋକ ବିବାହ କରିବାକୁ ରାଜି ନହେବାରୁ ପିଙ୍କି ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ୍ ଆଲୋକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୁଲିସ ଦଫା କୋହଳ କରିଥିବାରୁ ଆଲୋକଙ୍କୁ ଶୀଘ୍ର ଜାମିନ ମିଳିଗଲା ବୋଲି ପିଙ୍କି ଅଭିଯୋଗ କରିଛନ୍ତି। ଆଲୋକ ଜଣେ ସିଆର୍‌ପିଏଫ୍ ଯବାନ ବୋଲି ସୂଚନା ମିଳିଛି। ଜାମିନ ପାଇବା ପରେ ସେ ତାଙ୍କ ଡ୍ୟୁଟିରେ ▸ପୃଷ୍ଠା-୭

# ନାବାଳିକା ହକି ଖେଳାଳିଙ୍କୁ ଗଣଦୁଷ୍କର୍ମ

■ **ଯାଜପୁର, ୨୧।୭ (ସମିସ):** ସାରା ରାଜ୍ୟରେ ଏବେ ନାରୀ ନିର୍ଯାତନାକୁ ନେଇ ହୁଲସ୍ଥୁଲ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଯାଜପୁରରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ହକି ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକଙ୍କ ଦ୍ୱାରା ଜଣେ ନାବାଳିକା ଖେଳାଳିଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ଯାଜପୁର ଥାନା ଅଞ୍ଚଳର ନାବାଳିକା ହକି ଖେଳାଳିଙ୍କୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ପ୍ରଶିକ୍ଷକ ବାରମ୍ବାର ଅସଦାଚାରଣ କରୁଥିଲେ। ଏନେଇ ସଂପୃକ୍ତ ନାବାଳିକା ପ୍ରତିବାଦ କରିଥିଲେ। ତେବେ ଗତ ଜୁଲାଇ ୩ ତାରିଖରେ ସଂପୃକ୍ତ ନାବାଳିକା ଘରକୁ ଫେରୁଥିବା ବେଳେ କୋଚ ସିଦ୍ଧାର୍ଥ ରାଉତ, ସନ୍ଦୀପ ସ୍ୱାଇଁ ଏବଂ ସାଗର ବିଭିନ୍ନ ବାହାନା କରି ତାଙ୍କୁ ଏକ ବାଇକ୍‌ରେ ବସାଇ ଜ୍ୟୋତି ଲଜ୍‌କୁ ନେଇ ଯାଇଥିଲେ। ଲଜ୍‌ରେ ସାଗର ଓ ସାର୍ଥକ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏସଂପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇ ଛାଡ଼ି ଦେଇଥିଲେ। ଏସଂକ୍ରାନ୍ତରେ ନାବାଳିକା ଜଣଙ୍କ ରବିବାର ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସ୍‌ର ଧାରା ୭୦(୨), ୩୫୧(୨), ୭୪, ୩(୫)ଏବଂ ୬ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ନାବାଳିକାର ବୟାନ ରେକର୍ଡ କରିବା ସହିତ ଘଟଣାର ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସଂପୃକ୍ତ ନାବାଳିକାକୁ ଡାକ୍ତରମାଇନା କରିବା ନିମନ୍ତେ ଯାଜପୁର ମେଡିକାଲକୁ ପଠାଇବା ▸ପୃଷ୍ଠା-୭



**ପ୍ରଶିକ୍ଷକଙ୍କ ସମେତ ୪ ଅଭିଯୁକ୍ତ ଅଟକ**

### ଜଗତସିଂହପୁରରେ ଚାଞ୍ଚଲ୍ୟ

## ବିଲ ମଝିରୁ ଟେକିନେଇ ଯୁବତୀଙ୍କୁ ଗଣଦୁଷ୍କର୍ମ

■ **ଜଗତସିଂହପୁର, ୨୧।୭ (ସମିସ):** ଜଗତସିଂହପୁର ସଦର ଥାନା ଅଞ୍ଚଳରେ ଆଜି ଜଣେ ଯୁବତୀଙ୍କୁ ୨ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିଛନ୍ତି। ଯୁବତୀଜଣଙ୍କ ଆଜି ସାଙ୍ଗ ଜନ୍ମଦିନରେ ଯୋଗଦେଇ ଫେରୁଥିବା ବେଳେ ତାଙ୍କ ସହ ଏହି ବର୍ବର କାଣ୍ଡ ଘଟିଛି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଅଭିଯୁକ୍ତ ଦ୍ୱୟ ଫେରାର୍ ହୋଇଯାଇଥିବା ଜଣାଯାଇଛି।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତା**

ସୂଚନାନୁଯାୟୀ, ଯୁବତୀଜଣଙ୍କ ଆଜି ତାଙ୍କର ଜଣେ ବାନ୍ଧବୀଙ୍କ ଜନ୍ମଦିନରେ ଯୋଗଦେବାକୁ ଯାଇଥିଲେ। ▸ପୃଷ୍ଠା-୭

## ବୋଲ୍‌ବମ୍ ନାରାରେ କମ୍ପିଲା ଗୁପ୍ତେଶ୍ୱର ପୀଠ



ବୈପାରୀଗୁଡା,୨୧।୭ (ସମିସ) : ଆଜି ଥିଲା ଶ୍ରାବଣ ମାସର ଦ୍ୱିତୀୟ ସୋମବାର । ବୋଲ୍‌ବମ୍ ନାରାରେ କମ୍ପିଲା ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠ । ପ୍ରାୟ ପନ୍ଦର ହଜାର ବୋଲବମ୍ ଭକ୍ତ ଲମ୍ବା ଧାଡିରେ ଆସି ଜଳଲାଗି କରିଛନ୍ତି । ରାତି ବରଟା ପରେ ମଙ୍ଗଳ ଆଳତି ଓ ଅବକାଶ ନୀତି ସମ୍ପୂର୍ଣ୍ଣ ହୋଇଥିଲା । ପରେ ସାହାଣମେଲା ଦର୍ଶନ ମିଳିଥିଲା । ରାଜ୍ୟ ଏବଂ ରାଜ୍ୟ ବାହାରୁ ମହିଳା ଏବଂ ପୁରୁଷ କାଉଡ଼ିଆ ଭକ୍ତମାନଙ୍କ ସାମଗମ ଦେଖିବାକୁ ମିଳିଛ । ଅସ୍ଥାୟୀ ଟେଣ୍ଟ ବ୍ୟବସ୍ଥା କରାଯାଇଥିବା ବେଳେ ନଦୀଘାଟରେ ଅଗ୍ନିଶମ ବିଭାଗ ମୁତୟନ ଥିଲେ । ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୁଲିସ ପ୍ରଶାସନ ବ୍ୟବସ୍ଥା କରାଯାଇଥିବା ଦେବୋତ୍ତର ବିଭଗ ପକ୍ଷରୁ ସୂଚନା ରହିଛି । କିନ୍ତୁ ଶୌଚାଳୟ, ବିଶ୍ରାମଗୃହ, ପର୍କିଂ ବ୍ୟବସ୍ଥା ନଥିବା ଯୋଗୁଁ ଗତ ସପ୍ତାହ ଭଳି ଏଥର ମଧ ହଇରାଣ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି ବୋଲବମ୍ ଭକ୍ତ ।

## ରାଇଜ୍ ଏଗେନେଷ୍ଟ ହଙ୍ଗର ଇଣ୍ଡିଆ ସଂସ୍ଥାର ମିଳିତ ପ୍ରଶିକ୍ଷଣ ଶିବିର



ଖଇରପୁଟ, ୨୧।୭ (ସମିସ):

ମାଲକାନଗିରି ଜିଲ୍ଲା ବଣ୍ଡାଘାଟିରେ ରାଇଜ ଏଗେନେଷ୍ଟ ହଙ୍ଗର ଇଣ୍ଡିଆ ଓ ଦେବୀ ସଂସ୍ଥାର ମିଳିତ ପ୍ରୟାସ ରେ ୨୦୨୫ ପ୍ରଶିକ୍ଷଣ ଶିବିର ମୁଦୁଲିପଡ଼ା ଗ୍ରାମ ପଞ୍ଚାୟତରେ ଆୟୋଜିତ ହୋଇଯାଇଛି । ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଲେ। ଖଇରପୁଟ ବ୍ଲକର ମୁଦୁଲିପଡ଼ା ଗ୍ରାମ ପଞ୍ଚାୟତରେ ସ୍କେଲ ସେଚ ପ୍ରକଳ୍ପର ତତ୍ତ୍ୱାବଧାନରେ ୩୨୦ କାରିଗର ଓ ଜଙ୍ଗଲଜାତ ସଂଗ୍ରହକାରୀ ମାନଙ୍କୁ ନେଇ ଗଠିତ ଏପିଓର ବ୍ୟବସାୟିକ ଜ୍ଞାନ କୌଶଳକୁ ସୁଦୃଢ଼ କରିବା ଅର୍ଥାତ୍ ବର୍ଣ୍ଣବୋଧ, ମାତ୍ରା ଓ ସଂଖ୍ୟାର ହିସାବ ଜାଣିବା ନିମନ୍ତେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ରାଜେଶ କିଶୋର ଦିଗାଲ ପରିଚାଳନା କରିଥିଲେ । ଖଇରପୁଟ ବ୍ଲକ୍ ଅନ୍ତର୍ଗତ ମୁଦୁଲିପଡ଼ା ପଞ୍ଚାୟତ ଅଧୀନରେ ଆର୍ଥିକ ସ୍ୱାକ୍ଷରତା ଟିଓଟି ଶିବିରରେ ମୋଟ ୯ ଗୋଟି ଗ୍ରାମ ଯଥା ବନ୍ଧଗୁଡ଼ା, ପଡେଇଗୁଡ଼ା, ବାଣ୍ଡିଗୁଡ଼ା, ଚାଲାଣପଡା, ସିଲେଇଗୁଡ଼ା, ବଡପଡା, ଦାନ୍ତିପଡା, ମୁଦୁଲିପଡ଼ା ଓ କିର୍ଷାନୀନିପଡା ଗ୍ରାମରୁ ପ୍ରାୟ ୨୧ଜଣ ଶିକ୍ଷିତ ଯୁବକ ଓ ଯୁବତୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାଣ୍ଟ ପ୍ରୋଜେକ୍ଟ କୋର୍ଡିନେଟର ଆଶିଷ କୁମାର ସାଗର, କମ୍ୟୁନିଟି ଫେସିଲେଟର ରଞ୍ଜିତ ଅନୁଗୁଳିଆ ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । ପ୍ରଶିକ୍ଷଣ ପାଇଥିବା ସମସ୍ତ ଯୁବକ ଯୁବତୀ ମାନେ ନିଜ ନିଜ ଗ୍ରାମରେ ଯାଇ ମା'ମାନଙ୍କୁ ଏକତ୍ରିତ କରି ଶିକ୍ଷା ଦାନ କରୁଛନ୍ତି ।

## ସୁନ୍ଦରାକାଣ୍ଡ ପାରାୟଣ ଓ ପ୍ରବଚନ

ଦାମନଯୋଡ଼ି,୨୧।୭ (ସମିସ): ମଙ୍ଗଳବାର କିମ୍ବା ଶନିବାର ଶ୍ରୀ ହନୁମାନ ଚାଳିଶା ବା ସୁନ୍ଦରାକାଣ୍ଡ ପାଠ କଲେ ବ୍ୟକ୍ତିର ମନସ୍କାମନା ପୂର୍ଣ୍ଣ ହୋଇଥାଏ । ମାନସିକ ଶାନ୍ତି ସହିତ କର୍ମ ଶୃଙ୍ଖଳିତ ହୋଇଥାଏ । ଏହି ବାର୍ତ୍ତା ଦେଇଛନ୍ତି ପୁରୀ ଜିଲ୍ଲା କଣାସରୁ ଆସିଥିବା ରାମାୟଣୀ ମାନସ ରାଜହଂସ ପଣ୍ଡିତ ନାରାୟଣ ଦାଶ । ଶ୍ରୀ ଦାଶ ଦାମନଯୋଡ଼ିର ନାଲକୋ ଟାଉନ୍‌ସିପ ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ତ୍ରି ଦିନାତ୍ମକ ସୁନ୍ଦରାକାଣ୍ଡ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚନ ଦେଇଥିଲେ । ପୁରୀ ମୋଟା ମଠରୁ ଆସିଥିବା ଦିବାକର ଦାଶ ମହାରାଜ ପାରାୟଣ କରିଥିଲେ । ଶନିବାର ଠାରୁ ଚାଲିଥିବା କାର୍ଯ୍ୟକ୍ରମର ସୋମବାର ପୂର୍ଣ୍ଣାହୂତି ହୋଇଛି । ପୂଜକ ଅଜୟ କୁମାର ପଣ୍ଡା,ବିଜୟ କୁମାର ପଣ୍ଡା, ବିପିନ ବିହାରୀ ପଣ୍ଡା, ସୁଶାନ୍ତ କୁମାର ଦାଶ ଓ ସନ୍ତୋଷ କୁମାର ପଣ୍ଡା ବିଭିନ୍ନ ନୀତି ସମ୍ପାଦନ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ନାଲକୋ ସମୂହ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ, ଉପସଭାପତି ତଥା ସମୂହ ମହାପ୍ରବନ୍ଧକ ବିଚ୍ଛନ୍ଦ କୁମାର ଦାଶ, କୋଷାଧକ୍ଷ ପ୍ରଶାନ୍ତ କୁମାର ମହାରଣା, ସମ୍ପାଦକ କୈଳାସ ସେନାପତି, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀ ପ୍ରମୁଖଙ୍କ ସହିତ ଶିଶିର ପରିଡ଼ା,ରଞ୍ଜନ ବେହେରା, ଦିଲ୍ଲୀପ କୁମାର ଭୂୟାଁ, ଖଦାଳ ନାୟକ, ଆର ଏନ ମୁଦୁଲି, ପ୍ରକାଶ ଦାଶ, ପ୍ରକାଶ ସାହୁ ଓ ପିଭିକେ ପଟ୍ଟନାୟକଙ୍କ ସହିତ ଅନ୍ୟ ସଦସ୍ୟ ଓ ସହଯୋଗୀ ପରିଚାଳନା କରିଥିଲେ ।

### ଆଶା ଆଶଙ୍କାରେ କେକେ ଲାଇନ

# ଅନିଶ୍ଚିତତା ଭିତରେ ରେଳ ଚଳାଚଳ; ଯାତ୍ରୀ ନିରାଶ

କୋରାପୁଟ,୨୧।୭ (ସମିସ)

ଜରଟି - ମାଲିଗୁଡା ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଘଟିବା ଘଟଣାକୁ ବିତିଲାଣି ୩ ସପ୍ତାହ । ଏହା ମଧ୍ୟରେ ଦିନ ରାତି ଏକ କରି ଟ୍ରାକରୁ ପଥର ଓ ମାଟି ସଫା କରିଛନ୍ତି ରେଳ କର୍ତ୍ତୃପକ୍ଷ । ବରିଷ୍ଠ ଅଧିକାରୀଙ୍କ ସହ ରେଳବାଇ ଜିଏମ ମଧ୍ୟ କିଛି ଦିନ ତଳେ ଘଟଣାସ୍ଥଳ ପରିଦର୍ଶନ କରି ଫେରି ଯାଇଛନ୍ତି । ରେଳବାଇ ସେଫଟି ଓ ଟ୍ରାକ ସଜଡା ବିଭାଗର ଗ୍ରୀନ ସିଗନାଲ ପରେ ହଜାର ହଜାର ଟନ ବିଶିଷ୍ଟ ମାଲବାହୀ ଟ୍ରେନ କୋରାପୁଟରୁ ଜଗଦଲପୁର ପର୍ଯ୍ୟନ୍ତ ଯିବା ଆସିବା କରୁଛି । କିନ୍ତୁ ଯାତ୍ରୀବାହି ଟ୍ରେନ ଯାତାୟତ ପାଇଁ ଅନୁମତି ଦେଉନି ବିଭାଗ । ଅନ୍ୟପଟେ ସାଧାରଣ ଯାତ୍ରୀ ଦୂର ଦୁରାନ୍ତରୁ ଆସି କୋରାପୁଟରୁ ଜଗଦଲପୁର ଯିବା ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ବଦଳୁଛି ସମୟ ସାରଣୀ । ବିଭାଗ କେବଳ ସୂଚନା ଦେଇ ଯାତ୍ରୀଙ୍କ ଯାତାୟାତକୁ ଗୁରୁତ୍ୱ ଦେଉ ନଥିବା ବେଳେ ଅଗ୍ରୀମ ଟିକେଟ କରି ଲୋକେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ତେବେ ଦୈନିକ ଏକାଧିକ ମାଲବାହୀ ଟ୍ରେନ ଜଗଦଲପୁରରୁ ବିଶାଖାପାଟଣା ଯିବାଆସିବା କରି ପାରୁଥିବା ବେଳେ କାହିଁକି ଓ କେଉଁ କାରଣ ପାଇଁ ଗଡୁନି ଯାତ୍ରୀବାହୀ ଟ୍ରେନ । କଣ ରହିଛି ସମସ୍ୟା କେଉଁ କାରଣ ପାଇଁ ମିଳୁନି ଅନୁମତି ଆଉ କିଛି ବଡ ଅଘଟଣକୁ ଆଶଙ୍କା କରୁଛି କି ରେଳ ବିଭାଗ । ଅନ୍ୟ ପଟେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କାହିଁକି ମନ୍ତ୍ରଣାଳୟ ଦେଉନି ଗୁରୁତ୍ୱ ତାହାକୁ ନେଇ ବଢୁଛି ସସ୍ପେନ୍ସ । ସୂଚନଯୋଗ୍ୟ ଯେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଜଗଦଲପୁରକୁ ଟ୍ରେନ ଚଳାଚଳ କରିବ ନାହିଁ ବୋଲି ରେଳ ବିଭାଗ



ସୂଚନା ଜାରି କରିଛି । ବିଶାଖାପାଟଣା, ରାଉରକେଲା, ହାୱାଡା ଓ ଭୁବନେଶ୍ୱରରୁ ଆସୁଥିବା ଟ୍ରେନ କୋରାପୁଟ ପର୍ଯ୍ୟନ୍ତ ହିଁ ଚଳାଚଳ କରୁଛି । ବିଶାଖାପାଟଣା ପାସେଞ୍ଜର, ରାତ୍ରୀକାଳୀନ ଏକ୍ସପ୍ରେସ, ହୀରାଖଣ୍ଡ, ରାଉଲକେଲା ଇଣ୍ଟରସିଟି ଓ ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ କୋରାପୁଟ ପର୍ଯ୍ୟନ୍ତ ଚଳାଚଳ କରୁଛି । ଫଳରେ ଯାତ୍ରୀମାନେ ଜୟପୁର ଓ ଜଗଦଲପୁରକୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରେଳ ବିଭାଗ ବାରମ୍ବାର ଏପରି ତାରିଖ ଘୁଞ୍ଚାଇ ଚାଲିଥିବାରୁ ରେଳ ଚାଲିବା ନେଇ ରେଳ ବିଭାଗ ସୂଚନା ଉପରେ ଭରସା କରି ପାରୁନାହାନ୍ତି ସାଧାରଣ ଲୋକେ । ପ୍ରଥମେ ୩ ତାରିଖ, ପରେ ୫ ତାରିଖ, ପୁଣି ୮ ତାରିଖ ଓ ୧୪ ତାରିଖ,୨୧ ତାରିଖ ଓ ଏବେ ୨୬ ତାରିଖ ପର୍ଯ୍ୟନ୍ତ ଜଗଦଲପୁର ଓ କିରଣ୍ଡୁଲକୁ ଟ୍ରେନ ଚାଲିବ ନାହିଁ, ତେଣୁ ଦିନ ପରେ ଦିନ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ବୋଲି ଆଲୋଚନା ହେଉଛି । ସମସ୍ତ ଟ୍ରେନ କୋରାପୁଟ ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି । ବର୍ତ୍ତମାନ ମଧ୍ୟ କୋରାପୁଟ ଜଗଦଲପୁର ମଧ୍ୟରେ ଟ୍ରେନ ଚାଲିବା ସ୍ଥିତି ନଥିବାରୁ କୋରାପୁଟ ଷ୍ଟେସନ ଠାରୁ ଟ୍ରେନ ଗୁଡ଼ିକ ପ୍ରତ୍ୟାବର୍ତ୍ତନ କରିବ ବୋଲି ରେଳ ବିଭାଗ ପ୍ରେସ ବିଜ୍ଞପ୍ତି ଜାରି କରିଛି । ଏହା ଫଳରେ ଯାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ।

## ବଜ୍ରପାତରେ ଜଣେ ମୃତ

ଉମରକୋଟ ୨୧।୭ ସମିସ): ବଜ୍ରପାତ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣକ ହେଲେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଡାବୁଗାଁ ବ୍ଲକ ମେଣ୍ଡରା ଗ୍ରାମର ଦେବରାଜ ଭତ୍ରା (୩୫) । ସୂଚନା ଅନୁସାରେ ଦେବରାଜ ଉମରକୋଟ ବ୍ଲକ ବକୋଦା ପଞ୍ଚାୟତ ଜାଡାଗୁଡା ନିଜ ଶଶୁର ଘରକୁ ଆସିଥିଲେ । ଆଜି ଦିନ ଦୁଇଟା ସମୟରେ ଜମିରେ ଚାଷ କରୁଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା । ଘଟଣାସ୍ଥଳରେ ଦେବରାଜଙ୍କ ମୃତ୍ୟୁ ଘଟିଥିଲା । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି । ଆସନ୍ତା କାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ।

## ସରକାରୀ ମହିଳା ମହାବିଦ୍ୟାଳୟରେ ଆଇସିସି କର୍ମଶାଳା




ଜୟପୁର ୨୧।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଭାରତୀୟ ଆଇନ ବ୍ୟବସ୍ଥାରେ ରହିଥିବା ପୋଷ୍କୋ ଧାରା ୨୦୧୩ ଏବଂ ୟୁଜିସି ରେଗୁଲେସନ ୨୦୧୫ ସଂପର୍କିତ ଆଇନ ସଚେତନତାମୂଳକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ବିବେକାନନ୍ଦ ସୁନାଙ୍କ ଅଧକ୍ଷତାରେ ଏହି କର୍ମଶାଳାରେ ଯୌନ ସଚେତନତା, ଧାର୍ମିକ ଆଇନ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହ ମହାବିଦ୍ୟାଳୟରେ ଏକ ସୁସ୍ଥ ଶୈକ୍ଷିକ ବାତାବରଣ ସମ୍ପର୍କରେ ଛାତ୍ରୀ ମାନଙ୍କୁ ଅବଗତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧିକାରୀ ଭାରତୀ ଦିଗାଲ ସଭା ପରିଚାଳନା କରିଥିଲେ । କମିଟିର ସଦସ୍ୟ ଛାତ୍ରୀ ଓ କର୍ମଚାରୀ ମଧ୍ୟରେ ଶୃଙ୍ଖଳିତ ଔପଚାରିକ ଆଚରଣ ସହ ଶାଳୀନତା ନେଇ ମତ ପୋଷଣ କରିଥିଲେ । ଶେଷରେ ଅଧ୍ୟାପିକା ସୁନିତା କୁମାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଜାତୀୟ ୭୬ତମ ବନ ମହୋତ୍ସବ ଅବସରରେ ମହାବିଦ୍ୟାଳୟର ଏଏସଏସ ଏବଂ ୟୁଥ ରେଡକ୍ରସ ପକ୍ଷରୁ ମାଆ ପାଇଁ ଗଛଟିଏ ମାଧ୍ୟମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉଭୟ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀ ମାନଙ୍କ ଉପସ୍ଥିତରେ ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ଶ୍ରୀ ସୁନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ବିଭାଗ ଦାୟିତ୍ୱରେ ରହିଥିବା ଅଧ୍ୟାପିକା ସୁନିତା ପ୍ରଧାନ, ସୀମା ମହାପାତ୍ର ଏବଂ କନକଲତା ମହାପାତ୍ର ପରିଚାଳନା କରିଥିଲେ ।

## ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ଉମରକୋଟ,୨୧।୭ (ସମିସ): ଉମରକୋଟ ସହର ୧୩ ନମ୍ବର ୱାର୍ଡର ଏକଟାଗୁଡା ଗ୍ରାମରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ରବୀନ୍ଦ୍ର କୁମାର ଯାଟଙ୍କ ପୁ ପୁଅ ବିବେକ ପ୍ରତିଦିନ ପରି ଆଜି ମଧ୍ୟ ସ୍କୁଲରୁ ଦିନ ୪.୩୦ ସମୟରେ ଘରକୁ ଫେରିଥିଲେ । ଘରକୁ ଆସି ବାଥ୍ ରୁମରେ ଏକ ଟାୱେଲ ଦ୍ୱାରା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ପରିବାର ଲୋକେ ତୁରନ୍ତ ଉମରକୋଟ ହସ୍ପିଟାଲକୁ ନେଇଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଛାତ୍ରର ମୃତ୍ୟୁର କାରଣ ଜଣା ପଡିନାହିଁ । ଉମରକୋଟ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି । ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି ।

## ସମାଜସେବୀ ନୀଳାମ୍ବର ସାହୁଙ୍କ ଶ୍ରାଦ୍ଧବାର୍ଷିକୀ



କୋରାପୁଟ,୨୧।୭ (ସମିସ): ଡୁମୁରିପୁଟ ଶ୍ରୀରାମ ମନ୍ଦିରର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ନୀଳାମ୍ବର ସାହୁଙ୍କର ଆଜି ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଳନ ହୋଇଛି । ସ୍ୱର୍ଗତ ସାହୁଙ୍କ ଡୁମୁରିପୁଟ ସ୍ଥିତ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାମ ମନ୍ଦିରର ପୂର୍ବତନ ସମ୍ପାଦକ ଦୀନବନ୍ଧୁ ବାରିକ, ବରିଷ୍ଠ ସଦସ୍ୟ ଗୋପୀନାଥ ପାଣିଗ୍ରାହି,ସମାଜସେବୀ ଜଗଦୀଶ ଖୋସଲା, ଭଗବାନ ବାହିନୀପତି ସୁକାନ୍ତ ନାୟକ, ତ୍ରିପତି ପାଣିଗ୍ରାହି, ମଧୁ ସୁଦନ ଖେମୁଣ୍ଡୁ, ଏମ ସୁରେଶ କୁମାର, ବିଷ୍ଣୁ ଦାସ, ସୁବୋଧ ଚେଟିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ସାହୁଙ୍କ ଧର୍ମପତ୍ନୀ ସ୍ନେହଲତା ସାହୁଙ୍କ ସମେତ, ଭାଇ ଭାସ୍କର ସାହୁ, ଅକ୍ଷୟ ସାହୁ, ଭାଇବୋହୁ କଳ୍ପନା ସାହୁ, ପ୍ରବୀଣା କୁମାରୀ ସାହୁଙ୍କ ସମେତ ୫ ପୁଅ, ପୁତ୍ରବୋଧୁ, ଝିଅ ଜ୍ୱାଇଁ ଓ ନାତି ନାତୁଣୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



























### ପଞ୍ଚାୟତିରାଜ ମନ୍ତ୍ରୀଙ୍କ କୋରାପୁଟ ଗସ୍ତ

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ପରିଦର୍ଶନ



କୋରାପୁଟ,୨୧।୭ (ସମିସ): ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ କୋରାପୁଟ ଜିଲ୍ଲା ଗସ୍ତର ଆଜି ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ କାର୍ଯ୍ୟ ଚାଲିଥିବା କେତେକ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମାରୋହରେ ମନ୍ତ୍ରୀ ଶ୍ରୀ ନାୟକ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷର ୨୫୮, ଗ୍ରାମ୍ୟ ଉନ୍ନୟନ ବିଭାଗର ୩୦ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ୪୯ ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ସବୁ ପ୍ରକଳ୍ପର ବ୍ୟୟ ଅଟକଳ ପ୍ରାୟ ୧୬୫ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି । ଏହି ପ୍ରକଳ୍ପ ଗୁଡ଼ିକ ଶେଷ ହେଲେ ଜିଲ୍ଲାର ଲୋକମାନେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି । ୨୦୨୬ରେ ଜିଲ୍ଲାର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ କରାଯିବ ବୋଲି ସେ କହିଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୩ଟି ସବୁଜ ପାର୍କ ନିର୍ମାଣ ହୋଇଥିବା ବେଳେ କଫି ଚାଷ ପାଇଁ ଅନେକ ଯୁବ ଉଦ୍ୟୋଗୀ ବାହାରିଲେଣି । ପନିପରିବା ବଜାରୀକରଣ କରିବା ସହ ଆଳୁ ସଂରକ୍ଷଣ ପାଇଁ ସୁବିଧା କରାଯାଇ ପାରିଲେ ଚାଷୀ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା, ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ଆଇଏଏସ ପ୍ରୋବେସାନେରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ । ସୁନାବେଡା ଗ୍ରାମୀଣ ବିକାଶ ମୁଖ୍ୟ ନିର୍ମାଣ ଇଞ୍ଜିନିୟର ପ୍ରଭାକର ବେହେରା,କୋରାପୁଟ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ଚୌଧୁରୀ,କୋରାପୁଟ ଗ୍ରାମୀଣ ବିକାଶ ନିର୍ବାହୀ ଯନ୍ତ୍ରୀ ଶ୍ରୀକୃଷ୍ଣ ଶବର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । କୋରାପୁଟ ବିଡିଓ ଦେବାଶିଷ ଗୌଡ଼,କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ,ଜିଲ୍ଲା ପରିଷଦ କାର୍ଯ୍ୟାଳୟର ହିମାଂଶୁ ଶତପଥି, ଗୌରୀ ଶଙ୍କର ସାହୁ,ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହା ପୂର୍ବରୁ ମନ୍ତ୍ରୀ ନିର୍ମାଣାଧିନ ସୁକୁ ବ୍ରିଜ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ । ଅପରାହ୍ନରେ ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ଲୋକମାନଙ୍କ ସହ ଆଲୋଚନା କରିଥିଲେ । ଅନ୍ୟ ପକ୍ଷରେ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବାଉଁଶଗୁଡା କଫି ନର୍ସରୀ ମଧ୍ୟ ବୁଲି ଦେଖିଥିଲେ ।

### ବିଶ୍ୱବିଦ୍ୟାଳୟ ସମସ୍ୟା ନେଇ ରାଷ୍ଟ୍ରପତିଙ୍କୁ ଆଇନଜୀବୀଙ୍କ ସ୍ମାରକପତ୍ର

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ପ୍ରତିନିଧି

ବାରିପଦା, ୨୧।୭ (ସମିସ)



ଆଦିବାସୀ ବହୁଳ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସାଙ୍ଗରେ ଖେଳ ହେଉଥିବା ନେଇ ଅଭିଯୋଗ ହେବା ସହିତ ବିଶ୍ୱବିଦ୍ୟାଳୟର ନିଜସ୍ୱ ପାଣ୍ଠିର ବିନିଯୋଗ ସପକ୍ଷରେ ବାହାରିଛନ୍ତି ଜିଲ୍ଲାର ଆଇନଜୀବୀ। ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ ଆଇନଜୀବୀ ଜ୍ୟୋତିପ୍ରକାଶ ରଥଙ୍କ ନେତୃତ୍ୱରେ ସୋମବାର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଉଭୟ ଘଟଣାର ନିରପେକ୍ଷ ତଦନ୍ତ ଦାବି ସହ ନୂତନ କୁଳପତି ନିଯୁକ୍ତି ଦାବି କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟରୁ ୨୦୨୨ରୁ ୨୦୨୪ ମସିହା ମଧ୍ୟରେ ପାସ କରିଥିବା ଛାତ୍ରଛାତ୍ରୀ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଡିଗ୍ରୀ ପ୍ରମାଣପତ୍ର ପାଇ ପାରିନାହାନ୍ତି। ଦୀର୍ଘ ୩ ବର୍ଷ ହେବ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନାହାନ୍ତି। ଫଳରେ ବହୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେବାକୁଯାଉଛି। ଗତ ୨୦୨୨ ମସିହାରୁ ଛାତ୍ରଛାତ୍ରୀ ସେମାନଙ୍କର ଡିଗ୍ରୀ ସାର୍ଟିଫିକେଟ୍ ପାଇ ନ ଥିବାରୁ ଉଚ୍ଚଶିକ୍ଷା ଓ ଚାକିରିରୁ ବଞ୍ଚିତ ହେଉଛନ୍ତି। ଏପରିକି ଆଇଆଇଟି ପରି ଅନୁଷ୍ଠାନରେ ଏମ୍‌ଟେକ ପଢ଼ିବା ପାଇଁ କେତେକ ଛାତ୍ର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଡିଗ୍ରୀ ସାର୍ଟିଫିକେଟ୍ ନ ଥିବାରୁ ସେମାନଙ୍କ କ୍ୟାରିୟରରେ ଅପୂରଣୀୟ କ୍ଷତି ଘଟିଛି। ସେହିପରି ବିଶ୍ୱବିଦ୍ୟାଳୟର ବିଭିନ୍ନ ନିର୍ମାଣ କାର୍ଯ୍ୟରେ ମଧ୍ୟ କୋଟି କୋଟି ଟଙ୍କାର ଦୁରୁପଯୋଗ ହୋଇଥିବା ଅଭିଯୋଗ କରି ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ଆଡଭୋକେଡ ଶ୍ରୀ ରଥ। ଭିନ୍ନକ୍ଷମ ଲୋକଙ୍କ ବାହାନା ନେଇ ପାଖାପାଖି ଅଢ଼େଇ କୋଟି ଟଙ୍କା ବ୍ୟୟରେ ପାଞ୍ଚଟି ବିଲଡିଂରେ ଲୌହର୍‌ୟାମ୍ପ ନିର୍ମାଣ ହୋଇଛି; ଯାହା ବ୍ୟବହାର ଉପଯୋଗୀ ନ ହୋଇ ପଡ଼ିରହିଛି। ଏହାଠାରୁ ବହୁତ କମ୍ ବ୍ୟୟରେ ଲିଫ୍ଟ ନିର୍ମାଣ ହୋଇଥିଲେ ମଧ୍ୟ ବ୍ୟବହାର ଉପଯୋଗୀ ହୋଇପାରିଥାନ୍ତା। ସେହିପରି ଭଲ ଅବସ୍ଥାରେ ଥିବା ବିଶ୍ୱବିଦ୍ୟାଳୟ ପରିସର ପିଚୁ ରାସ୍ତାକୁ ଖୋଳି ଫ୍ଲେବର ଟାଇଲ ପକାଇ ଅଯଥାରେ ଖର୍ଚ୍ଚ କରାଯାଇଛି। ରାଜ୍ୟ ସରକାରଙ୍କ ପାଖରୁ କୌଣସି ଆର୍ଥିକ ଅନୁଦାନ ନ ପାଇ ଓ ସରକାରଙ୍କ ବିନା ପ୍ରାକ୍ ଅନୁମତିରେ ବିଶ୍ୱବିଦ୍ୟାଳୟ ନିଜସ୍ୱ ଗଚ୍ଛିତ ପାଣ୍ଠିରୁ କୋଟି କୋଟି ଟଙ୍କା ହୋଇଥିବା ଅପବ୍ୟବହାରର ତଦନ୍ତ ସାପେକ୍ଷ। ତେଣୁ ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ଉପରୋକ୍ତ ଅବ୍ୟବସ୍ଥା ଓ ଅନିୟମିତତା ତଦନ୍ତ ଦାବି କରିଛନ୍ତି ଆଇନଜୀବୀ। ସେହିପରି ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ ଆଣି କ୍ୟାବିନେଟର ମୋହର ପରେ ଏବେ ଏହା ରାଜ୍ୟପାଳଙ୍କ ସ୍ୱୀକୃତି ଅପେକ୍ଷାରେ ରହିଛି। ସଂଶୋଧିତ ଧାରା ୬(୧୦) ଅନୁଯାୟୀ କୁଳାଧିପତିଙ୍କ କ୍ଷମତା ପରିସର ବୃଦ୍ଧି ଘଟିଛି। ନିୟମିତ କୁଳପତି ନିଯୁକ୍ତି ନହେବା ପର୍ଯ୍ୟନ୍ତ କୁଳାଧିପତି ଏହି ପଦବୀରେ ଯେ କୌଣସି ବରିଷ୍ଠ ପ୍ରଫେସରଙ୍କୁ କୁଳପତି ଭାବେ ଚୟନ କରିପାରିବେ। କ୍ୟାବିନେଟରେ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ସହିତ ପ୍ରଶାସନିକ ସ୍ଥିରତାକୁ ସୁନିଶ୍ଚିତ ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଆଇନଜୀବୀ ସ୍ୱାଗତ କରିଛନ୍ତି; ମାତ୍ର ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅଦ୍ୟାବଧି ସ୍ଥାୟୀ କୁଳପତି ନିଯୁକ୍ତି ନ ହେବା ଅତ୍ୟନ୍ତ ବିଡମ୍ବନା; ଯାହାକୁ ନେଇ ଛାତ୍ରଛାତ୍ରୀ ହଇରାଣ ହରକତ ହେଉଛନ୍ତି। ଉପରୋକ୍ତ ସମସ୍ୟାଗୁଡ଼ିକ ସମାଧାନ ଦିଗରେ ଦୃଷ୍ଟି ଦିଆଗଲେ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ବୋଲି ଆଇନୀଜୀବୀମାନେ କହିଛନ୍ତି। ପ୍ରତିନିଧି ମଣ୍ଡଳରେ ଆଇନଜୀବୀ ତାରାକାନ୍ତ ବେହେରା, ପ୍ରୀତି ରଞ୍ଜନ ନାୟକ, ଜ୍ୟୋତି ପ୍ରକାଶ ଦାସ, ଜ୍ୟୋତିପ୍ରକାଶ ଦାଶ, ସୋନଲ ମିଶ୍ର, ସ୍ୱରୂପ କୁମାର ମିଶ୍ର, ସୁନୀଲ କୁମାର ଜେନା, ସତ୍ୟନାରାୟଣ ବେହେରା, ସଂଗ୍ରାମ କେଶରୀ ପଣ୍ଡା ଓ ରାକଶେ କୁମାର ଜେନା ପ୍ରମୁଖ ସାମିଲ ହୋଇଥିଲେ। ଦାବିପତ୍ରର ଏକ ନକଲ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

## ସୀମାନ୍ତ କଲେଜରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ



**ସାରସକଣା,୨୧।୭ (ସମିସ):** ସାରସକଣା ବ୍ଲକ ଝାରପୋଖରିଆସୀମାନ୍ତ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହୋଇଛି। ପ୍ରକାଶ ଥାଉକି, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶାଳୟର ଚିଠି ଆଧାରରେ ଉକ୍ତ କମିଟି ଗଠନ ପାଇଁ ଅଧ୍ୟକ୍ଷ ପ୍ରହଲ୍ଲାଦ ଅଗସ୍ତି ପ୍ରଶାସନିକ ଅଧିକାରୀ, ବରିଷ୍ଠ କର୍ମଚାରୀ, ଛାତ୍ରଛାତ୍ରୀ ଓ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ଏକ ଜରୁରୀ ବୈଠକ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଅନୁଯାୟୀ ଅର୍ଥନୀତି ବିଭାଗର ଅଧ୍ୟାପିକା ଧରିତ୍ରୀ ବେହେରା ପ୍ରିଜାଇଣ୍ଡିଂ ଅଫିସର, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ସେନାପତି, ପ୍ରାଧ୍ୟାପକ ଅନିଲ କୁମାର ଝା'ଙ୍କ ସମେତ ଅଧ୍ୟାପିକା ସ୍ୱପ୍ନେଶ୍ୱରୀ ମୁର୍ମୁ, ଅଧ୍ୟାପିକା ପ୍ରାଚିପ୍ରଭା ପଡ଼ିଆରୀ, ବରିଷ୍ଠ କିରାଣି ସତ୍ୟନାଥ ସାହୁ, ପୂର୍ବତନ ପରିଚାଳନା କମିଟି ସଦସ୍ୟା କଳ୍ପନା ସାହୁ, ଆତ୍ମରକ୍ଷା ତାଲିମ୍ ପ୍ରସିକ୍ଷିକା ଯଶୋଦାମଣି ସିଂହ, ଛାତ୍ରୀ ପ୍ରତିନିଧି ଗଙ୍ଗାମଣି ମାଝୀ, ଗୋଲାପୀ ମୁର୍ମୁ, ଛାତ୍ର ପ୍ରତିନିଧି ଅଭୟ କୁମାର ବାରିକଙ୍କୁ ମନୋନୀତ କରାଯାଇଛି। ଏଥିସହିତ ମହିଳା ଓକିଲ ଅପର୍ଣ୍ଣା ମଣ୍ଡଳଙ୍କ ନେତୃତ୍ୱରେ ଏକ ଦଳ କାର୍ଯ୍ୟକ୍ରମରେ ଯୋଗ ଦେଇ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ଉପରେ ହେଉଥିବା ଯୌନ ଶୋଷଣ ଉପରେ ଥିବା ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ।

## ବାରିପଦା ସଦଗୋପ ସମାଜର ୧୨ କର୍ମକର୍ତ୍ତା ସମ୍ବର୍ଦ୍ଧିତ



**ବାରିପଦା, ୨୧।୭ (ସମିସ):** ପଶ୍ଚିମବଙ୍ଗ ଝାଡଗ୍ରାମର ସୁବର୍ଣ୍ଣରେଖା ଇନ୍‌ଠାରେ ସଦଗୋପ ସମାଜର ପକ୍ଷରୁ 'ସମାଜର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା' ନେଇ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରିପଦା (ଓଡ଼ିଶା) ସଦଗୋପ ସମାଜର ସଭାପତି ଜୟନ୍ତ କୁମାର ଦ୍ୱାରୀଙ୍କ ସମେତ ୧୨ ଜଣ କର୍ମକର୍ତ୍ତା ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ ହୋଇଛନ୍ତି। ଅପରପକ୍ଷରେ ପଶ୍ଚିମବଙ୍ଗ ସଦଗୋପ ସମାଜର ନବ ନିର୍ବାଚିତ ରାଜ୍ୟ ସଭାପତି ଅବନୀ ଘୋଷଙ୍କୁ ବାରିପଦା (ଓଡ଼ିଶା) ସଦଗୋପ ସମାଜ ତରଫରୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ପରେ ସମାଜକୁ ଗୌରବାନ୍ୱିତ କରିଥିବା ମାଧ୍ୟମିକ ସ୍ତରର ୩୦ଜଣ ଓ ଉଚ୍ଚମାଧ୍ୟମିକ ସ୍ତରର ୧୦ଜଣ ସହିତ ଜଣେ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଶ୍ଚିମବଙ୍ଗ ରାଜ୍ୟ ସଭାପତି ସଦଗୋପ ଜାତିକୁ ଓବିସି ବର୍ଗରେ ଅନ୍ତର୍ଭୁକ୍ତ କରିବାପାଇଁ ଓଡ଼ିଶାର ସଦଗୋପ୍ ସମାଜର ଅକୁଣ୍ଠସମର୍ଥନ ଓ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଦୁଇ ପଡୋଶୀ ରାଜ୍ୟ ସହିତ ଝାଡଖଣ୍ଡ ରାଜ୍ୟର ସମସ୍ତ ସଦଗୋପ ସମାଜର ବ୍ୟକ୍ତି ବିଶେଷ ଏକ ହୋଇ ନିଜଜାତିର ଉନ୍ନତି ପାଇଁ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର ସାହୁ ଓ ଅନ୍ୟମାନେ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାନ୍ ଜେନା, ଦିଲ୍ଲୀପ ପାତ୍ର, ସରୋଜ ଦଣ୍ଡପାଟ, ସୁବୋଧ ପଲେଇ, ହରିଶ ଦ୍ୱାରୀ, ପ୍ରାଣକୃଷ୍ଣ ପାତ୍ର, ବିମଲ୍ ଅଧିକାରୀ, କାମେଶ୍ୱର ମହାପାତ୍ର, ପର୍ଶୁରାମ ପାତ୍ର, ଅଶ୍ୱିନୀ ପାତ୍ର ଓ ସର୍ବେଶ୍ୱର ଭୂୟାଁ ଓଡ଼ିଶା ସଦଗୋପ ସମାଜକୁ ପ୍ରତିନିଧିତ୍ୱ କରିଥିଲେ।

## ନଦୀ ପାର୍ଶ୍ୱରୁ ଉଦ୍ଧାର ବ୍ୟକ୍ତିର ପରିଚୟ ମିଳିଲା

**ରାଇରଙ୍ଗପୁର, ୨୧।୭ (ସମିସ):** ଶନିବାର ଅପରାହ୍ନରେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ରାଣୀପାଳ ନଦୀ ପାଖ ରାସ୍ତାକଡ଼ରେ ଏକ ଅଜଣା ବ୍ୟକ୍ତି ପଡ଼ିରହିଥିବା ଗ୍ରାମବାସୀଙ୍କ ନିକଟରୁ ଖବର ପାଇ ଟାଉନ ପୁଲିସ ଉଦ୍ଧାର କରିଥିଲା। ମୃତକ ପାଖରେ ଏକ ସାଇକଲ ଥିଲା। ରାଇରଙ୍ଗପୁର୍ ହସ୍ପିଟାଲକୁ ଅଣାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ୩ ଦିନ ପରେ ମୃତକଙ୍କ ପରିଚୟ ମିଳିଛି। ମୃତକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମର ବିରଧାନ ସୋରେନ (୬୫)। ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ୨୪ରେ ବିରୋଧୀଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ବାରିପଦା, ୨୧।୭ (ସମିସ):** ରାଜ୍ୟର ମିଳିତ ବିରୋଧୀ ଦଳଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ୨୪ ତାରିଖ ଗୁରୁବାର ଫକୀରମୋହନ ବିଶ୍ୱବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ଏକାଦଶାହକୁ ରାଜ୍ୟ ବ୍ୟାପୀ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରାଯିବାକୁ ସ୍ଥିର ହୋଇଛି। ଏ ନେଇ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ୨ ମିନିଟ୍ ନୀରବ ପ୍ରାର୍ଥନା ହେବ। ଏହି ପରିପ୍ରେକ୍ଷୀରେ ଉକ୍ତ ଦିନ ସନ୍ଧ୍ୟା ୬ଟାରେ ବାରିପଦା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବା ସହିତ ଦୀପ ପ୍ରଜ୍ୱଳନ କରାଯିବ। ଏଥିରେ ଛାତ୍ର, ମହିଳା, ବୁଦ୍ଧିଜୀବୀଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିବେ ବୋଲି ମୟୂରଭଞ୍ଜ ଜିଲ୍ଲା ମିଳିତ ବିରୋଧୀଦଳ ପକ୍ଷରୁ କଂଗ୍ରେସର ଶାନ୍ତନୁ ପାଲ ଏବଂ ସିପିଆଇ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର ନିବେଦନ କରିଛନ୍ତି।

## ଡିସେମ୍ବରରେ ବ୍ରହ୍ମ ମନ୍ଦିରର ଶତବାର୍ଷିକୀ ଉତ୍ସବ



**ବାରିପଦା, ୨୧।୭ (ସମିସ):** ବ୍ରାହ୍ମ ସମାଜର ମହାନ ଆଦର୍ଶ ଓ ମହନୀୟ ବାଣୀର ପ୍ରସାର ନିମନ୍ତେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ପୃଷ୍ଠପୋଷକତାରେ ବାରିପଦା ସହରର କେନ୍ଦ୍ରସ୍ଥଳରେ ୧୯୨୫ରେ ନିର୍ମିତ ହୋଇଥିବା ବ୍ରହ୍ମ ମନ୍ଦିରର ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଲଗଡ଼ିଆ ରାଜପ୍ରାସାଦରେ ଆୟୋଜକ କମିଟିର ଅଧ୍ୟକ୍ଷ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ପୌରୋହିତ୍ୟରେ ତୃତୀୟ ପ୍ରସ୍ତୁତି ବୈଠକର ପ୍ରାରମ୍ଭରେ ବ୍ରାହ୍ମ ସମାଜ ଟ୍ରଷ୍ଟିର ଅଧ୍ୟକ୍ଷ ତଥା କମିଟିର ଆବାହକ ରଞ୍ଜନ ବାନାର୍ଜୀ, ପ୍ରସ୍ତୁତି କମିଟିର ସଭାପତି ଡ. ବିଜୟ କୁମାର ଅଗ୍ରୱାଲ, ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସ୍ମରଣିକା କମିଟିର ଅଧ୍ୟକ୍ଷ ଡ. ମୋହିତ କୁମାର ଷଡ଼ଙ୍ଗୀ, ବରିଷ୍ଠ ସଦସ୍ୟ ସଞ୍ଜୟ ପଟ୍ଟନାୟକ, ସତ୍ୟବ୍ରତ ମହାନ୍ତି, ବିଭୁଦତ୍ତ ଦାସ, ତିମିର ଘୋଷ, ଶିବାଜୀ ମୌଳିକ, କୌଶିକ ମୁଖାର୍ଜୀ, ରସିକ ନନ୍ଦ ମହାନ୍ତି, ଗଣେଶ ଦାସ, ଚନ୍ଦନ ବାନାର୍ଜୀ ଓ ବର୍ଣିଲ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ଡିସେମ୍ବର ୨୦ ଓ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶତବାର୍ଷିକୀ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ କରାଯିବ। ଏଥିସହିତ ଉତ୍ସବର ସୁପରିଚାଳନା ନିମନ୍ତେ ଆୟୋଜନ କମିଟି ସମେତ ଅର୍ଥ, ସାଂସ୍କୃତିକ କାର୍ଯ୍ୟକ୍ରମ, ଅଭ୍ୟର୍ଥନା, ମିଡ଼ିଆ ଓ ପବ୍ଲିସିଟି, ପାନେଲ ଆଲୋଚନା ଫୋରମ୍ ଓ ସ୍ମରଣିକା ପ୍ରକାଶ ନିମନ୍ତେ କମିଟିର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଅର୍ଥ କମିଟିର ମୁଖ୍ୟ ଭାବେ ବରିଷ୍ଠ ସଦସ୍ୟ ପ୍ରିତିଶ ବସା ଓ ବିପ୍ଳବ ବୁଗୁଡେଇ ପରିଚାଳନା ନିମନ୍ତେ ସୁଚିନ୍ତିତ ମତାମତ ରଖିଥିଲେ। ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟ ଲକ୍ଷ୍ମୀ ଭଞ୍ଜଦେଓ ଉତ୍ସବରେ ଯୋଗଦେବାକୁ ଥିବା ବରେଣ୍ୟ ଅତିଥିଙ୍କ ସୁଚାରୁ ଭାବେ ଆତିଥ୍ୟତା ପ୍ରଦାନ ପାଇଁ ମତାମତ ରଖିଥିଲେ। ଶେଷରେ କମିଟିର ଉପ ସଭାପତି ପୂର୍ଣ୍ଣେନ୍ଦୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ମୁଖ୍ୟମନ୍ତ୍ରୀଙ୍କୁ କରାଯିବ ଆମନ୍ତ୍ରଣ**

## ଖରିଫ ଋତୁ ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ

**ରାଇରଙ୍ଗପୁର, ୨୧।୭ (ସମିସ):** ରାଜ୍ୟର ଚଳିତ ଖରିଫ ଋତୁ ପାଇଁ ୨୦୨୫-୨୬ ନିମନ୍ତେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଗତ ୧୯ରୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ଚାଲୁ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ଚାଷୀ ପଞ୍ଜୀକରଣ ନୂଆ ନିୟମରେ ହେବାକୁ ଯାଉଛି। ଏଥର ପୁନଃ ନବୀକରଣ କରାଯିବ ନାହିଁ। ନୂତନ ନିୟମ ଅନୁସାରେ ଚାଷୀମାନଙ୍କ ଇ-କେୱାଇସି ଓ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଛି। ତେଣୁ ଚାଷୀ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜର ପଞ୍ଜିକରଣ କରାଇ ନେବାକୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି। ଏହାକୁ ନେଇ ରାଇରଙ୍ଗପୁର ଲ୍ୟାମ୍ପସରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥର ରାଇରଙ୍ଗପୁର ଲ୍ୟାମ୍ପସ ତରଫରୁ ଘରକୁ ଘର ଯାଇ ଚାଷୀମାନଙ୍କୁ ପଞ୍ଜୀକରଣ ଏବଂ ଚାଷ ସମ୍ବନ୍ଧୀୟ ସରକାରୀ ଯୋଜନା ସମ୍ବନ୍ଧରେ ବ୍ୟାପକ ସଚେତନତା କରାଯାଇଛି। ଫଳରେ ୧୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଖରିଫ ପାଇଁ ପଞ୍ଜିକରଣ କରିବେ। ୨୦୨୫-୨୬ ପଞ୍ଜିକରଣ ପ୍ରକ୍ରିୟାରେ ଲ୍ୟାମ୍ପ କର୍ମଚାରୀ ସମେତ ଏମଡି ଲୋପାମୁଦ୍ରା ମହାନ୍ତ, ଆଶୁତୋଷ ମହାନ୍ତ, ସଞ୍ଜିତ ବାରିକ, ରୂପାଲି ମହାନ୍ତ, କୃଷ୍ଣ ମହାନ୍ତ, ଇନ୍ଦ୍ରଜିତ ବାରିକ, ବିଶ୍ୱ କଳ୍ପିତା ମହାନ୍ତ ପ୍ରମୁଖ ଚାଷୀଙ୍କୁ ବୁଝାଇ ପଞ୍ଜିକରଣ କରୁଛନ୍ତି।

## 'ଏମ୍‌ପିସି କଲେଜକୁ ଏକକ ବିଶ୍ୱବିଦ୍ୟାଳୟ କରାଯାଉ'



**ବାରିପଦା, ୨୧।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସମଗ୍ର ଉତ୍ତର ଓଡ଼ିଶାରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନଭାବେ ଖ୍ୟାତି ଅର୍ଜନ କରିଛି। ଏହି ମହାବିଦ୍ୟାଳୟଟି ମୟୂରଭଞ୍ଜ ସହ ବାଲେଶ୍ୱର, କେନ୍ଦୁଝର ତଥା ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆଦର୍ଶ ଶିକ୍ଷନୁଷ୍ଠାନ ପାଲଟିଛି। ଏବେ ସ୍ନାତକ, ସ୍ନାତକୋତ୍ତର ଓ ବହୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରୁଛି। ଏଠାରେ ୮ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏବେ ଅଧ୍ୟୟନ କରୁଛନ୍ତି। ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ଥିଲେ ମଧ୍ୟ ଆଉ ଏକ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ରହିଛି। ତେଣୁ ବୁଦ୍ଧିଜୀବୀ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାର ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଦାବି କରିଛନ୍ତି। ଏଥିସହିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟକୁ ସରକାର ହାତକୁ ନେବାକୁ ମଧ୍ୟ ଦାବି ଉଠିଛି। ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ସ୍ନାତକୋତ୍ତର ବିଭାଗ ଖୋଲିବାକୁ ବାରିପଦାର ପୂର୍ବତନ ବିଧାୟକ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ କିଶୋର ଦାଶ, ଓଡ଼ିଶା ଓକିଲ ସଂଘର ସହ ଅଧ୍ୟକ୍ଷ, ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଜୀବନ କୁମାର ସାହୁ, ବିଶିଷ୍ଟ ଶିକ୍ଷାବିତ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଓ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ ନାୟକ, ବରିଷ୍ଠ ନାଗରିକ, ପୂର୍ବତନ ବ୍ୟାଙ୍କ ପ୍ରଶାସକ ତଥା ଏମପିସି ଆଲୁମିନି ଆସୋସିଏସନର କୋଷାଧ୍ୟକ୍ଷ ପୁର୍ଣ୍ଣେନ୍ଦୁ ଦାସ ଓ ଶିକ୍ଷାବିତ ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ଦାବି ଜଣାଇଛନ୍ତି।

## କରଞ୍ଜିଆରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**କରଞ୍ଜିଆ, ୨୧।୭ (ସମିସ):** ସୋମବାର କରଞ୍ଜିଆସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲପାଳ ଓ ଏସପିଙ୍କ ମାସିକ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସ୍‌ପି ବରୁଣ ଗୁଣ୍ଡୁପଲ୍ଲି ୯୭ଟି ଅଭିଯୋଗର ଶୁଣାଣି କରିଛନ୍ତି। ସେଥିରୁ ୬୯ଟି ବ୍ୟକ୍ତିଗତ ଥିବାବେଳେ ୨୮ଟି ଗୋଷ୍ଠୀଗତ ସମସ୍ୟା ଥିଲା। ରେଡକ୍ରସ ପାଣ୍ଠିରୁ ଶୁକୁଳି ବ୍ଲକର ସୁନାମଣି ପାତ୍ର, ପିଛୁଳିର ରତନ ମହାନ୍ତ, ବରାହ ପାଣପୋଷିର ଦୀପକ ବେହେରାଙ୍କୁ ମୋଟ ୧୫ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ଉପଜିଲ୍ଲାପାଳ ପ୍ରକାଶ ଦାସ, ଏସଡିପିଓ ନବକୃଷ୍ଣ ନାୟକ, ଏସଡିଏମଓ ଡା. ଅନିତା ସିଂ, ପି.ଏ. ଚିତ୍ତରଞ୍ଜନ ମହାନ୍ତ ସମେତ ଅଧିକାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଉପଖଣ୍ଡର ସମସ୍ତ ବିଡିଓ, ତହସିଲାଦର, ସିଡିପିଓ, କୃଷି ଉଦ୍ୟାନ, ବନବିଭାଗ, ଶିକ୍ଷା, ବିଦ୍ୟୁତ, ଏନଏସି, ଜଳସେଚନ, ପୂର୍ତ୍ତ, ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ପାଞ୍ଚପୀର ପ୍ରଗତି ମଞ୍ଚ ପକ୍ଷରୁ କରଞ୍ଜିଆରେ ତୁରନ୍ତ ପୁଲିସ ଜିଲ୍ଲା ମାନ୍ୟତା ଦାବିରେ ଏସପି କାର୍ଯ୍ୟାଳୟ ଖୋଲିବାକୁ ଦାବି କରାଯାଇଥିଲା।

## ମୋରଡ଼ାରୁ ୧୧ଟି ଛେଳି ଚୋରି

**ମୋରଡା, ୨୧।୭ (ସମିସ):** ଶନିବାର ମୋରଡା ଥାନା ଅନ୍ତର୍ଗତ ମୋରଡ଼ା ଗ୍ରାମର ପୁରୁଷୋତ୍ତମ ଧଳଙ୍କ ୧୧ଟି ଛେଳି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ତାଙ୍କ ଘରେ ସମୁଦାୟ ୪୫ଟି ଛେଳି ଥିବାବେଳେ ରବିବାର ସକାଳୁ ଦେଖିଲା ବେଳକୁ ୧୧ଟି ଚୋରି ହୋଇଯାଇଛି। ଘରଠାରୁ ମାତ୍ର ଅଳ୍ପ ଦୂରରେ ରାସ୍ତାରେ ଚାରି ଚକିଆ ଯାନର ଟାୟାର ଚିହ୍ନ ରହିଥିବା ଦେଖି ସେ ମୋରଡ଼ା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

## ନୂତନ ଓ ବିଦାୟୀ ସିଆର୍‌ସିଙ୍କୁ ସମ୍ବର୍ଦ୍ଧନା



**ବାରିପଦା, ୨୧।୭ (ସମିସ):** ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୪ ଜଣ ବିଦାୟୀ ଓ ନୂତନ ୪ଜଣ ସିଆରସିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏବିଇଓ ଡଃ ସ୍ନେହଲତା ବେହେରା, ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ ଓ କର୍ମଚାରୀଙ୍କ ଉପସ୍ଥିତିରେ ନୂତନ ସିଆରସିସି ପଙ୍କଜ କୁମାର ମିଶ୍ର, ଅଜୟ କୁମାର ସାହୁ, ପୁଣ୍ୟତୟା ଦାସ ଓ ଅହଲ୍ୟା ସ୍ୱାଇଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହପରି ବିଦାୟୀ ସିଆରସିସି କଲ୍ୟାଣଶିଷ ଦାସ, ଦେବରଞ୍ଜନ ସାହୁ, ଅଭିରାମ ହେମ୍ବ୍ରମ ଓ ଚୈତନ୍ୟ ହେମ୍ବ୍ରମଙ୍କୁ ମଧ୍ୟ ଉତ୍ତମ କାର୍ଯ୍ୟକଳାପ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଥମିକ ଶିକ୍ଷା ବିଭାଗର ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ସିଆରସିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଇଓ ଅଭିମନ୍ୟୁ ସେଠୀ ପ୍ରକାଶ କରିଥିଲେ।

### ମିଳୁନି ଛାତ୍ର ବୃତ୍ତି; ତେଜୁଛି ଅସନ୍ତୋଷ

# ଜିଲାପାଳଙ୍କୁ ଫେରାଦ ହେଲେ ଆଦିବାସୀ ଛାତ୍ରଛାତ୍ରୀ

ବାରିପଦା, ୨୧।୭ (ସମିସ)



ମୋରଡା ବ୍ଲକ ଅଧୀନ ଗଡ଼ିଆ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ଦିଆଯାଉ ନ ଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ଏ ନେଇ ସୋମବାର କଲେଜର ଛାତ୍ରଛାତ୍ରୀ ପ୍ରଥମେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ଏବଂ ପରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଛାତ୍ରବୃତ୍ତି ପ୍ରଦାନ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଛାତ୍ରଛାତ୍ରୀ ଫେରିଛନ୍ତି। ପ୍ରକାଶ ଥାଉକି, ଉକ୍ତ ମହାବିଦ୍ୟାଳୟରେ ପାଖାପାଖି ୨ଶହରୁ ଊର୍ଦ୍ଧ୍ୱ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଛାତ୍ରଛାତ୍ରୀ ରହିଛନ୍ତି। ଦୀର୍ଘ ୮ମାସ ଧରି ଛାତ୍ରବୃତ୍ତି ମିଳି ନ ଥିବାରୁ ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ନିଜର ପାଠ୍ୟ ଉପକରଣ କିଣିବା ଦୂରରେ ଥାଉ, ଏପରିକି କଲେଜର ଆଡମିଶନ ଓ ରି-ଆଡମିଶନ ଅର୍ଥ ଭରଣା କରିବା ପାଇଁ ସେମାନଙ୍କ ପକ୍ଷେ କଷ୍ଟକର। ଫଳରେ ବହୁ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ା ଛାଡିବାକୁ ବାଧ ହେଉଛନ୍ତି। ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ ବାରମ୍ବାର ଅଭିଯୋଗ କରିବା ପରେ ମଧ ବିଭାଗୀୟ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଛି। ଯାହାକୁ ନେଇ ଛାତ୍ର ତାରାସ ମାରାଣ୍ଡିଙ୍କ ନେତୃତ୍ୱରେ ବହୁ ଛାତ୍ରଛାତ୍ରୀ ବାରିପଦାରେ ପହଞ୍ଚି ଜିଲ୍ଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ୨୦୨୪-୨୫ଶିକ୍ଷା ବର୍ଷର ବୃତ୍ତି ପାଇଁ ମହାବିଦ୍ୟାଳୟରେ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିବା ସହିତ ଏହାର ଯାଞ୍ଚ ଶେଷ କରାଯାଇଛି ବୋଲି ଛାତ୍ର ଲକ୍ଷ୍ମଣ ମୁର୍ମୁ, ସନାତନ ଟୁଡୁ ଓ ଚିତ ମାରାଣ୍ଡି ପ୍ରକାଶ କରିଛନ୍ତି। ତେବେ ବିଭାଗୀୟ ଅବହେଳା ପାଇଁ ନୀରିହ ଆଦିବାସୀ ବିଦ୍ୟାର୍ଥୀ ଅର୍ଥ ସଙ୍କଟରୁ କଲେଜ ଫି, ହଷ୍ଟେଲ ଫି ଓ ଅନ୍ୟାନ୍ୟ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି ବୋଲି ଛାତ୍ରୀ ମମତା ସୋରେନ, କାପୁରା ହାଁସଦା, ରୂପାମଣି ମାରାଣ୍ଡି ଓ ସୁବାଶିନୀ ମୁର୍ମୁ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜିଲ୍ଲାପାଳ ତୁରନ୍ତ ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଛାତ୍ରବୃତ୍ତି ପ୍ରଦାନ କରାନଗଲେ ଛାତ୍ର ଆନ୍ଦୋଳନ ଜୋରଦାର କରାଯିବ ବୋଲି ଗୀତା ମୁର୍ମୁ, ବାସି ବାସ୍କେ, ସୁଶାନ୍ତ ମାରାଣ୍ଡିଙ୍କ ସମେତ ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ସୂଚନା ଥାଉକି, କେବଳ ଗଡ଼ିଆ ମହାବିଦ୍ୟାଳୟ ନୁହେଁ, ମୟୂରଭଞ୍ଜ ଜିଲ୍ଲାର ଏଭଳି ବହୁ କଲେଜର ସମାନ ସ୍ଥିତି ଦେଖାଯାଇଛି। ଯାହାକି ଆଗାମୀ ଦିନରେ ଛାତ୍ର ଅସନ୍ତୋଷ ବୃଦ୍ଧି କରିବ।

**୧୫ ଦିନ ମଧ୍ୟରେ ନ ମିଳିଲେ ଆନ୍ଦୋଳନ**

## ଆରଡ଼ିସି ଅଫିସ ଆଗରେ ଗର୍ଜିଲା ବିଜୁ ଜନତା ଦଳ

# ମୋହନ ସରକାର ବଦଳିବା ଦରକାର







ବ୍ରହ୍ମପୁର, ୨୧।୭ (ସମିସ)

ବିଜୁ ଜନତା ଦଳର ସୁପ୍ରିମ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଦଳ ପକ୍ଷରୁ ପ୍ରତିବାଦ ସଂଗଠିତ ହୋଇଛି। ଏଫଏମ କଲେଜ ଛାତ୍ରୀ ଆତ୍ମହୂତି ଓ ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ସହ ନାରୀ ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ ଦଳ ପକ୍ଷରୁ ରାଜ୍ୟର ତିନୋଟି ଆରଡ଼ିସିଠାରେ ବିକ୍ଷୋଭ ଓ ଘେରାଉ କରାଯାଇଛି। ଏହିକ୍ରମରେ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡ଼ିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଜନତା ଦଳ ପକ୍ଷରୁ ବିଶାଳ ଗଣବିକ୍ଷୋଭ ସହ ପ୍ରତିବାଦ କରାଯାଇଛି। ଦଳ ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟଠାରୁ ଆରଡ଼ିସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା ହୋଇଥିଲା। ଏଠାରେ ବିକ୍ଷୋଭ କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆରଡ଼ିସି ରୂପା ରୋଶନ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ବିଜୁ ଜନତା ଦଳର ନେତା ଓ କର୍ମୀ ସାମିଲ ହୋଇଥିଲେ। ପୁଲିସ ବ୍ୟାରିକେଡ଼ ଉପରକୁ ଧସେଇ ଫସିବାକୁ ଉଦ୍ୟମ ମଧ କରିଥିଲେ। ରାଜ୍ୟ ସରକାର ବିରୋଧରେ ନାରା ଦେବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଗୋପାଳପୁର ଗଣଦୁଷ୍କର୍ମ, ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ସାନଖେମୁଣ୍ଡି, ଗୋଳନ୍ଥରା, ପାଟପୁର ପ୍ରଭୃତି ସ୍ଥାନରେ ମହିଳା ନିର୍ଯାତନା ବିଷୟକୁ ଉଲ୍ଲେଖ କରି ସରକାରୀ ନିଷ୍କ୍ରିୟତା ବିରୋଧରେ ଜିଲ୍ଲା ଓ ବ୍ଲକସ୍ତରରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏନେଇ ଦଳର ଉପସଭାପତି ସଞ୍ଜୟ ଦାଶବର୍ମା କହିଛନ୍ତି ଯେ ନୂଆ ସରକାର ଆସିବା ପରେ ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ବଢ଼ିଛି। କଲେଜ କ୍ୟାମ୍ପସ ବି ସୁରକ୍ଷିତ ନାହିଁ। ପର୍ଯ୍ୟଟନସ୍ଥଳୀ ଅସୁରକ୍ଷିତ। ଓଡ଼ିଶା ବିପଦ ବୋଲି ଆମେରିକା ଭଳି ରାଷ୍ଟ୍ର ମଧ ନିର୍ଦ୍ଦେଶ ଜାରି କରିଛନ୍ତି। ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହୂତି ଘଟଣା ସରକାରଙ୍କୁ କାଠଗଡ଼ାରେ ଠିଆ କରିଛି। ଗତକାଲି ପୁରୀ ଜିଲ୍ଲାରେ ମଧ ସମାନ ଘଟଣା ଦେଖିବାକୁ ମିଳିଛି। ଗଞ୍ଜାମଠାରୁ ଆରମ୍ଭ କରି ସବୁ ଜିଲ୍ଲାରେ ନାରୀମାନଙ୍କ ଉପରେ ନିର୍ଯାତନ ବଢ଼ିଛି। ଏଣୁ ଏହି ସମସ୍ତ ଘଟଣା ଉପରେ ସରକାର

- ଏଫ୍‌ଏମ୍ କଲେଜ ଛାତ୍ରୀ ଓ ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଦାବି
- ନାରୀ ନିର୍ଯାତନା ପାଇଁ ଓଡ଼ିଶାର ନାଁ ମାଟିରେ ମିଶିଗଲା
- ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଛକରୁ ବିଶାଳ ଶୋଭାଯାତ୍ରା
- ସରକାରୀ ନିଷ୍କ୍ରିୟତା ବିରୋଧରେ ବ୍ଲକସ୍ତରରୁ ଆନ୍ଦୋଳନ ଚେତାବନୀ

ଯଦି ବିଚାର ବିଭାଗୀୟ ତଦନ୍ତ ନ କରନ୍ତି ତେବେ ଆନ୍ଦୋଳନ ତୀବ୍ର ହେବ ବୋଲି ସେ କହିଛନ୍ତି। ସେହିଭଳି ଦଳର ବରିଷ୍ଠ ଉପସଭାପତି ଚନ୍ଦ୍ର ଶେଖର ସାହୁ କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଦକ୍ଷିଣ ଓଡ଼ିଶାର ଆଠଟି ଜିଲ୍ଲାର ବିଜୁପ୍ରେମୀ ଆଜି ଆରଡ଼ିସି ଅଫିସ ଆଗରେ ଧାରଣା ଦେଇଛନ୍ତି। ନିର୍ଲଜ ସରକାର ଲଜ୍ୟା ଛାଡ଼ି ଅନ୍ତଃତପକ୍ଷେ ଲୋକଙ୍କୁ ସୁରକ୍ଷା ଦେଉ ବୋଲି ସେ ଦାବି କରିଛନ୍ତି। ଅନୁରୂପ ଭାବେ ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ, ମୋହନ ମାଝିଙ୍କ ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡ଼ିଶାରେ ବିଗତ ୧୩ମାସ ଧରି ଭାରତୀୟ ଜନତା ପାର୍ଟିର ସରକାର ଅଛି। ନାରୀ ନିର୍ଯାତନା ବଢ଼ୁଛି। ଓଡ଼ିଶା ଇତିହାସରେ ଏଭଳି ସ୍ଥିତି କେବେ ହୋଇନଥିଲା। ଗଞ୍ଜାମ ଜିଲ୍ଲାରେ ଯେଉଁ ଘଟଣା ଘଟିଲା। ଏଥିଯୋଗୁଁ ଓଡ଼ିଶାର ନାଁ ମାଟିରେ ମିଶିଗଲା। ସରକାର ତରଫରୁ କୌଣସି ପଦକ୍ଷେପ ନାହିଁ। ସରକାର ବାଉଳା ହେଉଛି। ସରକାର ଚଳାଇବାର ବାତାବରଣ କିମ୍ବା ବିଧିବିଧାନ ମୋହନ ମାଝିଙ୍କୁ ଜଣାନାହିଁ। ପ୍ରଭୁ ଜଗନ୍ନାଥ ଏ ସରକାର ବଦଳାଇବାର ମନସ୍ଥ ନେଲେଣି। ସାଧାରଣ ଜନତା ମଧ ସ୍ଥିର କଲେଣି ଏ ସରକାର ଯିବା ଦରକାର। ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା କହିଛନ୍ତି ଯେ ଦକ୍ଷିଣାଞ୍ଚଳସ୍ତରୀୟ ଘେରଉରେ ସାଧାରଣ ଜନତାଠାରୁ ଆରମ୍ଭ କରି ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ଯୋଗଦେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବିଜେପି ସରକାର ଅମଳରେ ନାରୀ ନିର୍ଯାତନାରୁ ଆରମ୍ଭ କରି ବଳାତ୍କାର, ହତ୍ୟା ଆଦି ବଢ଼ୁଛି। ଏଣୁ ମୋହନ ମାଝି ତୁରନ୍ତ ଇସ୍ତଫା ଦିଅନ୍ତୁ। ବିକ୍ଷୋଭ ବେଳେ ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ ଦାଶବର୍ମା, ବରିଷ୍ଠ ଉପସଭାପତି ଚନ୍ଦ୍ରଶେଖର ସାହୁ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୂର୍ବତନ ସାଂସଦ ଝିନ୍ନ ହିକକା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ବିଧାୟିକା ମନୋରମା ମହାନ୍ତି, ବିଧାୟକ ରୂପେଶ ପାଣିଗ୍ରାହୀ, ମାନସ ମଡ଼କାମି, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ସାଂସଦ ଏନ ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ରମେଶ ମାଝି, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ସାଂସଦ ପ୍ରଦୀପ ମାଝି, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ପୂର୍ଣ୍ଣ ସ୍ୱାଇଁ, ଲତିକା ପ୍ରଧାନ, ମଞ୍ଜୁଳା ସ୍ୱାଇଁ, ସୁବାଷ ବେହେରା, ସୂର୍ଯ୍ୟମଣି ବୈଦ୍ୟ, ବିଜେଡି ନେତା ବିପ୍ଳବ ପାତ୍ର, ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ଏସ ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ଼ୀ, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ସଞ୍ଜିତ ପାଣିଗ୍ରାହୀ, ବିଜେଡି ନେତା ଅଜୟ ମହାରଣା, ମହାନଗର ଯୁବ ବିଜେଡି ସଭାପତି ଅଜିତ ପଣ୍ଡା, ଛାତ୍ର ବିଜେଡି ସଭାପତି ଶୋଭନ ନାୟକଙ୍କ ସମେତ ହଜାର ହଜାର ସଂଖ୍ୟାରେ ବିଜୁ ଜନତାର ଦଳର ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଜମି ଦେବା ଆଳରେ ୧୫ ଲକ୍ଷ ଠକେଇ

ବ୍ରହ୍ମପୁର, ୨୧।୭ (ସମିସ): ମହିଳାଙ୍କଠାରୁ ଏକ ଦମ୍ପତି ୧୫ଲକ୍ଷ ଟଙ୍କା କରଜ ନେଇ ଶୁଝି ନପାରି ବଦଳରେ ଜମି ଦେବାର ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ପରବର୍ତ୍ତୀ ସମୟରେ ଟଙ୍କା କିମ୍ବା ଜମି କିଛି ନଦେଇ ଠକିଥିବା ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ମହିଳା ଜଣକ ସ୍ଥାନୀୟ ମୁକ୍ତେଶ୍ୱର ବିଲ ସାହିର ମଞ୍ଜୁଳା ମାଝୀ। ସୂଚନାଯୋଗ୍ୟ ଯେ ଗାନ୍ଧୀନଗର ପଞ୍ଚମ ଲାଇନ ନିବାସୀ ରାଜଲକ୍ଷ୍ମୀ ମହାନ୍ତି ଓ ତାଙ୍କ ସ୍ୱାମୀ ରଞ୍ଜିତ ମହାନ୍ତି ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ଦର୍ଶାଇ ମଞ୍ଜୁଳାଙ୍କଠାରୁ ୧୫ଲକ୍ଷ ଟଙ୍କା କରଜ ନେଇଥିଲେ। ଏଥିପାଇଁ କିଛି ଚେକ ମଧ ଦେଇଥିଲେ। କରଜ ଟଙ୍କା ନଶୁଝି ପାରିଲେ କୁକୁଡ଼ାଖଣ୍ଡି ତହସିଲ ଅଧୀନରେ ମହାନ୍ତି ଦମ୍ପତିଙ୍କ ନାମରେ ଥିବା ଦୁଇଟି ଜମିକୁ ମଞ୍ଜୁଳାଙ୍କ ନାମରେ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମଞ୍ଜୁଳା ନିଜ ପୁଅର ସୁନା ଅଳଙ୍କାର ବନ୍ଧକ ରଖି ଟଙ୍କା ଆଣି ମହାନ୍ତି ଦମ୍ପତିଙ୍କୁ ଦେଇଥିଲେ। ଟଙ୍କା ଫେରସ୍ତ ପାଇଁ ନିର୍ଦ୍ଧାରିତ ସମୟ ବିତି ଯାଇଥିଲେ ହେଁ ଟଙ୍କା କିମ୍ବା ଜମି କିଛି ମଧ ଦେଇ ନଥିବା ଜଣାପଡ଼ିଛି। ପାଲଟା ଟଙ୍କା ଫେରସ୍ତ କରିବାକୁ କହିଲେ ବିଭିନ୍ନ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ଶେଷରେ ବାଧ ହୋଇ ମଞ୍ଜୁଳା ଥାନାର ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଛାତରୁ ଖସିଲା ପଲସ୍ତରା

ବ୍ରହ୍ମପୁର, ୨୧।୭ (ସମିସ): ସ୍ଥାନୀୟ ଆଙ୍କୁଲି ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଛାତରୁ ସୋମବାର ପଲସ୍ତରା ଖସିଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆସିଥିବା ଜଣେ ରୋଗୀ ପ୍ରତାପ ଚନ୍ଦ୍ର ଡାକୁଆ(୫୧) ଏଥିରେ ଆହତ ହୋଇଥିଲେ। ଉତ୍ତମ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ପ୍ରତାପଙ୍କୁ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ଘଟଣାରେ ପ୍ରତାପଙ୍କ ସମେତ ପି.ଜେ. ରେଡ୍ଡୀ ମଧ ସାମାନ୍ୟ ଆହତ ହୋଇଛନ୍ତି। ଅନ୍ୟକିଛି ରୋଗୀ ଓ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏମକେସିଜି ମେଡ଼ିକାଲ ଓ ହସ୍ପିଟାଲର କମ୍ୟୁନିଟ ମେଡିସିନ ଅଧୀନରେ ଆସୁଥିବା ଆଙ୍କୁଲି ଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର କୋଠା ବହୁ ପୁରାତନ ହୋଇଥିବା ବେଳେ କୋଠାର ଛାତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କୋଠାର ମରାମତି ଓ ନିର୍ମାଣ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି କେହି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ଫଳରେ ଛାତର ପଲସ୍ତରା ଖସି ଚିକିତ୍ସା ପାଇଁ ଆସୁଥିବା ଦୁଇରୋଗୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଅପେକ୍ଷାରତ ପ୍ରତାପଙ୍କ ମୁଣ୍ଡରେ କଂକ୍ରିଟ ପଲସ୍ତରା ପଡ଼ିବାରୁ ସେ ଆହତ ହୋଇଥିଲେ। ପ୍ରଚୁର ରକ୍ତସ୍ରାବ କାରଣରୁ ଡାକୁଆଙ୍କୁ ଏମକେସିଜି ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରକୁ

- ଆହତ ରୋଗୀଙ୍କ ଚିକିତ୍ସା ଏମକେସିଜିରେ ଜାରି




ବାରମ୍ବାର ରଙ୍ଗ ଦିଆଯାଉଥିବା ବେଳେ ଏହାର ମରାମତି ଦିଗରେ ଧ୍ୟାନ ଦିଆଯାଉନାହିଁ। ଫଳରେ ଏଭଳି ଘଟଣା ଘଟୁଥିବା ରୋଗୀ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅସୁରକ୍ଷିତ କୋଠା ଓ ରୋଗୀଙ୍କ ସୁରକ୍ଷାକୁ ନେଇ ଅଧିକାରୀଙ୍କୁ ଅବଗତ କରାଯାଇଛି। ଏହାକୁ ସ୍ଥାନାନ୍ତର ପ୍ରସ୍ତାବ ରହିଥିବା କାରଣରୁ ଏଥିପ୍ରତି କେହି ଗୁରୁତ୍ୱ ଦେଉନଥିବା କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ସୁବୁଦ୍ଧି ମତ ପ୍ରକାଶ କରିଛନ୍ତି।

## ହୁଗୁଳାପଟାରେ ଅଧପନ୍ତରିଆ ପଡ଼ିଛି ବିଇଏମ୍‌ସିର ଗୋଶାଳା

ବ୍ରହ୍ମପୁର, ୨୧।୭ (ସମିସ)




ବ୍ରହ୍ମପୁର ସହରରେ ଜଟିଳ ହେବାରେ ଲାଗିଛି ଟ୍ରାଫିକ ସମସ୍ୟା। ଏହି ସମସ୍ୟାର ମୁଖ୍ୟ କାରଣ ହେଉଛନ୍ତି ବୁଲା ଗୋରୁଗାଇ। ମାଳମାଳ ଗୋରୁଗାଇ ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ବିଚରଣ କରିବା ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସହରରେ ଅବାଧରେ ବୁଲୁଥିବା ଗୋରୁଗାଇଙ୍କୁ ଉଦ୍ଧାର କରି ରଖିବା ନିମନ୍ତେ ବ୍ରହ୍ମପୁର ଉପକଣ୍ଠସ୍ଥ ହୁଗୁଳାପଟାଠାରେ ବିଇଏମସି ପକ୍ଷରୁ ଏକ ଗୋଶାଳା ନିର୍ମାଣ କରାଯାଇଥିଲେ ସୁଦ୍ଧା ତାହାକୁ କାର୍ଯ୍ୟକ୍ଷମ କରାଯାଇପାରିନାହିଁ। ଅଧପନ୍ତରିଆ ଭାବେ ରହିଥିବା ଗୋଶାଳାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହିତ ଅନ୍ୟଏକ ଗୋଶାଳା ନିର୍ମାଣ କରାଯିବ। ଏବଂ ଗୋରୁଗାଇଙ୍କ ମାଲିକଙ୍କୁ ଏନେଇ କଡ଼ା ତାଗିଦ କରାଯିବ ବୋଲି କହିଛନ୍ତି ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ। ବୁଲା ଗୋରୁଗାଇଙ୍କ ପାଇଁ ସହରରେ ବୃଦ୍ଧି ପାଉଥିବା ସଡକ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ୩ବର୍ଷ ପୂର୍ବେ ସହର ଉପକଣ୍ଠସ୍ଥ ହୁଗୁଳାପଟାଠାରେ ବିଇଏମସି ପକ୍ଷରୁ ଏକ ଗୋଶାଳାର ନିର୍ମାଣ କରାଯାଇଥିଲା। ଗୋଶାଳାରେ ଗୋରୁଗାଇଙ୍କୁ ବାନ୍ଧି ରଖିବା ପାଇଁ ପ୍ରାୟ ୫୦ଟି ପୋଲ୍ ନିର୍ମାଣ କରାଯାଇଥିଲା। ସହରର ବିଭିନ୍ନ ରାସ୍ତାଘାଟରୁ ଗୋରୁଗାଇଙ୍କୁ ଉଠାଇ ଆଣି ଏଠାରେ ବାନ୍ଧି ରଖିବା ସହ ସେମାନଙ୍କୁ ଖାଦ୍ୟ ପାନୀୟ ଯୋଗାଇ ଦେବା ନିମନ୍ତେ ଗୋଶାଳାରେ ୪ଟି ରୁମ୍ ବିଶିଷ୍ଟ ଏକ କୋଠା ମଧ ନିର୍ମାଣ କରାଯାଇଛି। ତେବେ ବିଗତ ୩ବର୍ଷରୁ ଅଧିକ କାଳ ହେଲା ଗୋଶାଳାର ନିର୍ମାଣ କାର୍ଯ୍ୟ ବିଭିନ୍ନ କାରଣରୁ ଅଧପନ୍ତରିଆ ହୋଇ ପଡ଼ିରହିଛି। ଯାହାଫଳରେ ରକ୍ଷଣାବେକ୍ଷଣ ଅଭାବରୁ ନୂତନ କୋଠାର ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ଗୋଶାଳା ଅଧପାନ୍ତରିଆ ଭାବେ ପଡ଼ିରହିଥିବା ବେଳେ ଅନ୍ୟପଟେ ସହରରେ ବୁଲା ଗାଇଗୋରୁଙ୍କ ଯୋଗୁଁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଦୁର୍ଘଟଣାକୁ ରୋକିବା ପାଇଁ ବିଇଏମସି ପକ୍ଷରୁ ପ୍ରଥମେ ବୁଲା ଗାଇଗୋରୁଙ୍କ ବେକରେ ଟେଗ୍ ଲଗାଯାଇଥିଲା। ଟ୍ୟାଗ ଯୁକ୍ତ ଗୋରୁଗାଇ ରାସ୍ତାଘାଟରେ ବିଚରଣ କଲେ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ମଧ କୁହାଯାଇଥିଲା; କିନ୍ତୁ ତାହା ଦିର୍ଘ ସ୍ଥାୟୀ ହୋଇ ନଥିଲା। ପରେ ସହରର କିଛି ସ୍ୱେଚ୍ଛାସେବୀ ଗୋରୁଗାଇଙ୍କ ଯୋଗୁଁ ରାତିରେ ହେଉଥିବା ଦୁର୍ଘଟଣାକୁ ରୋକିବା ପାଇଁ ଗୋରୁଗାଇଙ୍କ ବେକରେ ରେଡ଼ିୟମ ବେଲଟ୍ ବାନ୍ଧିଥିଲେ; କିନ୍ତୁ ସେଥିରେ ବିଇଏମସିର ସହଯୋଗ ନମିଳିବାରୁ ତାହା ବନ୍ଦ ହୋଇଯାଇଥିବା ଜଣାପଡ଼ିଛି। ସମସ୍ୟାର ସମାଧାନ ନେଇ ବିଇଏମସିର କୌଣସି ଦୀର୍ଘ ମିଆଦି ଯୋଜନା ନଥିବା ଯୋଗୁଁ ସହରବାସୀ ଦୁର୍ଘଟଣାର ଶୀକାର ହେଉଛନ୍ତି। ତେଣୁ ବିଇଏମସି ଗୋଶାଳାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହ ଗାଇ ମାଲିକଙ୍କ ବିରୁଦ୍ଧରେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି। ଏଭଳି ପରିସ୍ଥିତିରେ ହୁଗୁଳାପଟାସ୍ଥିତ ଗୋଶାଳା ପରିଦର୍ଶନ କରିଛନ୍ତି ବିଇଏମସି କମିଶନର। ଖୁବଶୀଘ୍ର ହୁଗୁଳାପଟାର ଗୋଶାଳାକୁ କାର୍ଯ୍ୟକ୍ଷମ କରାଯିବ। ଏହାଛଡ଼ା ସହର ନିକଟରେ ଆଉ ଏକ ଗୋଶାଳା ପ୍ରତିଷ୍ଠା କରିବାକୁ ବିଇଏମସି ଯୋଜନା କରୁଥିବା ଜଣାପଡ଼ିଛି। ସେହିଭଳି ଗୋରୁଗାଇଙ୍କ ଗାଇ ମାଲିକଙ୍କୁ ନିଜ ଗୃହପାଳିତ ପଶୁଙ୍କୁ ନିଜର ଗୁହାଳରେ ରଖିବା ନିମନ୍ତେ ଅନୁରୋଧ କରାଯିବ। ଏଥିରେ ଖିଲାପ କଲେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବିଇଏମସି କମିଶନର। ବୁଲା ଗାଇଗୋରୁଙ୍କ ନିମନ୍ତେ ଅନେକ ଯୋଜନା ହୋଇଥିଲେ ସୁଦ୍ଧା କୌଣସି ଯୋଜନାର ସଫଳ ରୁପାୟନ ହୋଇପାରୁ ନାହିଁ। ତେବେ ଗୋଶାଳା କାର୍ଯ୍ୟକ୍ଷମ ହେବା ପରେ ସହରର ଜଟିଳ ଟ୍ରାଫିକ ସମସ୍ୟାରେ ସୁଧାର ଆସିବ ବୋଲି ଆଶା ରଖିଛନ୍ତି ସହରବାସୀ।

- ବୁଲା ଗୋରୁଗାଇଙ୍କ ଯୋଗୁଁ ସହରରେ ବଢ଼ୁଛି ସଡ଼କ ଦୁର୍ଘଟଣା

## ଚୂଳାମଣି ହେମ୍ବ୍ରମ୍ ହେଲ ଏମ୍‌କେସିଜି ନର୍ସିଂ ଅଧୀକ୍ଷକ



ବ୍ରହ୍ମପୁର, ୨୧।୭ (ସମିସ): ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ନର୍ସିଂ ଅଧୀକ୍ଷକ ଭାବେ ଚୂଳାମଣି ହେମ୍ବ୍ରମ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନର୍ସିଂ ନିର୍ଦ୍ଦେଶାଳୟ ପକ୍ଷରୁ ସୋମବାର ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ଚୁଳାମଣି ହେମବ୍ରାମ୍ ଏମକେସିଜି ମେଡ଼ିକାଲ ଡ଼େପୁଟି ନର୍ସିଂ ଅଧୀକ୍ଷକ ଥିଲେ। ସମ୍ପ୍ରତି ପଦନ୍ନୋତି ପାଇ ସେ ଅଧିକ୍ଷକ ଦାୟିତ୍ୱ ପାଇଥିବା ଜଣାପଡ଼ିଛି।

## ପିଏସ୍‌ଆର୍ ସିନେମା ନାଁରେ ୩୭ ଲକ୍ଷ ଠକେଇ ଅଭିଯୋଗ

ବ୍ରହ୍ମପୁର, ୨୧।୭ (ସମିସ): ଜନତା ସିଟି ସେଣ୍ଟରରେ ଥିବା ପିଏସଆର ସିନେମା ନାଁରେ ୩୭ଲକ୍ଷ ଟଙ୍କାର ଠକେଇ ଅଭିଯୋଗ ଆସିଛି। ସୂଚନାଯୋଗ୍ୟ ଯେ ମୁମ୍ବାଇର ବ୍ୟବସାୟୀ ଏସ ରମେଶଚନ୍ଦ୍ର ସାହଙ୍କ ରିୟଲ ଫିଲ୍ମସ ନାମରେ ଏକ ସଂସ୍ଥା ରହିଛି। ଏହି ସଂସ୍ଥା ଜରିଆରେ ସେ ନୂତନ ସିନେମା ହଲ ନିମନ୍ତେ ସାଉଣ୍ଡ ସିଷ୍ଟମ ସହ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇଥାନ୍ତି। ତେବେ ବ୍ରହ୍ମପୁରରେ ପିଏସଆର ସିନେମାସ ନାମରେ ଏକ ମଲ୍ଟିପ୍ଲେକ୍ସ ସିନେମା ହଲ ଖୋଲିଥିବା ରାଉରକେଲା ମହୁଲପାଲିର ୩ଜଣ ବ୍ୟବସାୟୀ ତାଙ୍କଠାରୁ ୨୦୨୨ମସିହାରେ ବିଭିନ୍ନ ସାମଗ୍ରୀ ଅର୍ଡର କରିଥିଲେ। ମୋଟ ୩୮ଲକ୍ଷ ୭ହଜାର ଟଙ୍କାର ସାଉଣ୍ଡ ସିଷ୍ଟମ ପଠାଇବାକୁ ରାଉଲକେଲାର ଏହି ବ୍ୟବସାୟୀମାନେ ଇ-ମେଲ କରିଥିଲେ। ସେହିକ୍ରମରେ ମୁମ୍ବାଇ ବ୍ୟବସାୟୀ ରମେଶଚନ୍ଦ୍ର ସମସ୍ତ ସାମଗ୍ରୀ ପଠାଇଥିଲେ। ତାହାପରେ ରାଉରକେଲାର ବ୍ୟବସାୟୀମାନେ ତାଙ୍କୁ ୧୨ଲକ୍ଷ ୯୧ହଜାର ଟଙ୍କା ପଇଠ କରିଥିଲେ ହେଁ ଅବଶିଷ୍ଟ ୨୬ଲକ୍ଷ ୭୩ହଜାର ଟଙ୍କା ଦେଇ ନଥିଲେ। ଇତିମଧ୍ୟରେ ୩ବର୍ଷ ବିତି ସାରିଥିବା ବେଳେ ରାଉରକେଲାର ବ୍ୟବସାୟୀମାନେ ବିଭିନ୍ନ ପର୍ଯ୍ୟାୟରେ ଦେଇଥିବା ଏକାଧିକ ଚେକ୍ ମଧ ବାଉନ୍ସ ହୋଇସାରିଛି। ଫଳରେ ପ୍ରାୟ ୩୭ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ନେଇ ରମେଶ ଚନ୍ଦ୍ର ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ରମେଶ ଶର୍ମା, ରଶ୍ମି ଶର୍ମା, ପୁଷ୍ପା ଶର୍ମା ଓ କ୍ରିଷ୍ଣାଙ୍କ ନାଁରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ସକାଳ THE SAKALA



## ୨ଟି ମାମଲାରେ ୩ ଜଣ ଗିରଫ

**କର୍ଲାମୁଣ୍ଡା, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ପୁଲିସ ୨ଟି ପୃଥକ ପୃଥକ ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ପଠାଇ ଦିଆଯାଇଛି। ଜଣେ ହେଉଛି ପୌରକେଲା ପଞ୍ଚାୟତ ତେରେକେଲା ଗ୍ରାମର ଭିକାରୀ ଧରୁଆ। ତା' ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକାଙ୍କ ନେତୃତ୍ୱରେ ଏକ ଟିମ୍ ଭିକାରୀ ଘରେ ଚଢ଼ଉ କରି ତାକୁ ଗିରଫ କରିଥିଲେ। ସେହିପରି ଅନ୍ୟ ୨ ଜଣ ହେଉଛନ୍ତି ପୌରକେଲା ଗ୍ରାମର ପ୍ରେମାନିଧି ସାହୁ ଓ ତା' ପୁଅ ପରେଶ ସାହୁ। ଓଡ଼ିଆମୁଣ୍ଡା (ଭାଟି) ର ସନ୍ତୋଷ କୁମାର ପୌରକେଲା ଗ୍ରାମକୁ ଚାଷକାମ ପାଇଁ ଶ୍ରମିକ ଠିକ କରିବାକୁ ଯାଇଥିଲେ। ଏହି ସମୟରେ ବାପ ପୁଅ ତାଙ୍କୁ ଗାଳିଗୁଲଜ କରିବା ସହ ମାଡପିଟ କରି ଟଙ୍କା ଛଡାଇ ନେଇଥିବା ଅଭିଯୋଗ ହୋଇଥିଲା।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ୩ ଗୁରୁତର

**ଶଗଡ଼ା, ୨୧।୭(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା-କନ୍ଧମାଳ ୪୧ ନମ୍ବର ରାଜ୍ୟ ରାଜପଥର ସୁଲିଆ ଛକ ନିକଟରେ ସୋମବାର ସକାଳ ୮ଟାରେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟ ବାଇକ୍‌ରୁ ୩ ଜଣ ଯୁବକ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କନ୍ଧମାଳ ଡାକ୍ତରଖାନାକୁ ପଠାଇଥିଲେ। ଖବର ପାଇ ଘଟଣା ସ୍ଥଳରେ କନ୍ଧମାଳ ପୁଲିସ ପହଞ୍ଚି ଉଭୟ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଗଞ୍ଜେଇ ସହ କାର୍ ଜବତ; ୨ ଗିରଫ



**ମ.ରାମପୁର, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ୫୯ ନମ୍ବର ଜାତୀୟ ରାଜପଥରେ ଏକ କାର (ନଂ ଓଆର ୦୨ଏପି ୦୧୫୫)ରୁ ୧୫ କେଜି ଗଞ୍ଜେଇ ଜବତ ହୋଇଛି। ଚୋରା ଚାଲାଣ ହେଉଥିବା ଖବର ପାଇ ମ.ରାମପୁର ଅବକାରୀ ବିଭାଗ ଚଢ଼ଉ କରିଥିଲା। ଏହି ଘଟଣାରେ କଣ୍ଟାବାଞ୍ଜିର ମହମ୍ମଦ ଇମତିୟାଜ ଓ ସାହିଲ ବାଗ ଗିରଫ ହୋଇଛନ୍ତି। ଗଞ୍ଜେଇ ମ.ରାମପୁର ବ୍ଲକ ମୋହନଗିରୀରୁ କଣ୍ଟାବାଞ୍ଜିକୁ ଚାଲାଣ ହେଉଥଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ଦେବାଶିଷ ସିରଦର, ଏଏସଆଇ ଆର୍ତ୍ତତ୍ରାଣ ବହିଦାର, କନେଷ୍ଟବଳ ବାଲେଶ୍ୱର ଧଙ୍ଗଡ଼ାମାଝୀ, ସୀମାଞ୍ଚଳ ମାଝୀ, ଦୈତାରୀ ତାଣ୍ଡି, ବିନତ ସାମିଲ ଥିଲେ।

## ମରଣଯନ୍ତା ପାଲଟିଛି ବଡ଼ଚେରଗାଁ-ବ୍ରିଜ ରାସ୍ତା



**ଗୋଲାମୁଣ୍ଡା, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବଡ଼ଚେରଗାଁ ମୁଖ୍ୟ ରାସ୍ତାରୁ ନଦୀବ୍ରିଜକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାରେ ଅନେକ ଖାଲଖମା ହୋଇଛି। ଏଣୁ ଅନେକ ଜାଗାରେ ପାଣି ଜମା ରହି ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ଦୈନିକ ସହ ସହ ଛାତ୍ରଛାତ୍ରୀ ବଡ଼ ଚେରଗାଁ ଉଚ୍ଚ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଯାଉଥିବା ସମୟରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ସେହିଭଳି ଏହି ରାସ୍ତା ଦେଇ ଜିଲ୍ଲା ସଦର ମହକୁମାକୁ ଦୈନନ୍ଦିନ ହଜାର ହଜାର ଲୋକେ ଯାତାୟାତ କରିଥାନ୍ତି।

**କେସିଙ୍ଗା ବ୍ଲକରେ ନିଅଣ୍ଟିଆ ବର୍ଷା**

# ଧାନବିଲ ଶୁଖିଲା; ବର୍ଷାକୁ ଚାହିଁ ରହିଛି ଚାଷୀ

**କେସିଙ୍ଗା, ୨୧।୭(ସମିସ)**



ଆଷାଢ ମାସ ସରି ଶ୍ରାବଣ ଆସିଲା। ଆଉ କେଇଟା ଦିନ ପରେ ଶ୍ରାବଣ ମାସ ବି ସରିଯିବ; କିନ୍ତୁ ଆଜି ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳରେ ଭଲ ଓ ବଡ଼ ବର୍ଷା ହୋଇନାହିଁ। ଜୁନ ମାସ ପ୍ରଥମ ସପ୍ତାହରୁ ଲଘୁଚାପ ଜନିତ ବର୍ଷା ପ୍ରାୟ ସବୁ ଦିନ ହେଉଥିଲେ ମଧ୍ୟ ପର୍ଯ୍ୟାପ୍ତ ହୋଇନି। ସତେ ଯେମିତି ବର୍ଷା ଅଞ୍ଚଳବାସୀଙ୍କ ସହିତ ଲୁଚକାଳି ଖେଳି ଖେଳି କେସିଙ୍ଗାର ଠିକଣା ଭିଲିଯାଇଛି। ଅନ୍ୟପଟେ ଆଉ ମାସେ ପରେ ଗଣ ପର୍ବ ନୂଆଁଖାଇ ପଡ଼ିବ। ଚାଷୀ ବିଲରେ ଧାନ ବୁଣିଦେଇ ବର୍ଷାକୁ ଚାହିଁ ବସିଛି। ବର୍ଷା ହେଲେ ଧାନ ବିହିଡ଼ିବା ସହିତ ସାର ଛିଞ୍ଚିବ ବୋଲି ଅପେକ୍ଷା କରିଛି; କିନ୍ତୁ ବର୍ଷା ହେଉନି। ଅବଶ୍ୟ ଆକାଶରେ କଳାହାଣ୍ଡିଆ ମେଘ ଦେଖି ଚାଷୀ ଖୁସି ହେଉଛି। କିଛି ସମୟ ପରେ ଖୁସି ଦୁଃଖରେ ପରିଣତ ହେଉଛି। କେସିଙ୍ଗା ପାଣିପାଗ କାର୍ଯ୍ୟାଳୟ ରେକର୍ଡ ଅନୁଯାୟୀ ଚଳିତ ବର୍ଷ ଜୁନ ମାସଠାରୁ ଆଜି ପର୍ଯ୍ୟନ୍ତ ୫୧ ଦିନ ମଧ୍ୟରେ ୩୦ ଦିନ ବର୍ଷା ହେଇଛି। ୩୦ ଦିନ ମଧ୍ୟରେ ସମୁଦାୟ ୪୦୩.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି; ଯାହାକି ବିଗତ ବର୍ଷଠାରୁ ଅଧିକ ରେକର୍ଡ। ବିଗତ ବର୍ଷ ଜୁନ ମାସରେ ସମୁଦାୟ ୧୭୩.୬ ମିଲିମିଟର ଓ ଜୁଲାଇ ମାସରେ ୨୮୨ ମିଲିମିଟର

**୭୦ ପ୍ରତିଶତରୁ ଅଧିକ ଜମିରେ ପାଣି ନାହିଁ**

ବର୍ଷା ରେକର୍ଡ କରାଯାଇଥିଲା। ସେହିପରି ଚଳିତ ବର୍ଷ ଜୁନ ମାସରେ ୧୯୦.୬ ମିଲି ମିଟର ବର୍ଷା ଏବଂ ଜୁଲାଇ ମାସରେ ୨୧ ଦିନ ଭିତରେ ୨୧୩.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବିଗତ ବର୍ଷଠାରୁ ଚଳିତ ବର୍ଷ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ରେକର୍ଡ କହୁଥିଲେ ମଧ ଖେତରେ ପାଣି ଦେଖାଯାଉନାହିଁ। କା ଭାଁ କିଛି ଖେତରେ ପାଣି ଥିଲେ ମଧ୍ୟ ପ୍ରାୟ ଚାଷଜମି ଶୁଖିଲା ପଡ଼ିଛି। ତିନି ଚାରି ଦିନ ମଧ୍ୟରେ ଭଲ ଓ ବଡ଼ ବର୍ଷା ଗୋଟିଏ ନ ହେଲେ ଚଳିତ ବର୍ଷ ଚାଷୀଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିବ ବୋଲି ଚାଷୀ ମହଲରେ ଭାଳେଣି ପଡ଼ିଲାଣି। ଚଳିତ ବର୍ଷ କେସିଙ୍ଗା କୃଷି ବିଭାଗର ରେକର୍ଡ ଅନୁଯାୟୀ କେସିଙ୍ଗା ବ୍ଲକରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୮ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଛି। ସେଥିମଧ୍ୟରୁ ଅଧାରୁ ଅଧିକ ଜମିରେ ପାଣି ନ ଥିବା ଜଣାପଡ଼ିଛି।

## ଛାତ୍ରୀନିବାସକୁ ସୁରକ୍ଷା ଦେଉଛି ଝାଟି, ଚିରାଶାଢ଼ି



- ଅଧା ମୁକୁଳା ପାଚେରି
- ଭାଲୁ, ଅସାମାଜିକ ଲୋକଙ୍କ ପଶିବା ଭୟ

**କୋକସରା, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଆମପାଣି ସରକାରୀ ଆବାସିକ ବିଦ୍ୟାଳୟରେ ଏକ ବିଚିତ୍ର ଦୃଶ୍ୟ ସାମ୍ନାକୁ ଆସିଛି। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆମପାଣି ସରକାରୀ ଆବାସିକ ବିଦ୍ୟାଳୟ ଛାତ୍ରୀନିବାସକୁ ଝାଟି ଓ ଚିରାଶାଢ଼ି ସୁରକ୍ଷା ଦେଉଛି। ଛାତ୍ରୀନିବାସ ପାଚେରୀ ଅନେକ ଦିନ ହେଲା ଭାଙ୍ଗି ଯାଇଛି। ଏହାକୁ ମରାମତି କରିବା ଦିଗରେ ଦୃଷ୍ଟି ଦିଆଯାଉ ନାହିଁ। କିଛି ଚିରାଫଟା ଶାଢ଼ି, କାଠି ସାହାଯ୍ୟରେ ଭୁଶୁଡ଼ି ପଡ଼ିଥିବା ପାଚେରିକୁ ଘୋଡାଇ ଦିଆଯାଇଛି। ତେବେ ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ଏଠାରେ ସନ୍ଧ୍ୟା ହେଲେ ଭାଲୁ ଉପଦ୍ରବ ଏକ ସାଧାରଣ କଥା। ତେଣୁ ଛାତ୍ରୀମାନେ ଭୟଭୀତ ରହୁଛନ୍ତି। ସେହିଭଳି ଜାତୀୟ ରାଜପଥ ଏବଂ ଘାଟି ଅଞ୍ଚଳ ହୋଇଥିବାରୁ ଅନେକ ଅସାମାଜିକ ଲୋକଙ୍କ ଗତିବିଧି ମଧ୍ୟ ରହୁଛି। ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁଙ୍କୁ ଫୋନ୍ ଯୋଗେ ପଚାରିବାରୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଏ ସମ୍ପର୍କ;ର ଅବଗତ କରାଯାଇଛି। ସେମାନେ ଯଦି ଦୃଷ୍ଟି ଦେଉ ନ ଥିବା କହିଛନ୍ତି।

## ବିଦ୍ୟାଳୟରୁ ନାଗସାପ ଉଦ୍ଧାର



**ବୀରମହାରାଜପୁର, ୨୧।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ପିତାମହୁଲ ପଞ୍ଚାୟତର ଟେଭାପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସୋମବାର ଏକ ବିରାଟକାୟ ନାଗସାପକୁ ଉଦ୍ଧାର କରାଯାଇଛି। ବିଦ୍ୟାଳୟର ରୋଷେୟା ରୋଷେଇ ଘରକୁ ମଧ୍ୟାହ୍ନଭୋଜନ ରୋଷେଇ ନିମନ୍ତେ ଯାଇଥିଲେ। ସେ ରୋଷେଇ ଘର କବାଟ ଖୋଲି ଦେଖିଲାବେଳକୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଥିବା ଅଣ୍ଡା ଛିନ୍ନଛତ୍ର ହୋଇ ପଡ଼ିଥିଲା। ସାପର ଗର୍ଜନ ଆସୁଥିବାରୁ ସେ ଭୟଭୀତ ହୋଇଯାଇଥିଲେ। ଏଣୁ କବାଟ ବନ୍ଦ କରି ପ୍ରଧାନ ଶିକ୍ଷକ ଲାଲସିଂ ଭୋଇଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ଭୋଇ ତୁରନ୍ତ ବଡ ଖମାର ଗ୍ରାମର ସର୍ପଧରାଳି ଅମିତ ଭୋଇଙ୍କୁ ଖବର ଦେଇଥିଲେ। ଅମିତ ପହଞ୍ଚି ସାପଟିକୁ ଉଦ୍ଧାର କରିବା ପରେ ଏକ ପ୍ଲାଷ୍ଟିକ ଜାର୍ ଭିତରେ ଭର୍ତ୍ତି କରି ନିକଟସ୍ଥ ଜଙ୍ଗଲରେ ଛାଡି ଥିଲେ।

## ବଜ୍ରପାତରେ ଭୁଶୁଡ଼ିଲା ଘର

**କୋମନା, ୨୧।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମିଛପାଲି ପଞ୍ଚାୟତ ବାଟିବାହାଲ ଗ୍ରାମର ସଞ୍ଜୀବ ସାହୁଙ୍କ ଘର ଉପରେ ବଜ୍ରପତ ହେବାରୁ ରହୁଥିବା ଘର ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ଏହାଫଳରେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୋମବାର



ସକାଳ ୮ ରେ ସେହି ଅଞ୍ଚଳରେ ପ୍ରବଳ ଘଡଘଡି ସହ ବର୍ଷା ହୋଇଥିଲା। ସେତେବେଳେ ପରିବାରର ୪ ସଦସ୍ୟ ବର୍ଷା ଯୋଗୁଁ ଘର ଭିତରେ ରହିଥିଲେ। ଘଡଘଡି ସିଧା ସଳଖ ଏମାନଙ୍କ ଘରେ ବାଜିଥିଲା। ଏହାଫଳରେ ଘରର ଗୋଟିଏ ପଟ ଭୁଶୁଡି ପଡ଼ି କାନ୍ଥ ବାହାରକୁ ପଡ଼ିଥିଲା। ସମସ୍ତେ କିନ୍ତୁ ବଞ୍ଚି ଯାଇଥିଲେ। ବର୍ତ୍ତମାନ ଘର ଭିତରେ ବର୍ଷାପାଣି ପଶିବାରୁ ସେଠାରେ ରହି ପାରୁ ନାହାନ୍ତି। ରନ୍ଧାବଢ଼ା ବନ୍ଦ ହୋଇଯାଇଛି।

## ଲାଞ୍ଜିଗଡ଼ରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର




**ଲାଞ୍ଜିଗଡ଼, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରବେଶନ) ଅନିମେସ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ଗୁରୁ, ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ବିଡ଼ିଓ ଶଶାଙ୍କ ପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ପଦାଧିକାରୀ ଯୋଗଦେଇ ବିଭିନ୍ନ ସମସ୍ୟାର ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଶିବିରରେ ବ୍ଲକର ୨୬ଟି ପଞ୍ଚାୟତରୁ ମୋଟ ୬୩ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୨୩ଟି ସାମୂହିକ ହୋଇଥିଲା। ଏଥିରେ ଜଣକୁ ହ୍ୱିଲ୍ ଚେୟାର ଦିଆଯାଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାର ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପଟେ ଲୋକେ ଜନଶୁଣାଣି ଶିବିରକୁ ବାରମ୍ବାର ଆସି ଅଭିଯୋଗ କଲା ପରେ ମଧ ସମସ୍ୟାର ସମାଧାନ ହେଉ ନ ଥିବା ବେଳେ ଏଥିପ୍ରତି ଲୋକଙ୍କର ଆସ୍ଥା ତୁଟୁଛି।

**● କନ୍ଧମାଳରେ ଜନଶୁଣାଣି ଶିବିର**

## ୫୮ ମାମଲା ପଞ୍ଜିକୃତ, ୨୫ ତ୍ୱରିତ ସମାଧାନ



**ଶଗଡ଼ା, ୨୧।୭(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଏସ୍‌ପି ରାହୁଲ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, କନ୍ଧମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ, କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କନ୍ଧମାଳ ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟନାରାୟଣ ଦାସ ପ୍ରମୁଖ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୫୮ଟି ମାମଲା ପଞ୍ଜୀକୃତ ହୋଇଥିଲା। ଏଥିରୁ ୪୯ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ମାମଲା ଥିଲା। ଶିବିରରେ ୫ଜଣକୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୨୫ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା।

**ଶ୍ରାବଣ ଦ୍ୱିତୀୟ ସୋମବାର**

## ଦେବଗିରି ମଠରେ ଦ୍ୱାଦଶ ରୁଦ୍ର ବନ୍ଦନା

**ଭବାନୀପାଟଣା, ୨୧।୭(ସମିସ):** ଦ୍ୱାପର ଯୁଗରେ ମହାରାଜ ଗୋସିଙ୍ଗ ଦୈତ୍ୟ ଦେବଗିରି ଗୁମ୍ଫା ମଧ୍ୟରେ ଆରାଧନା କରୁଥିବା ଶିବଲିଙ୍ଗକୁ ଶ୍ରାବଣ ଦ୍ୱିତୀୟ ସୋମବାରରେ ହଜାର ହଜାର ଭକ୍ତ ଜଳାଭିଷେକ କରିଛନ୍ତି। ହରହର ମହାଦେବ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଛି ଦେବଗିରି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢୀପଦରଠାରେ ଥିବା ଦେବଗିରିର ସମୃଦ୍ଧ ପୃଷ୍ଠଭୂମୀ ରହିଛି। ପ୍ରାଚୀନ ମହାକାନ୍ତାର ସଭ୍ୟତାର ସାକ୍ଷର ବହନ କରୁଥିବା ଏହି ସ୍ଥାନରେ କଳାହାଣ୍ଡି ନାଗବଂଶୀ ମହାରାଜମାନଙ୍କ ଦ୍ୱାରା ଦଧିବାମନଜୀଉ ମନ୍ଦିର ନିର୍ମିତ ହୋଇଛି। ସେହିଭଳି ଉତ୍କଳୀୟ ବୈଷ୍ଣବ ଗୋଷ୍ଠୀର ସନ୍ୟାସୀ ସ୍ୱର୍ଗତ ମହନ୍ତ ଦିନବନ୍ଧୁ ଦାସଙ୍କ ଦ୍ୱାରା ଦେବଗିରି ମଠ ସ୍ଥାପିତ ହୋଇଛି। ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନରେ ଥିବା ଏହି ମଠ ରାଜ୍ୟର ଏକ ଅନନ୍ୟ ଦର୍ଶନୀୟ ସ୍ଥାନ ଭାବେ ଓଡ଼ିଶା ପର୍ଯ୍ୟଟନର ମାନ୍ୟତା ପାଇଛି। ଭବାନୀପାଟଣାଠାରୁ ଏହି ସ୍ଥାନର ଦୂରତା ୩୦ କିମି। ଉତ୍କେଲା ବିମାନବନ୍ଦରୁ ୧୪ କିମି। ରୁପ୍ରାରୋଡ ରେଳଷ୍ଟେସନ ୪ କିମି ଦୂର। ସୋମବାର ଦେବଗିରି ମଠରେ ଦ୍ୱାଦଶ ରୁଦ୍ର ବନ୍ଦନା ସହ ମହାଦେବଙ୍କ ବିଶେଷ ପୂଜା ଅନୁଷ୍ଠିତ ହୋଇଛି। ଏହାସହ ଦଧିବାମନଜୀଉ, ମହାମାୟା ଚଣ୍ଡୀ, ଗଣପତି, କୁମାର କାର୍ତ୍ତିକେୟ, ବାମନେନ ବୁଢ଼ୀ, ଯୋଗିନୀ ଆଦି ମଠର ଅନେକ ଦେବାଦେବୀ ପୂଜା ପାଇଛନ୍ତି। ସୋମବାର ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀ ତିଥି ରୋହିଣୀ ନକ୍ଷତ୍ର ସଂଯୋଗ ହୋଇଥିବାରୁ ଏହି ପୂଜାର ବିଶେଷ ପ୍ରାଧାନ୍ୟ ରହିଥିଲା। ହଜାର ହଜାର ଭକ୍ତ ଦେବଗିରି ମଠର ଗୁମ୍ଫା ମଧ୍ୟସ୍ଥ କାଶି ବିଶ୍ୱନାଥ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ଦେବଗିରି ମଠର ଟ୍ରଷ୍ଟି ସୁନୀଲ ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେ ପୂଜକ ସନ୍ତୋଷ ପାଢ଼ୀ, ସେବାୟତ ତପିବର ଦାସ ଓ ସେବକ ଟିକେ ଗଉଡ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଜୟ ଧଙ୍ଗଡ଼ାମାଝୀ, ପ୍ରଦୀପ ଧଙ୍ଗଡ଼ାମାଝୀ, ସଞ୍ଜୟ ଧଙ୍ଗଡ଼ାମାଝୀ, ରଜନି ଗଉଡ, ସତ୍ରୁଘନ ଧଙ୍ଗଡ଼ାମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ସାହାଜବାହାଲ ଜେଏସ୍‌ଡବ୍ଲ୍ୟୁ ବସେଇଛି ମୃତ୍ୟୁଯନ୍ତା





**ଇବଥର୍ମାଲ, ୨୧।୭(ସମିସ)**

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ କୁମ୍ଭାରବନ୍ଧ ପଞ୍ଚାୟତ ସାହାଜବାହାଲ ଜେଏସଡବ୍ଲ୍ୟୁ କାରଖାନା ଯୋଗୁଁ ଇବଥର୍ମାଲ ରମ୍ପେଲା ସେତୁ ରାସ୍ତା ମୃତ୍ୟୁଯନ୍ତା ପାଲଟିଛି। ଏନେଇ ଲୋକେ ବାରମ୍ବାର ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଅଭିଯୋଗ କରି ଆସିଛନ୍ତି। ବାସ୍ତବତା ଏହାଯେ ସାହାଜବାହାଲ ଜେଏସଡବ୍ଲ୍ୟୁ ପ୍ଲାଣ୍ଟ ଚଳେଇବା ସକାଶେ କୋଇଲା ଦରକାର ଓ ଆସ୍‌ପଣ୍ଡ ଅଭାବରୁ ହଜାର ହଜାର ଟନ୍ କୋଇଲା ଜଳି ପ୍ରତ୍ୟେକ ଦିନ ବାହାରୁ ଥିବା ପାଉଁଶକୁ ପ୍ଲାଣ୍ଟ ଭିତରୁ ସଫା କରିବାକୁ ପରିବହନର ଆବଶ୍ୟକତା ରହିଛି। ଏଣୁ ପ୍ରତ୍ୟେକ ଦିନ ଶହଶହ ବଡବଡ ଭାରିଯାନରେ ଅହରହ କୋଇଲା ପରିବହନ ଓ ଅପରପକ୍ଷରୁ ସାହାଜବାହାଲ ଜେଏସଡବ୍ଲ୍ୟୁ ଠାରୁ ବଡବଡ ଭାରିଯାନରେ ପାଉଁଶ ପରିବହନ ନିତିଦିନ ଚାଲିଛି। ଫଳରେ ସମ୍ବଲପୁର ରେଙ୍ଗାଲି ଠାରୁ ଇବଥର୍ମାଲ ରାସ୍ତା ମରଣଯନ୍ତା ପାଲଟିଛି। ପରିସ୍ଥିତି ଏପରି ହେଲାଣି ଯେ ଲୋକେ ଏହି ରାସ୍ତା ଦେଇ ଯିବାକୁ ସାବଧାନ କରାଉଥିବା ଦେଖା ଦେଇଛି। ମାତ୍ର ୬ମାସ ମଧ୍ୟରେ ଏହି ବାଟ ଦେଇ ଆସୁଥିବା ଝାରମୁଣ୍ଡାର କୀର୍ତ୍ତନରାଉତ, ମାଧବ ଠାକୁର, ତିଲିଆର ବୀରେନ୍ଦ୍ର ମହାନନ୍ଦ, ମନୋଜ ଛୁରିଆ, ତାଳବେର୍ଣ୍ଣାର ସୋମନାଥ ମହାନନ୍ଦଙ୍କ ମୃତ୍ୟୁ ହୋଇଥିବା ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ ପରିବେଶ କମିଟି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। କିଛି ଜେଏସଡବ୍ଲ୍ୟୁର ପରିବହନ ଗାଡିଯୋଗୁଁ ମୃତ୍ୟୁ ବରଣ କରିଥିବା ବେଳେ କିଛି ଅଜଣା ଗାଡି ଧକ୍କାରେ ମୃତ୍ୟୁ ବରଣ କରିଛନ୍ତି। ହେଲେ ଜେଏସଡବ୍ଲ୍ୟୁକୁ ଆସୁଥିବା କୋଇଲା ଓ ପାଉଁଶ ପରିବହନ ଗାଡି କେତେ ବେପରୁଆ ଗାଡିଚାଳନା କରୁଛନ୍ତି ତାହା ନିଜ ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ। ଓଭରଲୋଡ କୋଇଲା ଓ ପାଉଁଶ ପରିବହନ ଫଳରେ ରାସ୍ତାସାରା ପାଉଁଶ ପଡ଼ି ଗାଡି ଚଳାଚଳ ବେଳେ ଭୟଙ୍କର ପ୍ରଦୂଷଣର ବଳୟ ସୃଷ୍ଟି କରିବା ସହ ରାସ୍ତା ଦେଖାଯାଉ ନାହିଁ। ଯାହାକି ବାଇକରେ ଯାତାୟତ କରୁଥିବା ଲୋକଙ୍କୁ ଦୁର୍ଘଟଣାକୁ ଟାଣି ନେଉଛି। ଏ ସଂକ୍ରାନ୍ତୀୟ ସୂଚନା ଝାରସୁଗୁଡା ଆରଟିଓକୁ ପରିବେଶ କମିଟି ଦେଇସାରିଛି ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାସ୍ତାଟି ମରଣଯନ୍ତା ପାଲଟିଥିବା ବେଳେ ସାହାଜବାହାଲ ଜେଏସଡବ୍ଲ୍ୟୁ ଅଧିକାରୀ ସେହି ବାଟଦେଇ ଯାତାୟତ କରି ଜାଣୁଥିଲେ ମଧ ନୀରବଦ୍ରଷ୍ଟା ସାଜିଛନ୍ତି। ଏକଥା ନେତା ମନ୍ତ୍ରୀ ସମସ୍ତଙ୍କୁ ଜଣା।

**● ମାତ୍ରାଧିକ ଭାରୀଯାନ ଚଳାଚଳ ବଢ଼ାଉଛି ବିପତ୍ତି**
**● ପ୍ରଦୂଷଣର ଧୂମକେତୁ ସାଜିଛି ଜେଏସ୍‌ଡବ୍ଲ୍ୟୁ**

ଗତ ନଭେମ୍ବରରେ ଖୋଦ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓପିଜିସିକୁ ଏକ କାର୍ଯ୍ୟକ୍ରମରେ ଆସିଥିବା ବେଳେ ଏହି ବାଟଦେଇ ଆସିଥିଲେ। ଓପିଜିସି ପହଞ୍ଚିବା ପରେ ଏହି ରାସ୍ତାର ଅନୁଭୂତି ବଖାଣିବାକୁ ଯାଇ ଓଟ ପିଠିରେ ଆସିଲାଭଳି ଲାଗିଲା, ଏ ଅନୁଭୂତି ଚିରଦିନ ମନେରହିବ କହି ରାସ୍ତାର ଦୂରାବସ୍ଥା ଉପରେ କଟାକ୍ଷ କରିଥିଲେ। ସିଙ୍ଗିଲରୋଡ ହୋଇଥିଲେ ମଧ ସକାଳେ ଓ ସନ୍ଧ୍ୟା ସମୟରେ ଜେଏସଡବ୍ଲ୍ୟୁ ଭାରିଯାନ ଏଭଳି ରାସ୍ତା ଉପରେ ଛିଡା ହୋଇ ରହୁଛି। ସାଧାରଣ ଲୋକ ବା ଅନ୍ୟ ଗାଡିମଟର ସେହି ରାସ୍ତା ଦେଇ ଯାଇପାରୁ ନାହିଁ। ଭୟଙ୍କର ଟ୍ରାଫିକ୍ ସମସ୍ୟା ଯୋଗୁଁ ଅଧିକାଂଶ ଚାରିଚକିଆ ଯାନ ଓ ଦୁଇଚକିଆ ଯାନରେ ଯାତାୟତ କରୁଥିବା ଲୋକେ ସମସ୍ୟା ଭୋଗୁଛନ୍ତି। ୨୦୧୮ ଏପ୍ରିଲରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରମ୍ପେଲା ସେତୁ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ କଲାପରେ ଉଭୟ ପଟେ ରାସ୍ତା ମଧ ନିର୍ମାଣ କରାଗଲା। ଲୋକେ ବହୁଦିନର ସ୍ୱପ୍ନ ସାକାର ହେଲା ବୋଲି ଖୁସି ହୋଇଥିଲେ। ହେଲେ ୨୦୨୩ ମସିହା ଠାରୁ ସାହାଜବାହାଲ ଜେଏସଡବ୍ଲ୍ୟୁ କାର୍ଯ୍ୟକ୍ଷମ ହେବାପରେ ଏହା ସର୍ବସାଧାରଣଙ୍କ ରାସ୍ତା କମ ଜେଏସଡବ୍ଲ୍ୟୁର ପରିବହନ ରାସ୍ତା ପାଲଟିଯାଇଛି। ଫଳରେ ରାସ୍ତାରେ ଯମ ଯିବାକୁ ବି ଭୟ କରୁଛି। କେବଳ ସେତିକି ନୁହଁ ପ୍ରତିଶ୍ରୁତି ଖିଲାପରେ ସାହାଜବାହାଲ ଜେଏସଡବ୍ଲ୍ୟୁ ପଛରେ ନାହିଁ। ଗତ ନଭେମ୍ବରରେ ଜେଏସଡବ୍ଲ୍ୟୁର ଠିକା ଶ୍ରମିକ ରମେଶ ଭୋଇ ରାତିରେ କୋଇଲା କନଭେୟର ବେଲ୍ଟରେ କାମ କରୁଥିବା ବେଳେ ଦୁର୍ଘଟଣାରେ ଗୋଡ଼ ହରାଇଥିଲେ। ସେତେବେଳେ ଲୋକଙ୍କ ବିକ୍ଷୋଭ ପରେ ତ୍ରିପାକ୍ଷିକ ବୈଠକରେ ଯାହା ଚୁକ୍ତି ହୋଇଥିଲା ତାହାବି କମ୍ପାନୀ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ପାଳନ କରି ନଥିବା ଅଭିଯୋଗ ହେଉଛି। ଅଞ୍ଚଳର ଲୋକେ ହୀରାକୁଦ ଜଳଭଣ୍ଡାର ପାଇଁ, ଓପିଜିସି ପାଇଁ ଓ ପରେ ଜେଏସ୍‌ଡବ୍ଲ୍ୟୁ ସାହାଜବାହାଲ ପାଇଁ ଅନେକ ତ୍ୟାଗ କଲା ପରେ ତାଙ୍କ ସକାଶେ ଏ ଅଭିଶପ୍ତ ଜୀବନ କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

# ଶ୍ରାବଣ ଦ୍ୱିତୀୟ ସୋମବାର | ବାବାମଣିଙ୍କୁ ଜଳଲାଗି କଲେ ଲକ୍ଷାଧିକ କାଉଡ଼ିଆ





- ଖାଲଖମା ଓ ଅନ୍ଧାର ରାସ୍ତାରେ ଚାଲିଚାଲି ଆସିଲେ ଭକ୍ତ
- ଭିଡକୁ ଦୃଷ୍ଟିରେ ରଖି ପୀଠରେ ତ୍ରିସ୍ତରୀୟ ସୁରକ୍ଷା

**ଭଦ୍ରକ/ଆରଡି, ୨୧।୭(ସମିସ):** ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କଲେ ଲକ୍ଷାଧିକ କାଉଡିଆ। ରବିବାର ମଧ୍ୟାହ୍ନରୁ କାଉଡିଆମାନେ ଧାଡିରେ ଯାଇ ବାବାଙ୍କ ଚଳନ୍ତି ପ୍ରତିମା ଶ୍ରାବଣୀ ମହାଦେବଙ୍କ ଉପରେ ଜଳଲାଗି କରିଥିଲେ। କାଉଡିଆଙ୍କ ବୋଲବମ ଏବଂ ହରହର ବମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସମଗ୍ର ଆରଡି ପୀଠ। ଲକ୍ଷାଧିକ କାଉଡିଆ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ପୀଠରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ବୈତରଣୀ ଓ ସାଳନ୍ଦୀ ନଦୀର ତିନିତର, ମୁଆଁ ଓ ଧାନଖଣିଆ ଘାଟ ଦେଇ ନଦୀପାରି ହୋଇ ଆସୁଥିବା କାଉଡିଆଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀଘାଟର ଉଭୟ ପାର୍ଶ୍ୱରେ ପୁଲିସ ମୁତୟନ ରହିଥିବା ବେଳେ ନଦୀରେ ପଇଁତରା ମାରିଥିଲେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ। ଏପଟେ ଶୃଙ୍ଖଳିତ ଜଳଲାଗି ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ ସହ ମନ୍ଦିର ଭିତରେ ଓ ବାହାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅଧିକ ସଂଖ୍ୟକ କାଉଡିଆଙ୍କ ସମାଗମ ହୋଇଥିବାରୁ ଜଳାଲାଗି ସମୟରେ ଦୀର୍ଘସମୟ ଧରି ଠେଲାପେଲା ଲାଗି ରହିଥିଲା। ଅନ୍ୟପଟେ ରବିବାର ରାତିରୁ ଭଦ୍ରକ-ଆଖଣ୍ଡଳମଣି ରାସ୍ତାରେ ଟ୍ରାଫିକ ଜାମ ଯୋଗୁଁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ଫଳରେ କାଉଡିଆ ଭକ୍ତ ନାନା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ସେହିପରି ପୀଠର ପ୍ରବେଶପଥ ପାନ୍ଥନିବାସଠାରୁ ମେଡିକାଲ ଛକ ଓ ତିହିଡିପଆରଡି ରାସ୍ତାର ଗୁଡିଆସାହି ଗଳି ଆଦି ଅନେକ ରାସ୍ତା ଅନ୍ଧକାର ହୋଇଥିବାରୁ କାଉଡିଆ ନାନା ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଖାଲଖମା ରାସ୍ତା ମରାମତି କରାଯାଇ ନ ଥିବାରୁ ବହୁ ଅସୁବିଧାରେ ଚାଲିଚାଲି ଆସିଥିଲେ କାଉଡ଼ିଆ। ଭକ୍ତଙ୍କୁ ଖାଲଖମା ରାସ୍ତା ସାଙ୍ଗକୁ ଅନ୍ଧାର ରାସ୍ତାରେ ସରିସୃପ ଭୟ ଘାରିଥିଲା।

## ସାପ କାମୁଡ଼ାରେ ୨ କାଉଡ଼ିଆ ଗୁରୁତର

**ଭଦ୍ରକ/ଆରଡି, ୨୧।୭(ସମିସ):** ପବିତ୍ର ଶ୍ରାବଣ ମାସରେ ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କରିବା ପାଇଁ ଧାମନଗର ଓ ବାଲେଶ୍ୱର ଅଞ୍ଚଳରୁ ଆସିଥିବା ୨ କାଉଡ଼ିଆ ଭକ୍ତଙ୍କୁ ଏକ ସାପ କାମୁଡିବାରୁ ସେମାନେ ଚେତାଶୂନ୍ୟ ହୋଇ ତଳେ ପଡ଼ି ଯାଇଥିଲେ। ଧାମନଗର ଅଞ୍ଚଳର କାଶୀନାଥ ସାମଲ ଓ ଅନ୍ୟ ଜଣେ ବାଲେଶ୍ୱର ଅଞ୍ଚଳର ବୋଲି ଜଣାଯାଇଛି। ନିକଟରେ ଥିବା ସାଥୀ କାଉଡ଼ିଆ ଖବର ଦେବା ପରେ ତତ୍‌କ୍ଷଣାତ ମନ୍ଦିର ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ଆରଡି ମେଡିକାଲ ଓ ପରେ ଭଦ୍ରକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ରବିବାର ରାତିରେ ଆରଡି ନିକଟ ଶୀତଳପୁର ଗାଁର କମଳିନୀ ପରିଡ଼ାଙ୍କୁ ଏକ ସାପ କାମୁଡିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଆରଡି ମେଡିକାଲ ଓ ପରେ ଭଦ୍ରକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ତଳିଆ ଅଞ୍ଚଳରେ ବନ୍ୟାଜଳ ଜମି ରହିବା ଫଳରେ ବହୁ ବିଷଧର ସାପ ପୀଠ ସମେତ ଆଖପାଖ ଅଞ୍ଚଳରେ ବୁଲୁଛନ୍ତି; ହେଲେ ପୀଠର ମୁଖ୍ୟରାସ୍ତା ସହ ସାହି ରାସ୍ତା ଅନ୍ଧାର ରହୁଥିବାରୁ ସ୍ଥାନୀୟ ଲୋକଙ୍କ ସହ ଆଗନ୍ତୁକ କାଉଡ଼ିଆ ଭକ୍ତ ଓ ପର୍ଯ୍ୟଟକମାନେ ଭୟରେ ଯାତାୟତ କରୁଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ୨୭ରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

**ଭଦ୍ରକ, ୨୧।୭(ସମିସ):** ଆସନ୍ତା ୨୭ ତାରିଖ ରବିବାର ଭଦ୍ରକ ନଳାଙ୍ଗ ସ୍ଥିତ ଅଦାଲତ ପରିସରରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ ଚୂଡ଼ାନ୍ତ ଓ ଅମଳ ଯୋଗ୍ୟ। ଦୀର୍ଘ ଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସହିତ ଯୋଗଯୋଗ କରିପାରିବେ ବୋଲି ଜଣାଯାଇଛି।

## ଖରିଫ ଧାନ କ୍ରୟ ପଞ୍ଜୀକରଣରେ ସମସ୍ୟା; ସମାଧାନ ଦାବି



**ଭଣ୍ଡାରିପୋଖରୀ, ୨୧।୭(ସମିସ):** ଚଳିତ ବର୍ଷ ଖରିଫ ଧାନକିଣା ପାଇଁ ଗତ ୧୯ ତାରିଖରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାର ସମୟ ସୀମା ମାତ୍ର ୨୫ ଦିନ ଧାର୍ଯ୍ୟ କରାଯାଇଛି। ହେଲେ ଚଳିତ ବର୍ଷ ପଞ୍ଜୀକରଣ ନିମନ୍ତେ ବହୁ ଜଟିଳତା ଦେଖାଦେଇଛି। ଜମି ପଟ୍ଟାର ମାଲିକ ମୃତ ହୋଇଥିଲେ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଅଥବା ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଆଧାରରେ କେବଳ ପଞ୍ଜୀକରଣ କରାଯାଇପାରିବ ବୋଲି ନିୟମାବଳୀରେ କୁହାଯାଇଛି। ପଞ୍ଜୀକରଣ କରିଥିବା ଚାଷୀମାନେ ମଣ୍ଡି ଅଥବା ସମିତିରେ ଫର୍ମ ଦାଖଲ କରିବେ ଓ ଏହି ଫର୍ମ ଅନଲାଇନ ହେବା ପରେ ଦାଖଲ ଫର୍ମକୁ ଫେରାଇ ନେବେ ବୋଲି କୁହାଯାଇଛି। ବହୁ ପଟ୍ଟାଦାର ମାଲିକମାନେ ଏବେ ମୃତ ହୋଇ ସାରିଥିବାରୁ ଏବେ କମ ସମୟ ମଧ୍ୟରେ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ହାସଲ କରିବା ସମ୍ଭବ ନୁହେଁ। ଏହାର ବିକଳ୍ପ ଭାବେ ରାଜସ୍ୱ ନିରୀକ୍ଷକଙ୍କ ରପୋର୍ଟ ଗ୍ରହଣ କରାଯିବ। ହେଲେ ରାଜସ୍ୱ ନିରୀକ୍ଷକମାନେ ତହସିଲଦାରଙ୍କ ନିର୍ଦ୍ଦେଶ ବିନା ରିପୋର୍ଟ ଦେବାକୁ ମନା କରିଦେଇଛନ୍ତି ବୋଲି ଚାଷୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପଞ୍ଜିକରଣ ପାଇଁ ଧାର୍ଯ୍ୟ ସମୟସୀମା କମ ଥିବାରୁ ସରକାର ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ପ୍ରଣାଳୀ ନିଶ୍ଚିତ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି।

## ବୃଦ୍ଧି ପାଉଛି ସମସ୍ୟା; ବଢ଼ୁଛି ଅଭିଯୋଗ | ଜିଲ୍ଲାପାଳଙ୍କ ଜନଶୁଣାଣିରେ ୧୬୭ ଅଭିଯୋଗ



**ଭଣ୍ଡାରିପୋଖରୀ/ବାରିକପୁର, ୨୧।୭(ସମିସ):** ସମ୍ପ୍ରତି ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ନିକଟରେ ଏନେଇ ଆପତ୍ତି ଅଭିଯୋଗ ମାନ ବଢୁଥିବା ଦେଖାଯାଇଛି। ଯାହାକି ଆଜି ଭଣ୍ଡାରିପୋଖରୀରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିରରେ ସ୍ପଷ୍ଟ ପ୍ରମାଣିତ ହୋଇଛି। ଆଜି ଜନ ଶୁଣାଣି ଶିବିରରେ ସର୍ବାଧିକ ୧୬୭ଟି ଅଭିଯୋଗ ଆଗତ ହୋଇଥିବାବେଳେ ପ୍ରଶାସନିକ ଅଧିକାରୀ ଏହାକୁ ସମାଧାନ କରିବାରେ ନାକେଦମ ହୋଇଥିଲେ। ପୂର୍ବରୁ ଏକକାଳୀନ ଏତେଗୁଡ଼ାଏ ଆପତ୍ତି ଅଭିଯୋଗ କେବେ ହୋଇନଥିବା ବେଳେ ଆଜିର ଜନ ଅଭିଯୋଗ ଶୁଣାଣି ଶିବିର ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଆୟୋଜିତ ଶିବିରରେ ଭତ୍ତା ଓ ରାସନ କାର୍ଡ ସମ୍ବନ୍ଧରେ ସର୍ବାଧିକ ୧୦୦ରୁ ଅଧିକ ଅଭିଯୋଗ ହୋଇଛି। ଯାହାର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ପ୍ରଧାନମନ୍ତ୍ରୀ ଆବାସ ଗୃହ, ମନେରେଗା, ଜଳ ନିଷ୍କାସନ, ଜଙ୍ଗଲ, ଶିକ୍ଷା ପ୍ରମୁଖ ବିଭାଗରେ ଅନେକ ଗୁଡିଏ ଅଭିଯୋଗ ହୋଇଥିଲା। ସେହିଭଳି ମାଳଦା ପଞ୍ଚାୟତ ଜଳହରି ଅଙ୍ଗନବାଡି କେନ୍ଦ୍ର ପାଇଁ କର୍ମୀ ନିଯୁକ୍ତିରେ ଅନିୟମିତତା, ଦକ୍ଷିଣବାଡ଼ଠାରେ ଜବରଦଖଲ ହୋଇଥିବା ଜମିକୁ କୋର୍ଟ ନିର୍ଦ୍ଦେଶ ମୁତାବକ ଉଚ୍ଛେଦ କରା ନ ଯିବା, କେନାଲ ଓ ଛତାବର ନୀଳକ ରାସ୍ତା ବିପର୍ଯ୍ୟସ୍ତ ଆଦି ସମ୍ପର୍କରେ ଅଭିଯୋଗ ମାନ ହୋଇଥିଲା। ଯାହାକୁ ନେଇ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ସେଗୁଡିକୁ ତୁରନ୍ତ ଫଇସଲା ପାଇଁ ଅଧିକାରୀଙ୍କୁ କହିଥିଲେ। ଶିବିରରେ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିବା ବେଳେ ଜନୈକ ସାମ୍ବାଦିକଙ୍କ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ତୁରନ୍ତ ରେଡ଼କ୍ରସ ପାଣ୍ଠିରୁ ୨୫ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା। ଶିବିରରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ସାମଲ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଡ଼ିଓ ଦେବଦତ ଦାସ, ତହସିଲଦାର ରୋଜାଲିନ ବେହେରା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁଧୀର ରଞ୍ଜନ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ




**ବାରିକପୁର, ୨୧।୭(ସମିସ):** ଗ୍ରାମାଞ୍ଚଳରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିଗିଡି ଯାଉଥିବା ଜଣାପଡ଼ିଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କିଛି ଦିନ ହେବ ଜନସାଧାରଣ ଠିକ୍‌ଭାବେ ସେବା ପାଉନାହାନ୍ତି। ମୁଖ୍ୟ ଚିକିତ୍ସକ ବିଭାଗୀୟ ଅଧିକାରୀଙ୍କ ଆଦେଶ ଆଧାରରେ ଅଧା ସମୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରୋଗୀ ଦେଖୁଛନ୍ତି। ଜଣେ ମାତ୍ର ଭରସା ଥିବା ଜନୈକ ଫାର୍ମାସିଷ୍ଟଙ୍କୁ କିଛି ଦିନ ପୂର୍ବରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବଦଳି କରାଯାଇଛି। ତେଣୁ ସ୍ୱାସ୍ଥ୍ୟ ସେବା ଏକପ୍ରକାର ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ଗ୍ରାମବାସୀ ଏନେଇ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଆଜି ଧାରଣା ଦେଇଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଖବର ପହଞ୍ଚିଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁଧିର କୁମାର ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର କମଳାକାନ୍ତ ସ୍ୱାଇଁଙ୍କୁ ତୁରନ୍ତ ଧାରଣା ସ୍ଥଳକୁ ଯିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ସ୍ୱାଇଁ ତୁରନ୍ତ ରହଣିଆ ଠାରେ ପହଞ୍ଚି ଧାରଣାରତ ମହିଳା ଓ ପୁରୁଷଙ୍କୁ ବୁଝାସୁଝା କରିଥିଲେ। ବଦଳି ହୋଇ ଯାଇଥିବା ଫାର୍ମାସିଷ୍ଟ ସପ୍ତାହର ତିନି ଦିନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରୋଗୀ ଦେଖବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ମେଡିକାଲ ଛାତରୁ ଖସିଲା ପ୍ଲାଷ୍ଟରଖଣ୍ଡ | ବର୍ତ୍ତିଲେ ଜଣେ କର୍ମଚାରୀଙ୍କ ସମେତ ୩ ରୋଗୀ

**ଭଦ୍ରକ/ଆରଡି, ୨୧।୭(ସମିସ):** ଭଦ୍ରକ ଜିଲ୍ଲା ଆରଡି ପୀଠରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗତ ୬ମାସ ତଳେ ନିର୍ମିତ ହୋଇଥିବା ମେଡିକାଲ କୋଠାରେ ରୋଗୀ ଚିକିତ୍ସା ଚାଲୁଥିବା ସମୟରେ ହଠାତ୍ ଛାତରୁ ଖସିଥିଲା ବଡ଼ ପ୍ଲାଷ୍ଟରଖଣ୍ଡ। ଫଳରେ ଜଣେ କର୍ମଚାରୀଙ୍କ ସହିତ ୩ ଜଣ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସୋମବାର ଶ୍ରାବଣୀ ଉତ୍ସବ ପାଇଁ ମେଡିକାଲ ପରିସର ଭିଡ ରହିଥିବା ବେଳେ, ଏପରି ଘଟଣା ଘଟିବା ପରେ ଭୟଭୀତ ହୋଇ ରୋଗୀ ଓ କର୍ମଚାରୀ ବାହାରକୁ ପଳାଇ ଆସିଥିଲେ। ସୂଚନା ଯୋଗ୍ୟ ଯେ, , ଗତ ୬ମାସ ହେବ ନବ ନିର୍ମିତ କୋଠାକୁ ସ୍ଥାନାନ୍ତର ହୋଇଥିଲା ମେଡିକାଲ। ହେଲେ ଆଜି ଏପରି ଘଟଣା ଘଟିବା ପରେ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଏପରି ଘଟଣା ଘଟିଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ଛାଡି ପଳାଇ ଯାଇଥିଲେ।





## ପାକ୍ସ ବୈଠକରେ ଗୋଦାମ ଘର ନିର୍ମାଣ ସ୍ଥାନକୁ ନେଇ ଅସନ୍ତୋଷ

**ଭଣ୍ଡାରିପୋଖରୀ, ୨୧।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକର ସରସଦା ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ପରିଦେ ବୈଠକ ସଭାପତି ଅବିନାଶ ରାଉତଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମିତିର ଗୋଦାମଘର ସ୍ଥାନ ନିରୂପଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ ସମିତିର ପରିଚାଳନା ନିର୍ଦ୍ଦେଶକ ନାଗେଶ୍ୱର ବେହେରା, ଜିତେନ୍ଦ୍ର ନାୟକ, ହିମାଂଶୁ ଧଳ, ବିଜୟ ସାମଲ, ଗିରିଶ ରାଉତ, ଗୋଲାପି ସାହୁ, ପ୍ରଣତୀ ସାମଲ, ମଧୁସୂଦନ ଜେନା ଓ ଗୋବର୍ଦ୍ଧନ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମିତିର ଗୋଦାମ ଘର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ମିଳିଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ନିମନ୍ତେ ସମିତି ଠାରୁ ୫ କିଲୋମିଟର ଦୂରରେ ସ୍ଥାନ ନିରୂପଣ କରାଯାଇଛି। ଏହା ସମିତି ସ୍ୱାର୍ଥ ଅନୁକୂଳ ନୁହେଁ ବୋଲି ବୈଠକରେ ନିଷ୍ପତ୍ତି ହୋଇ ପୁର୍ନବିଚାର କରାଯିବାକୁ ଦାବି ହୋଇଥିଲା।

## ଉତ୍ତରବାହାରେ ଶହୀଦ ଦିବସ ପାଳିତ

**ତିହିଡି, ୨୧।୭(ସମିସ):** ତିହିଡ଼ି ବ୍ଲକ ଅନ୍ତର୍ଗତ ଅଟକ ପଞ୍ଚାୟତ ଉତ୍ତରବାହା ଗ୍ରାମରେ ଶହୀଦ ତାପସ ମଲ୍ଲିକଙ୍କ ଜନ୍ମ। ସେ ୨୦୦୫ ମସିହାରେ ଆତଙ୍କବାଦୀଙ୍କ ସହ ଲଢୁଥିବା ସମୟରେ ଦେଶ ମାତୃକା ପାଇଁ ଶହୀଦ ହୋଇଥିଲେ। ତାଙ୍କର ଶହୀଦ ଦିବସ ତିହିଡ଼ିର ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପାଳିତ ହୋଇଯାଇଛି। ଆଜିର ୨୦ତମ ଶହୀଦ ଦିବସରେ ତାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଶହୀଦ ତାପସ ମଲ୍ଲିକଙ୍କ ସାହାସିକତା ଏବଂ ବଳିଦାନ ଯୁବପୀଢ଼ିଙ୍କ ପାଇଁ ଏକ ପ୍ରେରଣା। ଉକ୍ତ କାର୍ଯ୍ୟକ୍ରମରେ ଶହୀଦଙ୍କ ପିତା ଅକ୍ଷୟ ମଲ୍ଲିକ, ସଙ୍ଗଠନର ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ସଂଯୋଜକ ଆଇନଜୀବି ନୀଳମାଧବ ସେନାପତି, ସମାଜସେବୀ ମନୋଜ ସେନାପତି, କୋଷାଧ୍ୟକ୍ଷ ସାକିରୁଦ୍ଦିନ ଖାଁ, ସୌମ୍ୟ ଗୋପାଳ ନାୟକ, ସୟଦ ରଫିକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଶାଖା କେନାଲରେ ପାଣି ଆସୁନି; ଚାଷୀ ହତାଶ

**ବାରିକପୁର, ୨୧।୭(ସମିସ)**

ଚଳିତ ବର୍ଷ ଖରିଫ ଧାନ ଫସଲ ପାଇଁ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଧାନତଳି ପକାଇବା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ଷା ପୂର୍ବରୁ ପଡ଼ିଥିବା ଧାନ ତଳି ଏବେ ପ୍ରାୟତଃ ଗଛ ହୋଇଗଲାଣି। ତେଣୁ ତଳି କିଆରି ପାଇଁ ଏବେ ପାଣିର ପ୍ରଚୁର ଆବଶ୍ୟକତା ରହିଛି। ଦୁଇ ଚାରି ଦିନ ହେବ

**ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ଚାଷୀ**

ବର୍ଷା ନ ଥିବା ଯୋଗୁଁ ଧାନ ତଳି ପଡ଼ିଥିବା ଚାଷ ଜମିଗୁଡିକ ଶୁଖି ଗଲାଣି। ଯାହାକୁ ନେଇ ଚାଷୀ ହତୋତ୍ସାହିତ ହୋଇଛନ୍ତି। ଏହି ସମୟରେ କେନାଲ ପାଣି ଆସୁ ନ ଥିବାରୁ ଚାଷୀ ନିରାଶ ହୋଇଛନ୍ତି। ସୂଚନା ମୁତାବକ, ବ୍ଲକର ସରସଦା, କୋରିଗାଁ, ରହଣିଆ, ମାଳଦା ପ୍ରମୁଖ ପଞ୍ଚାୟତ ଅଞ୍ଚଳକୁ କେନାଲ ପାଣି ମାଡୁନାହିଁ। ଯାହାକୁ ନେଇ ଚାଷୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଧାମନଗର ଜଳ ସମ୍ପଦ ବିଭାଗ ପକ୍ଷରୁ ତିନି ନମ୍ବର ମୁଖ୍ୟ କେନାଲ ସମେତ ୩ ନମ୍ବର 'କ' ଓ 'ଖ' କେନାଲ ଜରିଆରେ ଚାଷ ଜମିଗୁଡ଼ିକୁ ପାଣି ଯୋଗା ଯାଇଥାଏ। ତିନିଟି ମୁଖ୍ୟ କେନାଲର ବେଡ କାଟିବା ବିନା ଅତି ତରବରିଆ ଭାବେ ଘାସ ଲଟା ସଫା ହୋଇଥିବା ବେଳେ ସେଥିରେ ଏବେ ପାଣି ବୁନ୍ଦାଏ ନ ଆସିବା ପରିତାପର ବିଷୟ ପାଲଟିଛି। ହାଇଲେବୁଲ କେନାଲରେ ପାଣି ସମ୍ପୂର୍ଣ୍ଣ ଛଡା ଯାଇଥିଲେ ସୁଦ୍ଧା ଶାଖା କେନାଲରେ ପାଣି ଆସୁନାହିଁ। ଅନ୍ୟପଟେ ଅନେକ ମାଇନର ଓ ସବମାଇନର ଏଯାଏଁ ଗୁଳ୍ମ ଲତାରେ ଭର୍ତ୍ତି ହୋଇଛି। ସେଗୁଡିକୁ ପୁନରୁଦ୍ଧାର ପାଇଁ ବିଭାଗ ଏଯାଏଁ ତତ୍ପରତା ପ୍ରକାଶ କରିନାହିଁ। ଏପରି ସ୍ଥଳେ ଚାଷୀ ପାଣି ବିନା ହତାଶ ହୋଇଛନ୍ତି। ବିଶେଷ କରି ମାଳଦା, ରାଢୋ, ରହଣିଆ, ପୁରସ୍ତମପୁର, ଚତୁର୍ଭୁଜପୁର, କଲ୍ୟାଣପୁର, ଶ୍ୟାମସୁନ୍ଦରପୁର, ହାଜିପୁର, ସରପଦା, ବେଲଗଡ଼ିଆ, ନୂଆପୋଖରୀ ପ୍ରମୁଖ ଅଞ୍ଚଳରେ ତଳି ପଡ଼ିଥିବା ଚାଷ ଜମିଗୁଡିକ ଶୁଖିଲା ପଡ଼ିଥିବା ଅଭିଯୋଗ ହୋଇଛି। ଏ ନେଇ କିଛି ଚାଷୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆପତ୍ତି କରିଛନ୍ତି। ଏ ନେଇ କେନାଲ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ମତାମତ ନେବାରୁ ବର୍ଷା ଯୋଗୁଁ କେନାଲ କବାଟ ଖୋଲିବା ବିଳମ୍ବିତ ହୋଇଛି। ଏବେ ବର୍ଷା ନ ଥିବାରୁ ଚାଷୀ ପାଣି ପାଇଁ ଜଣାଇଛନ୍ତି। ଏହାଛଡା ମାଇନର ଓ ସବ ମାଇନରଗୁଡ଼ିକୁ ପାଣି ପଞ୍ଚାୟତ ଜରିଆରେ ସଫା କରି ଯଥାଶୀଘ୍ର ସମ୍ପୃକ୍ତ ଅଞ୍ଚଳରେ କେନାଲ ପାଣି ପହଞ୍ଚିଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।



## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବାରିକପୁର, ୨୧।୭(ସମିସ):** ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ଛଡାବର ନିକଟସ୍ଥ ଏକ ଢାବା ନିକଟରେ ଗୋଟିଏ ବାଇକ୍ କୁ ଟ୍ରକ ଧକ୍କା ଦେବାରୁ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଯୁବକ ମଧ୍ୟ ଏଥିରେ ଗୁରୁତର ଆହତ ହୋଇ କଟକ ମେଡିକାଲଠାରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ସରସଦା ପଞ୍ଚାୟତ ନେନ୍ତିପୁର ଗାଁର ଦିଲ୍ଲୀପ ଜେନାଙ୍କ ପୁଅ ସାଗର (୨୨) ଗତ ରବିବାର ରାତି ପ୍ରାୟ ଦଶଟା ବେଳେ ଛତାବର ପଟୁ ଦାଦା ପୁଅ ଭାଇ ରଞ୍ଜିତକୁ ବାଇକ୍‌ରେ ବସାଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଟ୍ରକ ବାଇକ୍‌କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣା ଯାଇଥିବା ବେଳେ ଡାକ୍ତର ସାଗରକୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏକ ମାମଲା ରୁଜୁ କରିଛି। ଏଠାରେ ସୂଚିତ ଛତାବରଠାରେ ଥିବା ଢାବାଗୁଡିକ ପାର୍ଶ୍ୱରେ ବେଆଇନ ପାର୍କିଂ ହେଉଥିବା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ମାନ ଘଟୁଛି। ତେଣୁ ଏହା ଉପରେ ପ୍ରଶାସନିକ ଅଧିକାରୀ ମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।





# ଟଙ୍କା ଦେଇ ପୁଲିସ ଖୋଜୁଛି ସାକ୍ଷୀ

ଭୁବନେଶ୍ୱର, ୨୧।୭ (ସମିସ)

ରାଜଧାନୀରେ ହତ୍ୟା, ଦୁଷ୍କର୍ମ, ଲୁଟ୍, ଅପହରଣ ଆଦି ସମ୍ବେଦନଶୀଳ ମାମଲା ରୁଜୁ ହେଉଛି। ପୁଲିସ ଏହି ସବୁ ଅପରାଧରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରି ଜେଲ୍ ପଠାଉଛନ୍ତି। ବଡ଼କଥା ହେଲା ପୁଲିସର ଯୋଗାଡିଆ ସାକ୍ଷୀ ପାଇଁ ଅଭିଯୁକ୍ତମାନେ ଖସି ଯାଉଛନ୍ତି। କାରଣ ଅପରାଧ ଘଟିଥିବା ଘଟଣାସ୍ଥଳରେ ପୁଲିସ ସାକ୍ଷୀ ଯୋଗାଡ କରି ସେଠାରୁ ବିଭିନ୍ନ ସାମଗ୍ରୀ ଜବତ କରିଥାଏ। କିନ୍ତୁ ଅପରାଧ ଘଟିଥିବା ସ୍ଥାନରୁ ପୁଲିସ ପ୍ରମାଣ ସ୍ୱରୂପ ବିଭିନ୍ନ ସାମଗ୍ର ଜବତ କରିଥିଲେ ମଧ୍ୟ ସାକ୍ଷୀ ପକାଇବାକୁ କେହି ଲୋକେ ମିଳୁନାହାନ୍ତି। ପୁଲିସ ଯୋଗାଡ଼ କରି ସେଠାରେ କିଛି ଲୋକଙ୍କ ସାକ୍ଷୀ ପକାଉଛନ୍ତି। କିନ୍ତୁ କୋର୍ଟରେ ଶୁଣାଣି ସମୟରେ ଏହି ଲୋକମାନଙ୍କ ଦେଖା ମିଳୁନି। ଯଦି କେହି କୋର୍ଟକୁ ସାକ୍ଷୀ ଦେବାକୁ ଯାଉଛନ୍ତି ସେମାନଙ୍କର କିଛି ମନେ ନ ଥିବା କହୁଛନ୍ତି। ଯେଉଁଥି ପାଇଁ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି। ଏପରିକି ସାକ୍ଷୀଙ୍କୁ ସୁରକ୍ଷା ଦେବାକୁ ଯୋଜନା ରହିଛି।

ଦଣ୍ଡ ହାର ଅପେକ୍ଷା ନିର୍ଦ୍ଦୋଷରେ ଖସି ଯାଉଥିବା ଅଭିଯୁକ୍ତଙ୍କ ହାର ଦୁଇଗୁଣା ଥିବା ଏନ୍‌ସିଆରବି ରିପୋର୍ଟରୁ ସ୍ପଷ୍ଟ ହେଉଛି। ଏନ୍‌ସିଆରବି ଅନୁସାରେ, ରାଜ୍ୟରେ ୨୦୨୧ରେ ୫୯ ହଜାର ୨୨୯ ଜଣ ଗିରଫ ହୋଇଥିଲେ। ସେଥିରେ ୫୫ହଜାର ୭୭୦ ଜଣ ପୁରୁଷ ରହିଥିବା ବେଳେ ସେଥିରେ ୩ ହଜାର ୪୫୯ ଜଣ ମହିଳା ରହିଥିଲେ। ସେହିପରି ୧ଲକ୍ଷ ୪୩ ହଜାର ୨୦୩ଜଣଙ୍କ ବିରୋଧରେ ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା। ୬୮୫ଜଣ ଅଭିଯୁକ୍ତ କୋର୍ଟରେ ଦଣ୍ଡିତ ହୋଇଥିଲେ। ସେଥିରେ ୬୭୯ଜଣ ପୁରୁଷ ରହିଥିବା ବେଳେ ୬ଜଣ ମହିଳା ରହିଛନ୍ତି। ବଡ଼ କଥା ହେଲା ୨୦୨୧ରେ ୧୬ ହଜାର ୯୫ଜଣ ଅଭିଯୁକ୍ତ କୋର୍ଟରୁ ନିର୍ଦ୍ଦଷରେ ଖଲାସ ହୋଇଥିଲେ। ସେଥିରୁ ୧୫ ହଜାର ୪୭୨ଜଣ ପୁରୁଷ ଥିବା ବେଳେ ୬୨୩ଜଣ ମହିଳା ରହିଛନ୍ତି। ୨୦୨୨ ଏବଂ ୨୦୨୩ରେ ୧୮ ହଜାର ନିର୍ଦ୍ଦେଶରେ ଖଲାସ ହୋଇଛନ୍ତି।



ସେହିପରି ଭୁବନେଶ୍ୱରରେ ମଧ୍ୟ ସମାନ ସ୍ଥିତି ରହିଛି। ୨୦୦୭ରୁ ୨୦୨୦ ମଧ୍ୟରେ ରାଜଧାନୀରୁ ୧୮୦୦ଜଣ ନିର୍ଦ୍ଦୋଷରେ ଖଲାଇ ହୋଇଛନ୍ତି। ୨୦୧୪ରେ ସର୍ବାଧିକ ୨୩୧ଜଣ ଏବଂ ୨୦୨୦ରେ ସର୍ବନିମ୍ନ ୨୦ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଚୋରି ଘଟଣାରେ ୧୦୯, ହତ୍ୟାକାଣ୍ଡରେ ୨୮, ଡକାୟତିରେ ୧୦, ସିନ୍ଧିଚୋରିରେ ୭୦, ଲୁଟ୍ ମାମଲାରେ ୧୫୦, ଠକେଇରେ ୬୦, ଦଙ୍ଗା କରିବା ଘଟଣାରେ ୧୧, ଦୁଷ୍କର୍ମ ମାମଲାରେ ୬୦, ମୋଟରଯାନ ଅପରାଧରେ ୯୦ ଓ ମିସ୍‌ଲାନ୍ସ ମାମଲାରେ ସର୍ବାଧିକ ୧୨୦୦ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

- ସାକ୍ଷୀ ଗୋଟାକୁ ପୁଲିସ ଦେଉଛି ୫ ରୁ ୭ ହଜାର
- ଯୋଗାଡ଼ିଆ ସାକ୍ଷୀ ପାଇଁ ଖସି ଯାଉଛନ୍ତି ଅଭିଯୁକ୍ତ
- ହତ୍ୟା, ଦୁଷ୍କର୍ମ, ଅପହରଣ ମାମଲାରେ ସାକ୍ଷୀ ଦେବାକୁ ଡରୁଛନ୍ତି
- ବୟାନ ବଦଳାଇ ଦେଉଛନ୍ତି ଅଭିଯୋଗକାରୀ
- ୧୨ ବର୍ଷରେ ରାଜଧାନୀରେ ୧୮ ଶହ ଖଲାସ

ପୂର୍ବରୁ ବିଭିନ୍ନ କୋର୍ଟରେ କୋର୍ଟ ଇନ୍ସପେକ୍ଟର ରହୁଥିଲେ। ଏମାନେ ମୁଖ୍ୟତ କେଉଁ ମାମଲାରେ ଚାର୍ଜସିଟ୍ ଦାଖିଲ ହେବ, ସଜା ପାଇଁ ସାକ୍ଷୀମାନଙ୍କୁ ଠିକ୍ ସମୟରେ କୋର୍ଟରେ ପହଞ୍ଚାଇବା। ଅଭିଯୁକ୍ତ ବିରୋଧରେ କିଭଳି ପ୍ରମାଣ ଯୋଗାଡ଼ ହୋଇଛି, ଆଉ କ'ଣ ଦରକାର ସବୁ କୋର୍ଟ ଇନ୍ସପେକ୍ଟର ବୁଝନ୍ତି। କିନ୍ତୁ ଏବେ ତାହା ହେଉନାହିଁ। ଠିକ୍ ସମୟରେ ସାକ୍ଷୀମାନେ ଆସୁନାହାନ୍ତି ଏବଂ ତଦନ୍ତ ଅଧିକାରୀ ଚାର୍ଜସିଟ୍‌ରେ ସଠିକ୍ ତଥ୍ୟ ଦେଉନାହାନ୍ତି। ଯାହାଫଳରେ ମାମଲା ଦୁର୍ବଳ ହେବା ପରେ ଅଭିଯୁକ୍ତ ଜେଲ୍‌ରୁ ଖସିଯାଉଛନ୍ତି।

ଅଭିଯୁକ୍ତମାନେ ଖସିଯିବାର ମୁଖ୍ୟ କାରଣ ହେଲା ପୀଡ଼ିତ ବା ପୀଡ଼ିତା ବୟାନ ବଦଳାଇବା। ପୁଲିସ ବୟାନ ରେକର୍ଡ କରିବା ସମୟରେ ସାକ୍ଷୀ ଯାହା କହିଥାନ୍ତି, କୋର୍ଟରେ ତାହାକୁ ବଦଳାଇ ଦେଉଛନ୍ତି। ଯେଉଁଥି ପାଇଁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି। କିନ୍ତୁ ଏବେ ଏଭଳି ନ ହେବା ପାଇଁ ସାକ୍ଷୀଙ୍କ ବୟାନ ସମୟରେ ଭିଡ଼ିଓଗ୍ରାଫି କରାଯାଉଛି। ସେହିଭଳି ଅନେକ ପୁଲିସ ଅଫିସରଙ୍କ ତଦନ୍ତ କରିବାରେ ତ୍ରୁଟି ରହିଯାଉଛି। ସେମାନେ କୋର୍ଟରେ ଦାଖଲ କରୁଥିବା ଚାର୍ଜସିଟ୍‌ରେ ଭୁଲ୍ କରୁଛନ୍ତି। ଅନେକ ସମୟରେ ଅଭିଯୁକ୍ତଙ୍କ ବିରୋଧରେ ମଧ୍ୟ ଦୃଢ ପ୍ରମାଣ ଯୋଗାଡ଼ କରି ପାରୁନାହାନ୍ତି। ବଡ଼ କଥା ହେଲା ପୁଲିସ ଡିଜି ଏକ ସର୍କ୍ୟୁଲାର ଜାରି କରିଛନ୍ତି। ତଦନୁଯାୟୀ ଯେଉଁ ପୁଲିସ ଅଫିସରଙ୍କ ଯୋଗୁଁ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲେ ଗତ ୧୫ ବର୍ଷ ମଧ୍ୟରେ ଏକାଧିକ ଅଭିଯୁକ୍ତ ନିର୍ଦ୍ଦୋଷରେ ଖସିଯାଇଥିଲେ ମଧ୍ୟ କାହାରିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

## ରାସ୍ତା ପାର୍ ବେଳେ ୧୦ ଫୁଟିଆ ଅଜଗର ଉଦ୍ଧାର

ଭିଡିଓ ଭାଇରାଲ୍‌କୁ ନେଇ ଉଠିଲା ପ୍ରଶ୍ନ

ନନ୍ଦନକାନନ, ୨୧।୭ (ସମିସ): ରାସ୍ତା ପାର ହେଉଥିବା ଏକ ବିରାଟ କାୟ ଅଜଗରକୁ ଉଦ୍ଧାର କରି ସାପ ଧରାଳି ତାକୁ ନେଇ ଏକ ଗ୍ରାମରେ ଖୋଲି ଭିଡିଓ କରୁଥିବା ଦୃଶ୍ୟ ଭାଇରାଲ ହେଉଛି। ଯେଉଁଥିରେ ଜଣେ ସାପ ଉଦ୍ଧାରକାରୀ ସାପ ଟିକୁ ରଖିଥିବା ମୁଣାରୁ ବାହାର କରି ତା ବେକ ଦେହରେ ଗୁଡେଇ ହେଉଛି। ମିଳିଥିବା ଖବର ଅନୁଯାୟୀ ସୋମବାର ସନ୍ଧ୍ୟାରେ ନନ୍ଦନକାନନ ନିକଟ ନନ୍ଦନକାନନ ରୋଡ ପାର ହେଉଥିବା ଏକ ବିରାଟ ଅଜଗର ସାପକୁ ଲୋକ ଦେଖିବାକୁ ପାଇଥିଲେ। ସାପଟି ଲମ୍ବା ପ୍ରାୟ ୧୦ଫୁଟ ପାଖା ପାଖି ହେବ। ଲୋକେ ସ୍ନେକ ହେଲ୍ପ ଲାଇନରେ ଖବର ଦେଇଥିଲେ। ସାପ ଉଦ୍ଧାରକାରୀ ଆସି ସାପଟିକୁ ଧରି ମୁଣାରେ ପୁରେଇ ନେଇଥିଲେ। ଏହାକୁ ସୁରକ୍ଷିତ ସ୍ଥାନରେ ଛାଡିବା ବଦଳରେ ଉକ୍ତ ସାପ ଧରାଳି ନିକଟସ୍ଥ ଏକ ଗାଁକୁ ଯାଇ ସାପକୁ ମୁଣାରୁ ବାହାର କରି ଭିଡିଓ କରିଥିଲେ। ଯେଉଁ ଭିଡିଓରେ ଅଜଗର ସାପଟି ଉକ୍ତ ସାପ ଧରାଳିଙ୍କୁ ଦେହ ବେକରେ ଗୁଡେଇ ହେଉଥିଲା। ଏହାକୁ କିଛି ଲୋକ ଭିଡିଓ କରୁଥିବା ଭାଇରାଲ ଭିଡିଓରୁ ଦେଖିବାକୁ ମିଳିଛି।



## ବାଲି ବୋଝେଇ ହାଇୱା ଜବତ; ୩ ଅଟକ

ବାଲିଅନ୍ତା, ୨୧।୭ (ସମିସ): ବାଲିଅନ୍ତା ଥାନା ପୁଲିସ ସଦଳବଳେ ଗତକାଲି ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଟଙ୍କପାଣି ବ୍ରିଜ ଏବଂ ରଙ୍ଗବଜାର ମଧ୍ୟରେ ବେଆଇନ ଭାବେ ବାଲି ନେଇ ଯାଉଥିବା ୩ଟି ହାଇୱା ଜବତ କରିଛି। ଘଟଣାରେ ପୁଲିସ ୩ ଚାଳକଙ୍କୁ ଅଟକ ରଖି ପଚରା ଉଚରା କରୁଛି।



ଶ୍ରାବଣ ଦ୍ୱିତୀୟ ସୋମବାରରେ ଶ୍ରୀ ଲିଙ୍ଗରାଜ ମନ୍ଦିର ପରିସରରେ ଜଳଲାଗି ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି (ଫଟୋ: ଦୀପକ)

## ଜବରଦଖଲ ଉଚ୍ଛେଦ ବେଳେ ଭାଙ୍ଗିଲା ଘର, ପାଚେରି

ଭୁବନେଶ୍ୱର, ୨୧।୭ (ସମିସ): ପାଣ୍ଡରା ଛକ ନିକଟରେ ଦୁଇ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ କରାଯାଇଥିଲା। ଏଠାରେ ମଜଭୁତ କଂକ୍ରିଟ୍ ନିର୍ମାଣ ସହ ଆଜବେଷ୍ଟସ୍ ଘର ମଧ୍ୟ ନିର୍ମାଣ ବି ହୋଇଥିଲା। ଏପରିକି ଲୋକେ ସରକାରୀ ଜମିରେ ବିଭିନ୍ନ ସାମାଜିକ ଏବଂ ବାଣିଜ୍ୟିକ ଅନୁଷ୍ଠାନ ମଧ୍ୟ ଖୋଲିଛନ୍ତି। ଏଠାରେ ଏକ ବୃଦ୍ଧାଶ୍ରମ ବି ଚାଲିଥିଲା। ଏପରିକି କିଛି ଲୋକେ ଘର କରି ଦୀର୍ଘ ସମୟ ଧରି ଭଡା ଆଦାୟ କରୁଥିଲେ। ଜିଏ ବିଭାଗର ରାଜଧାନୀର ଛାତି ଉପରେ ଏତେ ବଡ଼ ଜମି ଜବରଦଖଲ ହୋଇଥିବା ଜଣାପଡ଼ିବା ପରେ ଏଠାରୁ ଜବରଦଖଲ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ବିଡିଏ ଉଚ୍ଛେଦକାରୀ ଦଳ ସୋମବାର ଠାରୁ ଜବରଦଖଲ ମୁକ୍ତ କରିବା କାମ ଆରମ୍ଭ କରିଥିଲା।

ମାଟିରେ ମିଶିବ ୫୦ ଘର

ବିନା ପୁଲିସ ସହାୟତାରେ ବିଡିଏ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମ ଦିନରେ ୩ କଂକ୍ରିଟ୍ ଘର ଭଙ୍ଗା ଯାଇଛି। ଏହି ଉଚ୍ଛେଦରେ ୩୦୦ ବର୍ଗ ଫୁଟର ପାଚେରି, ୯ଟି ଆଜବେଷ୍ଟ ଘର, ଦୁଇଟି ଶୌଚାଳୟ, ୫ଟି ଲୁହା ଗେଟ, ଗୋଟିଏ ଟିଣ ଘରର ସମ୍ପ୍ରସାରଣ ଅଂଶ, ୫ଟି ଟିଣ ନିର୍ମିତ ଘର, ୩ଟି ଛାତ ଘର ଏବଂ ୧୦୦ ବର୍ଗଫୁଟର ବାଉଁଶ ନିର୍ମିତ ବାଡ଼କୁ ମାଟିରେ ମିଶାଇ ଦିଆଯାଇଛି। ପ୍ରାୟ ୨୦୦ ଡିସିମିଲ ଜମିରୁ ଉଚ୍ଛେଦ ହୋଇଥିବା ବେଳେ ବାକି ଜମିରୁ ମଙ୍ଗଳବାର ଉଚ୍ଛେଦ କରାଯିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ଏହି ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଏବଂ ଜିଏର ଆରଆଇ ଓ ଅମିନ ପ୍ରମୁଖ ଉପସ୍ଥିତ ଥିଲେ।

ଉକ୍ତ ସରକାରୀ ଜମିରେ ୫୦ରୁ ଊର୍ଦ୍ଧ୍ୱ ବିଲ୍ଡିଂ ରହିଛି। କେଉଁଠି ଗୋଟିଏ ମହଲା ଆଉ କେଉଁଠି ୨ରୁ ୩ ମହଲା ବିଶିଷ୍ଟ ବିଲ୍ଡିଂ ରହିଛି। ଯାହାକୁ ଆଗାମୀ ଦିନରେ ଭଙ୍ଗାଯିବ। ତେବେ ବୃଦ୍ଧାଶ୍ରମର କିଛି ଅଂଶ ଭଙ୍ଗା ଯାଇଥିଲା ବେଳେ ଆଗମୀ ଦିନରେ ସମ୍ପୂର୍ଣ୍ଣ ଭାବେ ଭଙ୍ଗାଯିବ। ବୃଦ୍ଧ ଏବଂ ବୃଦ୍ଧା ମାନଙ୍କୁ ସ୍ଥାନାନ୍ତର ପାଇଁ କିଛି ସମୟ ଦିଆଯାଇଛି ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

### ଅନାଥ ପିଲାଙ୍କୁ ନେଇ ପ୍ରଶ୍ନବାଚୀ

ବୃଦ୍ଧାଶ୍ରମ ବିଲ୍ଡିଂରେ କିଛି ପିଲାଙ୍କୁ ଦେଖିବାକୁ ମିଳିଥିଲା। ଏମାନେ କିଏ। କାହିଁକି ଏଠାକୁ ଆସିଛନ୍ତି। ଅନାଥ ପିଲାଙ୍କୁ ରଖିବା ପାଇଁ ଅନୁମତି ରହିଛି କି ନାହିଁ। କେଉଁ ଉଦ୍ଦେଶ୍ୟରେ ପିଲାମାନଙ୍କୁ ଏଠାରେ ରଖାଯାଇଛି। ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ବୃଦ୍ଧା ଶ୍ରମ ପାଚେରି ଭଙ୍ଗା ହେବା ସମୟରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଶିଶୁ ଉପର ମହଲାରେ ରହୁଥିବ ପୁଲିସକୁ ଖବର ମିଳିଥିଲା। ପୁଲିସ ଉପର ମହଲାକୁ ଯାଇ ଉକ୍ତ ଶିଶୁମାନଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରିଛି। ଚାଇଲ୍ଡ ଲାଇନ୍ ସଦସ୍ୟମାନେ ଶିଶୁ ମାନଙ୍କୁ କାଉନ୍‌ସେଲିଂ କରୁଛନ୍ତି।



## ଚୋରି ଅଭିଯୋଗରେ ଜଣେ ଗିରଫ

ଭୁବନେଶ୍ୱର, ୨୧।୭ (ସମିସ): ଘରେ ପଶି ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହାତିଆଶୁଣୀ ବସ୍ତିର ତପନ ନାୟକ ଓରଫ୍ ପପୁ (୩୯)।

ପୁଲିସ ସୂଚନା ଅନୁସାରେ, ଗୌତମ କୁମାର ଦାଶ ଜାଗମରା ଫେଜ-୨ ପ୍ଲଟ୍ ନଂ ଏ/୪୪ ରେ ରୁହନ୍ତି। ଗତ ୧୮ ତାରିଖ ବିଳମ୍ବିତ ରାତିରେ ପପୁ ତାଙ୍କ ତାଲା ଭାଙ୍ଗି ଭିତରେ ପଶିବା ସହ ଘର ଭିତରୁ ଇଲେକ୍ଟ୍ରିକ ତାର, ସ୍ୱିଚ ବୋର୍ଡ ଓ ପାଣି ଟ୍ୟାପ ଚୋରି କରି ନେଇଥିଲା। ଚୋରି ସାମଗ୍ରୀ ସବୁକୁ ନେଇ କଟକର ଜଣେ ବୁଲା କବାଡ଼ିଆ ବେପାରୀକୁ ୨୪୦୦ ଟଙ୍କାରେ ବିକ୍ରି କରିଦେଇଥିଲା। ଶ୍ରୀ ଦାଶଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସବୁକୁ ଯାଞ୍ଚ କରି ପପୁକୁ ଚିହ୍ନଟ କରିଥିଲା। ଆଜି ହାତିଆଶୁଣୀ ବସ୍ତିରୁ ପପୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପପୁ ନାମରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୫ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।



ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

## ବ୍ୟାପକ ଆର୍ଥିକ କାରବାରର ଗନ୍ଧ

ଭୁବନେଶ୍ୱର, ୨୧।୭ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଓଟିଇଟି ପରୀକ୍ଷାରେ ଶେଷ ମୁହୂର୍ତ୍ତରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପରୀକ୍ଷା ବାତିଲ କରାଯାଇଛି। ଏହି ପ୍ରଶ୍ନପତ୍ର ଲିକ୍ ଘଟଣାରେ ରାଜ୍ୟରେ ଅଣ ସ୍ୱୀକୃତିପ୍ରାପ୍ତ ଓ ବିନା ରେଜିଷ୍ଟ୍ରେସନ୍‌ରେ ଚାଲିଥିବା ବିଭିନ୍ନ ପ୍ରାଥମିକ ଶିକ୍ଷକ ସଂଗଠନର କର୍ମକର୍ତ୍ତାମାନେ ସମ୍ପୃକ୍ତ ଅଛନ୍ତି ବୋଲି ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ଅଭିଯୋଗ କରିଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ ୭୫ ହଜାର ପରୀକ୍ଷାର୍ଥୀଙ୍କ ଭାଗ୍ୟକୁ ଅନ୍ଧାରକୁ ଠେଲିଦେଇ କିଛି ସଂଗଠନର କର୍ମକର୍ତ୍ତାମାନେ ପରୀକ୍ଷାର୍ଥୀମାନଙ୍କ ଠାରୁ ପ୍ରଶ୍ନପତ୍ର ଲିକ୍ ପାଇଁ ବ୍ୟାପକ ପଇସା ଆଦାୟ କରିଛନ୍ତି। ରାଜ୍ୟ ସରକାର ଘଟଣର ଗୁରୁତ୍ୱ ଉପଲବ୍ଧି କରି ପ୍ରଶ୍ନପତ୍ର ଲିକ୍ ଘଟଣାର ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ଏହି ଘଟଣାରେ କ୍ରାଇମ୍ ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବାକୁ ସଂଗଠନ ପକ୍ଷରୁ ଏହାର ଆବାହକ ବରିଷ୍ଠ ଆଇନ୍‌ଜୀବୀ ସୁବ୍ରତ କୁମାର ନନ୍ଦ ଦାବି କରିଛନ୍ତି। ସଂଗଠନ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗଣଶିକ୍ଷାମନ୍ତ୍ରୀ ଓ ଗଣଶିକ୍ଷା ସଚିବଙ୍କୁ ଏନେଇ ସ୍ମାରକ ପତ୍ର ଦିଆଯାଇ ଘଟଣର ଗୁରୁତ୍ୱ ଉପଲବ୍ଧି କରି ଶିକ୍ଷକଶିକ୍ଷୟିତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ନ ଦେଇ ଏ ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ଦାବି କରାଯାଇଛି।

## ଅଟୋ ଚାଳକଙ୍କ ମୋବାଇଲ ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର, ୨୧।୭ (ସମିସ): ଅଟୋ ଚାଳକଙ୍କ ଠାରୁ ମୋବାଇଲ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଏୟାରପୋର୍ଟ ଥାନା କାର୍ଗିଲ ବସ୍ତିର ବାବୁ ଚନ୍ଦା ଓରଫ୍ ବାପୁ (୨୪)।



ପୁଲିସ ସୂଚନା ଅନୁସାରେ, ଭୀମପୁରରେ ରହୁଥିବା ଅଟୋ ଚାଳକ ତୁଷାର ସାହୁ ଗତକାଲି ରାଜମହଲ ଛକରୁ ଶିଶୁଭବନ ଛକ ଆଡ଼କୁ ଯାଉଥିଲେ। ବାବୁ ରାଜମହଲ ଛକରୁ ପାସେଞ୍ଜର ଭାବେ ତାଙ୍କ ଅଟୋରେ ଆସିଥିଲା। ଅଟୋ ଶିଶୁଭବନ ଛକରେ ପହଞ୍ଚିବା କ୍ଷଣି ବାବୁ ହଠାତ୍ ତୁଷାରଙ୍କ ହାତରୁ ମୋବାଇଲ ଫୋନ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏନେଇ ତୁଷାର କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବାବୁକୁ ଗିରଫ କରିବା ସହିତ ତା' ଠାରୁ ଲୁଟ୍ ମୋବାଇଲ ଫୋନକୁ ଜବତ କରିଥିଲା। ବାବୁ ନାମରେ ପୂର୍ବରୁ ଏୟାରପୋର୍ଟ ଥାନାରେ ୨ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

ଗାଡ଼କଣ ଅଳିଆଗଦା ଅଡୁଆ

## ୧୮ ବର୍ଷ ହେଲା ପରିବେଶ ଆଇନ ଉଲ୍ଲଙ୍ଘନ

ଭୁବନେଶ୍ୱର, ୨୧।୭ (ସମିସ)

ସୈନିକ ସ୍କୁଲ ପାଚେରି ଦକ୍ଷିଣ ପାର୍ଶ୍ୱରେ ଥିବା ଗାଡ଼କଣ ଅଳିଆଗଦା ବିନା ପରିବେଶ ମଞ୍ଜୁରୀ, ଆବର୍ଜନା ନିରାପଦ ପରିଚାଳନା ନିୟମ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମୋଦନରେ ଗତ ୧୮ ବର୍ଷ ହେଲା ଚାଲିଛି। ଏଭଳି ଅଭିଯୋଗରେ ଏକ ଜନସ୍ୱାର୍ଥ ମାମଲା ଓଡ଼ିଶା ଉଚ୍ଚ ନ୍ୟାୟାଳୟ କରାଯାଇଥିଲା। ହାଇକୋର୍ଟ ସୋମବାର ରାଜ୍ୟ ସରକାର, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଖୋର୍ଦ୍ଧା ଜିଲ୍ଲାପାଳ ଓ ଭୁବନେଶ୍ୱର ମହାନଗର ନିଗମଙ୍କୁ ଜବାବ ମାଗିଛନ୍ତି।

ଭୁବନେଶ୍ୱର ଉନ୍ନୟନ ପରିଷଦ ତରଫରୁ ଏହାର ସଭାପତି ବାସୁଦେବ ଭଟ୍ଟ ଦ୍ୱାରା ଆଗତ ହୋଇଥିବା ଏହି ମାମଲାରେ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ ଓ ମାନସରଞ୍ଜନ ପାଠକଙ୍କ ଖଣ୍ଡପୀଠ ଅଭିଯୋଗର ଉତ୍ତର ପାଇଁ ଆସନ୍ତା ଅଗଷ୍ଟ ୪ ତାରିଖ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ କେନ୍ଦ୍ର ପ୍ରଦୂଷଣ ବୋର୍ଡ ଓ ସୈନିକ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ପକ୍ଷଭୁକ୍ତ ଅଛନ୍ତି। ଅଧିବକ୍ତା ବିରଜା ମହାପାତ୍ର, ବିପ୍ଳବ ବାହାଲି ଓ ସୂର୍ଯ୍ୟ ମିଶ୍ରଙ୍କ ଦ୍ୱାରା ଆଗତ ଏହି ମାମଲାରେ ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଟ୍ଟ ଅଭିଯୋଗ କରିଛନ୍ତି, ଯେ ଏହି ଅଳିହାଗଦା ଯୋଗୁଁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ହେବା ସହିତ ଓ ଏହାର ଆଖପାଖରେ ରହୁଥିବା ବାସିନ୍ଦା ମାନଙ୍କର ସ୍ୱାସ୍ଥ୍ୟପ୍ରତି ଘୋର ବିପଦ ସୃଷ୍ଟି ହେଉଛି। ବାରମ୍ବାର ଆନ୍ଦୋଳନ ଓ ଦାବିପତ୍ରକୁ ଉଭୟ ପୌର କର୍ତ୍ତୃପକ୍ଷ ଓ ସରକାର ଅଣଦେଖା କରିଛନ୍ତି। ବେଆଇନ ଭାବେ ଚାଲିଥିବା ଏହି ଅଳିଆ ଗଦାକୁ ସରକାର ଅସ୍ଥାୟୀ ଆବର୍ଜନା ପରିଚାଳନା କେନ୍ଦ୍ର ନାମ ଦେଇ ବିଭିନ୍ନ ନିୟମ ଉଲ୍ଲଙ୍ଘନ କରିଥିବା କଥା ପିଟିସନରେ ଉଲ୍ଲେଖ ରହିଛି।

ସରକାରଙ୍କ ତରଫରୁ କୋଲକାତା ସ୍ଥିତ ହରିତ ପ୍ରାଧିକରଣଙ୍କ ଦ୍ୱାରା ଏହି ଅଳିଆଗଦା ନେଇ ଆସିଥିବା ଏକ ରାୟ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରାଯିବା ବେଳେ ଖଣ୍ଡପୀଠ ନିୟମ ଉଲ୍ଲଙ୍ଘନ ଅଭିଯୋଗର ଉପଯୁକ୍ତ ସ୍ପଷ୍ଟୀକରଣ ଅଛିକି ନାହିଁ ବୋଲି ପ୍ରଶ୍ନ କରିଥିଲେ। ଗତ ଅଗଷ୍ଟ ୨୦୨୪ରେ ଜାତୀୟ ହରିତ ପ୍ରାଧିକରଣ ନିକଟରେ ହରିପ୍ରିୟା ପଟେଲ ବନାମ ଓଡ଼ିଶା ସରକାର ଶୀର୍ଷକ ମାମଲାରେ ସରକାରଙ୍କ ତରଫରୁ ସମସ୍ତ ଆବର୍ଜନାକୁ ସିମେଣ୍ଟ କାରଖାନା ଓ କମ୍ପୋଷ୍ଟ ଜରିଆରେ ବିନିଯୋଗ କରାଯାଉଛି ବୋଲି ତଥ୍ୟ ରଖିଥିଲେ। ତାହା ବିଭ୍ରାନ୍ତିକର ବୋଲି ଏହି ଆବେଦନ ପତ୍ରରେ ଦର୍ଶାଯାଇଛି। ସୈନିକ ସ୍କୁଲ ଆନ୍ଦୋଳନ ଦୀର୍ଘ ଦିନ ଏହାକୁ ବନ୍ଦ କରିବାକୁ ଦାବି କରିଆସୁଥିଲା। ବିଭିନ୍ନ ସମୟରେ ଆନ୍ଦୋଳନ, ଗେଟ ବନ୍ଦ କରିବା ସହ ରାସ୍ତା ରୋକ ଓ ପଳାଶୁଣୀ ପ୍ଲାଣ୍ଟ ଲୋକଙ୍କ ଦ୍ୱାରା ଉଦଘାଟନ କରିବା ସହ ବିଏମ୍‌ସି ସମସ୍ତଙ୍କ ନାମରେ କେଶ ଦେବା ସହ ଅଭିଯାନ ମଧ୍ୟ କମିସନରଙ୍କ ନାମରେ କେଶ ଦେଇ ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ଏହି ନୋଟିସ ପରେ ଗଡ଼କଣ, ଭିଏସଏସ ନଗର, ରଙ୍ଗାମାଟିଆ, ମଞ୍ଚେଶ୍ୱର, ଉତ୍କଳ ବିଶ୍ୱବିଦ୍ୟାଳୟ, ଲକ୍ଷ୍ମୀ ବିହାର, ଡମଣା, ରସୁଲଗଡ଼ ଓ ସର୍ବପରି ଭୁବନେଶ୍ୱର ସ୍ମାର୍ଟ ସିଟିର ବାସିନ୍ଦାଙ୍କ ମନରେ ଆଶା ଉଜ୍ଜିବିତ ହେବା ସହ ଏହି ଅଳିଆଗଦା ବନ୍ଦ ହେଲେ ସୈନିକ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ ପରି ୫୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ ଓ କଲୋନୀରେ ଛାତ୍ରଛାତ୍ରୀ ଓ ଲୋକମାନେ ଆଶ୍ୱସ୍ତି ଲାଭ କରିବେ ବୋଲି ଅଭିଯାନ ସଦସ୍ୟ ଅଶୋକ ପାଇକରାୟ ଓ ମୁଖପାତ୍ର ପ୍ରସନ୍ନ ବିଷୋୟୀ ସମେତ ଚିନ୍ତାମଣି ବାରିକ, ନିରୂପମା ପାତ୍ର, ଶଙ୍କର୍ଷଣ ବାରିକ, ଦିଲୀପ ଦଶସର୍ମା, ଭିକ୍ଷାକରି ତ୍ରିପାଠୀ, ସତ୍ୟ ମହାନ୍ତି, ସୁବ୍ରତ ସାହୁ, ପ୍ରଦୀପ ସାହୁ, ସଞ୍ଜୟ ମଲ୍ଲିକ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସ୍ୱାଗତ କରିଛନ୍ତି।

ସରକାର, ପ୍ରଶାସନ ଓ ବିଏମ୍‌ସିକୁ ଜବାବ ତଲବ

### ରାସ୍ତା ଅବସ୍ଥା ଶୋଚନୀୟ

# ବସ ଚଳାଚଳ ବନ୍ଦ କରିବାକୁ ମାଲିକ ସଂଘର ଚେତାବନୀ

ଅନୁଗୋଳ/ତାଳଚେର ସଦର, ୨୧।୭ (ସମିସ)

ଅନୁଗୋଳ ଜିଲ୍ଲା ତାଳଚେର ସହର ଭାୟା ବହ୍ଲର ରାସ୍ତା ଦେଇ ଯାଇଥିବା ୧୪୯ ନଂ ଜାତୀୟ ରାଜପଥର ଗୋଡ଼ିବନ୍ଧରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ମୁଖ୍ୟତଃ ଏହି ରାସ୍ତାରେ ଚଳାଚଳ କରୁଥିବା ବସଗୁଡ଼ିକ ସହଜରେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁନାହାନ୍ତି। ଏଥିପାଇଁ ଆସନ୍ତା ୨୯ ତାରିଖରୁ ତାଳଚେରରୁ ବସ୍ ଚଳାଚଳ ବନ୍ଦ କରିବା ପାଇଁ ବସ୍ ମାଲିକ ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦିଆଯାଇଛି। ଏ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତାଳଚେର ବସ୍ ମାଲିକ ସଂଘ ସଭାପତି ଇଂ ଶ୍ରୀକାନ୍ତ କୁମାର ପାଣିଙ୍କ ନେତୃତ୍ୱରେ ବସ୍ ମାଲିକମାନେ ତାଳଚେର



ଉପଜିଲ୍ଲାପାଳ ସମିର କୁମାର ଜେନାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜାତୀୟ ରାଜପଥ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ତାଳଚେରରୁ ଯାଉଥିବା ବସ୍‌ଗୁଡ଼ିକ ସମୟ ସାରଣୀ ଅନୁସାରେ ଚଳାଚଳ କରିପାରୁ ନାହିଁ। ରାସ୍ତା ଅତ୍ୟନ୍ତ ଖରାପ ଯୋଗୁଁ ବସ୍‌ଗୁଡ଼ିକର ଯାନ୍ତ୍ରିକ କ୍ଷତି ହେବା ସହ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବସ୍‌ଗୁଡ଼ିକ ଅନ୍ୟ ଷ୍ଟାଣ୍ଡରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରୁ ନ ଥିବାରୁ ଯାତ୍ରୀ ଉଠାଇବା ସମ୍ଭବ ହେଉନାହିଁ। ଫଳରେ ମାଲିକମାନଙ୍କର ଆର୍ଥିକ କ୍ଷତି ଘଟୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ଏହି ସମସ୍ୟା ସମାଧାନ ନ କଲେ ବାଧ୍ୟହୋଇ ସଂଘ ପକ୍ଷରୁ ଆସନ୍ତା ୨୯ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ କରାଯିବ ବୋଲି ଲିଖିତ ଭାବେ ଜଣାଇ ଦିଆଯାଇଛି। ଏହାର ନକଲ ରାଜ୍ୟ ପରିବହନ କମିଶନର, ଅନୁଗୋଳ ଏସପି, ଏସ୍‌ଡିପିଓ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ, ରାଜ୍ୟ ବସ୍ ମାଲିକ ସଂଘ ଏବଂ ତାଳଚେର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ବସ୍ ମାଲିକ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ମଦନ ମୋହନ ମହାନ୍ତି, ତୁଷାର ପଟ୍ଟନାୟକ, ନରେଶ ଚନ୍ଦ୍ର ସାହୁ, ଅବିନାଶ ସାହୁ, ସୁଧାଂଶୁ ଶେଖର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଭଉଣୀକୁ ଟାଙ୍ଗିଆରେ ହାଣି ହତ୍ୟା

**● ଅଭିଯୁକ୍ତ ଫେରାର**

କିଶୋରନଗର/ବଇଣ୍ଡା, ୨୧।୭ (ସମିସ): ସୋମବାର ଅପରାହ୍ନ ୨ଟାରେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସୋଲଣ୍ଡା ଗ୍ରାମର କଳ୍ପନା ସାହୁ (୪୫)ଙ୍କୁ ତାଙ୍କ ଭାଇ ଗୟାଧର ପ୍ରଧାନ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାକାଣ୍ଡ ପରେ ଗୟାଧର ଫେରାର ହୋଇଯାଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି କଳ୍ପନାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। କଳ୍ପନା ପାପସରା ଗ୍ରାମରେ ବିବାହ କରିଥିଲେ। ତାଙ୍କର ୨ ସନ୍ତାନ ଥିବା ବେଳେ ସ୍ୱାମୀଙ୍କ ମୃତ୍ୟୁ ପରେ କିଛିମାସ ହେବ ସେ ତାଙ୍କ ବାପଘର ଜିଏଚଆର ସୋଲଣ୍ଡା ଗ୍ରାମରେ ରହୁଛନ୍ତି। ସେ ତାଙ୍କ ବାପାଙ୍କ ଜମିରେ ଘର ନିର୍ମାଣ ପାଇଁ ଯୋଜନା କରିଥିବାରୁ ଗୟାଧରଙ୍କ ସହ ବିବାଦ ଦେଖାଦେଇଥିଲା। ଫଳରେ କିଛିଦିନ ହେବ କଳ୍ପନା ଓ ଗୟାଧରଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ସୋମବାର କଳ୍ପନା ଘରେ ଥିବା ବେଳେ ଗୟାଧର ମଦ୍ୟପାନ କରି ଘରକୁ ଆସିଥିଲେ। ପରେ ଉକ୍ତ ଘର ନିର୍ମାଣକୁ ନେଇ ଭାଇ ଭଉଣୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୟାଧର ଉତକ୍ଷିପ୍ତ ହୋଇ ଘରେ ଥିବା ଟାଙ୍ଗିଆରେ କଳ୍ପନାଙ୍କ ବେକକୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା।

## ଶୌଚାଳୟ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା




ଅନୁଗୋଳ, ୨୧।୭ (ସମିସ): ଗାଁ ଲୋକଙ୍କ ପାଖରେ ନାହିଁ ଶୌଚାଳୟ। ବାହାରକୁ ଶୌଚ ହେବାକୁ ଯିବାକୁ ହେଲେ ମୃତ୍ୟୁ ସହ ଭେଟିବାକୁ ପଡୁଛି। ଗାଁରେ ଅନେକ ଦିନ ହେଲା ହାତୀ ଉପଦ୍ରବ ବଢ଼ିଥିବାରୁ ସକାଳ ଓ ସନ୍ଧ୍ୟାରେ ବାହାରକୁ ଶୌଚ ହେବାକୁ ଯିବାକୁ ଲୋକେ ଡରୁଛନ୍ତି। ଏଥିପାଇଁ ସମସ୍ତଙ୍କୁ ଶୌଚାଳୟ ଯୋଗାଇଦେବାକୁ ଦାବି କରିଛନ୍ତି ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ତୁଳସୀପାଳ ପଞ୍ଚାୟତ ଲଙ୍ଗୁଳିଆବେଡ଼ା ଗାଁର ମହିଳାମାନେ।

ଦୁଇରୁ ତିନି ବର୍ଷ ହେଲା ଲଙ୍ଗୁଳିଆବେଡ଼ା ଗ୍ରାମ ନିକଟରେ ହାତୀ ରହୁଛି। ସନ୍ଧ୍ୟା ହେଲେ ତାଟିକବାଟ ପଡୁଛି। ଘରୁ ବାହାରିଲେ ଜୀବନ ପ୍ରତି ବିପଦ ରହୁଛି। କିଛିଦିନ ଭିତରେ ହାତୀ ଆକ୍ରମଣରେ ଗ୍ରାମର କିଛି ଲୋକଙ୍କ ଜୀବନ ଯାଇଛି। ଘରୁ ପଦାକୁ ବାହାରିଲେ ପାଦେ ପାଦେ ରହିଛି ବିପଦ। ଶୌଚାଳୟ ନ ଥିବାରୁ ଲୋକେ ବାଧ୍ୟହୋଇ ଶୌଚ ପାଇଁ ପଦାକୁ ଯାଉଛନ୍ତି। ଶୌଚାଳୟ ପାଇଁ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ ଶୌଚାଳୟ ଦିଆଯିବ ନାହିଁ ବୋଲି କର୍ତ୍ତୃପକ୍ଷ କହୁଛନ୍ତି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେଇ ପ୍ରତ୍ୟେକ ଘରେ ଶୌଚାଳୟ ନିର୍ମାଣ କରିବାକୁ ମହିଳାମାନେ ଦାବି କରିଛନ୍ତି।

## ବାଇକ୍‌କୁ ଧକ୍କାଦେଲା ବସ; ଦମ୍ପତି ସମେତ ୩ ଗୁରୁତର

ଅନୁଗୋଳ, ୨୧।୭ (ସମିସ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ବୃନ୍ଦାବନ ହୋଟେଲ୍ ନିକଟରେ ବାଇକ୍‌କୁ ଏକ ସରକାରୀ ବସ ଧକ୍କା ଦେବାରୁ ଦମ୍ପତି ସମେତ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରାଇଝରଣ ସିତିରାସାହିର ବୈଷ୍ଣବ ନାଏକଙ୍କ ପୁଅ ଚଣ୍ଡାଳ ନାଏକ, ତାଙ୍କ ସ୍ତ୍ରୀ ଦୁତୀ ନାଏକ ଏବଂ ରାଜା ବେହେରାଙ୍କ ପୁଅ କାଳିଆ ବେହେରା। ସମସ୍ତଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚଣ୍ଡାଳ, ଦୁତୀ ଏବଂ କାଳିଆ ବାଇକ୍ ଯୋଗେ ଡେରେଜାଙ୍ଗ ଡ୍ୟାମ୍ ରୋଡ୍‌ରୁ ବାହାରି ରଙ୍ଗ ରୁଟ୍‌ରେ ଉଗି ଯାଉଥିବା ବେଳେ ବଲାଙ୍ଗିର ଅଞ୍ଚଳରୁ ଅନୁଗୋଳ ଅଭିମୁଖେ ଆସୁଥିବା ସରକାରୀ ବସ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଫଳରେ ତିନି ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛି।

## ସିସିଟିଭି ଅଚଳ; ମରାମତି ହେଉନି

ବଇଣ୍ଡା, ୨୧।୭ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଛକରେ ଲୋକଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ଗୃହ ବିଭାଗ ପକ୍ଷରୁ ଲାଗିଥିବା ସିସିଟିଭିଗୁଡ଼ିକ ୨ ବର୍ଷ ହେବ ଅଚଳ ହୋଇ ପଡ଼ିଥିଲେ ମଧ୍ୟ ମରାମତି ହେଉନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ସିସିଟିଭିଗୁଡ଼ିକ ମରାମତି କରାଯାଉ ନ ଥିବା ଅଭିଯୋଗ ହୋଇଛି। ବଇଣ୍ଡା, କଲେଜ, ଓଭର ବ୍ରିଜ, ଲୁହାମୁଣ୍ଡାଠାରେ ପୁଲିସ ବିଭାଗ ପକ୍ଷରୁ ସିସିଟିଭି ଲଗାଯାଇଛି। ଏହା ବଇଣ୍ଡା ଫାଣ୍ଡି ଅଧୀନରେ ଥିବା ବେଳେ ସମସ୍ତ ସିସିଟିଭି ଅଚଳ ହୋଇପଡ଼ିଛି। ସରକାରଙ୍କ ପକ୍ଷରୁ ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲେ ମଧ୍ୟ ଲାଗିବାର କିଛିମାସ ପରେ ଏହା ଅଚଳ ହୋଇପଡୁଛି। ନିମ୍ନମାନର ସିସିଟିଭି ଲଗାଯାଇଥିବାରୁ ଅଚଳ ହୋଇ ପଡୁଥିବା ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଅଚଳ ସିସିଟିଭିଗୁଡ଼ିକ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

## ଜାମୁନାଳୀ ପଞ୍ଚାୟତରେ ଜନଶୁଣାଣି

କିଶୋରନଗର, ୨୧।୭ (ସମିସ): କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ



ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରୀତା ବେହେରା, ଜିପିଡିଓ ସତ୍ୟପ୍ରିୟ ସାହୁ, ଏବିଇଓ ରମଣୀ ରଞ୍ଜନ ସାହୁ, ବିଏସ୍‌ଏସ୍‌ଓ ଝସକେତନ ସାହୁ ପ୍ରମୁଖ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ ଅନୁଗୋଳ ରୟାଲର ଅଧିଷ୍ଠାନ ଉତ୍ସବ




ଅନୁଗୋଳ, ୨୧।୭ (ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲର ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ପୂର୍ବତନ ସଭାପତି ରୋଟାରିଆନ ମଧୁ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରୋଟାରୀ ଜିଲ୍ଲା ୩୨୬୨ର ୨୬-୨୭ ପାଇଁ ଗଭର୍ଣ୍ଣର ତଥା ଅନୁଗୋଳ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ରୋଟାରିଆନ ଅନିଲ କୁମାର ସାମଲ, ମୁଖ୍ୟବକ୍ତା ଭାବେ ଡା. ନୀଳକଣ୍ଠ ସାହୁ, ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ଦେବବ୍ରତ ଭଞ୍ଜ ଯୋଗଦେଇଥିଲେ। ସଭାପତି ମଧୁ ଗୁପ୍ତା ସ୍ୱାଗତ ଭାଷଣ ଦେବା ସହିତ ନୂତନ ରୋଟାରୀ ବର୍ଷ ଏକ ଐତିହାସିକ ବର୍ଷ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସମ୍ପାଦିକା ବାଣୀ ଦେବ ବିଗତ ବର୍ଷରେ କରାଯାଇଥିବା ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ରୋଟାରୀ ବର୍ଷ ୨୦୨୫-୨୬ ପାଇଁ ଡା. କୁମାର ସୌମ୍ୟକାନ୍ତ ବିଶୋଇ ସଭାପତି ଏବଂ ନୀହାର ରଞ୍ଜନ ପ୍ରସାଦ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ସଭାପତି ଡା. ବିଶୋଇ ସମସ୍ତେ ମିଳିମିଶି ସାମାଜିକ କ୍ଷେତ୍ରରେ କ୍ଲବକୁ ଆଗେଇ ନେବା ପାଇଁ ସହଯୋଗ କାମନା କରିଥିଲେ। ସମ୍ପାଦକ ପ୍ରସାଦ ଆଗାମୀ ବର୍ଷରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କରିଥିଲେ। ରୋଟାରୀ କ୍ଲବ ପୃଥିବୀର ବିଭିନ୍ନ ଦେଶ ଓ ଜନସାଧାରଣଙ୍କ ସହ ସଂଯୋଗ ସ୍ଥାପନ କରି ସେବା କାର୍ଯ୍ୟରେ ନିୟୋଜିତ ହୋଇଥିବା ଏକ ସର୍ବବୃହତ ସ୍ୱେଚ୍ଛାସେବୀ ସଂସ୍ଥା ଯାହା ଶ୍ରଦ୍ଧା, ସମ୍ପର୍କ, ସେବାର ଡୋରିକୁ ମଜଭୁତ କରିଥାଏ ବୋଲି ମୁଖ୍ୟଅତିଥି ସାମଲ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଡା. ସାହୁ ଅନୁଷ୍ଠାନର ସମାଜସେବା କ୍ଷେତ୍ରକୁ ଅଧିକ ବିସ୍ତାରିତ କରିବା ପାଇଁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଆସିଷ୍ଟାଣ୍ଟ ଗଭର୍ଣ୍ଣର ତଥା ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଭଞ୍ଜ ସାମାଜିକ ଉନ୍ନୟନ କ୍ଷେତ୍ରରେ କ୍ଲବର ଅଗ୍ରଗତିରେ ନିଜକୁ ଭାଗୀଦାର କରିବା ସହ ଆଗାମୀ ଦିନରେ ଅନୁଗୋଳରେ ଜିଲ୍ଲାସ୍ତରୀୟ ଚେସ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୫-୨୬ ନିର୍ଦ୍ଦେଶକ ମଣ୍ଡଳୀ ପାଇଁ ପ୍ରକାଶ ଅଗ୍ରୱାଲ, ବିଶ୍ୱଜିତ୍ ପଟ୍ଟନାୟକ, ମୁରାରୀଲାଲ ଅଗ୍ରୱାଲ, ଅମ୍ବିକା ପ୍ରସାଦ ସାହୁ, ମିଳନ କୁମାର ଅଗ୍ରୱାଲ, ଡା. ଦେବାଶିଷ ପ୍ରଧାନ, ଜୟପ୍ରକାଶ ମୋଦି, ହରଗୋବିନ୍ଦ ମହାପାତ୍ର, ବିକାଶ ମୋଦି, ମଧୁସୂଦନ ଶର୍ମା, ମଧୁ ଗୁପ୍ତା, ବାଣୀ ଦେବ ପ୍ରମୁଖ ମନୋନୀତ ହୋଇଛନ୍ତି। ନୂତନ ସଭ୍ୟ ଭାବେ ଡା. ପୁଷ୍ପାଞ୍ଜଳି ପ୍ରଧାନ, ଆନନ୍ଦ ଚନ୍ଦ୍ର ରାଉଳ, ଡା. ରଶ୍ମିତା ଭଞ୍ଜଦେଓ, ସଞ୍ଜୀବ ଦେହୁରୀ ଶପଥ ଗ୍ରହଣ କରିଥିଲେ। ଚଳିତ ବର୍ଷ ଅନୁଗୋଳ ସରକାରୀ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ରଶ୍ମିତା ବାରିକ, ଅଲିଶା ସାହୁ ଏବଂ କାଙ୍ଗୁଳାର ଝିଅ ପାଇଲଟ୍ ସମୀକ୍ଷା ଶୃତକୀର୍ତ୍ତିଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କ୍ଲବର ପତ୍ରିକା 'ଦି ରୟାଲ ଭିଜନ' ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ. ପ୍ରଭାତ କୁମାର ପଣ୍ଡା, ଅନିଲ ଗୁପ୍ତା, ଡ. ମାଇକେଲ ଜନ, ଡା. ପରମିତା ଦାସ, ବିଷ୍ଣୁପ୍ରିୟା ଭୂୟାଁ, ଡ. ବିଶ୍ୱଜିତ ସାମଲ, ରାଜେଶ ସରଳିଆ, ଡା. ବିଛନ୍ଦ ପ୍ରଧାନ, ମେହମୁଦ ହୁସେନ, ନାରାୟଣ ରଥ, ଡା. ଶଶାଙ୍କ ଶେଖର ସାହୁ, କହ୍ନେୟା ଚୌଧୁରୀ, କୈଳାସ ଅଗ୍ରୱାଲ, ଶ୍ରବଣ କୁମାର ମଲ୍ଲିକ, ପଦ୍ମା ଅଗ୍ରୱାଲ, ପୂଜା ମୋଦି, ସମିଜା ପଟ୍ଟନାୟକ, ଉର୍ମିଳା ଅଗ୍ରୱାଲ, ମମତା ଚୌଧୁରୀ, ସରିତା ସାହୁ, ଆରତୀ ସରଳିଆ, ଡା. ଶକ୍ତିପ୍ରସାଦ ସାହୁଙ୍କ ସମେତ କ୍ଲବର ବହୁ ସଦସ୍ୟ, ସଦସ୍ୟା ଯୋଗଦେଇଥିଲେ। ରୋଟାରୀ କ୍ଲବ ଢେଙ୍କାନାଳ, ତାଳଚେର, ଏଡିସିସିଆଇ, ଜେସିଆଇ, ମାରୱାଡ଼ି ଯୁବାମଞ୍ଚ ପ୍ରମୁଖ ସଂସ୍ଥାର ସଦସ୍ୟ ଉପସ୍ଥିତ ଥିଲେ। ହରଗୋବିନ୍ଦ ମହାପାତ୍ର ଏବଂ ତନଭୀ ସରଳିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବାଣୀ ଦେବ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର




ଅନୁଗୋଳ, ୨୧।୭ (ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ସମୁଦାୟ ୫୮ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୪ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୫ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୪ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୭ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରୀଶଙ୍କର ବଳ, ଆଠମଲ୍ଲିକ ତହସିଲଦାର ପ୍ରସନ୍ନ ଟେଙ୍ଗେ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ୍, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ, ୨୧।୭ (ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୩୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା। ୪ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।




### କିଶୋରନଗର ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

# 'ରାଷ୍ଟ୍ର ନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

କିଶୋରନଗର, ୨୧।୭ (ସମିସ)




ଆତ୍ମବିଶ୍ୱାସ ହିଁ ସଫଳତା ଆଣିଦିଏ। ରାଷ୍ଟ୍ର ନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏକ ବିକଶିତ ଓ ସୁସ୍ଥ ରାଷ୍ଟ୍ର ଗଠନ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ସୁତରାଂ ରାଷ୍ଟ୍ରର ସଫଳତାର ଶ୍ରେୟ ପାଇବାକୁ ଛାତ୍ରଛାତ୍ରୀ ହକଦାର ବୋଲି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କିଶୋରନଗରର ୬୮ତମ ପ୍ରତିଷ୍ଠା ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ସଭାପତି ଡା. ଅଲେଖ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ଏବଂ ସମ୍ମାନିତ ଅତିଥି ଭାବେ କିଶୋରନଗର ବିଇଓ ଅରୁଣ କୁମାର ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାୟକ, ଅରୁଣ କୁମାର ବିଶ୍ୱାଳ, ସରପଞ୍ଚ ସଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାଳୟର ଛାତ୍ରୀ ବିଜୟାଲକ୍ଷ୍ମୀ ସାହୁଙ୍କୁ 'ବିଜୟ ଦେହୁରୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ତାଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦେଇଥିବା ବିଦ୍ୟାଳୟର ପୁରାତନ ଛାତ୍ର ରଶ୍ମିରଞ୍ଜନ ରାଉତଙ୍କୁ 'ବିଦ୍ୟାଳୟ ଗୌରବ' ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ଭୈରବ କୁମାର ଦେହୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ବିନାୟକ ଦେହୁରୀ ପୁରସ୍କାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରସଂସଦ ସମ୍ପାଦକ ଦେବରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ସଞ୍ଜୟ କୁମାର ଦାଶ, ସୁଧୀର ରଞ୍ଜନ ପ୍ରଧାନ, ବିସ୍ମୟ କୁମାର ଦେହୁରୀ, ଖଗେଶ୍ୱର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅନୁଗୋଳ ହାଇସ୍କୁଲ ଶତବାର୍ଷିକୀ ପାଳନ ନିମନ୍ତେ ବୈଠକ

ଅନୁଗୋଳ, ୨୧।୭ (ସମିସ): ଅନୁଗୋଳ ସରକାରୀ ହାଇସ୍କୁଲର ଶତବାର୍ଷିକୀ ସମାରୋହ ପାଳନ ନିମନ୍ତେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଗୋଳ ବିଧାୟକ ତଥା ଶତବାର୍ଷିକୀ ପାଳନ କମିଟି ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଶତବାର୍ଷିକୀ ସମାରୋହ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବାକୁ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ଆସନ୍ତା ୨୩ ତାରିଖ ବିଧାୟକ ନିଜେ ଦିଲ୍ଲୀ ଯାଇ ଅତିଥିମାନଙ୍କୁ ନିମନ୍ତ୍ରଣ କରିବେ ବୋଲି କହିଥିଲେ। ବିଦ୍ୟାଳୟରେ ୧୫୦୦ ଜଣ ବସିବା ଭଳି ଏକ ଅଡିଟୋରିଅମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବେ ବୋଲି ବିଧାୟକ ପ୍ରଧାନ କହିଥିଲେ। ବୈଠକରେ ଶତବାର୍ଷିକୀ ପାଳନ କରିବା ନିମନ୍ତେ ଗଠିତ ଅର୍ଥ କମିଟି, ସ୍ମରଣିକା କମିଟି, ସାଂସ୍କୃତିକ କମିଟି, ମିଡିଆ କମିଟି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷ କରି ସମାରୋହକୁ ସଫଳ କରିବା ନିମନ୍ତେ ଅର୍ଥ କିପରି ଯୋଗାଡ଼ ହେବ ସେଥିପ୍ରତି ସମସ୍ତେ ସହଯୋଗ କରିବାକୁ ବିଧାୟକ ନିବେଦନ କରିଥିଲେ। ବୈଠକରେ କମିଟିର କାର୍ଯ୍ୟକାରୀ ସଭାପତି ଡ. ତ୍ରିଲୋଚନ ପ୍ରଧାନ, ସମ୍ପାଦକ ତଥା ପ୍ରଧାନଶିକ୍ଷକ ପ୍ରିୟବ୍ରତ ମାଝୀ, ପୂର୍ବତନ ପ୍ରଧାନଶିକ୍ଷକ ଶୈଳେଶ ଚନ୍ଦ୍ର ଦାଶଗୁପ୍ତା, ବ୍ରଜକିଶୋର ମିଶ୍ର, ଡ. ପ୍ରଭାତ ପଣ୍ଡା, ବସନ୍ତ ଦାସ, ଶକ୍ତି ପଟ୍ଟନାୟକ, କୁମୁଦ ଚନ୍ଦ୍ର ଦାସ, ଦ୍ୱାରିକା ପ୍ରସାଦ ନନ୍ଦ, ଦିଲୀପ ଦାସ, ପ୍ରଦୀପ ଦେବତା, ବସନ୍ତ ପ୍ରଧାନ, ବାସୁଦେବ ହୋତା, ରବୀନ୍ଦ୍ର ମହାରଣା, ଈଶ୍ୱର ସାହୁ, କୈଳାସ ନାୟକ, ସରୋଜ ସାହୁ, ରୁଚିର ପାଣିଗ୍ରାହୀ, ମନୋରଞ୍ଜନ ପାଣି, ଚନ୍ଦ୍ରକାନ୍ତ ଧଳ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ସାହୁ, ଭାସ୍କର ସାହୁ, ଅଜୟ ପ୍ରଧାନ, ସୁଧାଂଶୁ ମୋହନ ଦ୍ୱିବେଦୀ, ସ୍ମୃତିରଞ୍ଜନ ଦାଶ, ଜ୍ୟୋତିରଞ୍ଜନ ନନ୍ଦ, ରଞ୍ଜିତ ପାତ୍ର, ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ ତ୍ରିପାଠୀ, ଶିକ୍ଷୟିତ୍ରୀ ମନ୍ଦାକିନୀ ସାହୁ, ସ୍ମିତପ୍ରଜ୍ଞା ଗଡ଼ନାୟକ, ରାଗେଶ୍ୱରୀ ବେହେରା, ଅଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଶତପଥୀ ଧନ୍ୟବାଦ ଦେଇଥିଲେ।



### ବସପୁର ଲକ୍ ପାଖ ଖେଳପଡ଼ିଆ ଏବେ ଜଙ୍ଗଲ

# ମଣିଷ ବଦଳରେ ପଡ଼ିଆରେ ଖେଳୁଛନ୍ତି ବିଷାକ୍ତ ସରୀସୃପ

ଡେରାବିଶ, ୨୧।୭ (ସମିସ):

ଡେରାବିଶ ବ୍ଲକ୍ ବସପୁର ପଞ୍ଚାୟତ ଅନ୍ତର୍ଗତ ବସପୁରସ୍ଥ ଲୁଣାନଦୀ ପଠାରେ ବସପୁର ଲକ୍ ନିକଟରେ ନିର୍ମିତ ହୋଇଥିବା ଖେଳପଡ଼ିଆ ଏବେ ଜଙ୍ଗଲରେ ପରିଣତ ହୋଇଯାଇଛି । ଏହି ଖେଳ ପଡ଼ିଆରେ ଏବେ ମଣିଷ ବଦଳରେ ବିଷାକ୍ତ ସରିସୃପ ବେଶ୍ ଆନନ୍ଦରେ ଖେଳୁଥିବା ଲକ୍ଷ୍ୟ କରାଯାଇଛି । ଏହି ପଡ଼ିଆର ପୁନରୁଦ୍ଧାର କରାଯିବାକୁ ସାଧାରଣରେ ଦାବି ହେଉଛି ।

୨୦୧୯-୨୦ ଆର୍ଥିକ ବର୍ଷରେ ଡେରାବିଶ ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ୍ ଅନ୍ତର୍ଗତ ବସପୁର ପଞ୍ଚାୟତର ଲୁଣାନଦୀ ପଠାରେ ବସ୍‌ପୁର ଲକ୍ ନିକଟରେ ଏକ ଖେଳ ପଡ଼ିଆର ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲା । ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା



ମାଧମରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ପଡ଼ିଆର ଉନ୍ନତୀକରଣ କରାଯାଇଥିଲା । ଏହି ପଡ଼ିଆର ଦୁଇ ପାଶ୍ୱର୍ରେ ଫୁଟବଲ୍ ପୋଷ୍ଟ, ଗୋଟିଏ ପାଶ୍ୱର୍ରେ ଭଲିବଲ୍ ପୋଷ୍ଟ ଓ ଏକ ଷ୍ଟେଜ୍ ନିର୍ମାଣ କରାଯାଇଥିଲା । ତେବେ ଏହି ପଡ଼ିଆଟି ଏବେ ଘାସ ଓ ଗଛଲଟାରେ ପରିପୂର୍ଣ୍ଣ ହୋଇପଡ଼ିଛି । ଏପରିକି ଦୂରରୁ ଏହା ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି । ଏହି ପଡ଼ିଆ ପାଖକୁ ପଡ଼ିଥିବା ରାସ୍ତାଟି କାଦୁଅରେ ପରିପୂର୍ଣ୍ଣ ହୋଇଥିବାବେଳେ ଏହା ନିକଟକୁ ଦିନରେ ମଧ ଯିବାକୁ ଭୟ ଲାଗୁଛି । ପାଖକୁ ଗଲେ କେବଳ ଫୁଟବଲ୍ ପୋଷ୍ଟ ଓ ଭଲିବଲ୍ ପୋଷ୍ଟ ଦୁଇଟିକୁ ଦେଖିଲେ ଏହାକୁ ଖେଳପଡ଼ିଆ ବୋଲି ଅନୁମାନ କରିହେଉଛି । ଏଥିସହିତ ଏହି ପଡ଼ିଆ କଡ଼ରେ ଥିବା ଷ୍ଟେଜ୍ ଉପର ଓ କଡ଼ରେ ଗଛଲଟା ପରିପୂର୍ଣ୍ଣ ହୋଇ ତାହା କେବେଠାରୁ ଲୁଚିଗଲାଣି । ତୁରନ୍ତ ଏହି ଖେଳ ପଡ଼ିଆରୁ ଅନବାନ ଜଙ୍ଗଲ ସଫେଇ କରି ଖେଳ ଉପଯୋଗୀ କରିବା ଓ ପଡ଼ିଆ ମଧକୁ ଭଲ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ରାମଚଣ୍ଡୀ ସାହି ରାସ୍ତାରେ ଅସରାଏ ବର୍ଷାରେ ଆଣ୍ଠୁଏ ପାଣି



ଡେରାବିଶ, ୨୧।୭ (ସମିସ): ଡେରାବିଶ ବ୍ଲକର ଛୋଟୀ ପଞ୍ଚାୟତର ରାମଚଣ୍ଡୀ ସାହି ରାସ୍ତାରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ହେଉଛି । ଏହି ସାହିରେ ଦଳିତ ଶ୍ରେଣୀର ଲୋକେ ବସବାସ କରୁଛନ୍ତି । ଘରୁ ବାହାରିଲେ ଆଣ୍ଠୁଏ ପାଣିରେ ଯିବାକୁ ପଡୁଛି । ସାମାନ୍ୟ ବର୍ଷାରେ ପାଣି ଘରେ ପଶିଯାଉଛି । ସରକାରଙ୍କ ତରଫରୁ କଂକ୍ରିଟ ରାସ୍ତା କେଉଁ କାଳରୁ ହେଇଛି ସତ, କିନ୍ତୁ ତା'ଉପରେ ପାଣି ଜମି କାଦୁଅ ଶିଉଳି ହୋଇଯାଇଛି । ସାମାନ୍ୟ ଅସାବଧାନ ହେଲେ ପଡ଼ି ଆହତ ହେବାକୁ ପଡେ । ଦୀର୍ଘଦିନ ପାଣି ଜମି ରହୁଥିବାରୁ ଏହ ଅଞ୍ଚଳରେ ମଶା, ମାଛିଙ୍କ ପାଦୁର୍ଭାବ ଲୋକଙ୍କୁ ଅତିଷ୍ଠ କରୁଛି । ଏଥିସହ ପାଣିରେ ପଶି ଯାତାୟାତ କରିବା ଫଳରେ ଲୋକେ ଜ୍ୱରରେ ପୀଡ଼ିତ ହେଉଛନ୍ତି । ଏ ନେଇ ଗ୍ରାମର କୁଶ ମଲିକ, ନୀଳମଣି ମଲିକ, ଶରତ ମଲିକ, ତ୍ରିଲୋଚନ ମଲିକ, ବରୁଣ ମଲିକ, ଜୟୀରାମ ମଲିକ, କିଶୋର ମଲିକ, ନବୀନ ମଲିକ ପ୍ରମୁଖ ଉଦବେଗ ପ୍ରକାଶ କରିବା ସହ ସରକାର ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ।

### ■ ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା

## ଦୁର୍ଦ୍ଦଶା ଭୋଗୁଛନ୍ତି ପେତପଡ଼ାବାସୀ



ଗୋବିନ୍ଦପୁର,୨୧।୭ (ସମିସ): ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଯୋଗୁଁ ସବୁଠୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି ପେତପଡ଼ାବସୀ । ୧୫ ଦିନ ଧରି ଜଳବନ୍ଦୀ ଜୀବନ କଟୁଛି । ଲୋକେ ଘରୁ ବାହାରି ପାରୁନାହାନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଣିପାରୁନାହାନ୍ତି । ପିଇବା ପାଣି ପାଇଁ ଲୋକେ ହୀନସ୍ତା ଭୋଗୁଛନ୍ତି । ଗୃହପାଳିତ ପଶୁ ୨୦ ଦିନ ଧରି ଗୁହାଳରେ ବନ୍ଧା ହୋଇରହିଛନ୍ତି । ବନ୍ୟା ଜଳ ହ୍ରାସ ପାଉଥିଲେ ମଧ ପେତପଡ଼ା ଓ ଠାକୁରପାଟଣା ଗ୍ରାମର ଲୋକଙ୍କ ଦୁର୍ଦ୍ଦଶା କମିନି । ଏହି ଅଞ୍ଚଳରେ ଏବେ ଜ୍ୱର, ଝାଡ଼ାବାନ୍ତି ଆରମ୍ଭ ହୋଇଗଲାଣି । ତୁରନ୍ତ ଏହି ଅଞ୍ଚଳକୁ ୧୫ ଦିନ ରିଲିଫ, ଗୋଖାଦ୍ୟ ପ୍ରଦାନ ସହ ଡାକ୍ତରୀ ଟିମ୍ ପଠାଇବାକୁ ଲୋକେ ଦାବି କରିଛନ୍ତି ।

## ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଉଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର




ରାଜନଗର, ୨୧।୭ (ସମିସ): ବନ୍ୟା ପ୍ରଭାବିତ ରାଜନଗର ବ୍ଲକରେ ୫ଟି ପଞ୍ଚାୟତର ଲୋକଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପର୍ଯ୍ୟାପ୍ତ ପରିମାଣ ଔଷଧ ଜଳବିଶୋଧନ ବଟିକା, ଶିଶୁ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରହିଛି । ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ଏକ ଟିମ ଗଠନ କରି ବନ୍ୟାଞ୍ଚଳରେ ପହଞ୍ଚି ଆଜି ସୁଦ୍ଧା ୫ ହଜାର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିବା ଜଣାପଡିଛି ।

ବ୍ରାହ୍ମଣୀରେ ବନ୍ୟା ଆସିବା ଦ୍ୱାରା ରାଜନଗର ବ୍ଲକର ୫ଟି ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସାମ୍ନା କରୁଛନ୍ତି । ଯଦିଓ ପାଣି କମିବାରେ ଲାଗିଛି, ଲୋକେ ଏବେବି ଆଶଙ୍କା ଭିତରେ ଅଛନ୍ତି । ପାଣିପାଗ ପୂର୍ବାନୁମାନ ଯଦି ସତ ହୁଏ, ତେବେ ବୁଧବାରଠାରୁ ଲଘୁଚାପଜନିତ ବର୍ଷା ହୋଇ ନଦୀରେ ପାଣି ବଢିବା ସମ୍ଭାବନା ରହିଛି । ତେବେ ବନ୍ୟା ଯୋଗୁଁ ବନ୍ଧପଡ଼ା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ବିଜୟ ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ବିଦ୍ୟୁତଲତା ସ୍ୱାଇଁ, ବଟ ସ୍ୱାଇଁ, ଅଣାକାର ରାଉତଙ୍କ ସମେତ ୧୦ଟି ପରିବାର ୧୦ ଦିନ ଧରି ବାହ୍ୟ ଜଗତରୁ ବିଛିନ୍ନ ରହିଛନ୍ତି । ବିପନ୍ନ ଲୋକଙ୍କ ପାଖରେ ଏଯାଏଁ ପ୍ରଶାସନ ପହଞ୍ଚିପାରିନାହିଁ । ପିଇବା ପାଣି ନାହିଁ, ନଳକୂପ ବନ୍ୟା ପାଣିରେ ବୁଡିରହିଛି । ଅତ୍ୟାବଶ୍ୟକ ସାମଗ୍ରୀ ଆଣିବାକୁ କୁମ୍ଭୀର ଭୟ ଯୋଗୁଁ ପାଣିରେ ପଶି ଯିବାକୁ ଭୟ କରୁଛନ୍ତି । ତୁରନ୍ତ ଲୋକଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଦୃଢ ଦାବି କରିଛନ୍ତି ।

ଅନ୍ୟପକ୍ଷରେ ବନ୍ୟାକୁ ୧୦ଦିନ ବିତିଯାଇଥିଲେ ସାଂସଦ ଶ୍ରୀ ପଣ୍ଡା ଙ୍କ ଦେଖାନାହିଁ । ନିକଟରେ ପଟ୍ଟାମୁଣ୍ଡାଇ ବନ୍ୟା ଅଞ୍ଚଳ ଆସିଥିବାବେଳେ ଗୋପ୍ତିରା ପାଖରୁ ଫେରିଯାଇଥିବାରୁ ବିପନ୍ନଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ସାଂସଦ ଭାବେ ତୁରନ୍ତ ବିପନ୍ନଙ୍କ ପାଖକୁ ଆସି ସେମାନଙ୍କ ଦୁର୍ଦ୍ଦଶା ଦେଖିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

## ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଜଣେ ଗିରଫ

ମହାକାଳପଡ଼ା,୨୧।୭ (ସମିସ): ମହାକାଳପଡ଼ା ବ୍ଲକ୍‌ର ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତର ବଗଗହଣ ଗ୍ରାମର ଜଣେ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଅଭିଯୁକ୍ତ ଗିରଫ ହୋଇଛି । ସେହି ଗାଁର ବିଜୟ ଦଲାଲ (୬୦) ୧୩ ତାରିଖ ରାତି ୯ ଟା ସମୟରେ ଅଭିଯୋଗକାରିଣୀ ମହିଳାଙ୍କ ସ୍ୱାମୀ ଘରେ ନ ଥିବା ସୁଯୋଗ ନେଇ ତାଙ୍କ ଘରେ ପ୍ରବେଶ କରି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ । କୌଶଳକ୍ରମେ ମହିଳା ଜଣକ ତାଙ୍କ କବଳରୁ ଖସି ବାହାରକୁ ପଳାଇ ଆସି ଚିତ୍କାର କରିବାରୁ ଅଭିଯୁକ୍ତ ସେଠାରୁ ଦୌଡ଼ି ପଳାଇଯାଇଥିଲା । ମହିଳାଙ୍କ ସ୍ୱାମୀ ଘରକୁ ଆସିବା ପରେ ଘଟଣା ସମ୍ପର୍କରେ ସେ ସ୍ୱାମୀଙ୍କୁ କହିଥିଲେ । ମହିଳାଙ୍କ ସ୍ୱାମୀ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ତନ୍ତିଆପାଳ ସାମୁଦ୍ରିକ ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଜୟ ଦଲାଲଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

# 'ପ୍ରାଣୀ ସମ୍ପଦର ବିକାଶ ପାଇଁ ସରକାର ଯତ୍ନବାନ ହେବା ଆବଶ୍ୟକ'

ପଟ୍ଟାମୁଣ୍ଡାଇ,୨୧।୭ (ସମିସ): ପ୍ରାଣୀ ସମ୍ପଦର ବିକାଶ ପାଇଁ ଯତ୍ନବାନ ହେବା ସହିତ ଉଦ୍ୟୋଗୀଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେଲେ ସାମଗ୍ରିକ ବିକାଶ ସମ୍ଭବ ହେବ । ସମ୍ପ୍ରତି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୮୦ ଭାଗ ଲୋକ କୃଷି ଓ ଗୋପାଳନ କରୁଥିବା ଏକ ଅନୁସନ୍ଧାନରୁ ଜଣାଯାଇଛି । ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ଯୋଜନା କରି ହଜାର ହଜାର କୋଟି ଟଙ୍କା ସରକାରୀ ରାଜକୋଷରୁ ଖର୍ଚ୍ଚ କରୁଥିବାବେଳେ ପ୍ରାଣୀ ସମ୍ପଦ କେତେ ସୁରକ୍ଷିତ ଓ ସରକାରୀ ଯୋଜନା କେତେ ଫଳପ୍ରଦ ତାହା ତର୍ଜମା କରିବାର ସମୟ ଆସିଛି । ପ୍ରାଣୀ ସମ୍ପଦର ବିକାଶ ପାଇଁ ସ୍ୱତନ୍ତ୍ର ସରକାରୀ ମଣନ୍ତ୍ରଣାଳୟ, ସ୍ୱତନ୍ତ୍ର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ନିଯୁକ୍ତ ହୋଇଥିବାବେଳେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ମଧ ଏଥିରେ କର୍ଯ୍ୟରତ ଥିବା ଦେଖାଯାଉଛି । ତେବେ ଏତେସବୁ ବନ୍ଦୋବସ୍ତ ପରେବି ପଟ୍ଟାମୁଣ୍ଡାଇରେ ବିସ୍ତିର୍ଣ୍ଣ ଚାରଣ ଭୂମି ମହଜୁଦ ଥିବା ଅଞ୍ଚଳରେ ପ୍ରାଣୀ ସମ୍ପଦ ବିଶେଷ କରି ଗୋସମ୍ପଦର ସୁରକ୍ଷା ଓ ବିକାଶ ବହୁପଛରେ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଗୋପାଳନ ଏକ ପ୍ରମୁଖ ଭୂମିକା ନିର୍ବାହ କରିବା ନିଶ୍ଚିତ ହୋଇଥିବାବେଳେ କୃଷି, ଗୃହପାଳିତ ପଶୁପକ୍ଷୀ ପାଳନ ଉପରେ ଅଞ୍ଚଳବାସୀ ମୁଖ୍ୟତଃ ନିର୍ଭରଶୀଳ । ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗୋଧନର ବିକାଶ ନେଇ କୌଣସି ଠୋସ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି ।

୨୦୧୨ ଓ ୨୦୧୯ ମସିହାରେ ହୋଇଥିବା ପ୍ରାଣୀ ସମ୍ପଦ ଗଣନା ଅନୁଯାୟୀ ପଟ୍ଟାମୁଣ୍ଡାଇରେ ଗୋଧନଙ୍କ ସଂଖ୍ୟା ହ୍ରାସ ପାଇଛନ୍ତି । ପଟ୍ଟାମୁଣ୍ଡାଇ ଭଳି ଏକ କୃଷିପ୍ରଧାନ ଅଞ୍ଚଳରେ ଗୋଧନଙ୍କ ସଂଖ୍ୟା ଏପରି ହ୍ରାସ ପାଇବା ନିହାତି ଚିନ୍ତାର ବିଷୟ ପାଲଟିଛି । ଏହାର ବହୁବିଧ କାରଣ ମଧ୍ୟରୁ ବ୍ୟକ୍ତିଗତ ମାଲିକାନାରେ ଚାଲୁଥିବା ଗୋଶାଳାର ବିକାଶ ନେଇ ବିଭାଗ ପକ୍ଷରୁ ସେପରି କୌଣସି ପ୍ରୋତ୍ସାହନ ଯୋଗାଇ ଦିଆଯାଉ ନ ଥିବା ହେତୁ ହାତଗଣତି କେତୋଟି ଗୋଶାଳାକୁ ଛାଡିଦେଲେ ବହୁ ଗୋଶାଳା ବନ୍ଦ ହୋଇ ରହିବା, ଚାରଣ ଭୂମି ଜବରଦଖଲ ହେବା, ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ସରକାରୀ ତଥା ବିଭାଗୀୟ ଉଦାସୀନତା ଇତ୍ୟାଦିକୁ ଦାୟୀ କରାଯାଇପାରେ । ଅନ୍ୟପକ୍ଷରେ ଯୁବଗୋଷ୍ଠୀଙ୍କୁ ଅତ୍ୟାଧୁନିକ ଉପାୟରେ ଗୋପାଳନ କରି ସ୍ୱାବଲମ୍ବୀ ହେବାକୁ ମଧ ବିଭାଗ ପକ୍ଷରୁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉନାହିଁ । ପ୍ରାଣୀଙ୍କ ଚିକିତ୍ସା ଭିତ୍ତିଭୂମି ମଧ ଦୁର୍ବଳ ହୋଇପଡ଼ିଛି । ଫଳରେ ସମୟ ମୁତାବକ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ହୋଇପାରୁନାହିଁ । ତେଣୁ ଏହି କ୍ଷେତ୍ରକୁ ନୂତନ ଉଦ୍ୟୋଗୀଙ୍କ ପ୍ରବେଶ ନିରୁତ୍ସାହଜନକ ରହୁଛି । ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବହୁ ଚିକିତ୍ସକ ପଦବୀ ଖାଲି ପଡ଼ିଛି । ପଟ୍ଟାମୁଣ୍ଡାଇ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଅଧୀନରେ ବଡପଡ଼ା, ନପଙ୍ଗ, ଅଣ୍ଡରା, ଅଠରବାଟିଆ ଆଦି ସବସେଣ୍ଟର ରହିଥିଲେ ହେଁ ତାହା ସଠିକ ଭାବେ କାର୍ଯ୍ୟକ୍ଷମ ହେଉନାହିଁ । ପଟ୍ଟାମୁଣ୍ଡାଇଠାରେ ଥିବା ମୁଖ୍ୟ ପଶୁ ଚିକିତ୍ସାଳୟ ଘର ପ୍ରାୟ ୩୦ ବର୍ଷ ତଳେ ନିର୍ମାଣ କରାଯାଇଥିଲା । ଏହାର ସମ୍ମୁଖ ରାସ୍ତା ଉଚ୍ଚା ହୋଇଯିବାରୁ ପଶୁ ଚିକିତ୍ସାଳୟ ରାସ୍ତାଠାରୁ ନିମ୍ନଭାଗରେ ରହିଛି । ଫଳରେ ସାମାନ୍ୟ ବର୍ଷା ହେଲେ ପଶୁ ଚିକିତ୍ସାଳୟ ପରିସରରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି । ଯଦ୍ୱାରା ଚିକିତ୍ସା କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି । ଅନ୍ୟପକ୍ଷରେ ବିଭାଗୀୟ ଅଧିକାରୀ ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି କୌଣସି ତୃଣମୂଳ ରିପୋର୍ଟ କିମ୍ବା ସମସ୍ୟାକୁ ତର୍ଜମା କରୁଛନ୍ତି । ପ୍ରତି ପଞ୍ଚାୟତରେ ପ୍ରାଣୀ ଚିକିତ୍ସାଳୟ ଖୋଲାଯିବା ଘୋଷଣା କରି ଚିକିତ୍ସାଳୟ ବିଲଡିଂ ନିର୍ମାଣ କରିବା ଉପରେ ଗୁରୁତ୍ୱାରୋପ କରି ସରକାରଙ୍କ ପାଇଁ ବାହାବା ଯୋଗାଡ କରିବାରେ ବ୍ୟସ୍ତ ଅଛନ୍ତି । ସେହି ଚିକିତ୍ସାଳୟ ଚଳାଇବା ପାଇଁ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତ ନ କରିବା ପ୍ରାଣୀ ସମ୍ପଦର ବିକାଶ କ୍ଷେତ୍ରରେ ମୁଖ୍ୟ ବାଧକ ସାଜିଥିବା କୁହାଯାଉଛି ।

## ସଂସ୍କୃତ ବିଦ୍ୟାପୀଠ ଝରକା କବାଟ ତାଡ଼ି ଚୋରି

ରାଜନଗର,୨୧।୭ (ସମିସ): ରାଜନଗର ଥାନା ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି । ୧୫ ଦିନ ଭିତରେ ଚାରୋଟି ସ୍ଥାନରେ ଚୋରି ରାଜନଗର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଦିଗକୁ ସୂଚାଉଛି । ଚଳିତ ମାସ ୬ ତାରିଖ ଦିନ ଇସ୍କନ ମନ୍ଦିରରୁ ଚୋର କଳାକନା ବୁଲାଇଥିବାବେଳେ ୧୩ ତାରିଖରେ ଭିତରଗଡ଼ ପଞ୍ଚାୟତ ଅଫିସ ଓ ମୋ' ସେବା କେନ୍ଦ୍ରରେ କଳାକନା ବୁଲାଇଥିଲେ । ପୁଲିସ ଏହି ସମସ୍ତ ଚୋରି ଘଟଣାରେ କାହାକୁ ଧରିବାରେ ସଫଳ ହୋଇ ନ ଥିବାବେଳେ ଗତକାଲି ରାତିରେ ପୁଣି ଦୁର୍ବୃତ୍ତମାନେ ଚନ୍ଦ୍ରଶେଖରସ୍ଥ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠ ଝରକା କବାଟ ତାଡ଼ି ଚୋରି କରିଛନ୍ତି । ଶନିବାର ବିଦ୍ୟାଳୟ ଛୁଟି ପରେ ବିଦ୍ୟାଳୟରେ ତାଲା ପକାଇ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ ଘରକୁ



ଯାଇଥିଲେ । ରବିବାର ପ୍ରାୟ ୧୧ଟା ସମୟରେ ପିଅନ ବିଶ୍ୱନାଥ ରାଉତ ବିଦ୍ୟାଳୟ ସଫା କରିବାକୁ ଆସିଥିଲେ । ଝରକା କବାଟ ତଡା ହୋଇଥିବା ଦେଖିଥିଲେ । ସଙ୍ଗେ ସଙ୍ଗେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ । ପ୍ରଧାନଶିକ୍ଷକ ବିଦ୍ୟାଳୟରେ ପହଞ୍ଚି ଅଫିସର ଝରକା ତଡା ହୋଇଥିବାବେଳେ ସବୁ ଶ୍ରେଣୀ ଗୃହ ତଡା ହୋଇଥିବା ଦେଖିଥିଲେ । ଚୋର ଦୁଇଟି ସ୍ମାର୍ଟ ଟିଭି ଉପର ତାଲାରୁ ଖୋଲି ତଳକୁ ଆଣି ଗୋଟିଏ କଣରେ ରଖିଛନ୍ତି । ମାତ୍ର ତାହାକୁ ନେଇପାରିନାହାନ୍ତି । ସିସିଟିଭି ହାର୍ଡଡିସ୍କ ଓ ପ୍ରେସର କୁକୁର ନେଇ ଯାଇଥିବାବେଳେ ଅଫିସ ଆଲମିରା ତାଡି ସମସ୍ତ କାଗଜପତ୍ର ତଳେ ଫିଙ୍ଗିଛନ୍ତି । ଏ ନେଇ ପ୍ରଧାନଶିକ୍ଷକ ଥାନାରେ ଅଭିଯୋଗ କରିବା ପରେ ସନ୍ଧ୍ୟାରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ ଟିମ ପହଞ୍ଚିବା ପରେ ତଦନ୍ତ ଆଗକୁ ବଢିବ ବୋଲି ଜଣାପଡିଛି ।

## ବାୟାବାବା କଲେଜରୁ ଜବରଦଖଲ ଉଚ୍ଛେଦ ଦାବି

ମହାକାଳପଡ଼ା,୨୧।୭ (ସମିସ): ମହାକାଳପଡ଼ାସ୍ଥ ବାୟାବାବା ମହାବିଦ୍ୟାଳୟ ସମ୍ମୁଖ ଭାଗରେ ଥିବା ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଛାତ୍ରଛାତ୍ରୀ ଅଣ୍ଟା ଭିଡିଛନ୍ତି । ମହାବିଦ୍ୟାଳୟର ପାଚେରି ନିର୍ମାଣ କରାଯିବା ପାଇଁ ଉକ୍ତ ଜମିକୁ ସରକାରୀ ମାପଚୁପ କରାଯାଇଛି । ପାଚେରି ନ ଥିବାରୁ ଅଣଛାତ୍ର ଅବାଧରେ ପ୍ରବେଶ କରୁଛନ୍ତି । ବୁଲା ଗାଈଗୋରୁ ପ୍ରବେଶ କରୁଛନ୍ତି । ଅସାମାଜିକ ବ୍ୟକ୍ତି ପ୍ରବେଶ କରି ଶୈକ୍ଷିକ ପରିବେଶକୁ ନଷ୍ଟ କରୁଛନ୍ତି । ଜବରଦଖଲ ମୁକ୍ତ ହେବା ପରେ ପାଚେରି ନିର୍ମାଣ କରାଯିବ । ତେଣୁ ମହାବିଦ୍ୟାଳୟ ପରିସରରୁ ଜବରଦଖଲ ତୁରନ୍ତ ଉଚ୍ଛେଦ କରିବାକୁ ଛାତ୍ରଛାତ୍ରୀ ଦାବି କରି ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟକୁ ପତ୍ର ପ୍ରେରଣ କରିଛନ୍ତି । ଅଭିଜିତ ସାମଲ, ଅଂଶୁପ୍ରସାଦ ଜେନା, ପ୍ରଭାତ ଓଝା, ଆଦ୍ୟାଶ୍ରୀ ପ୍ରିୟଦର୍ଶିନୀ ଦାସ, ଜନ୍ମେଜୟ ଜେନା, ରୁଦ୍ରନାରାୟଣ ମନ୍ତ୍ରୀ, ସତ୍ୟନାରାୟଣ ପରିଡ଼ା, ସ୍ମୃତିରଞ୍ଜନ ବାରିକ ପ୍ରମୁଖ ଛାତ୍ରଛାତ୍ରୀ ଦାବି କରି ପତ୍ର ଲେଖିଛନ୍ତି ।

### ■ ଗରଦପୁର ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୭୪ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ



ଗରଦପୁର,୨୧।୭ (ସମିସ): ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଗରଦପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୭୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୬୨ ବ୍ୟକ୍ତିଗତ ଥିବାବେଳେ ୧୨ଟି ସାମୂହିକ ଥିଲା । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜନଅଭିଯୋଗ ଶୁଣାଣରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ବିଡ଼ିଓ, ତହସିଲଦାରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପଞ୍ଜିକୃତ ଅଭିଯୋଗର ତୁରନ୍ତ ସମାଧାନ କରିବା ଉପରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୮ ତାରିଖ ଦିନ ରାଜନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ।

## ଧଳା ଜହର କବଳରେ ଡେରାବିଶର ଯୁବପିଢ଼ି

ଡେରାବିଶ, ୨୧।୭ (ସମିସ): ଡେରାବିଶ ବ୍ଲକ୍‌ର ଯୁବପିଢ଼ି ଏବେ ଧଳା ଜହର (ବ୍ରାଉନସୁଗର) କବଳରେ କବଳିତ । ଏହି ବ୍ଲକରେ ଏବେ ଧଳା ଜହର ବ୍ୟବସାୟୀ ତାଙ୍କର କାୟାବିସ୍ତାର କରିବାରେ ଲାଗିଛନ୍ତି । ଏହି ବେପାରୀଙ୍କ ଲୋଲୁପ ଦୃଷ୍ଟି ଏବେ ପଡ଼ିଛି ଗ୍ରାମର ଯୁବ ସମାଜ ଉପରେ । ଗୁଆଳସିଂ ପଞ୍ଚାୟତର ଜଣେ ଯୁବକ ଏହି ବେପାରରେ ଲିପ୍ତ ରହି ଡେରାବିଶ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତକୁ ଯାଇ ଯୁବକମଙ୍କୁ ବ୍ରାଉନସୁଗର ବିକ୍ରି କରିବାରେ ଲାଗିଛନ୍ତି । ଏହି ବେପାରୀ ଜଣକ ବାଉନସୁଗର ସହିତ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଏହି ନିଶା ବେପାରୀ ଜଣକ ଗ୍ରାମାଞ୍ଚଳର ଯୁବକଙ୍କୁ ପ୍ରଥମେ ମାଗଣାରେ ଅଳ୍ପ ପରିମାଣରେ ବ୍ରାଉନସୁଗର ପ୍ରଦାନ କରି ସେମାନଙ୍କୁ ଅଭ୍ୟସ୍ତ କରୁଛି । ପରେ ଯୁବକମାନେ ବ୍ରାଉନସୁଗର କବଳରେ ପଡ଼ିଲା ପରେ ସେମାନଙ୍କୁ ବିକ୍ରି କରିବା ଆରମ୍ଭ କରୁଛି । ଏପରିକି ବହୁ ଯୁବକ ଏହି ବ୍ରାଉନସୁଗର ଜାଲରେ ପଡ଼ି ଘରେ ଅଶାନ୍ତି ସୃଷ୍ଟି କରିବା ସହ ବାପାମାଆଙ୍କଠାରୁ ଜବରଦସ୍ତ ଟଙ୍କା ଆଣି ନିଶା ସେବନ କରୁଛନ୍ତି । ବିଚରା ବାପାମାଆ ବହୁ କଷ୍ଟରେ କାଳାତିପାତ କରୁଛନ୍ତି । ଏପରିକି କିଛି ଯୁବକଙ୍କୁ ତାଙ୍କ ପରିବାର ପକ୍ଷରୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରାଯାଉଥିଲେ ମଧ ସେମାନେ ସେଠାରୁ ଫେରି ପୁନର୍ବାର ନିଶା କବଳରେ ପଡ଼ୁଛନ୍ତି । ଫଳରେ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି । ଡେରାବିଶ ବ୍ଲକ୍‌ର ଦାନପୁର ପଞ୍ଚାୟତ, ଚାଟରାଚକଡ଼ାର ଛତା ଅଞ୍ଚଳ, ଗୋଲରାହାଟ ପଞ୍ଚାୟତର ଗୋଲରାଟ ବଜାର, ଚାନ୍ଦୋଳ ପଞ୍ଚାୟତର ଗଣେଶପୁର ଛକ, ବାରିମୂଳ ପଞ୍ଚାୟତର ବାରିମୂଳ ଛକ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଛକ, ଏଣ୍ଡର ପଞ୍ଚାୟତର ପଞ୍ଚୁପାଣ୍ଡବ ଛକରେ ଏହି ବେପାର ଖୁବ୍ ଜମୁଛି । ପୁଲିସ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ମଦନପୁର କଟ୍‌କୁ ପର୍ଯ୍ୟଟନ ଶିଳ୍ପରେ ପରିଣତ କରିବାକୁ ଦାବି

ପଟ୍ଟାମୁଣ୍ଡାଇ,୨୧।୭ (ସମିସ):

ଶିଳ୍ପ ବିହନ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ପାଇଁ ଏକ ବୃହତ ପର୍ଯ୍ୟଟନ ଶିଳ୍ପ ପ୍ରକଳ୍ପ ଅପେକ୍ଷା କରିଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କେନ୍ଦ୍ରାପଡ଼ା ମାଟିର ଯୁବକ ଦାଦନ ଖଟିବାକୁ ଯିବେ ନାହିଁ । ସାରା ବିଶ୍ୱରେ କେନ୍ଦ୍ରାପଡ଼ାର ଗୌରବ ବଢିବ । କେନ୍ଦ୍ରାପଡ଼ା ଆତ୍ମନିର୍ଭରଶୀଳ ହେବ କିପରି? ପ୍ରବାଦ ପୁରୁଷ ବିଜୁବାବୁଙ୍କ ଏକ ମେଗା ପ୍ରକଳ୍ପ ଭାବେ ତାଙ୍କର ମାନସ ସନ୍ତାନ ଥିଲା ମଦନପୁର କଟ୍ ପ୍ରକଳ୍ପ । ଏହି ନାମରେ ନାମିତ ପ୍ରକଳ୍ପଟି କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାର ବନ୍ୟା ପ୍ରତିରୋଧକ ବନ୍ଧରେ ଏହା ଅବସ୍ଥିତ । ଯାହା ବ୍ରାହ୍ମଣୀ ନଦୀରୁ ସମୁଦ୍ରକୁ ଛୁଇଁଛି । ଏବେ ଏହା ପରିତ୍ୟକ୍ତ ହୋଇପଡିଛି । ଏହାକୁ ପର୍ଯ୍ୟଟନ ସ୍ଥଳୀ ଭୂ-ସ୍ୱର୍ଗ କାଶ୍ମୀରର ଡାଲହ୍ରଦ ଭଳି କରିବାକୁ ହେବ । ଏହା କରାଗଲେ ଡାଲହ୍ରଦ ପରି ହ୍ରଦଟିଏ ସୃଷ୍ଟି ହେବ । ସେଠାରେ ଭାସମାନ ବଜାର, ବ୍ୟାଙ୍କିଂ ଅନୁଷ୍ଠାନ ଗଢି ଉଠିବ । ଏହାର ଦୁଇ ପାଶ୍ୱର୍ରେ ହୋଟେଲ ଶିଳ୍ପ ଗଢି ଉଠିବ । ରଙ୍ଗ ବେରଙ୍ଗ ଆଲୋକ ସଜ୍ଜାରେ ସବୁ ପର୍ଯ୍ୟଟନଙ୍କୁ ବର୍ଷସାରା ଆକର୍ଷିତ କରିବ । ପଥପାଶ୍ୱର୍ ବନବିଥିକାରେ ପଲ୍ଲବିତ ପୁଷ୍ପିତ ବନସ୍ପତି ସୃଷ୍ଟି କରାଯାଇ ପରିବେଶକୁ ଆକର୍ଷଣୀୟ କରାଯାଇପାରିବ । ଚମ୍ପା, କୃଷ୍ଣଚୂଡ଼ା, କଦମ୍ବ, କରଞ୍ଜ, ତମାଳ ଓ ନାରିକେଳ ପରି ବୃକ୍ଷମାନ ସୃଷ୍ଟି କରାଯାଇ ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବ । ଏହା ଭିତରକନିକା ମାର୍ଗରେ ଥିବାରୁ ଏହା ବିଶ୍ୱବାସୀଙ୍କୁ ଆକର୍ଷିତ କରିବା ସହିତ ନୌକା ବିହାରର ମଜ୍ଜା ମଧ ପର୍ଯ୍ୟଟକ ନେଇପାରିବେ । ବାରମ୍ବାର ଏହି ସ୍ଥାନକୁ ଆସିବାକୁ ମନେ କରିବେ ।

ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲା ଶିଳ୍ପ ଜଗତରେ ଅନନ୍ୟ ସ୍ଥାନ ଅଧିକାର କରିବ । ବିଜୁ ପଟ୍ଟନାୟକଙ୍କ ଏହି ମାନସ ସନ୍ତାନ ମେଗା ପ୍ରକଳ୍ପ ବିଶ୍ୱର ସୌନ୍ଦର୍ଯ୍ୟପ୍ରେମୀଙ୍କୁ ସମ୍ମୋହିତ କରିବ । ବିଜୁବାବୁଙ୍କ ନାମରେ ଏହା ନାମିତ କରାଗଲେ ତାଙ୍କର ସ୍ୱପ୍ନର ସାର୍ଥକତାକୁ କେନ୍ଦ୍ରାପଡାବାସୀ ନିରନ୍ତର ସ୍ମରଣ କରିବେ ବୋଲି ମତ ପ୍ରକାଶ ପାଇଛି । ସମ୍ପ୍ରତି ବ୍ରାହ୍ମଣୀର ଉଦବୃତ୍ତ ବନ୍ୟା ଜଳକୁ ସିଧାସଳଖ ବଙ୍ଗୋପସାଗରରେ ନିଷ୍କାସନ ପାଇଁ ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ପ୍ରହଲ୍ଲାଦ ମଲିକଙ୍କ ଉଦ୍ୟମ ଓ ବିଜୁବାବୁଙ୍କ ସ୍ୱୀକୃତିରୁ ଜନ୍ମ ନେଇଥିଲା ମଦନପୁର କଟ ପ୍ରକଳ୍ପ । ଏହାର ୯୦ ଭାଗ କାର୍ଯ୍ୟ ସମାପ୍ତ ହେବା ସହିତ ଶହ ଶହ ଏକର ଜମି ସରକାର ଅଧିଗ୍ରହଣ କରିଥିଲେ । ଏହା ଜଳ ସମ୍ପଦ ବିଭାଗ ଅଧୀନରେ ରହିଛି । ଜଳ ସମ୍ପଦ ବିଭାଗର ଏକ ସେକ୍ସନ ଅଫିସ ମଧ ରହିଛି । କିନ୍ତୁ ଏହି ପ୍ରକଳ୍ପ ଏବେ ପରିତ୍ୟକ୍ତ ଅବସ୍ଥାରେ ଅଛି । କେବଳ ମାତ୍ର ଏକ ସ୍ଲୁଇସ୍ ଗେଟ ନିର୍ମାଣ ହୋଇଥିଲେ ବ୍ରାହ୍ମଣୀ ବନ୍ୟାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିଥା'ନ୍ତା । ବନ୍ୟା ସମୟରେ ଉଦବୃତ୍ତ ବନ୍ୟା ଜଳ ସମୁଦ୍ରକୁ ନିଷ୍କାସନ ହେବା ସହିତ ଅନ୍ୟ ସମୟରେ ସମୁଦ୍ର ମୁହାଣରେ ନିର୍ମାଣ କରାଯାଇଥିବା ସ୍ଲୁଇସ୍ ଗେଟର ଫାଟକକୁ ବନ୍ଦ କରି ରଖାଯାଇଥା'ନ୍ତା । ନଦୀର ମିଠା ପାଣିକୁ କଟ୍ ମଧ୍ୟରେ ପ୍ରବେଶ କରାଯାଇ ଜଳସେଚନର ସୁବିଧା କରାଯାଇପାରିଥା'ନ୍ତା । ଫଳରେ ଉଭୟ ପାଶ୍ୱର୍ରେ ଥିବା ଚାଷଜମିରେ ବର୍ଷ ସାରା ଫସଲ ଉତ୍ପାଦନ ହୋଇପାରିଥା'ନ୍ତା । କିନ୍ତୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହି ପ୍ରକଳ୍ପ ଉପରେ ଗୁରୁତ୍ୱ ଦେଇ ନ ଥିଲେ । ଫଳସ୍ୱରୂପ ଏହି ପ୍ରକଳ୍ପ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଏହାର ଉଭୟ ପାଶ୍ୱର୍ ବନ୍ଧରୁ ପଥରଗୁଡିକୁ ଦୁର୍ବୃତ୍ତ ତାଡି ନେଲେଣି । ସମୟ ଆସିଛି ଏହି ପରତ୍ୟକ୍ତ ମଦନପୁର କଟ୍‌କୁ ଚିରସ୍ରୋତାରେ ପରିଣତ କରି ପର୍ଯ୍ୟଟନ ଶିଳ୍ପର ବିକାଶ କଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଶ୍ରୀକ୍ଷେତ୍ର ସିଟି

୨୧/୭/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୭୨,୩୯୩/- ସୁନା: ୦୧.୮୦୦ ଗ୍ରାମ୍ ରୁପା: ୦୩.୩୦୦ ଗ୍ରାମ୍







● ଭିତରକାଠରେ ବାନ୍ତି

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୨୧।୭ (ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତର କାଠରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଘଣ୍ଟାଏ ବିଳମ୍ବ ହୋଇଛି। ସୋମବାର ଭୋର୍ ୫ଟା ୪୦ରେ ଦ୍ୱାର ଫିଟିଥିଲା। ୬ଟା ୨୦ରେ ମଙ୍ଗଳ ଆଳତି ପରେ ମଇଲମ, ତଡ଼ପଲାଗି ନୀତି ବଢ଼ିଥିଲା। ସକାଳ ୭ଟା ୩୫ରେ ଅବକାଶ ପୂଜା ସରିବା ପରେ ଭିତରକାଠ ଦର୍ଶନ ଚାଲିଥିଲା। ଏହି ସମୟରେ ଭିତର କାଠରେ ଜଣେ ଛୋଟ ପିଲା ବାନ୍ତି କରି ଦେଇଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସକାଳ ୮ଟା ୪୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୮ଟା ୫୦ରେ ମହାସ୍ନାନ ବଢ଼ିବା ପରେ ପୁନଶ୍ଚ ଯେଉଁଠାରେ ନୀତି ବନ୍ଦ ରଖାଯାଇଥିଲା ସେହିଠାରୁ ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ପୌର ସ୍କ୍ୱାଡ୍ କର୍ମଚାରୀଙ୍କ ବିରୋଧରେ ଏତଲା

ପୁରୀ,୨୧।୭ (ସମିସ): ବଡ଼ଦାଣ୍ଡରେ ଉଠାଦୋକାନୀଙ୍କୁ ଖରାପ ବ୍ୟବହାର କରିବା ଏବଂ ତାଙ୍କ ସାମଗ୍ରୀ ଫିଙ୍ଗାଫୋପଡ଼ା ଘଟଣା ନେଇ ପୌରସଂସ୍ଥା ସ୍କ୍ୱାଡ୍ କର୍ମଚାରୀଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ରବିବାର ମାଟିତୋଟା ପଞ୍ଚମ ଲେନ୍‌ର ପ୍ରଦୀପ୍ତ କୁମାର ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ କୋର୍ଟଙ୍କ ରାୟ ବଳରେ ବଡ଼ଦାଣ୍ଡରେ ବିକ୍ରି କରୁଥିଲେ। ହେଲେ ପୌର କର୍ମଚାରୀ ସନ୍ତୋଷ ବେହେରା ଏବଂ ଅନ୍ୟମାନେ ପହଞ୍ଚି ଖରାପ ବ୍ୟବହାର କରିବା ସହ ତାଙ୍କ ସାମଗ୍ରୀ ଫିଙ୍ଗି ଦେଇଥିଲେ। ତେଣୁ ଏହାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି।

## ନରେନ୍ଦ୍ରରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ପୁରୀ,୨୧।୭ (ସମିସ): ନରେନ୍ଦ୍ର ପୁଷ୍କରିଣୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି କୁମ୍ଭାରପଡ଼ା ଥାନା ପୁଲିସ। ସୋମବାର ରାତିରେ ନରେନ୍ଦ୍ରରେ ଏକ ଶବ ଭାସୁଥିବା ଦେଖିବାକୁ ମିଳିଥିଲା। ଏହି ଖବର ପାଇ କୁମ୍ଭାରପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ଶବକୁ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବ ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୁଲିସ ସୂଚନା ଅନୁଯାୟୀ, ପ୍ରାୟ ୩୦ରୁ ୩୫ ବର୍ଷର ଯୁବକଙ୍କ ଶବ ରାତିରେ ନରେନ୍ଦ୍ର ପାଣିରେ ଭାସୁଥିବାର ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ଏହି ଖବର ପାଇ କୁମ୍ଭାରପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଅଗ୍ନିଶମାନଙ୍କ ମାଧ୍ୟମରେ ଉଦ୍ଧାର କରିଛି। ତେବେ ମୃତକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ପୁଲିସ ସ୍ଥାନୀୟ ଅଞ୍ଚଳରେ ଚିହ୍ନଟ ପାଇଁ ଉଦ୍ୟମ ଚଳାଇଛି।

## କଲେଜ ଅଧ୍ୟକ୍ଷ-କର୍ମଚାରୀ ବିବାଦ; ଥାନାରେ ଅଭିଯୋଗ

ପୁରୀ,୨୧।୭ (ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ କଲେଜରେ ଅଧ୍ୟକ୍ଷ ଓ ଜନୈକ କର୍ମଚାରୀଙ୍କ ମଧ୍ୟରେ ବିବାଦ ଉପୁଜିଛି। ଏ ନେଇ ଅଧ୍ୟକ୍ଷ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ଦରମା ବନ୍ଦ ହେବା ଫଳରେ ସେ ଆତ୍ମାହୁତି ଦେବାର ଧମକ ଏକ ଗଣମାଧ୍ୟମରୁ ଜାଣିବା ପରେ ଅଧ୍ୟକ୍ଷ ଭୋଳାନାଥ ପାତ୍ର ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି ଯେ ସମ୍ପୃକ୍ତ କର୍ମଚାରୀଙ୍କର କୌଣସି ଅଘଟଣ ଘଟିଲେ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କହିଛନ୍ତି ଯେ ଘଟଣାର ତଦନ୍ତ କରୁଛି ଆଇଆଇସିଙ୍କୁ ପଚାରି ମୋକଦ୍ଦମା ରୁଜୁ କରିବି। ଅଧ୍ୟକ୍ଷ ଶ୍ରୀ ପାତ୍ର କହିଛନ୍ତି ଯେ କର୍ମଚାରୀଙ୍କ ବିଶୃଙ୍ଖଳା ଆଚରଣ ପାଇଁ ମୁଁ ଶିକ୍ଷା ବିଭାଗ ସଚିବଙ୍କୁ ଅବଗତ କରିବା ପରେ ସେ ଦରମା ବନ୍ଦ କରିଛନ୍ତି।

## ଜନ୍ମଦିନରେ ବୃକ୍ଷରୋପଣ

ପୁରୀ,୨୧।୭ (ସମିସ): ସମାଜସେବୀ ତଥା ପ୍ରକୃତିପ୍ରେମୀ ଅଜୟ ପ୍ରଧାନଙ୍କ ଜନ୍ମଦିନ ଅବସରରେ ତାଙ୍କ ନେତୃତ୍ୱରେ ହରେକୃଷ୍ଣପୁର ପଞ୍ଚାୟତ ଧାଉଡ଼ିଆ ଗ୍ରାମ ନଦୀବନ୍ଧ ତଟରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇଛି। ମାନବସେବା ମାଧବ ସେବା ଅନୁଷ୍ଠାନ, ମିଶନ ଓଡ଼ିଶା ଓ ସାହିଭାଇ ଅନୁଷ୍ଠାନର ମିଳିତ ସହଯୋଗରେ ଉତ୍ସାହୀ ଅନେକ ସ୍ୱେଚ୍ଛାସେବୀ ଏହି ମହତ୍ କାର୍ଯ୍ୟରେ ଯୋଗଦେଇଥିଲେ। ପ୍ରକୃତିବନ୍ଧୁ ବଦ୍ରି ମିଶ୍ର, ଗଛ ମଣିଷ ପ୍ରଦୀପ କୁମାର ଦଳେଇ ଓ ନିରଞ୍ଜନ ସ୍ୱାଇଁ କହିଥିଲେ ଯେ ପୁରୀ ଜିଲ୍ଲାକୁ ସବୁଜ ସୁନ୍ଦର କରିବାକୁ ବିଭିନ୍ନ ଅନୁଷ୍ଠାନର ପ୍ରୟାସ ଅଭିନନ୍ଦନୀୟ। ଆଗାମୀ ଦିନରେ ଭାର୍ଗବୀ ନଦୀପଠାରେ ବ୍ୟାପକ ବୃକ୍ଷରୋପଣ କରାଯିବ ବୋଲି ଅଜୟ ପ୍ରଧାନ ଘୋଷଣା କରିଛନ୍ତି।

# ଅଗ୍ନିଶମ ଗାଡ଼ି ଧକ୍କାରେ କଲେଜ ଛାତ୍ର ମୃତ





● ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଅବରୋଧ

● ୮ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଲା ଗାଡ଼ି

ପୁରୀ,୨୧।୭ (ସମିସ)

କଲେଜ ଛାତ୍ରଙ୍କ ଉପରେ ଚଢ଼ିଗଲା ଅଗ୍ନିଶମ ବିଭାଗ ଗାଡ଼ି। ଏହି ଦୁର୍ଘଟଣାରେ ସମ୍ପୃକ୍ତ ଛାତ୍ରଙ୍କ ମୃତ୍ୟୁ ଘଟିଛି। ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର ତୁଳସୀ ଚଉରା ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ଛାତ୍ର ହେଉଛନ୍ତି ସ୍ୱୟଂ ଶୁଭମ୍ ସେନାପତି। ସେ ଏସ୍‌ସିଏସ୍ କଲେଜ ଯୁକ୍ତ ୩ ବିଜ୍ଞାନ ବିଭାଗର ଛାତ୍ର ଥିଲେ। ଏହି ଘଟଣାକୁ ନେଇ ପ୍ରାୟ ୮ ଘଣ୍ଟା ଧରି ରାସ୍ତାରୋକ କରାଯାଇଥିଲା। ବୁଝାଶୁଝା କରାଯିବା ପରେ ରାତି ପ୍ରାୟ ସାଢ଼େ ୮ଟାରେ ରାସ୍ତା ଅବରୋଧ ହଟିଥିଲା। ଫଳରେ ବହୁ ଯାତ୍ରୀ, ପର୍ଯ୍ୟଟକ ଦୀର୍ଘ ସମୟ ଧରି ଅଟକି ରହିଥିଲେ।

ସୂଚନା ଅନୁଯାୟୀ, ସ୍ୱୟଂ ଶୁଭମ୍ କଲେଜ ସାରି ମଧ୍ୟାହ୍ନ ପ୍ରାୟ ୧୨ଟାରେ ବାଇକ୍ ଯୋଗେ ନିଜ ଘର ଚନ୍ଦନପୁରକୁ ଫେରୁଥିଲେ। ତୁଳସୀ ଚଉରା ଛକ ପୂର୍ବରୁ ଅଗ୍ନିଶମ ବାହିନୀର ଏକ ଗାଡ଼ି ଭୁଲ୍ ରାସ୍ତାରେ ଆସୁଥିଲା। ଫଳରେ ବାଇକ୍‌କୁ ଧକ୍କା ଦେଇଥିଲା ଦମକଳ ଗାଡ଼ି। ସ୍ୱୟଂ ତାଙ୍କ ଗାଡ଼ି ସହ ରାସ୍ତାରେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ଓଡ଼ିଶା ପୁଲିସର ଏକ ହାଇୱେ ପାଟ୍ରୋଲିଂ ଗାଡ଼ି ତାଙ୍କୁ ତୁରନ୍ତ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱୟଂଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ତାଙ୍କ ଗାଁ ଲୋକେ ପହଞ୍ଚିଥିଲେ। ଏଥିସହ ତାଙ୍କର କଲେଜ ସାଙ୍ଗସାଥୀ ପହଞ୍ଚି ସେଠାରେ ହୋ-ହଲ୍ଲା କରିଥିଲେ। ଦୁର୍ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ସେଠାରେ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରିଥିଲେ। ଅଗ୍ନିଶମ ଗାଡ଼ି ଚାଳକଙ୍କୁ ଗିରଫ କରିବା ସହ ମୃତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏହି ରାସ୍ତା ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଚନ୍ଦନପୁର ଥାନା ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଅବରୋଧରୁ ଓହରି ନ ଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ତହସିଲ୍‌ଦାର ଅଭିଷେକ ଦାସ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ସେମାନେ ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଏପଟେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଲମ୍ବି ଚାଲିଥିଲା। ଶେଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ ସହ ମଙ୍ଗଳବାର ଏସ୍‌ସିଏସ୍ କଲେଜ ଛାତ୍ରଙ୍କ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ରାତି ପ୍ରାୟ ସାଢ଼େ ୮ଟାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଚନ୍ଦନପୁର ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଥିବାବେଳେ ଏ ନେଇ ଏକ ମାମଲା ରୁଜୁ କରିଛି।

ଶ୍ରାବଣ ଦ୍ୱିତୀୟ ସୋମବାର

# ଶ୍ରୀଲୋକନାଥଙ୍କୁ ଜଳଲାଗି କଲେ ୩୧,୨୫୩ କାଉଡ଼ିଆ



ପୁରୀ,୨୧।୭ (ସମିସ)

ଶ୍ରାବଣ ମାସ ଦ୍ୱିତୀୟ ସୋମବାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ନଦୀରୁ ଜଳ ଆଣି ୩୧,୨୫୩ କାଉଡ଼ିଆ ଶ୍ରୀଲୋକନାଥଙ୍କୁ ଜଳଲାଗି କରିଛନ୍ତି। ମନ୍ଦିର ଦ୍ୱାର ଫିଟାଯିବା ପରେ ଜଳଲାଗି ପାଇଁ କାଉଡ଼ିଆଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ବାବା ଲୋକନାଥଙ୍କ ଦର୍ଶନ ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି।

ରବିବାରଠାରୁ ଶ୍ରୀକ୍ଷେତ୍ରକୁ ବୋଲବମ୍ ଭକ୍ତଙ୍କ ଆଗମନ ଜୋର୍ ଧରିଥିଲା। ଭୁବନେଶ୍ୱର ପାଶ୍ୱର୍ରୁ ଆସୁଥିବା ଭକ୍ତମାନେ ବାଟମଙ୍ଗଳା, ଅଠରନଳା ଦେଇ ପୁରୀକୁ ପ୍ରବେଶ କରିଥିଲେ। ସେହିପରି ପୁରୀ ବାଇପାସ୍ ମଙ୍ଗଳାଘାଟ ଛକ ଦେଇ ଅନେକ କାଉଡ଼ିଆ ଲୋକନାଥ ପୀଠକୁ ଯାଇଥିଲେ। ସନ୍ଧ୍ୟା ପରଠାରୁ ବ୍ୟାରିକେଡ୍‌ରେ ଲାଇନ୍ ଲଗାଇଥିଲେ କାଉଡ଼ିଆ। ରାତି ୧୦ଟା ବେଳକୁ ହଜାର ହଜାର ସଂଖ୍ୟାରେ ବୋଲ୍‌ବମ୍ ଭକ୍ତ ଧାଡ଼ି ଲଗାଇ ଦେଇଥିଲେ। ଶୃଙ୍ଖଳିତ ଜଳଲାଗି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାତି ୧୨ଟା ୫ରେ ଦ୍ୱାର ଫିଟାଯାଇଥିଲା। ମଙ୍ଗଳ ଆଳତି ଓ ଅବକାଶ ପରେ ସାଢ଼େ ୧୨ଟାରୁ ଜଳଲାଗି ଆରମ୍ଭ ହୋଇଥିଲା। ବ୍ୟାରିକେଡ୍ ଦେଇ ପାର୍ବତୀ ସାଗର କଡ଼େ କଡ଼େ ଯାଇଥିଲେ। ରୋଷଘର ଦୁଆରମୁହଁରେ ପ୍ରବେଶ କରି ନାଟାମ୍ବର ମନ୍ଦିର ପଛପଟେ ଯାଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ପ୍ରଭୁ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିଥିଲେ। ଏହାପରେ ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଶ୍ରୀଲୋକନାଥ ମନ୍ଦିର ମ୍ୟାନେଜର ଅପଚ୍ଛ ପରିଡ଼ା କୁହନ୍ତି, ରବିବାର ଅପରାହ୍ଣରୁ କାଉଡ଼ିଆମାନଙ୍କ ଆଗମନ ହୋଇଥିଲା। ସନ୍ଧ୍ୟା ସୁଦ୍ଧା କାଉଡ଼ିଆମାନେ ଲାଇନ୍‌ରେ ରହିଥିଲେ। ରବିବାର ରାତି ୧୨ଟା ୫ରେ ଦ୍ୱାର ଫିଟିବା ପରେ ସାଢ଼େ ୧୨ଟାରୁ ଜଳଲାଗି ଆରମ୍ଭ ହୋଇଥିଲା। ଦ୍ୱିତୀୟ ସୋମବାର ୩୧,୨୫୩ ଟିକଟ ବିକ୍ରି କରାଯାଇଥିଲା। ସୋମବାର ଅପରାହ୍ଣ ପ୍ରାୟ ୪ଟା ପର୍ଯ୍ୟନ୍ତ କାଉଡ଼ିଆମାନେ ଜଳଲାଗି କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।

## ଚକ୍ରନାରାୟଣଙ୍କ ଚାରି ଆଶ୍ରମବିଜେ



ପୁରୀ,୨୧।୭ (ସମିସ): ଶ୍ରାବଣ କୃଷ୍ଣ ଏକାଦଶୀକୁ ଚକ୍ରବୁଲା ଏକାଦଶୀ କୁହାଯାଏ। ସୋମବାର ଚକ୍ରବୁଲା ଏକାଦଶୀରେ ପରମ୍ପରା ଅନୁଯାୟୀ, ଚକ୍ରନାରାୟଣ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ପରିକ୍ରମା କରିଛନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଦଇତାପତି ସେବକମାନେ ମହାପ୍ରଭୁ ଧାରଣ କରୁଥିବା ସୁବର୍ଣ୍ଣ ଚକ୍ରକୁ ଆଣି ବିମାନରେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ବଡ଼ ଦେଉଳକୁ ଗୋଟିଏ ଘେରା ପରିକ୍ରମା କରି ଚକ୍ରନାରାୟଣଙ୍କୁ ଶ୍ରୀକ୍ଷେତ୍ରର ମାର୍କଣ୍ଡେୟ, ଅଙ୍ଗିରା, ଭୃଗୁ ଓ କଣ୍ଡୁ ଆଶ୍ରମ ପରିକ୍ରମା କରାଇଥିଲେ। ପ୍ରତି ଆଶ୍ରମରେ ଶୀତଳ ଭୋଗ, ବନ୍ଦାପନା ଇତ୍ୟାଦି ନୀତିକାନ୍ତି ସାରି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବାଟରେ ମଧ୍ୟ ବିଭିନ୍ନ ସ୍ଥାନରେ ଚକ୍ରନାରାୟଣ ପନ୍ତି ଖାଇଥିଲେ। ଲୋକକଥା ଅନୁଯାୟୀ, ରଥଯାତ୍ରା ପରେ ପରେ ଶ୍ରୀକ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ଏବଂ ଦୁଷ୍ଟ ଗ୍ରହମାନଙ୍କ ନିରାକରଣ ପାଇଁ ସ୍ୱୟଂ ଚକ୍ରରାଜ ଚାରି ଆଶ୍ରମ ସମେତ ଶ୍ରୀକ୍ଷେତ୍ର ପରିକ୍ରମା କରିଥା'ନ୍ତି। ଶ୍ରୀକ୍ଷେତ୍ର ଶୁଦ୍ଧି ଏହାର ମୂଳ ଲକ୍ଷ୍ୟ।

● ନାବାଳିକାକୁ ପୋଡ଼ିଦେବା ଘଟଣା

## ୬୦ ଘଣ୍ଟା ପରେ ବି ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ବିଫଳ



ବଳଙ୍ଗା,୨୧।୭ (ସମିସ): ବଳଙ୍ଗା ଥାନା ବାୟାବର ବସ୍ତିର ନାବାଳିକାଙ୍କୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ପୋଡ଼ିଦେବା ମାମଲାକୁ ୬୦ ଘଣ୍ଟାର ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଘଟଣାର ରହସ୍ୟ ଭେଦ କରିପାରୁନି ପୁଲିସ। ପୁଲିସ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ଦିନରାତି ଏକ କରି ତଦନ୍ତ ଜାରିରଖିଥିଲା ବେଳେ ପ୍ରକୃତ ରହସ୍ୟକୁ ଉନ୍ମୋଚନ କରିବାରେ ବିଫଳ ହୋଇଛି। ଏହି ଘଟଣାରେ ରବିବାର ରାତିରେ ସ୍ପେଶାଲ ସ୍କ୍ୱାଡ୍ ପୀଡ଼ିତାଙ୍କ ଘରକୁ ଯାଇ ଛାନ୍‌ଭିନ୍ କରିଥିଲା। ସୋମବାର ସ୍ପେଶାଲ ବ୍ରାଞ୍ଚ ଆଇଜିଙ୍କ ନେତୃତ୍ୱରେ ୧୦ଜଣିଆ ଟିମ୍ ସହ କ୍ରାଇମ୍ ବ୍ରାଞ୍ଚର ୪ଜଣିଆ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସକାଳ ସମୟରେ ଗଠନ କରାଯାଇଥିବା ୩ଟି ସ୍ପେଶାଲ ସ୍କ୍ୱାଡ୍ ସହ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଓ ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ପୀଡ଼ିତାଙ୍କ ଘରକୁ ଯାଇ ସମ୍ପର୍କୀୟ ଓ ଗ୍ରାମବାସୀଙ୍କୁ ପୁନର୍ବାର ପଚରାଉଚରା ଚଳାଇବା ସହ ପୀଡ଼ିତାଙ୍କ ସାଙ୍ଗସାଥୀଙ୍କ ସହ ସମ୍ପର୍କୀୟ ମୋଟ୍ ୧୦ ଜଣଙ୍କୁ ଉଠାଇ ଆଣି ଥାନାରେ ଦିନତମାମ ପଚରାଉଚରା କରୁଛନ୍ତି।

■ ପୀଡ଼ିତାର ସାଙ୍ଗ ଓ ସମ୍ପର୍କୀୟଙ୍କୁ ଉଠାଇ ଆଣି ଥାନରେ ମାରାଥାନ୍ ଜେରା

■ ଘଟଣାସ୍ଥଳରେ କ୍ରାଇମ୍‌ବ୍ରାଞ୍ଚ ଓ ସ୍ପେଶାଲ ବ୍ରାଞ୍ଚ ଆଇଜିଙ୍କ ପରିଦର୍ଶନ

ଅନ୍ୟପଟେ ଘଟଣାସ୍ଥଳରୁ ଜବତ କରାଯାଇଥିବା ମୁଦି ଓ ଚୁଡ଼ି ପୀଡ଼ିତାଙ୍କର ନୁହେଁ ବୋଲି ପୀଡ଼ିତାଙ୍କ ସମ୍ପର୍କୀୟ ଖୁଡ଼ି କହିଥିଲାବେଳେ ଦରପୋଡ଼ା ପୋଷାକଗୁଡ଼ିକ ତାଙ୍କ ଝିଅାରୀର ବୋଲି କହିଛନ୍ତି। ପୁଲିସ ଟିମ୍ ଘଟଣାସ୍ଥଳରୁ ମିଳିଥିବା ରୁପା ମୁଦି ଉପରେ ଫୋକସ୍ କରି ବଳଙ୍ଗା ବଜାରରେ ଥିବା ବିଭିନ୍ନ ଦୋକାନକୁ ଯାଇ ତଦନ୍ତ କରିଥିଲେ। ପୁଲିସର ସମସ୍ତ ଚେଷ୍ଟା ସତ୍ତ୍ୱେ ଘଟଣା ଉପରୁ ପରଦା ହଟିପାରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କ୍ରାଇମ୍ ବ୍ରାଞ୍ଚ ଓ ସ୍ପେଶାଲ ବ୍ରାଞ୍ଚ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସମୟରେ ପୀଡ଼ିତା ନାବାଳିକାକୁ ଉଦ୍ଧାର କରିଥିବା ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତିଙ୍କୁ ଭେଟି ଘଟଣାଦିନ ନାବାଳିକା କେଉଁଭଳି ପରିସ୍ଥିତିରେ ଆସିଥିଲା ଓ କ'ଣ କ'ଣ ହୋଇଥିଲା ସେନେଇ ପଚାରି ବୁଝିଥିଲେ।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା

# ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବାମ ଦଳ

ପୁରୀ,୨୧।୭ (ସମିସ)




ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। କେହି କାହାକୁ ମାନିବାକୁ ନାରାଜ। ଅପରାଧ ବଢ଼ି ବଢ଼ି ଚାଲିଛି। ଏବେ ନିମାପଡ଼ା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ସ୍ପଷ୍ଟ ଦିବାଲୋକରେ ଜିଅନ୍ତା ଜାଳିଦେବାକୁ ହୋଇଛି ଉଦ୍ୟମ। ୩ ଜଣ ଦୁର୍ବୃତ୍ତ ନାବାଳିକାଙ୍କ ଦେହରେ ନିଆଁ ଲଗାଇ ଦେଇଛନ୍ତି। ନିକଟରେ ଗଞ୍ଜାମ ଗୋପାଳପୁରରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ମାଗି ଶେଷରେ ଜୀବନ ହାରିଥିଲେ। ବର୍ତ୍ତମାନ ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ଅଞ୍ଚଳରେ ଘଟିଛି ଲଜ୍ଜାଜନକ ଏବଂ ଲୋମହର୍ଷଣକାରୀ ଘଟଣା। ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀରେ ଜଣେ ନାବାଳିକାଙ୍କୁ ପୋଡ଼ି ମାରିଦେବାକୁ ହୋଇଛି ଉଦ୍ୟମ। ଏହାକୁ ନେଇ ହୋ-ହଲ୍ଲା ଚାଲିଥିବାବେଳେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି ବାମ ଦଳ। ଏଥିସହ ବଳଙ୍ଗା ପୀଡ଼ିତାଙ୍କୁ ଜିଅନ୍ତା ଜାଳିବାକୁ ଉଦ୍ୟମ କରିଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ, ନ୍ୟାୟିକ କମିଶନ ଗଠନ ସହିତ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏଥିସହ ବିଜେପି ସରକାର ଓ ଶାସନର ଅରାଜକତା ବିରୋଧରେ ଗଣପ୍ରତିବାଦ କରିଥିଲେ।

ଆନ୍ଦୋଳନକାରୀ କହିଥିଲେ, ଗତ ୧୪ ମାସରେ ଓଡ଼ିଶାରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମହିଳା ଓ ଛାତ୍ରୀ ସୁରକ୍ଷିତ ନୁହନ୍ତି। କେଉଁଠି ଗଣଦୁଷ୍କର୍ମ ତ କେଉଁଠି ନିର୍ଯାତନା ଆଉ ହତ୍ୟା ଯାହା ଚିନ୍ତାଜନକ ଏବଂ ନିନ୍ଦନୀୟ। ରାଜ୍ୟରେ ମହିଳା ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନର ଆବଶ୍ୟକତା ରହିଛି। ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଅମାନବୀୟ କାଣ୍ଡ ଘଟିବା ଓଡ଼ିଶାରେ ଜଙ୍ଗଲରାଜ୍ ଓ ଗୁଣ୍ଡା ଅସାମାଜିକ ଶାସନ ଚାଲିଥିବା ପ୍ରତୀୟମାନ ହେଉଛି। ବିଜେପି ସରକାର ଶାସନ କ୍ଷମତାରେ ରହିବାର ସମସ୍ତ ନୈତିକ ଅଧିକାର ହରାଇଛି। ପୁଲିସ ବ୍ୟବସ୍ଥା ଅଥର୍ବ ପଙ୍ଗୁ ପାଲଟିଯାଇଛି ବୋଲି କହିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ନିକଟରେ କେତେକ ଦାବି ରଖିଥିଲେ। ସେଥିମଧ୍ୟରେ ନିର୍ଯାତନାର ଶିକାର ହେଉଥିବା ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ମହିଳା ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ନ୍ୟାୟିକ କମିଶନ ଗଠନ, ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା, ମହିଳା ଟାସ୍କଫୋର୍ସ ଗଠନ, ସବୁ ଘଟଣାର ଦୋଷୀଙ୍କୁ ଗିରଫ କରି ଫାଷ୍ଟ ଟ୍ରାକ୍ କୋର୍ଟ ଦ୍ୱାରା ତୁରନ୍ତ ଦଣ୍ଡବିଧାନ ପାଇଁ ଦାବି କରିଥିଲେ। ଏଥିରେ ସିପିଆଇଏମ୍‌ର ଜମ୍ବେଶ୍ୱର ସାମନ୍ତରାୟ, ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ଭୀମ ସ୍ୱାଇଁ, ପୀତବାସ ବେହେରା, ଶ୍ରୀକାନ୍ତ ପରିଜା, ଜ୍ୟୋତ୍ସ୍ନା ସୁବୁଦ୍ଧି, ସିପିଆଇର ଦେବେନ୍ଦ୍ର ସାହୁ, କୃଷ୍ଣ ରାଉତ, ବ୍ରଜ ପ୍ରଧାନ, ପ୍ରଦୀପ୍ତ ମହାନ୍ତି, ବିଦ୍ୟୁଲତା ପୃଷ୍ଟି, ପ୍ରଫୁଲ୍ଲ ମହାପାତ୍ର, ହରିହର ସେନାପତି, ଟୁନା ନାୟକ, ସୁରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।





## ବଦଳୁଛି ଉପକଣ୍ଠର ଚିତ୍ର

# ତୋଟା ଜାଗାରେ ମାଳମାଳ କୋଠା

ବଡ଼ରଘୁନାଥପୁର, ୨୧।୭ (ସମିସ)

ବଢୁଛି ରାଜଧାନୀ ସହର। ରାଜଧାନୀ ସହରର ପରିସୀମା ବୃଦ୍ଧି ସାଙ୍ଗକୁ ଉପକଣ୍ଠ ବର୍ତ୍ତୀ ଅଞ୍ଚଳରେ ଥିବା ଚାଷଜମିଠାରୁ ଆରମ୍ଭ କରି ଜଙ୍ଗଲ ଉପରେ ଗୋଟିଏ ପରେ ଗୋଟିଏ ଜନବସତି ଗଢ଼ି ଉଠିଛି। ଏହିକ୍ରମରେ ରାଜଧାନୀ ଉପକଣ୍ଠରେ ଥିବା ବିଭିନ୍ନ ଆମ୍ବ, ପଣସ, ଜାମୁ, ପଟାସିଆ, ଆକାଶିଆ ତୋଟାମାନ ଥିଲା। କିନ୍ତୁ ସମୟକ୍ରମେ ଏସବୁ ତୋଟା ବଦଳରେ ଏବେ ଗଢ଼ି ଉଠିଛି ବଡ଼ବଡ଼ ଆପାର୍ଟମେଣ୍ଟ ସହ ଘରଦ୍ୱାରା ଏବଂ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି। ଫଳରେ ତୋଟା ଏବଂ ଜଙ୍ଗଲ କ୍ରମେ ହ୍ରାସ ପାଇବାରେ ଲାଗିଛି।

ଆଜକୁ ଦୀର୍ଘ ୩୦ ବର୍ଷ ତଳର ସ୍ଥିତିକୁ ଅନୁଧ୍ୟାନ କଲେ ରାଜଧାନୀ ଉପକଣ୍ଠସ୍ଥିତ, ମଦନପୁର, ବଡ଼ରଘୁନାଥପୁର, କାଇମାଟିଆ ଜାଗସରା, ଦେଉଳିଆପାଟଣା, ପାଇକରାପୁର, ମଳିପଡ଼. ଘାଟିକିଆ, ନୂଆଗାଁ, ଶାମପୁର ଆଦି ଅଞ୍ଚଳରେ ଛୋଟବଡ଼ ହୋଇ ଦେଢ଼ଶହରୁ ଅଧିକ ତୋଟା ରହିଥିଲା। ଯଦିବା ସେଥି ମଧ୍ୟରେ ଜାମୁ, କାଜୁ ତୋଟା ରହିଥିଲା କିନ୍ତୁ ଅଧିକାଂଶ ଆମ୍ବ ଓ ପଣସ ତୋଟା ରହିଥିଲା। ସେଥିମଧ୍ୟରୁ ବଡ଼ରଘୁନାଥପର ଗ୍ରାମରେ ଚମ୍ପେଇ ତୋଟା, ଜେନା ତୋଟା, ହଳଦୀବାରି ତୋଟା, ସାମନ୍ତରାୟ ତୋଟା, ଫଟେଇ ତୋଟା, ଭୂୟାଁ ତୋଟା, କଦଳିଆ ତୋଟା, ମୂଷା ଚେରେଇ ତୋଟା, କୁରାଡ଼ିଆ ତୋଟା, ମରିଚିପାଣିଆ ତୋଟା, ବେଲ ପତରିଆ ତୋଟା, ନାଚେଇ ତୋଟା ଆଦି ୧୫ରୁ ଅଧିକ ତୋଟା ରହିଥିଲା। ଯେଉଁଠାରେ ଅଧିକାଂଶ ଆମ୍ବ ଓ ପଣସ ଗଛ ରହିଥିଲା। ସେହିଭଳି ମଦନପୁର ଗ୍ରାମରେ ପଟ୍ଟନାୟକ, ସୁନ୍ଦରାୟ ତୋଟା, ଚମ୍ପତି ତୋଟା ରହିଥିବା ବେଳେ ଦେଉଳିଆ ପାଟଣାରେ ମହାଜନସାହି ତୋଟା ଏବଂ କପିଳ ସାହୁ ତୋଟା ଦୁଇଟି ବଡ଼ ତୋଟା ତୋଟା ସମେତ ୪ରୁ ୫ଟି ତୋଟା ରହିଥିଲା।

କାଇମାଟିଆ ଗ୍ରାମରେ ଦଳବେହେରା ତୋଟା ପାଇକରାପୁର ଗ୍ରାମରେ ମଙ୍ଗରାଜ ତୋଟା, ଗଜାତୋଟା, ହାଡ଼ତୋଟା, ଅଠରଭାଗିଆ ତୋଟା ଭଳି ୧୦ରୁ ଅଧିକ ତୋଟା ରହିଥିଲା। କେବଳ ପାଇକରାପୁର, ମଦନପୁର, ବଡ଼ରଘୁନାଥପୁର କି କାଇମାଟିଆ ନୁହେଁ ମଳିପଡ଼ା ଗୋଠପାଟଣା, ମେଣ୍ଢାଶାଳଠାରୁ ଆରମ୍ଭ କରି ଛତାବର, ଅରିସଲ, ଅନ୍ଧାରୁଆ ପର୍ଯ୍ୟନ୍ତ ଉପକଣ୍ଠବର୍ତ୍ତୀ ପ୍ରତ୍ୟେକ ଗାଁରେ ମାଳମାଳ ଆମ୍ବ, ପଣସ ତୋଟା ରହିଥିଲା। ଯେଉଁଠାରେ ପ୍ରଚୁର ପରିମାଣ ଆମ୍ବ ଓ ପଣସ ଗଛ ରହିଥିଲା। ଯାହା ଉପକଣ୍ଠବର୍ତ୍ତୀ ଅଞ୍ଚଳର ପରିବେଶ ସୁରକ୍ଷା ରଖିବା ସହ ସବୁଜ ପରିବେଶ ସୃଷ୍ଟିରେ ସହଯୋଗୀ ହୋଇଥିଲା। ଏହିସବୁ ଗ୍ରାମରେ ଥିବା ତୋଟାରୁ ପ୍ରଚୁର ପରିମାଣର ଆମ୍ବ, ପଣସ ସଂଗ୍ରହ କରି ଲୋକେ ନିଜେ ଖାଇବା ସହ ଅନେକ ଲୋକେ ବାହାରେ ବିକ୍ରି କରୁଥିଲେ। ଅନେକ ଏହାକୁ ପେସା କରି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ସମୟ କ୍ରମେ ଗତ ୨୫ରୁ



୩୦ ବର୍ଷ ମଧ୍ୟରେ ରାଜଧାନୀ ସହର ମାଡ଼ିଯିବା କ୍ରମରେ ଏସବୁ ତୋଟାଗୁଡ଼ିକ ବିଭିନ୍ନ ଲୋକଙ୍କୁ ବିକ୍ରି କରି ଦିଆଗଲା। ଅନେକ ତୋଟା ସ୍ଥାନରେ ଘରମାନ ଗଢ଼ି ଉଠିଲା। ଏବେ ପ୍ରାୟ ଅଧିକାଂଶ ତୋଟାରେ ମାଳମାଳ କୋଠା ତଥା ଆପାର୍ଟମେଣ୍ଟ ମାନ ଗଢ଼ି ଉଠିଛି। ଏକଦା ଗାଡ଼ିଗାଡ଼ି ଆମ୍ବ, ପଣସ ଉତ୍ପାଦନ ହେଉଥିବା ଏହି ଅଞ୍ଚଳ ଲୋକେ ଏବେ ଆମ୍ବ କସିଟିଏ ପାଇବା କାଠିକର ବ୍ୟାପାର ହୋଇଯାଉଛି। ଉପକଣ୍ଠବର୍ତ୍ତୀ ଅଞ୍ଚଳବାସୀ ଆମ୍ବ ପଣସ ପାଇଁ ଭୁବନେଶ୍ୱର ସହର ଉପରେ ନିର୍ଭର କରୁଛନ୍ତି। ଯଦିବା କାଁ ଭାଁ ଆମ୍ବଗଛ କି ପଣସ ଗଛ ରହିଛି ସେଥିରୁ ସେତିକି ପରିମାଣର ଫଳ ଉତ୍ପାଦନ ହେଉନାହିଁ। ତାକୁ ବାହାରେ ବିକିବା ବଦଳରେ ଲୋକେ ନିଜେ ଖାଇବାକୁ ପାଉ ନାହାନ୍ତି।

# ସଚିବାଳୟରେ ଆଇଏଏସ୍‌ଙ୍କ ଗାଡ଼ି ଚଳାଉଛନ୍ତି ମହିଳା



ଭୁବନେଶ୍ୱର, ୨୧।୭ (ସମିସ): ଘରର ଚାରିକାନ୍ଥ ଭିତରେ ଆବଦ୍ଧ ରହୁଥିବା ମହିଳାମାନେ ଏବେ ସ୍ୱାବଲମ୍ବୀ ହୋଇ ପୁରୁଷ କୈନ୍ଦ୍ରିକ ସମାଜରେ ଉଦାହରଣ ପାଲଟିଛନ୍ତି। ଏଭଳି ଜଣେ ମହିଳା ହେଉଛନ୍ତି ସନ୍ଧ୍ୟାରାଣୀ ମାଝୀ। ଯେ କି ଓଡ଼ିଶାର ପ୍ରଥମ ସରକାରୀ ମହିଳା ଡ୍ରାଇଭର ଭାବେ ଆଇଏଏସ୍ ତଥା ପରିବହନ ବିଭାଗର ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଗାଡ଼ି ଚଳାଉଛନ୍ତି। ଜଣେ ଆଇଏଏସ୍ ଅଧିକାରୀଙ୍କୁ ଗାଡ଼ିରେ ନେବା ଆଣିବା କରିବା କେବଳ ଏକ ସୁଯୋଗ ନୁହେଁ ବରଂ ଏହା ଅନ୍ୟମହିଳାଙ୍କ ପାଇଁ ଉଦାହରଣ।

ସନ୍ଧ୍ୟାରାଣୀଙ୍କ ଘର ମୟୂରଭଞ୍ଜ ଜିଲ୍ଲା ଯଶୀପୁରରେ। ପିଲାଦିନରୁ ତାଙ୍କର ଗାଡ଼ି ଚଳାଇବା ପ୍ରତି ଯଦିଓ ଦୁର୍ବଳତା ରହିଥିଲା, ତଥାପି ସୁଯୋଗ ମିଳି ନ ଥିଲା। ହେଲେ ପାଠପଢ଼ା ସରିବା ପରେ ବୁଲେଟ୍ ଓ ବାଇକ୍ ଚଳାଇବାକୁ ତାଙ୍କ ନିଶା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ପେସାରେ ପରିଣତ ହୋଇଛି। ୨୦୧୦ ମସିହାରେ ଏକ ଘରୋଇ ଡ୍ରାଇଭିଂ ସ୍କୁଲରେ ଟ୍ରେନିଂ ନେବା ପରେ ବ୍ୟକ୍ତିଗତ ଗାଡ଼ି ଚଳାଉଥିଲେ ସନ୍ଧ୍ୟାରାଣୀ। ଅନେକ ସମୟରେ ସାଙ୍ଗସାଥୀଙ୍କୁ ମଧ୍ୟ ବିଭିନ୍ନ ସ୍ଥାନକୁ ନେବା ଆଣିବା କରିଥାନ୍ତି। ଟ୍ରାନ୍ସପୋର୍ଟ ବିଭାଗ ପକ୍ଷରୁ ୨୦୨୩ରେ ଛତିଆରେ ଟ୍ରେନିଂ ନେଇଥିଲେ। ଏହାପରେ ଚଳିତ ବର୍ଷ ଜୁନ୍ ମାସରୁ ପରିବହନ ବିଭାଗ ମୁଖ୍ୟ ଶାସନସଚିବ ଶ୍ରୀମତୀ ପାଢ଼ୀଙ୍କ ଗାଡ଼ି ଚଳାଇବାକୁ ତାଙ୍କୁ ଏକ ଫୋନ୍ କଲ୍ ଯାଇଥିବା ବେଳେ ଏଥିପାଇଁ ଅନ୍ୟ ପ୍ରତିଯୋଗୀଙ୍କ ସହ ମଧ୍ୟ ପତିଯୋଗିତା କରି ସଫଳ ହୋଇଥିଲେ। ଏହାପରେ ସେ ଡ୍ରାଇଭର ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ ସନ୍ଧ୍ୟାରାଣୀ କହିଛନ୍ତି ଯେ, ଯେଉଁ ଭରସା ଓ ବିଶ୍ୱାସରେ ମୋତେ ଏତେବଡ଼ ଦାୟିତ୍ୱ ଦିଆଯାଇଛି ତାହାକୁ ମୁଁ ସବୁ ବେଳେ ପାଳନ କରିବି। ତେବେ ସରକାରୀ କ୍ଷେତ୍ରରେ ମୁଁ ପ୍ରଥମ ମହିଳା ଡ୍ରାଇଭର ବୋଲି ମୋତ ଗର୍ବ ଲାଗୁଛି। ମୋ ସ୍ୱାମୀ ଓ ପରିବାରଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଥିବାରୁ ମୁଁ ଏଠାରେ ପହଞ୍ଚି ପାରିଛି ବୋଲି ସନ୍ଧ୍ୟାରାଣୀ କହିଛନ୍ତି।

## ରାଜଧାନୀରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୧।୭ (ସମିସ): ବାଲେଶ୍ୱର ଏଫ୍‌ଏମ୍ କଲେଜରେ ନିଜ ସୁରକ୍ଷା ପାଇଁ ଲଢ଼ି ଲଢ଼ି ଜୀବନ ଦେଇଥିବା ସୌମ୍ୟାଶ୍ରୀ ବିସିଙ୍କ ଉଦ୍ଦେଶ୍ୟରେ ଦୀପଦାନ ଓ ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଇଛି ରାଜଧାନୀ ସଂଗ୍ରାମୀ ସେବା ସଂଘ। କାର୍ଯ୍ୟକ୍ରମରେ ସାମ୍ବାଦିକ ଗିରିଜା ଶଙ୍କର ଦାଶ, ସମାଜସେବୀ ମାନସ ବସ୍ତିଆ, ସାମ୍ବାଦିକ ସତ୍ୟଜିତ ମହାପାତ୍ର, ଭିନ୍ନସ୍ୱର ସମ୍ପାଦକ ସୁଶାନ୍ତ ମହାକୁଡ଼, ସାମ୍ବାଦିକ ଜ୍ୟୋତି, ନବୀନ କୁମାର ଦାସ, ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ସେନାପତି, ମାନସ ସାହୁ, ସୀମାଞ୍ଚଳ ପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଗଠନ ପ୍ରତିଷ୍ଠାତା ବାପୁ ଓଝା ପରିଚାଳନା କରିଥିଲେ।

## ଫାର୍ମାସିଷ୍ଟମାନଙ୍କ ଦ୍ୱି-ଦିବସୀୟ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର, ୨୧।୭ (ସମିସ): ଶ୍ରମ ବିଭାଗ, ଓଡ଼ିଶା ଦ୍ୱାରା ରାଜ୍ୟ ଶ୍ରମ ସଂସ୍ଥାନ ଆନୁକୂଲ୍ୟରେ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା (ଇଏସଆଇ) ନିର୍ଦ୍ଦେଶାଳୟ ସହଯୋଗିତାରେ ଇଏସ୍‌ଆଇ ଔଷଧ ବିଶେଷଜ୍ଞ (ଫାର୍ମାସିସଷ୍ଟ) ମାନଙ୍କ ନିମନ୍ତେ ଏକ ଦୁଇ ଦିବସୀୟ ତାଲିମ କାର୍ଯ୍ୟକ୍ରମ ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ ପ୍ରକୋଷ୍ଠରେ ଉଦ୍‌ଯାପିତ ହୋଇଯାଇଛି। ତାଲିମ ଶେଷରେ କୃତି ଇଏସଆଇ ଔଷଧ ବିଶେଷଜ୍ଞ (ଫାର୍ମାସିସ୍ଟ) ମାନଙ୍କୁ ପ୍ରମାଣପତ୍ର ରାଜ୍ୟ ଶ୍ରମ ସଂସ୍ଥାନ ନିର୍ଦ୍ଦେଶକ ତଥା ଶ୍ରମ ବିଭାଗ ଅତିରିକ୍ତ ଶାସନ ସଚିବ ନୀତି ରଞ୍ଜନ ସେନ୍‌ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

## ଏମ୍‌ଏସ୍ ସ୍ୱାମୀନାଥନ ସ୍ମାରକୀ ବକ୍ତୃତାମାଳା

ଭୁବନେଶ୍ୱର, ୨୧।୭ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍) ରେ 'ଚତୁର୍ଦ୍ଦଶ ସ୍ୱାମୀନାଥନ ବକ୍ତୃତାମାଳା' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରବଙ୍ଗ କୃଷି ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା କୃଷି ସମ୍ପ୍ରସାରଣ ବିଜ୍ଞାନୀ ଭାବେ ପରିଚୟ ସୃଷ୍ଟି କରିଥିବା ଓଡ଼ିଆ ବୈଜ୍ଞାନିକ ପ୍ରଫେସର ଡ. କୌଶିକ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବକ୍ତୃତାମାଳାର ସଂଯୋଜକ ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଓ ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ରାଜୀବ କୁମାର ବେହେରା ପରିଚାଳନା କରିଥିଲେ।

## ସିପିଆଇ ବାଲିଅନ୍ତା ଶାଖାର ଶାଖା ସମ୍ମିଳନୀ



ଭୁବନେଶ୍ୱର, ୨୧।୭ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜୋନ୍ କମିଟି ବାଲିଅନ୍ତା ଶାଖାର ଶାଖା ସମ୍ମିଳନୀରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ନମିତା ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଶାଖା ସମ୍ପାଦକ ମଞ୍ଜୁବାଳା ଭୋଇ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ମହିଳାଙ୍କ ପ୍ରତି ଗଣଦୁଷ୍କର୍ମ ଓ ହତ୍ୟାକାଣ୍ଡ, ଦଳିତ ଆଦିବାସୀଙ୍କ ସହିତ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ବଢ଼ିଚାଲିବା ସହ ଆଇନ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୂଶୁଡ଼ି ପଡ଼ିଛି। ଦଳିତ ମାନଙ୍କ ଉପରେ ଅମାନୁଷିକ ଆକ୍ରମଣ ବଢ଼ିବଢ଼ି ଚାଲିଛି। ତେଣୁ ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ଆଗାମୀ ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀକୁ ସଫଳ କରିବା ସହ ରାଜ୍ୟସ୍ତରୀୟ ଶତବାର୍ଷିକ ସମାରୋହରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ଏହି ସମ୍ମିଳନୀରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ପାର୍ଟିର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ପାର୍ଟିର ଭୁବନେଶ୍ୱର ଅଞ୍ଚଳ ସମ୍ପାଦକ କ. ସୁର ଜେନା, ଉଦ୍‌ବୋଧନ ଦେଇ ପାର୍ଟିର ଶହେବର୍ଷର ସଂଘର୍ଷ, ତ୍ୟାଗ ଓ ଆତ୍ମ ବଳିଦାନର ଇତିହାସର ସୂଚନା ଦେଇ ଜନ ସଂଘର୍ଷକୁ ଆହୁରି ଶକ୍ତିଶାଳୀ କରାଇବାକୁ ଆହ୍ୱାନ ଦେଇଥିଲେ। ସମ୍ମଳନୀରେ ଆଗାମୀ ୩ ବର୍ଷ ପାଇଁ ସମ୍ପାଦକ ଭାବେ ମଞ୍ଜୁବାଳା ଭୋଇ, ସହ ସମ୍ପାଦକ ଭାବେ ବାସନ୍ତୀ ପଣ୍ଡା, ପ୍ରତିମା କାଣ୍ଡି ଓ ରୁନୁବାଳା ସାହୁ ଓ କୋଷାଧ୍ୟକ୍ଷ ଭାବେ ମମତା ପଣ୍ଡା ନିର୍ବାଚିତ ହୋଇଛନ୍ତି।

## ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ବୃକ୍ଷରୋପଣ

ଭୁବନେଶ୍ୱର, ୨୧।୭ (ସମିସ): ସବୁଜିମାକୁ ବୃଦ୍ଧି କରିବା ସହ ପରିବେଶ ସନ୍ତୁଳନ ସଚେତନତା ବାର୍ତ୍ତା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏହି 'ଏକ୍ ପେଡ ମା' କେ ନାମ ୨.୦' ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ଛତାବରସ୍ଥିତ ବିଶ୍ୱବିଦ୍ୟାଳୟର କୃଷି ଗବେଷଣା କେନ୍ଦ୍ର ଠାରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପ୍ରାୟ ୭୦ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଫ୍ୟାକଲ୍ଟି ମେମ୍ବର୍ସଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇ ଜାମୁ କୋଳି, ଓଉ, ବେଲ ଏବଂ ବଉଳ ଗଛର ଚାରା ରୋପଣ କରିବା ସହ ପରିବେଶର ସୁରକ୍ଷା ନିମନ୍ତେ ଶପଥ ନେଇଥିଲେ। ଏହି ଅବସରରେ ପରିବେଶ ସଚେତନତା ନେଇ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏକ କୁଇଜ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ) ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ସୋଆ ୟୁନିଭର୍ସିଟି ଆଉଟରିଚ୍ ପ୍ରୋଗ୍ରାମ ଏବଂ ଇଣ୍ଟରନ୍ୟାସ୍‌ନାଲ ରିଲେସନ୍‌ସର ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ. ଶର୍ମା, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମର କୋଅର୍ଡିନେଟର ଡ. କମଳ ଲୋଚନ ମହନ୍ତ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରଫେସର ସରୋଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାୟତ୍ତ ଶାସନ ଦିବସ ପାଇଁ ବିଏମ୍‌ସି ରିକ୍ରେସନ୍ କ୍ଲବ୍‌ର ବୈଠକ

ଭୁବନେଶ୍ୱର, ୨୧।୭ (ସମିସ): ୨୦୨୫ ସ୍ୱାୟତ୍ତ ଶାସନ ଦିବସ ପାଇଁ ବିଏମ୍‌ସି ରିକ୍ରେସନ କ୍ଲବର ସାଧାରଣ ପରିଷଦ ବୈଠକ ବିଏମ୍‌ସି ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିସନର ତଥା ରିକ୍ରେସନ କ୍ଲବର ସଭାପତି ରାଜେଶ ପ୍ରଭାକର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ କମିଶନର ତଥା ଉପସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢ଼ୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ନାଟ୍ୟ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ସସ୍ମିତା ନାୟକ, ସମସ୍ତ କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ତଥା ବହୁ ସଭ୍ୟ ଉପସ୍ଥିତ ଥିଲେ। ୨୦୨୫ ମସିହା ସ୍ୱାୟତ୍ତଶାସନ ଦିବସ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା କରାଯାଇଥିଲା।



ପୂର୍ବ ବର୍ଷଗୁଡ଼ିକ ଭଳି ଚଳିତ ବର୍ଷ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ବିଭିନ୍ନ ପ୍ରତିଯୋଗିତା କ୍ରିକେଟ, ଫୁଟବଲ୍, କ୍ୟାରେମ, ବ୍ୟାଡ୍ ମିଣ୍ଟନ, ଚେସ୍, ମ୍ୟୁଜିକ୍ ଚେୟାର, ୧୦୦ ମିଟର ଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଛି। ଏହା ବ୍ୟତିତ ଚଳିତ ବର୍ଷ ନୂତନ ଭାବେ ମେୟର ଏକାଦଶ, କମିଶନର ଏକାଦଶ, କର୍ମଚାରୀ ଏକାଦଶ ଓ ଆଉଟସୋର୍ସିଂ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହା ବ୍ୟତୀତ ପୂର୍ବବର୍ଷ ପରି ତିନି ଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ଆଲୋଚନା ହୋଇଛି।

## 'ସରକାର ସମ୍ବେଦନଶୀଳ ହୁଅନ୍ତୁ'

ଭୁବନେଶ୍ୱର, ୨୧।୭ (ସମିସ): ଘରୋଇ ନର୍ସିଂ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସଂଘ ପକ୍ଷରୁ ବୁଦ୍ଧମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅଜିତ ଦାସ ଓ ସମ୍ପାଦନ ଡ. ପ୍ରଦୀପ କୁମାର ବିଶ୍ୱାଳ, କାର୍ଯ୍ୟକାରୀ ସଭ୍ୟ ହରିନମୟ ଦାସଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହିବା ସହ ନର୍ସିଂ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପାଠ୍ୟକ୍ରମ, ସୁରକ୍ଷା ଓ ବିଦ୍ୟାର୍ଥୀଙ୍କୁ କିପରି ଉତ୍ତମମାନର ଶିକ୍ଷା ସହିତ ନିରାପତ୍ତା, ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସରକାର ସଂଘର ଦାବି, ସମସ୍ୟାକୁ ସମ୍ବେଦନଶୀଳ ଭାବେ ନେବାକୁ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଯାଥାଶୀଘ୍ର ବିଭିନ୍ନ ସମସ୍ୟାର ଆଶୁ ସମାଧାନ କରିବା ସହିତ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମିଳିତ ସଂଘ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି।




ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କ ପ୍ରତି ବଢୁଥିବା ନିର୍ଯାତନା ପ୍ରତିବାଦରେ ଆମ ଆଦ୍‌ମୀ ପାର୍ଟି ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା

**● ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କୁ 'ଗନ୍ଧର୍ବ କଳା ସମ୍ମାନ'**

## ପ୍ରଣବ ପଟ୍ଟନାୟକଙ୍କୁ ମିଳିବ 'ଲାଇଫଟାଇମ୍ ଆଚିଭମେଣ୍ଟ ଆୱାର୍ଡ'



ଭୁବନେଶ୍ୱର, ୨୧।୭ (ସମିସ): ଆସନ୍ତା ଜୁଲାଇ ୨୪ ତାରିଖରେ ଓଡ଼ିଆ କଳାକାରଙ୍କ ସ୍ୱର (ଓକେଏସ୍) ପକ୍ଷରୁ ଭଞ୍ଜକଳାମଣ୍ଡପରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ କଳାକାର ଦିବସ-୨୦୨୫। ଗତ ୫ବର୍ଷ ଧରି ପାଳିତ ହୋଇଆସୁଥିବା କଳାକାର ଦିବସରେ ଚଳିତ ବର୍ଷ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବିଭିନ୍ନ ବର୍ଗର କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଜୀବନବ୍ୟାପୀ ସାଧନା ପାଇଁ ବରିଷ୍ଠ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ 'ଲାଇଫଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ପ୍ରଦାନ କରାଯିବା ସହ ଲୋକକଳା, ଯାତ୍ରା, ଥିଏଟର, ଚଳଚ୍ଚିତ୍ର, ଧାରାବାହିକ, ସମାଜସେବା, ପ୍ରଯୋଜକ, ନିର୍ଦ୍ଦେଶକ, ସଙ୍ଗୀତଜ୍ଞ, ଲେଖକ, କଣ୍ଠଶିଳ୍ପୀ, ବାଦ୍ୟଶିଳ୍ପୀ, ଲୋକଗୀତ ସହ ଜଡ଼ିତ ୨୦ ଜଣ ଗୁରୁଙ୍କୁ ତଥା ଓଡ଼ିଶା ପାଇଁ ଗୌରବ ଆଣିଦେଇଥିବା କଳାକାରଙ୍କୁ 'ଗନ୍ଧର୍ବ କଳା ସମ୍ମାନ' ଏବଂ ଓଡ଼ିଶାରେ କଳାଜଗତ ପାଇଁ ସ୍ମରଣୀୟ କାର୍ଯ୍ୟ କରିଥିବା ୧୦ ଟି ସଂଗଠନକୁ 'ଓକେଏସ୍ ଗୌରବ ସମ୍ମାନ' ପ୍ରଦାନ କରାଯିବ। ଏହି ଅବସରରେ କମିସନରେଟ ପୋଲିସ ଏବଂ ରେଡକ୍ରସ୍ ମିଳିତ ସହଯୋଗରେ ରକ୍ତଦାନ ଶିବିର ଆୟୋଜନ, ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ସେହିପରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ସ୍ୱର୍ଗତ ରଣଜିତ୍ ପଟ୍ଟନାୟକଙ୍କ ଲିଖିତ 'ଗୋଇଠା ବାବା' ନାଟକ ମଞ୍ଚସ୍ଥ ହେବ ବୋଲି ଓଡ଼ିଆ କଳାକାରଙ୍କ ସ୍ୱର ପକ୍ଷରୁ କଳାସଂସଦରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀଧର ମାର୍ଥା, ଉପସଭାପତି ଡ. ଋଷି ପଟ୍ଟନାୟକ, ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ଯୁଗ୍ମ ସମ୍ପାଦକ ବରଦା ପ୍ରସନ୍ନ ପାତ୍ର, ଟ୍ରେଜରର ମୃଣ୍ମୟ ନାୟକ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି।

# ସ୍ମୃତି ହୋଇଯିବ ଡାକବାକ୍ସ !

ଭୁବନେଶ୍ୱର, ୨୧।୭ (ସମିସ)

ଚିଠି କେତେବେଳେ ଟିକି ଚଢ଼େଇ ସାଜି ଦୂର ଦେଶର ମଣିଷ ପାଖରେ ଡେଣା ଝାଡ଼ିଛି। ପୁଣି କେତେବେଳେ ଚିଠି ହର୍ଷ, ଉଲ୍ଲାସ, ବିଷାଦର ସୀମାରେଖା ଡେଇଁ ସମୟକୁ ସ୍ଥିର କରିପାରିଛି। ଚିଠି କେବଳ ଇତି ଆଉ ଠିକଣାରେ ବାନ୍ଧିହୋଇ ରହିନି। କବିତା, ଗଜଲ, ଗପ ଗୀତର ତାଳେତାଳେ ଚିଠି ସଭିଙ୍କର ପସନ୍ଦର ମାଧ୍ୟମ ବି ସାଜିଛି।

ଏଇ ଚିଠି, ଡାକବାଲାର ସାଇକେଲ ଘଣ୍ଟିର ପ୍ରତିଧ୍ୱନି। ତା'ର କର୍ମମୟ ଜୀବନର ଅକ୍ଷତ ପୁଞ୍ଜି। ନାଲି ବାକ୍ସ ଭିତରେ ହଳଦିଆ କାଗଜର ସ୍ୟାହି ବୋଳା ଅକ୍ଷର ସବୁ ଚିଠିକୁ କରିଥାଏ ଜୀବନ୍ତ। ହେଲେ ସମୟକ୍ରମେ ହଜିଯିବାକୁ ବସିଲାଣି ଏଇ ଚିଠି ବାକ୍ସର କାୟାକଳ୍ପ। ଦିନ ଦିନ ଧରି ଫାଙ୍କା ତ ଆଉ କଉଠି ଲୋପ ପାଇଯିବାକୁ ବସିଲାଣି ଏହାର ଅସ୍ତିତ୍ୱ। ଡିଜିଟାଲ ଯୁଗରେ ରାହା ଖୋଜୁଛି ସେ କାଳର ଚିଠି ବାକ୍ସ। ଅନ୍ୟ ସହର ଭଳି ରାଜଧାନୀରେ ମଧ୍ୟ କେବଳ ସାହାରା ପାଲଟିଛି ବ୍ୟବସାୟିକ ଚିଠି। ଡାକବାଲା କଥା କହିଲେ ମନକୁ ଆସିଯାଏ ପୋଷ୍ଟମ୍ୟାନ ଓ ତାଙ୍କ ହାତରେ ଥିବା ଚିଠି କଥା। ଯିଏ ଘରକୁ ଘର ବୁଲି ଚିଠି ବାଣ୍ଟୁଥାନ୍ତି। ସମୟ

**ରାହା ଖୋଜୁଛି ସମ୍ପର୍କର ନୀଡ଼; ଚିଠି**

ସହ ମାଧ୍ୟମ ବଦଳିଥିଲେ ବି ଚିଠିର ସ୍ମୃତି ଲୋକଙ୍କ ମନରେ ଭିନ୍ନ ଏକ ଛାପ ଛାଡି ଯାଇଛି। ଦୁଇ ଦଶନ୍ଧି ତଳେ ଭାରତରେ ପ୍ରମୁଖ ଓ ଏକମାତ୍ର ଖବର ପଠାଇବାର ମାଧ୍ୟମ ପାଲଟିଥିଲା। ଚାକିରି ଆବେଦନଠାରୁ ଆରମ୍ଭ କରି ନିଯୁକ୍ତି ପତ୍ର ଆଦି ଚିଠି ମାଧ୍ୟମରେ ଅଧିକ ଛୁଟି ପାଇଁ ଆବେଦନ, ଏପରିକି ଦୂର ରାଇଜରୁ ପୁଅ କିମ୍ବା ଝିଅଟିଏ ତା ବାପା ମା' ପାଖକୁ ଭଲମନ୍ଦ କଥା ଲେଖି ପୋଷ୍ଟକାର୍ଡ, ଅନ୍ତର୍ଦେଶୀୟ ପତ୍ର ମାଧ୍ୟମରେ ଜଣାଉଥିଲା।

କିନ୍ତୁ ସମୟ ସହ ତାଳ ଦେଇ ସ୍ମାର୍ଟ ଫୋନ୍, ଇଣ୍ଟରନେଟ୍ ଯୁଗରେ ଯୁବ ପିଢ଼ି ଡାକ ସେବାକୁ ଭୁଲି ଯାଇଛନ୍ତି। ପ୍ରତିଦିନ ଡାକ ବାକ୍ସ ଖୋଲିଲେ ଶହଶହ ଚିଠି ଡାକ କର୍ମଚାରୀଙ୍କ ହାତରେ ବାଜୁଥିଲା। ଚିଠିକୁ ସଜାଡିବା ପରେ ସାଇକେଲରେ ସହର ଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ଘୁରି ବୁଲୁଥିଲା ଡାକବାଲା, ମାତ୍ର ଏବେ କାଁ ଭାଁ ଦେଖିବାକୁ ମିଳୁଛି ନାଲି ରଙ୍ଗର ଡାକ ବାକ୍ସର ଚେହେରା। ପୋଷ୍ଟ ଅଫିସକୁଗୁଡିକୁ ଛାଡି ଦେଲେ ପ୍ରାୟ ରାଜଧାନୀର ଆଉ କେଉଁ ଛକରେ ଶୋଭା ପାଉନି ଡାକ ବାକ୍ସ। ଏପରି ସ୍ଥିତିରେ ଡାକବାକ୍ସ ଅଲୋଡା ହୋଇ ଯାଇଛି କହିଲେ ଭୁଲ ହେବନି। ଖବରଠାରୁ ଆରମ୍ଭ କରି ନିଯୁକ୍ତି ପତ୍ର ଆଦି ପାଇବା ପାଇଁ ଏହାରି ମାଧ୍ୟମରେ ଲୋକେ ସୂଚନା ପାଉଥିଲେ। ଧୀରେ ଧୀରେ ଚିଠିର ଚାହିଦା କମିବାରୁ ଡାକ ବାକ୍ସ ମଧ୍ୟ ରାଜଧାନୀରେ ଆଉ ଦେଖିବାକୁ ମିଳୁନି।



# ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଅନ୍ନଭୋଗ ଆରମ୍ଭ



**ସମ୍ବଲପୁର, ୨୧।୭ (ସମିସ) :** ସମ୍ବଲପୁର ଦାନୀପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଶ୍ରାବଣ ଦ୍ୱିତୀୟ ସୋମବାର ଅବସରରେ ଦୈନିକ ଅନ୍ନଭୋଗ ବିକ୍ରି ବ୍ୟବସ୍ଥା ଆରମ୍ଭ ହୋଇଛି। କୁଲତା ସମାଜର ସଭାପତି କୃପାସିନ୍ଧୁ କମାରୀଙ୍କ ଅଧ୍ୟକ୍ଷତାରେ ମନ୍ଦିରକୁ ପ୍ରତିଦିନ ଆସୁଥିବା ଭକ୍ତମାନଙ୍କ ସୁବିଧା ପାଇଁ ଅନ୍ନଭୋଗ ବିକ୍ରୟ ନେଇ ମନ୍ଦିର କମିଟି ଏବଂ କୁଲତା ସମାଜ ସମ୍ବଲପୁର ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଛନ୍ତି। ପ୍ରତିଦିନ ଅଗ୍ରିମ ଅନ୍ନପ୍ରସାଦ ବୁକିଂ କରାଯାଇପାରିବ ବୋଲି କୁଲତା ସମାଜର ସମ୍ପାଦକ ରଞ୍ଜନ ପାତ୍ର କହିଛନ୍ତି। ଅନ୍ନଭୋଗ ପରିଚାଳନା ପାଇଁ ସଦସ୍ୟା ଉର୍ମିଳା ବାରିକଙ୍କୁ ଦାୟିତ୍ୱ ଦିଆଯାଇଛି। ଆଜିର କାର୍ଯ୍ୟକ୍ରମରେ ଉପସଭାପତି ଦେବୋତ୍ତମ ପ୍ରଧାନ, ହାରାଧନ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ଯଶୋବନ୍ତି ନାଏକ, ସମାରୁ ବାରିକ, ଦେବଦତ୍ତ ସାହୁ, ଅଭିରାମ ଖମାରୀ, ଦାୟାନିଧି ବିଶ୍ୱାଳ, ଛେଲିଆ ପ୍ରଧାନ, ସୁପ୍ରଭା ପ୍ରଧାନ, ଟଙ୍କଧର ବାରିକ, ନିର୍ମଳ ଚନ୍ଦ୍ର ପ୍ରଧାନ, ଦୀପକ ସ୍ୱାଇଁ, ଜଟାଭୂଷଣ ସାହୁ, ସରୋଜ ପ୍ରଧାନ, ପ୍ରମୋଦ ରଞ୍ଜନ ପ୍ରଧାନ, ଦେବୀ ପ୍ରସାଦ ଭୋଇ, ଭବାନୀ ଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ନୃସିଂହନାଥ ପୀଠରେ କାଉଡ଼ିଆଙ୍କ ଭିଡ଼



**ପାଇକମାଲ,୨୧।୭ (ସମିସ):** ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥରେ ଶ୍ରାବଣ ଦ୍ୱିତୀୟ ସୋମବାର କାଉଡିଆଙ୍କ ବହୁତ ଭିଡ ପରିଲକ୍ଷିତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ପୂର୍ବବର୍ଷ ପରି ଭିଡ଼ ନଥିଲେ ବି ଭକ୍ତ ମାନେ ପାପନାଶିନୀ ଝରଣାରେ ଗାଧୋଇ ମଜା ଉଠାଇବା ସହ ଠାକୁର ଦର୍ଶନ କରିଥିଲେ। କିଏ ଶିବ ମନ୍ଦିରରେ ପାଣି ଢାଳି ପୂଜା କରୁଛି ତ କିଏ ଝରଣାରୁ ପାଣି ଉଠାଇ ନିଜ ଗନ୍ତବ୍ୟ ପଥରେ ଚାଲୁଚି। ଦଳ ଦଳ ହୋଇ ବାଜା ବଜାଇ ପୁଅ ଝିଅ, ବୁଢ଼ା ବୁଢ଼ୀ, ଯୁବକ ଯୁବତୀ ମାନେ ଭକ୍ତିର ସହ ପାଣି ଭାର ନେଇ ଆନନ୍ଦରେ ବୋଲବମ ଧ୍ୱନି ଦେଇ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

# ସ୍କେଟିଂରେ ବୈଦିକ ସ୍କୁଲର କୃତିତ୍ୱ



**ବରଗଡ଼,୨୧।୭ (ସମିସ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ଚାଲିଥିବା ଷଷ୍ଠ ଓଡ଼ିଶା ରାଜ୍ୟ ର୍‍ୟାଙ୍କିଙ୍ଗ ରୋଲର ସ୍କେଟିଂ ରେସିଙ୍ଗ ଚାମ୍ପିଅନସିପ ୨୦୨୫ରେ ବରଗଡ଼ ବୈଦିକ ସ୍କୁଲର ଛାତ୍ରମାନେ ସଫଳତାର ସହ କୃତୀତ୍ୱ ଅର୍ଜନ କରିଛନ୍ତି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଶିବାଂଶ ଅଗ୍ରୱାଲ ଦୁଇଟି ରାଉଣ୍ଡରେ ଯୋଗଦେଇ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଁ ନିଜ ବିଦ୍ୟାଳୟ ତଥା ବରଗଡ଼ ପାଇଁ ଗୌରବ ଅର୍ଜନ କରିଛନ୍ତି। ସେହିପରି ଅଷ୍ଟମ ଶ୍ରେଣୀର ଛାତ୍ର ମନିଷ ପଟେଲ ରୌପ୍ୟ ପଦକ ଜିଣିଛନ୍ତି। ପ୍ରତିଯୋଗିତାରେ ମୁଣ୍ଡଳୀ ଏନଡିଆରଏଫର କମାଣ୍ଡାଣ୍ଟ ନଗେନ୍ଦ୍ର ଶର୍ମା, ସେକେଣ୍ଡ କାମଣ୍ଡାଣ୍ଡ ବର୍ଦ୍ଧମାନ ମିଶ୍ର, ସ୍କେଟିଂ ଆସୋସିଏସନ ଅଫ ଓଡ଼ିଶାର ପ୍ରେସିଡେଣ୍ଟ ଦିଲ୍ଲୀପ ତୀର୍କି, ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗର ଉପସଚିବ ପଦ୍ମଚରଣ ସାହୁ ଯୋଗ ଦେଇଥିଲେ। ଉଭୟଙ୍କ ସଫଳତା ପାଇଁ ବୈଦିକ ଗ୍ରୁପର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ପ୍ରତିଯୋଗୀ ଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆଗକୁ ଏହି କ୍ରମ ବଜାୟ ରଖିବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ଗାର୍ଗୀ ଚଟର୍ଜୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ବୃନ୍ଦ ଓ ସହପାଠୀ ମାନେ ଅଭିନନ୍ଦନ ଜଣାଇଛନ୍ତି।

# କୂଅରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ରେଢ଼ାଖୋଲ,୨୧।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନ ଟାଲ ଗ୍ରାମର ଏକ କୂଅରୁ ସୋମବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବୃଦ୍ଧ ବ୍ୟକ୍ତି ଜଣଙ୍କ ହେଲେ ଟାଲ ଗ୍ରାମର ବାସିନ୍ଦା କାଠିଆ ସାହୁ। ଉକ୍ତ ବୃଦ୍ଧ ଜଣଙ୍କ ଗତକାଲି ନିଖୋଜ ରହିଥିବା ବେଳେ ପରିବାର ଲୋକ ରେଢ଼ାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ସୋମବାର ସକାଳୁ ଗ୍ରାମବାସୀ ଗ୍ରାମ ନିକଟରେ ଥିବା ଏକ କୂଅରେ ଉକ୍ତ ବୃଦ୍ଧଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ଓ ଗ୍ରାମବାସୀ ରେଢ଼ାଖୋଲ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର କରିଥିଲେ।

## ସାମ୍ବାଦିକଙ୍କୁ ବୌଦ୍ଧ ଆଦର୍ଶ ଥାନା ସବ୍ ଇନ୍ସପେକ୍ଟରଙ୍କ ଦୁର୍ବ୍ୟବହାର ଅଭିଯୋଗ

# ମୁଁ ସିଏମ୍ ଲୋକ, ତାରା ବାହିନୀପତି ମୋ ଚିହ୍ନା, ତୁ ମୋର କ'ଣ କରିବୁ?

**ଭୁବନେଶ୍ୱର,୨୧।୭ (ସମିସ):**

ଆବେ ଦୋକାନ ବନ୍ଦ କରବେ। ଏଯାଏ କ'ଣ ପାଇଁ ଦୋକାନ ଖୋଲିଛୁ? ତତେ କ'ଣ ଟାଇମ୍ ଜଣା ପଡୁନି? ଦୋକାନ ବନ୍ଦ କରୁଛୁ ନା ଦେଖିବୁ? ମୁଁ ସିଏମ୍ ଲୋକ। ତାରା ବାହିନୀପତି ମୋ ଚିହ୍ନା। ମୋ ଘର ହିଞ୍ଜିଳିକାଟୁ। ତୁ ମୋର କ'ଣ କରିବୁ?... ବୌଦ୍ଧରେ ଜଣେ ସାମ୍ବାଦିକଙ୍କୁ ପୁଲିସ ଏଭଳି ବ୍ୟବହାର କରିବା ସହ

**ପଦାରେ ପଡ଼ିଲା ଆଦର୍ଶ ଥାନାର ଅନାଦର୍ଶ ଅଧିକାରୀଙ୍କ ଅସଲ ଚେହେରା**




ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛି। ବୌଦ୍ଧ ଥାନାର ଏହି କରିତକର୍ମା ବାବୁ ଜଣକ ହେଲେ ସବ୍ ଇନ୍ସପେକ୍ଟର ନୃସିଂହ ମହାପାତ୍ର।

ଦୈନିକ 'ସକାଳ'ର ବୌଦ୍ଧ ଜିଲ୍ଲା ପ୍ରତିନିଧି ବବଲୁ ପାଢୀଙ୍କୁ ସୋମବାର ରାତିରେ ବୌଦ୍ଧ ଥାନାର ଜଣେ କର୍ତ୍ତବ୍ୟରତ ପୁଲିସ ଏଭଳି ଅଶୋଭନୀୟ ବ୍ୟବହାର କରିଛି। ବୌଦ୍ଧରେ ସେ ସମ୍ବାଦିକତା କରିବା ସହ ଥାନା ପାଖରେ ଏକ ଔଷଧ ଦୋକାନ କରିଛନ୍ତି। ରାତିରେ ସେ ଦୋକାନ ବନ୍ଦ କରୁଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ପୁଲିସ ଗାଡ଼ି ତାଙ୍କ ଦୋକାନ ନିକଟରେ ପହଞ୍ଚିଥିଲା। ଗାଡିରେ ବସିଥିବା ସବ୍ ଇନ୍ସପେକ୍ଟର ନୃସିଂହ ମହାପାତ୍ର ଶ୍ରୀ ପାଢୀଙ୍କ ପ୍ରତି ଏଭଳି କଦର୍ଯ୍ୟ ଶବ୍ଦ ବ୍ୟବହାର କରିଥିଲେ। ଏହାସତ୍ତ୍ୱେ ଶ୍ରୀ ପାଢୀ ନମ୍ରତାର ସହ ନିଜ ପରିଚୟ ଦେଇଥିଲେ। ସେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରର ପୂଜକ ବୋଲି ମଧ୍ୟ କହିଥିଲେ। ସମ୍ପୃକ୍ତ ପୁଲିସ ଅଧିକାରୀ କିନ୍ତୁ ନରମିବା ପରିବର୍ତ୍ତେ ଅତି କଦର୍ଯ୍ୟ ବ୍ୟବହାର କରିଥିଲେ। ଏହି ଘଟଣା ପରେ ଶ୍ରୀ ପାଢୀ ମାନସିକ ଆଘାତ ପାଇଛନ୍ତି। ଏ ସମ୍ପର୍କରେ ସେ ଏସ୍‌ପି ରାହୁଲ ଗୋଏଲ ଓ ଏସ୍‌ଡିପିଓ ଲରେନ ରାଉତରାୟଙ୍କୁ ଫୋନ୍ ଯୋଗେ ଅଭିଯୋଗ କରିଛନ୍ତି। ସକାଳେ ବୁଝିବା ବୋଲି ଏସ୍‌ଡିପିଓ କହିଥିବାବେଳେ ଥାନାରେ ରିପୋର୍ଟ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ତେବେ ପୁଲିସ ଲୋକଙ୍କ ବନ୍ଧୁ। ଲୋକେ ପୁଲିସକୁ ଭୟ କରିବା ଅନୁଚିତ ବୋଲି ପୁଲିସ ବିଭାଗ ସବୁବେଳେ ବିଭିନ୍ନ ଜନ ସମ୍ପର୍କ କାର୍ଯ୍ୟକ୍ରମରେ ଲୋକଙ୍କୁ ଅଭୟବାଣୀ ଦେଉଛି। ସେହିଭଳି ବିଭିନ୍ନ ସମୟରେ ପୁଲିସ ମହାନିର୍ଦ୍ଦେଶକମାନେ ଲୋକଙ୍କୁ ଉତ୍ତମ ବ୍ୟବହାର କରିବା ଲାଗି ପୁଲିସବାହିନୀକୁ ପରାମର୍ଶ ଦେଉଛନ୍ତି। ଏସବୁ କିନ୍ତୁ ପୁଲିସ ଲାଗି ମୂଲ୍ୟହୀନ। ଆଚରଣ ଏବଂ ଉଚ୍ଚାରଣରେ ଆକାଶ ପାତାଳ ଫରକ ରହୁଛି। ନିଜର ଏଭଳି କାର୍ଯ୍ୟକଳାପ ଲାଗି ପୁଲିସ ସବୁବେଳେ ବଦନାମ ମୁଣ୍ଡାଉଛି। କେବେ ଲାଞ୍ଚ ନେଇ, କେବେ ଗଞ୍ଜେଇ କାରବାରରେ ଜଡିତ ହୋଇ, କେବେ ଚୋରି କରି, କେବେ ଦୁଷ୍କର୍ମ ଭଳି ଜଘନ୍ୟ ଅପରାଧିକ କାର୍ଯ୍ୟକଳାପରେ ସାମିଲ ହୋଇ ପୁଲିସ ଲୋକଙ୍କ ବିଶ୍ୱାସ, ଭରସା ହରାଉଛି। ସୂଚନାଯୋଗ୍ୟ, ଏହି କରିତକର୍ମା ସବ୍ ଇନ୍ସପେକ୍ଟର ଜଣକ ଏକଦା ସହରର ଏକ ହୋଟେଲରେ ପଶି ଭାଙ୍ଗାରୁଜା କରିବା ଓ ସମ୍ପୃକ୍ତ ହୋଟେଲର କର୍ମଚାରୀଙ୍କୁ ମାଡ଼ ମାରି ଲହୁଲୁହୁଣ କରିବା ରେକର୍ଡ ଅଛି।

# ଭୁବନ ଭୋଇଙ୍କୁ ଦିଆଯିବ ସମ୍ବଲପୁରୀ ଜାତୀୟ ସମ୍ମାନ





**ସମ୍ବଲପୁର, ୨୧।୭ (ସମିସ) :** ଅଗଷ୍ଟ ୧ରେ ଆୟୋଜିତ ହେବାକୁଥିବା ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍‌ରେ ଚଳିତବର୍ଷ ୧୩ତମ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ କୁମ୍ଭାରୀ ଭଗବାନ ପାର୍ଟୀ ନାଟକର ପୁରୋଧା ତଥା ବୀର ସୁରେନ୍ଦ୍ର ସାଏଙ୍କ ଭୂମିକାରେ ୫ ହଜାର ରାତି ଅଭିନୟ କରି ସାରିଥିବା ଭୁବନ ଭୋଇଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଭୂବନଭୋଇ ଗୁରୁ ଭଗବାନ ସାହୁଙ୍କ ଉତ୍ତରାଧିକାରୀ ଭାବେ ସମ୍ବଲପୁରୀ ନାଟକକୁ ଆଜି ପର୍ଯ୍ୟନ୍ତ ପରିବେଷଣ କରି ଆସୁଛନ୍ତି। ଦୀର୍ଘ ୭୬ ବର୍ଷ ହେବ ବ୍ରଜେଶ୍ୱରୀ ନୃତ୍ୟକଳା ପରିଷଦ ନାଟକ କ୍ଷେତ୍ରରେ ସାରା ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି। ଭଗବାନ ସାହୁଙ୍କର ସବୁଠାରୁ ବେଶୀ ଲୋକପ୍ରିୟ ନାଟକ ବୀର ସୁରେନ୍ଦ୍ର ସାଏ ନାଟକରେ ଭୁବନ ଭୋଇ ମୁଖ୍ୟଚରିତ୍ରରେ ଅଭିନୟ କରି ଆସୁଛନ୍ତି। ଏହାସହ ଭଗବାନ ସାହୁଙ୍କୁ ପରେ ଭୂବନ ଭୋଇ ତାଙ୍କର ନାଟକ ଦଳକୁ ପରିଚାଳନା କରି ଆସୁଛନ୍ତି। କୌଣସି ନିର୍ଦ୍ଦିଷ୍ଟ ଚରିତ୍ରରେ ଲଗାତାର ୪୦ ବର୍ଷ ଧରି ପାଞ୍ଚ ହଜାରରୁ ଅଧିକ ରାତି ଅଭିନୟ କରି ସେ ରେକର୍ଡ ସୃଷ୍ଟି କରି ପାରିଛନ୍ତି। ତେଣୁ ଚଳିତବର୍ଷ ତାଙ୍କୁ ଏହି ଜାତୀୟ ସମ୍ମାନ ପ୍ରଦାନ ପାଇଁ ଚୟନ କରାଯାଇଥିବା ସୂଚନା ଦିଆଯିବା ପରେ ଭୁବନ ଭୋଇ ଖୁସି ପ୍ରକଟ କରିଛନ୍ତି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆଜି ସମ୍ବଲପୁରୀ ଦିନ୍ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

ପ୍ରତିବର୍ଷ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ଅବସରରେ ସମ୍ବଲପୁରୀ ସାହିତ୍ୟ, ନୃତ୍ୟ, ଗୀତ, ବାଦ୍ଧକଳା ଏବଂ ନାଟକ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଜଣେ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥାଏ। ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁ ସତ୍ୟନାରାୟଣଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରାଯାଇ ବିଗତ ୧୨ ବର୍ଷରେ ୧୨ ଜଣ ପ୍ରତିଭାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମ୍ବଲପୁରୀ ସାହିତ୍ୟିକ ମଙ୍ଗଲୁ ଚରଣ ବିଶ୍ୱାଳ, ଅଭିନେତା ଅଟଳ ବିହାରୀ ପଣ୍ଡା, ଗୀତିକାର ଲାଲ ରତ୍ନାକର ସିଂହ, ପଦ୍ମଶ୍ରୀ ବିନୋଦ ପଶାୟତ, ବାଦ୍ଧଶିଳ୍ପୀ ଭଗବାନ ମେହେର, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ, ଅମୃତଲାଲ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଅରୁଣ ପ୍ରସନ୍ନ ସେଠ, ନୃତ୍ୟ ନିର୍ଦ୍ଦେଶକ ରଣଜିତ ନାଗ, ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନ ଦିଆଯାଇଛି। ଆବାହକ ଭବାନୀ ଶଙ୍କର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଦଶରଥ ମେହେର, ରାଜେଶ ସ୍ୱାଇଁ, ଡ. ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା, ରାହୁଲ ଗୁପ୍ତା, ମାନସ ରଞ୍ଜନ ବକ୍ସି, ସୁବୋଧ ଦୋରାଙ୍କ ସମେତ ପଶ୍ଚିମାଞ୍ଚଳ ଏକତା ମଞ୍ଚର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ଦମକଳ ଓ କୃଷି କାର୍ଯ୍ୟାଳୟ ଅଫିସ ରାସ୍ତାରେ ପାଣି ଜମା



**ପାଇକମାଲ,୨୧।୭ (ସମିସ):** ପାଇକମାଲ ବ୍ଲକ୍ ଜର୍ଜଗଡ ଗାଁ ପାଖରେ ରହିଛି ଦମକଳ କାର୍ଯ୍ୟାଳୟ ଓ କୃଷି କାର୍ଯ୍ୟାଳୟ। ପାଇକମାଲ ଛକରୁ ଏହି ରାସ୍ତା ପାଖାପାଖି ୨ କିମି ରହିଛି। ଅଫିସ ପହଞ୍ଚିବା ପୂର୍ବରୁ ମାତ୍ର ୧୦୦ ଫୁଟ ଦୂରତାରେ ବର୍ଷା ଦିନ ସାରା ଦୁଇ ଫୁଟ ପାଣି ଜମି ରହିଥାଏ। ପାଣି କାଦୁଅ ଯୋଗୁଁ ଚାରି ଚକିଆ ତ ଦୂରର କଥା ବାଇକ କି ସାଇକେଲରେ ମଧ୍ୟ ଯିବାକୁ ଅସୁବିଧା ହୋଇଥାଏ। ପ୍ରତିଦିନ ଏହି ରାସ୍ତା ଦେଇ ଚାଷୀ ତଥା କର୍ମଚାରୀ କୃଷି କାର୍ଯ୍ୟାଳୟକୁ ଯାଇଥାନ୍ତି। ପଡାବାସୀ ମଧ୍ୟ ଏହି ରାସ୍ତା ଦେଇ ଯାଆସ କରିଥାନ୍ତି। ବଡ ବଡ ଗାଡି ଏହି ଅଣଓସାରିଆ ରାସ୍ତାରେ ଯାଇପାରେ ନାହିଁ। ଦମକଳ ଗାଡି ମଧ୍ୟ ବହୁ କଷ୍ଟରେ ଯାଆସ କରେ। କୃଷି କାର୍ଯ୍ୟାଳୟକୁ ବଡ ବଡ ଟ୍ରକ ଆସିଲେ ମୁଖ୍ୟ ରାସ୍ତାରେ ଅଟକି ରହି କୃଷି ଜାତ ମଞ୍ଜି, ସାର ଇତ୍ୟାଦି ବୋହି ନେବାକୁ ପଡିଥାଏ। ଏହି ରାସ୍ତାରେ ସବୁଦିନ ଏପରି ସମସ୍ୟାରେ ସମ୍ମୁଖୀନ ହେବାକୁ ପଡିଥାଏ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଦାବି ହୋଇଛି।

# ଲିଙ୍ଗଗତ ସମ୍ବେଦନଶୀଳତା ଓ ନିର୍ଯାତନା ନିବାରଣ କର୍ମଶାଳା

**ସମ୍ବଲପୁର, ୨୧।୭ (ସମିସ) :** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ମୁଖ୍ୟାଳୟରେ ଆଜି ନିବାରଣ, ନିଷେଧ ଏବଂ ପ୍ରତିକାର ଆଇନ, ୨୦୧୩ ଅନ୍ତର୍ଗତ "କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଲିଙ୍ଗ ସମ୍ବେଦନଶୀଳତା ଏବଂ ନିର୍ଯାତନା ନିବାରଣ' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାର ଲକ୍ଷ୍ୟ କର୍ମକ୍ଷେତ୍ରରେ ନିର୍ଯାତନା, ବିଶେଷକରି ମହିଳାମାନଙ୍କ ପ୍ରତି ନିବାରଣ, ପ୍ରତିକାର ଏବଂ ଦାୟିତ୍ୱ ପାଇଁ ସଚେତନତା ବୃଦ୍ଧି ଏବଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗଦେଇ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନ୍ତର୍ଭୁକ୍ତ ପରିବେଶ ପ୍ରତିପାଳନ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ର ସଦସ୍ୟ ଏବଂ ସମାବେଶକୁ ଲିଙ୍ଗ ସମ୍ବେଦନଶୀଳତାର ଗୁରୁତ୍ୱ ଉପରେ ସମ୍ବୋଧିତ କରିଥିଲେ। ଏହା ସହିତ ଯେକୌଣସି ପ୍ରକାରର ନିର୍ଯାତନା ବିରୁଦ୍ଧରେ ଏକ କଠୋର ଏବଂ ଶୂନ୍ୟ-ସହିଷ୍ଣୁତା ନୀତି ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀ, ଆଇନଜୀବୀ ସଞ୍ଜୁକ୍ତା ହୋତା, ଡ. ସୁରେଶ ଚନ୍ଦ୍ର ପଟେଲ, ଶୀତଳ ପୂର୍ଣ୍ଣିମା, ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଡ. ଉତ୍ତମ କୁମାର ପ୍ରଧାନ, ସୁପ୍ରିତା ମିଶ୍ର, ଡ. ସୁନିତା ପୂର୍ତ୍ତି, ଡ.ବୀଣା ଓରାମଙ୍କ ସହ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଲିଙ୍ଗ-ସମ୍ବେଦନଶୀଳ, ନିରାପଦ ଏବଂ ସହାୟକ ଶୈକ୍ଷିକ ଏବଂ ବୃତ୍ତିଗତ ପରିବେଶ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିପାରିଛି।

# ଯୌନ ନିର୍ଯାତନା ବିରୋଧରେ କର୍ମଶାଳା

**ଭଟଲି,୨୧।୭ (ସମିସ):** ଭଟଲି ଦଧିବାମନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ଆଇସିସି ତରଫରୁ ପିଓଏସ୍‌ଏଚ୍ (ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା) ବିଷୟ ଆଧାରିତ ସଚେତନତା ମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଧ୍ୟକ୍ଷ ନାରୀମାନଙ୍କ ବିରୋଧରେ ହେଉଥିବା ନିର୍ଯାତନାର ବିଭତ୍ସରୂପ ଓ ବିକଶିତ ଦେଶରେ ଏହା ଏକ ଅଲିଭା କ୍ଷତ ବୋଲି ବର୍ଣ୍ଣନା କରିଥିଲେ। ସଚେତନତା ଆଇନ୍ ଓ ପୁରୁଷମାନଙ୍କର ନାରୀ ସମାଜ ପ୍ରତି ଦୃଷ୍ଟିଭଙ୍ଗୀରେ ସକରାତ୍ମକ ପରିବର୍ତ୍ତନର ଆବଶ୍ୟକତକା ରହିଛି ବୋଲି ମତ ଦେଇଥିଲେ। ଆଇସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପ୍ତିବାଳା ପ୍ରଧାନ ନାରୀ ପ୍ରତି ହେଉଥିବା ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଭୟାବହତା, କରୁଣ ପରିଣତି ଓ ସୁରକ୍ଷା ବିଷୟରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରୀଙ୍କୁ ସଚେତନ କରିଥିଲେ। ଅନ୍ୟତମ ମଞ୍ଚାସୀନ ପ୍ରାଧ୍ୟାପକ ଚୂଡାମଣି ରଥ ଆକର୍ଷଣୀୟ କାହାଣୀ ଓ ନାଟ୍ୟଶୈଳୀ ମାଧ୍ୟମରେ ଛାତ୍ରୀଙ୍କୁ ଉଦବୋଧନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ମୋତିଲାଲ ବନଛୋର ଛାତ୍ରୀଙ୍କୁ ନିର୍ଯ୍ୟାତନା ବିରୋଧରେ ନିର୍ଭୀକ ଭାବେ ସ୍ୱର ଉତ୍ତୋଳନ କରିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ବିରାଟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆଇସିସିର ସଦସ୍ୟ ପ୍ରତିମା ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କର୍ମଶାଳାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇ ପରିଶେଷରେ ଯୌନ ନିର୍ଯାତନା ବିରୋଧରେ ଶପଥ ପାଠ କରିଥିଲେ।

# ୫ ଲକ୍ଷ ଟଙ୍କାର କଫ ସିରଫ ଜବତ; ମହିଳା ସମେତ ୭ ଗିରଫ

**ବରଗଡ଼,୨୧।୭ (ସମିସ):**





ନିଶାର ଗଡ଼ ପାଲଟିଥିବା ବରଗଡ଼ରେ ଏବେ ନିଶା ବେପାରୀଙ୍କ ଉପରେ ପୁଲିସ୍‌ର କଡା ନଜର ରହିଛି। କେତେବେଳେ ଗଞ୍ଜେଇ ତ ଆଉ କେତେବେଳେ ବ୍ରାଉନ୍‌ସୁଗର ଜବତ ହେଉଛି। ସହରରୁ ନିଶା ବେପାରୀଙ୍କ ଗିରଫ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ଏ ସମ୍ପର୍କରେ ବରଗଡ଼ ନାଗରିକ ମଞ୍ଚ ସଭାପତି ତଥା ବରଗଡ଼ ଓକିଲ ସଂଘ ସଭାପତି ଆଇନଜୀବୀ ଭୀଷ୍ମ ଦେବ ସରାଫଙ୍କ ନେତୃତ୍ୱରେ କିଛି ଦିନ ପୂର୍ବରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବରଗଡ଼ ସହରକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଏବେ ବରଗଡ଼ ଏସପି ପ୍ରହଲ୍ଲାଦ ମୀନା ଆକ୍ସନ୍ ମୋଡରେ ଥିବା ଜଣା ପଡିଛି। ୧୫ ଦିନ ମଧ୍ୟରେ ଦୁଇଥର ବ୍ରାଉନସୁଗର ଜବତ କଲା ପରେ ଗତକାଲି ସହର ମଧ୍ୟରୁ ବ୍ୟାପକ ପରିମାଣରେ କୋରେକ୍ସ ଜବତ ହୋଇଛି। ଏହାସହ ଜଣେ ମହାଳା ସମେତ ୭ ଜଣଙ୍କୁ ପୁଲିସ ଗିରଫ କରିଛି। ବରଗଡ଼ ଏସପି ପ୍ରହଲ୍ଲାଦ ମୀନା କୌଣସି ସୂତ୍ରରୁ ଖବର ପାଇ ସହର ମଧ୍ୟରେ ଥିବା ବିଶିପଡା ସ୍ଥିତ ନରେଶ ଓ ଖୁସବୁ ନାମକ ଦମ୍ପତିଙ୍କ ଘରେ ଚଢ଼ାଉ କରିଥିଲେ। ପାଞ୍ଚ ବସ୍ତାରେ ମୋଟ୍ ୨୧୭୧ ବୋତଲ କଫ ସିରପ୍ ସହ ଜଣେ ମହିଳା ସମେତ ମୋଟ ୭ ଜଣଙ୍କୁ ବରଗଡ଼ ଟାଉନ୍ ପୁଲିସ ଗିରଫ କରିଛି। ଜବତ କଫ ସିରପର ଅନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୁଲିସ ସୂତ୍ରରୁ ଜଣା ପଡିଛି। ସେମାନଙ୍କ ଠାରୁ କଫ ସିରପ, ନଗଦ ୭୪ ହଜାର ୧୦୦ ଟଙ୍କା ଓ ୬ ଟି ମୋବାଇଲ ଜବତ କରି ପୁଲିସ୍ ସମସ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି। ଟାଉନ୍ ଥାନା ଅଧିକାରୀ ସୁରେନ୍ଦ୍ର ଛତ୍ରିଆ, ମଙ୍ଗଳ କିଷ୍କେଟା, ଯାଦବ ବାଗ, ଏସଆଇ ରାଧେଶ୍ୟାମ ବିଶ୍ୱାଳ, ବିକ୍ରମ ନାଗ, ପୀତବାସ ଲେଟୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ତାଳ ବନୀକରଣ ସଚେତନତା ଶିବିର




**ପାଇକମାଲ,୨୧।୭ (ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନୃସିଂହନାଥ ବନାଞ୍ଚଳ ବରଗଡ଼ ବନଖଣ୍ଡ, ନୃସିଂହନାଥ ସେକ୍ସନ ବନପାଳ ରମେଶ ଚନ୍ଦ୍ର ପ୍ରଧାନଙ୍କ ଆହ୍ୱାନକ୍ରମ ବନରକ୍ଷୀ ଶାନ୍ତନୁ ପ୍ରଧାନଙ୍କ ନେତୃତ୍ୱରେ ତାଳ ବନୀକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପାଇକମାଲ ସରପଞ୍ଚ ତୁଳାବତୀ ତାଣ୍ଡି, ସାମ୍ବାଦିକ କୁଞ୍ଜବିହାରୀ ସାହୁ ଯୋଗ ଦେଇଥିଲେ। ବୈଠକରେ ତାଳ ବୃକ୍ଷର ଉପକାରିତା, ବୃକ୍ଷରୋପଣ ମହତ୍ତ୍ୱ ତଥା ବୃକ୍ଷରୋପଣ କରିବାକୁ ଆହ୍ୱାନ ଦିଆଯାଇଥିଲା। କରଡି ସଂଗ୍ରହକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ପରିବାର ମାଁଙ୍କ ନାମରେ ଗୋଟିଏ ଲେଖାଏଁ ଚାରାରୋପଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ରଣଜିତପୁର ଗାଁ ନିକଟରେ ଥିବା ଜଙ୍ଗଲ ଚିହ୍ନଟ କରି ଖାଲି ସ୍ଥାନରେ ୫୦୦ଟି ତାଳ ଗଛ ରୋପଣ କରିବାକୁ ସ୍ଥିର ହୋଇଛି। ତାଳଗଛ ଲଗାନ୍ତୁ ବ୍ରଜପାତରୁ ରକ୍ଷା ପାଆନ୍ତୁ ବୋଲି ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ବୈଠକରେ ଗ୍ରାମବାସୀ, ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିବା ବେଳେ ବନରକ୍ଷୀ ଶାନ୍ତନୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।



## ଆଗକୁ ଗହ୍ମା ପୂର୍ଣ୍ଣିମା; ଜମିଲାଣି ରାକ୍ଷୀ ବଜାର

# ରାକ୍ଷୀ ଫିଙ୍ଗିଲେ ଗଛ ଉଠିବ

ଭୁବନେଶ୍ୱର, ୨୧।୭ (ସମିସ)



ରାକ୍ଷୀ ପୂର୍ଣ୍ଣିମାକୁ ଆଉ ୩ ସପ୍ତାହ ବାକି। ହେଲେ ଏବେଠାରୁ ରାଜଧାନୀର ପ୍ରମୁଖ ଅଞ୍ଚଳଗୁଡ଼ିକରେ ଆରମ୍ଭ ହେଲାଣି ରାକ୍ଷୀ ବ୍ୟବସାୟ। ତେବେ ପ୍ରଥମେ ପ୍ରଥମେ ବ୍ୟବସାୟ ଆରମ୍ଭ ହେଉଥିବାରୁ ବ୍ୟବସାୟୀ ତୁହାକୁ ତୁହା ରିହାତି କରିଛନ୍ତି। କେଉଁ ୫୦ପ୍ରତିଶତ ରିହାତିରେ ମିଳୁଛି ରାକ୍ଷୀ ତ ଆଉ କେଉଁଠି ୨ଶହ ଟଙ୍କାର ରାକ୍ଷୀ କିଣିଲେ ଏକ ଗିଫ୍ଟ ବା ଉପହାର ପ୍ରଦାନ କରାଯାଉଛି। ରାକ୍ଷୀ ପୂର୍ଣ୍ଣିମାରେ ଦୂରରେ ରହୁଥିବା ଭାଇମାନଙ୍କ ନିକଟକୁ ପୋଷ୍ଟ ମାଧ୍ୟମରେ ରାକ୍ଷୀ ପଠାଥାନ୍ତି। ତେଣୁ ଏବେଠାରୁ ବ୍ୟବସାୟ ଆରମ୍ଭ ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ତେବେ ଏଥର ବଜାରକୁ ଆସିଛି ବିହନ ରାକ୍ଷୀ। ଯେଉଁ ରାକ୍ଷୀକୁ ପିନ୍ଧିବା ପରେ ମାଟିରେ ପକାଇଲେ ଗଛ ଉଠିବ।

ଚଳିତ ବର୍ଷ ବଜାରକୁ ଷ୍ଟୋନ୍, କ୍ରିଷ୍ଟାଲ, ଚେନ୍, ଟେଡ୍ଡି, କାର୍ଟୁନ୍ ଓ ଫ୍ୟାନ୍ସି ରାକ୍ଷୀ ଆସିଥିବା ବେଳେ ବିଭିନ୍ନ ମଞ୍ଜିରେ ତିଆରି ରାକ୍ଷୀ ମଧ୍ୟ ବଜାରରେ ଦେଖିବାକୁ ମିଳିଛି। ଯାହା ପରିବେଶ ଅନୁକୂଳ ରାକ୍ଷୀ କୁହାଯାଉଛି। ଏହି ରାକ୍ଷୀ ଗୁଡ଼ିକ କେବଳ ଭାଇ ଭଉଣୀଙ୍କ ସମ୍ପର୍କର ଏକ ଡୋରୀ ନୁହେଁ ବରଂ ପରିବେଶ ପାଇଁ ଏକ ଉପହାର। କାରଣ ଏହାକୁ ବ୍ୟବହାର କରିବା ପରେ ଯେଉଁଠି ଫିଙ୍ଗିଲେ ତାହା ଚାରାରେ ପରିଣତ ହେବ। ତେବେ ସାଧାରଣତଃ ରାକ୍ଷୀ ଗୁଡ଼ିକ ବ୍ୟବସାୟୀମାନେ ରାଜ୍ୟ ବାହାରୁ ଆମଦାନୀ କରୁଥିବା ବେଳେ ଏହି ପରିବେଶ ଅନୁକୂଳ ରାକ୍ଷୀ ସହରର ବିଭିନ୍ନ ସ୍ଥାନରେ ଘରୋଇ ମହିଳାମାନେ ପ୍ରସ୍ତୁତ କରୁଥିବା ବ୍ୟବସାୟୀମାନେ କହିଛନ୍ତି। ଅମୃତଭଣ୍ଡା, ବିରି, ମୁଗ, ଚାଉଳ ଆଦିକୁ ବ୍ୟବହାର କରି ତାହାକୁ ଆକର୍ଷଣୀୟ ଭାବେ ଗୁନ୍ଥା ଯାଇ ରାକ୍ଷୀ ପ୍ରସ୍ତୁତ କରାଯାଉଛି। ସେହିପରି ପୂର୍ବଭଳି ଷ୍ଟୋନ୍ ଓ କ୍ରିଷ୍ଟାଲ ରାକ୍ଷୀର ଚାହିଦା ମଧ୍ୟ ପୂର୍ବଭଳି ରହିଛି। ରାକ୍ଷୀ ଗୁଡ଼ିକର ଦାମ୍ ୨୦ ଟଙ୍କାରୁ ଆରମ୍ଭ ହୋଇ ୩ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ଛୋଟ ପିଲାମାନଙ୍କ ପାଇଁ ଡୋରେମନ୍, ଛୋଟାଭିମ୍, ମୋଟୁ ପତ୍‌ଲୁ, ସ୍ପାଇଡର ମ୍ୟାନ୍ ଆଦି ଭଳି ବିଭିନ୍ନ କାର୍ଟୁନ୍ ରାକ୍ଷୀ ରହିଛି। ଯେଉଁଥିରେ ମ୍ୟୁଜିକ୍ ସିଷ୍ଟମ୍ ଓ ଏଲଇଡି ଲାଇଟ୍ ରହିଥିବାରୁ ଏହା ପିଲାମାନଙ୍କୁ ଅଧିକ ଆକୃଷ୍ଟ କରୁଥିବା ବ୍ୟବସାୟୀ କହିଛନ୍ତି। ତେବେ କପଡ଼ାରେ ତିଆରି ଜଗନ୍ନାଥ ରାକ୍ଷୀ, କାର୍ଟୁନ୍ ଗଣେଶ ରାକ୍ଷୀ, ଶିରିଡ଼ି ସାଇ ବାବା, ଓଁ ରାକ୍ଷୀ ଓ ମୟୁରପୁଚ୍ଛ ରାକ୍ଷୀ କିଣିବାକୁ ଆଗ୍ରହକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି। ଏହିସବୁ ରାକ୍ଷୀ ୪୦ଟଙ୍କାରୁ ଆରମ୍ଭ ହୋଇ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ରାକ୍ଷୀ ପୂର୍ଣ୍ଣମୀ ଆହୁରି ପ୍ରାୟ ୨୦ ଦିନ ବାକି ଥିବାରୁ ଆଗକୁ ନୂଆ ନୂଆ ଇକୋଫ୍ରେଣ୍ଡଲି ରାକ୍ଷୀ ଆସିବ ବୋଲି ରାକ୍ଷୀ ବ୍ୟବସାୟୀମାନେ କହିଛନ୍ତି।

## ବେଙ୍ଗାଲୁରୁରେ ଦୁଇ ଓଡ଼ିଆ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୨୧।୭ (ସମିସ): ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜ ଆନୁକୂଲ୍ୟରେ ବେଙ୍ଗାଲୁରୁର ବିକେନା ହଲସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କବି ପ୍ରଶାନ୍ତ କୁମାର ନାଥଙ୍କ କାହାଣୀଭିତ୍ତିକ ଶିଶୁ କବିତା ସଙ୍କଳନ 'କଥାଟିଏ-କବିତାରେ ଅଛି କାହାଣୀଟିଏ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରଥମେ ପୁସ୍ତକଟି ଜଗନ୍ନାଥଙ୍କୁ ସମର୍ପିତ କରି ଉନ୍ମୋଚିତ କରାଯାଇଛି। ବେଙ୍ଗାଲୁରୁ ଓଡ଼ିଆ ସାହିତ୍ୟ ସମାଜର ସଭାପତି ତାପସରାଜ୍ ମହାରଣାଙ୍କ ତତ୍ତ୍ୱାବଧାନ ଓ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆଯୁଗର ନୂଆ ସକାଳ ପତ୍ରିକାର ସମ୍ପାଦିକା ଇଂ. ଅବନ୍ତୀ ମଲ୍ଲିକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପ୍ରଶାନ୍ତଙ୍କ କବିତାର ଭାବମୟତା ଉପରେ ଆଲୋକପାତ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିଗବଳୟ ପତ୍ରିକାର ସମ୍ପାଦକ ଅଜୟ କେତନ ମହାନ୍ତି କହିଛନ୍ତି ସମାଜର ମୂଳଦୁଆ ପକାଇବା ପାଇଁ ଶିଶୁ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମ୍ମାନିତ ଅତିଥି ଭାବରେ ଓଡ଼ିଆ ଗୀତିକବି ସମାଜର ସାଧାରଣ ସମ୍ପାଦକ ପ୍ରେମଚାନ୍ଦ ମହାନ୍ତି ଓ ତାପସରାଜ୍ ମହାରଣାଙ୍କ ଉପସ୍ଥିତ ଥିଲେ। ଏଥିସହିତ ବିଷ୍ଣୁପ୍ରିୟା ମିଶ୍ରଙ୍କର କବିତା ସଂକଳନ 'ମୁଠାଏ ସ୍ୱପ୍ନ' ଲୋକାର୍ପିତ ହେବା ସହିତ କବିତାର ସର୍ଜନା ସବୁକୁ ଗୋଟି ଗୋଟି କରି ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ଯୁବ ସାହିତ୍ୟିକ ରଶ୍ମିରଞ୍ଜନ ରାଉତ, ସିନେ ଫଟୋଗ୍ରାଫର ଅଶୋକ ମହାନ୍ତି, ମନ୍ଦିର ପୂଜକ ଶରତ ପଣ୍ଡା ପ୍ରମୁଖ ସୁସାହିତ୍ୟିକମାନେ ଯୋଗ ଦେଇଥିଲେ।

**'କଥାଟିଏ-କବିତାରେ ଅଛି କାହାଣୀଟିଏ' ଏବଂ 'ମୁଠାଏ ସ୍ୱପ୍ନ' ଲୋକାର୍ପିତ**

## ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ସାହିତ୍ୟ ଆଲୋଚନାଚକ୍ର

# କାଳିନ୍ଦୀଚରଣଙ୍କ ସାହିତ୍ୟରେ ମାନବବାଦୀ ଚିନ୍ତାଧାରା ପ୍ରତିଫଳିତ



ଭୁବନେଶ୍ୱର, ୨୧।୭ (ସମିସ): ସବୁଜ ଯୁଗର ସାଥୀମାନଙ୍କ ସାହଚର୍ଯ୍ୟରେ କାଳିନ୍ଦୀଚରଣଙ୍କର ସାରସ୍ୱତ ପ୍ରତିଭାର ଅୟମାରମ୍ଭ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଯୌବନର କୁହୁଧ୍ୱନୀ ଜୀବନ ଯନ୍ତ୍ରଣାରେ ରୂପାୟିତ ହୋଇ ସାହିତ୍ୟରେ ପ୍ରତିଫଳିତ ହୋଇଥିଲା। ରୋମାଣ୍ଟିକ ଭାବାଲୁତା କ୍ରମେ ବିଲୀନ ହୋଇ ସମାଲୋଚନାମୂଳକ ବାସ୍ତବତା ଦେଇ ସମାଜବାଦୀ ବାସ୍ତବତା ପ୍ରତି କାଳିନ୍ଦୀଚରଣଙ୍କ ସାହିତ୍ୟ ଅଗ୍ରସର ହୋଇଥିଲା ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି। ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର ଓ ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜନ୍ମବାର୍ଷିକୀରେ ସମିତିର ଉପସଭାପତି ଡ. ପ୍ରେମଲତା ଦେବୀ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସମ୍ଭାର ସମ୍ବନ୍ଧରେ ବିଶଦ ଆଲୋଚନା କରି ତାଙ୍କୁ ଜଣେ କାଳଜୟୀ ସ୍ରଷ୍ଟାଭାବେ ମନ୍ତବ୍ୟ ରଖିଥିଲେ। ସମିତିର ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକା ଡ. ଆରତୀ କର କାଳିନ୍ଦୀ ଚରଣଙ୍କର ସାହିତ୍ୟକୃତିରେ ଗାନ୍ଧୀଜୀଙ୍କ ଆଦର୍ଶ ପ୍ରତିଫଳିତ ହୋଇଛି ବୋଲି ମାଟିର ମଣିଷରୁ ଉଦାହରଣ ଦେଇଥିବା ବେଳେ ମୀନତି ଷଡଙ୍ଗୀ ଶିଶୁମାନଙ୍କୁ ଆଦର୍ଶ ନାଗରିକ ଭାବେ ଗଢ଼ିବା ପାଇଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସାଧନା ସମ୍ପର୍କରେ ସୂଚନା ଦେଇଥିଲେ। ପୌରୁଷର ସମ୍ପାଦକ ଅସିତ ମହାନ୍ତି ଙ୍କଯୋଗଦେଇ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ସହ ସମ୍ପାଦନା କ୍ଷେତ୍ରରେ ଅବଦାନ ଓ ସଙ୍ଗଠନ କ୍ଷେତ୍ରରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ଦାୟିତ୍ୱ ସହ ଆକାଶବାଣୀ କଟକର ପ୍ରଡ୍ୟୁସର ଭାବେ ତାଙ୍କ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସକ ସୁକାନ୍ତ ପ୍ରଧାନ, ରାମ ନାରାୟଣ ମିଶ୍ର, ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ସୀତା ବଲ୍ଲଭ ମହାପାତ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି କାଳିନ୍ଦୀ ଚରଣଙ୍କର ଶ୍ରେଷ୍ଠକିର୍ତ୍ତୀ ମାଟିର ମଣିଷର ଚରିତ୍ରଚିତ୍ରଣ, ଘଟଣାବିନ୍ୟାସ ତଥା ଆଦର୍ଶ ଭାବବସ୍ତୁର ଉପସ୍ଥାପନା ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ମତ ଦେଇଥିଲେ। ପ୍ରାରମ୍ଭରେ ସମିତିର ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭ୍ୟ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର୍ ନିରାପତ୍ତା ଓ ଆର୍ଥିକ ସ୍ୱାକ୍ଷରତା ଅନୁଭବୀ ଶିକ୍ଷଣ

ଭୁବନେଶ୍ୱର, ୨୧।୭ (ସମିସ): ମହାନଗର ନିଗମ ସ୍ଥିତ ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ ଜୁଲାଇରୁ ୨୧ ଜୁଲାଇ ପର୍ଯ୍ୟନ୍ତ ସାଇବର ନିରାପତ୍ତା ଓ ଆର୍ଥିକ ସ୍ୱାକ୍ଷରତା ଅନୁଭବୀ ଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ଡ. ସରୋଜ ଲକ୍ଷ୍ମୀ ସିଂହଙ୍କ ଅଧ୍ୟକ୍ଷତାରେ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ସାଇବର ନିରାପତ୍ତା ଓ ଆର୍ଥିକ ସ୍ୱାକ୍ଷରତା ଅନୁଭବୀ ଶିକ୍ଷାର ପ୍ରଚାର ଓ ପ୍ରସାର ଏବଂ ଏହାର ବିଭିନ୍ନ ଉପାଦେୟତା ଉପରେ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ୱେବିନାଲ ମାଧ୍ୟମରେ ଆଲୋଚନା ହୋଇଥିଲା। ଏହି କାର୍ଯକ୍ରମରେ କଲେଜର ଅଧ୍ୟକ୍ଷା ଡ. ସରୋଜ ଲକ୍ଷ୍ମୀ ସିଂହ, ପ୍ରଶାସନ ସଞ୍ଚାଳକ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ, ଏନ. ଏସ. ଏସ. ଇ କାର୍ଯକ୍ରମ ସଂଯୋଜକ ଡ. ବିଶ୍ୱମୋହନ ଜେନା, ଭାରତ ସରକାରଙ୍କ ତରଫରୁ ଏନ.ଏସ.ଏସ. ର କାର୍ଯନିର୍ବାହୀ ଅଧିକାରୀ ସ୍ମୃତିଲେଖା ସାହୁ ଓ ସହପରିଚାଳିକା ପ୍ରତୀକ୍ଷା ଉପସ୍ଥିତ ଥିଲେ। ଏହା ପରେ ସାଇବର ନିରାପରା ଓ ଆର୍ଥିକ ସ୍ୱାକ୍ଷରତା ଅନୁଭବୀ ଶିକ୍ଷଣ କାର୍ଯ୍ୟକ୍ରମର ପଞ୍ଜୀକୃତ ୨୦ ଜଣ ସ୍ୱେଚ୍ଛାସେବୀ ରମା ଦେବୀ ପରିସର ଅନ୍ତର୍ଭୁକ୍ତ ଇଣ୍ଡିଆନ ବ୍ୟାଙ୍କ ଶାଖାରେ ଶାଖାର ପରିଚାଳିକା ଓ ଟିମଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସେବା ଓ ସରକାରୀ ଯୋଜନା ସମ୍ବନ୍ଧରେ ଆଲୋଚନା ହୋଇଥିଲା।




## ବନମହୋତ୍ସବ ଉପଲକ୍ଷେ ଚାରାରୋପଣ

ଭୁବନେଶ୍ୱର, ୨୧।୭ (ସମିସ): ବନମହୋତ୍ସବ ପାଳନ ଅବସରରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଳିଗୋରଡା ଗ୍ରାମସ୍ଥିତ ଗୋପବନ୍ଧୁ ଜନ୍ମ ପୀଠ ନୋଡାଲ ସ୍କୁଲ୍ ପରିସରରେ ବୃକ୍ଷ ଚାରାରୋପଣ କରାଯାଇଛି। ଚାରାରୋପଣ ଦ୍ୱାରା ପରିବେଶକୁ ସୁସ୍ଥ ଏବଂ ସୁରକ୍ଷିତ ରଖାଯାଇ ପରିବ ବୋଲି ଏହି ସ୍କୁଲର ପ୍ରଥମ ବ୍ୟାଚ୍‌ର ଛାତ୍ରଥା ବର୍ତ୍ତମାନର ଜଳସମ୍ପଦ ବିଭାଗର ବରିଷ୍ଠ ନିର୍ବାହୀ ଯନ୍ତ୍ରୀ ମହେସ ଚନ୍ଦ୍ର ମାନସିଂହ କହିଛନ୍ତି। ଫରେଷ୍ଟ ଶବ୍ଦର ପ୍ରତ୍ୟେକଟି ଇଂରାଜୀ ଅକ୍ଷରରୁ ସୃଷ୍ଟି ଶବ୍ଦ ଫୁଡ୍, ଅକ୍ସିଜେନ, ରେନ, ଇନଭରନମେଣ୍ଟ, ସଏଲ୍ ଏବଂ ଟିମ୍ବର କିପରି ମାନବ ସମାଜର ପ୍ରତ୍ୟେକଟି କାର୍ଯ୍ୟରେ ଲାଗିଥାଏ ତାହାକୁ ଅତି ସୁନ୍ଦର ଭାବରେ ଶ୍ରୀ ମାନସିଂହ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏଥିରେ ଓଡ଼ିଶା ରାଜ୍ୟ ବିହନ ନିଗମର ନିର୍ଦ୍ଦେଶକ ଅଶୋକ କୁମାର ମରାଳ କହିଥିଲେ ଯେ, ସବୁଜ ପରିବେଶ ମଣିଷ ସମାଜ ସହିତ ପୃଥିବୀକୁ ଦୀର୍ଘାୟୁ ରଖିବାରେ ସହାୟକ ହେବ। ମଣିଷ ପ୍ରତି ଦିନ ପ୍ରାୟ ୫୦୦ ଲିଟର ବାୟୁ ଶ୍ୱାସ ପ୍ରକିୟାରେ ଗ୍ରହଣ କରିଥାନ୍ତି। ଏହି ଶୁଦ୍ଧ ବାୟୁ ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷ ରୋପଣ କରିବା ସହିତ ବୃକ୍ଷ ଗୁଡିକର ସଂରକ୍ଷଣ କରିବାକୁ ଶ୍ରୀ ବରାଳ କହିଛନ୍ତି। ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀ ଏବଂ ଇକୋ କ୍ଲବ୍ ସଦସ୍ୟମାନେ ବୃକ୍ଷରୋପଣ କରିଥିଲେ। ଏହାପରେ ପ୍ରଧାନ ଶିକ୍ଷକ ହରିହର ମିଶ୍ର ଏବଂ ଶିକ୍ଷକ ନିରଞ୍ଜନ ବରାଳଙ୍କୁ ସମ୍ମାନୀତ କରାଯାଇଥିଲା।

# 'ଏନ୍‌ସିଇଆର୍‌ଟି ପୁସ୍ତକରୁ ପାଇକ ବିଦ୍ରୋହ ବାଦ୍ ପଡ଼ିବା ଦୁର୍ଭାଗ୍ୟଜନକ'

ଭୁବନେଶ୍ୱର, ୨୧।୭ (ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାସନାଲ୍ କାଉନସିଲ ଅଫ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚର ଦ୍ୱାରା ସଦ୍ୟ ପ୍ରକାଶିତ ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ(ଇତିହାସ) ପୁସ୍ତକରୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଓଡ଼ିଶାର ପାଇକ ବିଦ୍ରାହ-୧୮୧୭ କୁ ହଟାଇଦେବା ଦୁର୍ଭାଗ୍ୟଜନକ ଓ ଏହାକୁ ତୁରନ୍ତ ସାମିଲ କରାଯାଉ ବୋଲି ଉତ୍କଳ ସମ୍ମିଳନୀ ଦାବି କରିଛି। ୨୦୧୭ ମସିହା ଜୁଲାଇ ମାସରେ ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନଠାରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଯୋଗଦେଇ ସିପାହି ବିଦ୍ରୋହର ୪୦ ବର୍ଷ ପୂର୍ବରୁ ପାଇକ ବିଦ୍ରୋହ ହୋଇଥିବା କହିବା ସହ ଇତିହାସ ଗବେଷକମାନେ ଇତିହାସ ରଚନା କରିବା ସମୟରେ ତଥ୍ୟକୁ ଆଧାର ନକରି ପିଢି ପରେ ପିଢି ଚଳିଆସିଥିବା କଥା, କାହାଣୀ ଓ କିମ୍ବଦନ୍ତୀକୁ ଗୁରୁତ୍ୱ ଦିଅନ୍ତୁ। ସେହିପରି ୨୦୧୯ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖୋର୍ଦ୍ଧାର ବରୁଣେଇ ପାହାଡ ଅଞ୍ଚଳରେ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ଶୁଭ ଦେଇଥିବା ବେଳେ ସେହି ୨୦୧୯ ମସିହାରେ ପାଇକ ବିଦ୍ରୋହର ୨୦୦ ବର୍ଷ ଅବସରରେ ଏକ ଡାକ ଟିକେଟ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା। ଏ ସବୁକୁ ଦୃଷ୍ଟିରେ ରଖି ପୁନର୍ବାର ଏନ୍‌ସିଇଆର୍‌ଟି ପ୍ରଥମ ସ୍ୱାଧୀନତା ସଂଗ୍ରାମ ଓଡ଼ିଶାର ପାଇକ ବିଦ୍ରାହ-୧୮୧୭କୁ ପାଠ୍ୟ ପୁସ୍ତକରେ ପ୍ରଚଳନ କରିବା ପାଇଁ ଉତ୍କଳ ସମ୍ମିଳନୀ ଦାବି କରିଛି ବୋଲି ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା କହିଛନ୍ତି।

# ପାଠ୍ୟ ପୁସ୍ତକରେ ପାଇକ ବିଦ୍ରୋହ ସ୍ଥାନିତ ପାଇଁ ଦାବି

ଭୁବନେଶ୍ୱର, ୨୧।୭ (ସମିସ)

ଓଡ଼ିଶା ନାଗରିକ ମହାମଞ୍ଚ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ପାଇକ ବିଦ୍ରୋହକୁ ପାଠ୍ୟ ପୁସ୍ତକରେ ତୁରନ୍ତ ସ୍ଥାନୀତ କରିବାକୁ ଦାବି କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ପାଇକ ବିଦ୍ରୋହକୁ ବାଦ୍‌ଦେବା ନେଇ ପୂଜ୍ୟପୂଜା ସଂସ୍କୃତି ଅଭିଯାନ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଗଭୀର କ୍ଷୋଭ ସହ ଦୁଃଖପ୍ରକାଶ କରିବା ସହ ପୁନର୍ବାର ଏନସିଆର୍ଟି ଇତିହାସ ପୁସ୍ତକରେ ସ୍ଥାନିତ କରିବାକୁ କେନ୍ଦ୍ର ସରକାର, ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବ ଦାବି ଅନୁସାରେ ଏହାକୁ ସ୍ଥାନିତ କରାଯାଇଥିବା ବେଳେ ବର୍ତ୍ତମାନ କେଉଁ ପରିପ୍ରେକ୍ଷୀରେ ଏହାକୁ ବାଦ୍ ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଭାରତର ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ରାଜଧାନୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଦୃଢ଼ ଭାବେ କହିଥିଲେ ଯେ, ଭାରତର ସର୍ବ ପ୍ରଥମ ମୁକ୍ତି ସଂଗ୍ରାମ ଓଡ଼ିଶାର ପାଇକ ବିଦ୍ରୋହ। ଯାହା ୧୮୧୭ ମସିହାରେ ଇଂରେଜ ମାନଙ୍କ ବିରୋଧ ରେ ଅନୁଷ୍ଠିତ ହୋଇଥିଲା। ତାହା ହିଁ ଥିଲା ଭାରତ ଇତିହାସର ସର୍ବପ୍ରଥମ ମୁକ୍ତି ସଂଗ୍ରାମ। ତେଣୁ ଏହି ସଂଗ୍ରାମକୁ ବାଦ୍ ଦେଇ ଇତିହାସ ପଢ଼ିବା ଗ୍ରହଣୀୟ ନୁହେଁ ଓ ବୀର ମାନଙ୍କ ପ୍ରତି ଅପମାନ ସଦୃଶ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ଓଡ଼ିଶା ନାଗରିକ ମହାମଞ୍ଚର ସାଧାରଣ ଉପସଭାପତି ଡ. ପ୍ରଦୀପ କୁମାର ବିଶ୍ୱାଳ, ସଂଯୋଜକ ନାରାୟଣ ଓଝା, ସୁବାର୍ତ୍ତା ପରିଚାଳକ ସୀତାଂଶୁ ଶେଖର ମହାରଣା କହିଛନ୍ତି। ଏହାସହିତ କେନ୍ଦ୍ର ସରକାର, ଶିକ୍ଷାମନ୍ତ୍ରୀ ଯଥାଶୀଘ୍ର ଏହା ଉପରେ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି।

## ରିଲିଜ୍ ହେଲା ଭଜନ 'ମୋ କାଳିଆରେ'



ଭୁବନେଶ୍ୱର, ୨୧।୭ (ସମିସ): ଜେ.ବି ମ୍ୟୁଜିକ୍ ଦ୍ୱାରା ରିଲିଜ ହୋଇଛି ପୀୟୁଷ୍ ତ୍ରିପାଠୀଙ୍କ ଅଭିନୀତ ପ୍ରଥମ ଜଗନ୍ନାଥ ଭଜନ 'ମୋ କାଳିଆରେ'। ଏହି ଭଜନରେ ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ଏହି ଭଜନରେ ଜଲି ସ୍ୱାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କଣ୍ଠଦାନ କରିଛନ୍ତି ସୌରଭ ଭରଦ୍ୱାଜ ଏବଂ ପ୍ରଯୋଜକ ଦାୟିତ୍ୱ ତୁଲାଇଛନ୍ତି ବିଶ୍ୱପ୍ରକାଶ। ଭଜନଟି ପୁରୀ ସହରରେ ବିଭିନ୍ନ ସ୍ଥାନରେ ସୁଟିଂ କରାଯାଇଛି।

**● ଆଜି ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା**

# ଗ୍ରାଣ୍ଡ ଫିନାଲେରେ ୧୦ ଏସ୍‌ଏଚ୍‌ଜି

ଭୁବନେଶ୍ୱର, ୨୧।୭ (ସମିସ): ବହୁପ୍ରତୀକ୍ଷିତ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ସେମିଫାଇନାଲ ଇନଷ୍ଟିଚ୍ୟୁଟ୍ ଅଫ ହୋଟେଲମ୍ୟାନେଜମେଣ୍ଟ (ଆଇଏଚଏମ୍)ରେ ଅନୁଷ୍ଠିତ ହୋଇଯାଇଛି। ମିଶନଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତିଟି ଜିଲ୍ଲାରୁ ୩୦ଟି ଏସଏଚ୍‌ଜି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କୌଶଳ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ହୋଟେଲ ମେ ଫେୟାରର ସେଫ୍ ସୂରଜ କୁମାର ସାହୁ, ଆଇଏଚଏମର ବିଭାଗୀୟ ମୁଖ୍ୟ ସେଫ୍ ସମ୍ବିତ ସୁମନ, ଲାଇଫ୍ ହୋଟେଲର ଶୈଳେଶ ଶେଖର ପ୍ରମୁଖ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇ ୧୦ଟି ଏସଏଚ୍‌ଜି ଦଳକୁ ଚୟନ କରିଥିଲେ। ଶେଷରେ ସମସ୍ତ ସେମିଫାଇନାଲିଷ୍ଟଙ୍କୁ ସାର୍ଟିଫିକେଟ ଓ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା କାଲି ଅର୍ଥାତ୍ ଜୁଲାଇ ୨୨ରେ ହେବାକୁ ଥିବା ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲ୍‌ରେ ଅଂଶଗ୍ରହଣ କରିବେ ୧୦ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)। ସୂଚନା ଅନୁସାରେ, ବ୍ଲକ ଓ ଜିଲ୍ଲା ସ୍ତରରେ ଅନୁଷ୍ଠିତ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରତି ଦଳରେ ଜଣେ ମୁଖ୍ୟ ପାଚିକା, ସହାୟକ ପାଚିକା ଏବଂ ରୋଷେଇ ସହାୟିକା ମଧ୍ୟ ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି। ତେବେ ଅଂଶଗ୍ରହଣକାରୀମାନେ ଏକ ସପ୍ତାହବ୍ୟାପୀ ସେଫ୍ ସୂରଜ କୁମାର ସାହୁ ଏବଂ ମାଷ୍ଟର ସେଫ ଇଣ୍ଡିଆ ସିଜନ୍-୬ର ବିଜେତା ଅବିନାଶ ନାୟକଙ୍କ ଦ୍ୱାରା ପ୍ରଶିକ୍ଷଣ ନେଇଥିଲେ।

## 'ଲର୍ଣ୍ଣ ଗୀତା'ର ୫ ବର୍ଷ ପୂର୍ତ୍ତି ଉତ୍ସବ

ଭୁବନେଶ୍ୱର, ୨୧।୭ (ସମିସ): ଓଡ଼ିଶା ଗୀତା ପରିବାର ତରଫରୁ ଲର୍ଣ୍ଣ ଗୀତା ପଞ୍ଚବର୍ଷ ପୂର୍ତ୍ତୀ ଉତ୍ସବ ଅବସରରେ ଜୟଦେବ ଭବନଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ମାନବ ଜୀବନରେ ଶ୍ରୀମଦ୍ ଭଗବଦ୍ ଗୀତାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଏହା ଏକ ଦୈନନ୍ଦିନ ପଠନୀୟ ଉପାଦେୟ ଗ୍ରନ୍ଥ ହେଇଥିବାରୁ ପ୍ରତ୍ୟେକ ବ୍ୟକ୍ତି ପଠନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଗୀତା ପରିବାର ଓଡ଼ିଶାର ଅଧ୍ୟକ୍ଷ ପ୍ରମୋଦ କୁମାର ମହାନ୍ତି ତାଙ୍କ ବକ୍ତବ୍ୟରେ ଆସନ୍ତା ପିଢ଼ି ମଧ୍ୟରେ ଭଗବଦ୍ ଭକ୍ତି ଓ ଭଗବତ୍ ଗୀତାର ଉପାଦେୟତା ପ୍ରତିଫଳନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିରେ ଭୁବନେଶ୍ୱର ତଥା ଭୁବନେଶ୍ୱର ଆଖ ପାଖ ଅଞ୍ଚଳରୁ ବହୁ ବ୍ୟକ୍ତି, ଗୀତାପ୍ରେମିମାନେ ଯୋଗ ଦେଇଥିଲେ। ଗୀତା ପରିବାର ଓଡ଼ିଶା ଶାଖା ସଚିବ ରଘୁନାଥ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

**ଆମ ରାଜଧାନୀ ଆମ ଐତିହ୍ୟ**

# ସପ୍ତରଥ ଶୈଳୀରେ ନିର୍ମିତ ଐଶାନେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୧।୭ (ସମିସ): ମନ୍ଦିରମାଳିନୀ ସହରରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ସେଥିମଧ୍ୟରୁ ଅନ୍ୟତମ ହେଉଛି ତ୍ରୟଦଶ ଶତାବ୍ଦୀର ଐଶାନେଶ୍ୱର ମନ୍ଦିର ଅନ୍ୟତମ।

ଏହି ମନ୍ଦିରଟି ଲିଙ୍ଗରାଜ ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଶ୍ରୀରାମନଗରସ୍ଥିତ ଏକ ଶୈବ ପୀଠ। ଆପଣ ଯଦି ଲିଙ୍ଗରାଜ ମନ୍ଦିର ପଛପାର୍ଶ୍ୱ ଦେଇ ପୌର ଚିକିତ୍ସାଳୟ ପଟେ ଆସିବେ ତାହାରି ନିକଟରେ ରହିଛି ଏହି ମନ୍ଦିର। କିମ୍ବଦନ୍ତୀ ଅନୁଯାୟୀ ଶିବରାତ୍ରି ଛଅ ଦିନ ପରେ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଏହି ମନ୍ଦିରକୁ ବିଜେ ହୋଇଥାନ୍ତି। ସପ୍ତରଥ ଶୈଳୀରେ ନିର୍ମିତ ହୋଇଛି ଏହି ମନ୍ଦିର। ଐଶାନେଶ୍ୱର ମନ୍ଦିରର ଅନ୍ୟ ଏକ ବିଶେଷତ୍ୱ ହେଉଛି ଗଜଲକ୍ଷ୍ମୀ ଲଳିତା ଆସନରେ ରହିଛନ୍ତି। ଦ୍ୱାରର ଉପରିଭାଗରେ ନବଗ୍ରହ ଅବସ୍ଥାପିତ। ଏହି ମନ୍ଦିରର ସ୍ଥାପତ୍ୟ ଶୈଳୀ ସହ ମେଘେଶ୍ୱର ମନ୍ଦିର ସହ ସମାନତା ଦେଖାଯାଏ। ମନ୍ଦିରଟି ଗଙ୍ଗବଂଶ ସମୟରେ ଏବଂ ଧୂସର ବାଲୁକା ପଥର ବ୍ୟବହାର କରି ଏହା ନିର୍ମିତ ହୋଇଥିବା ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି। ଶିବରାତ୍ରି ପର ସମୟରେ ମନ୍ଦିରରେ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ବିଜେ ହୋଇଥିବାରୁ ସେହି ସମୟରେ ମନ୍ଦିରରେ ଲୋକଙ୍କ ଗହଳି ପରିଲକ୍ଷିତ ହୁଏ।



### ଏବେ କେମିତି ରହିଛି

ଏହି ପୁରାତନ ମନ୍ଦିରଟି ସମୟକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଗଛଲତା ମାଡ଼ି ବଣ ଜଙ୍ଗଲ ଭିତରେ ସୌନ୍ଦର୍ଯ୍ୟ ହରେଇବାକୁ ବସିଲାଣି। ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିଲେ ହେଁ ବର୍ତ୍ତମାନ ସମୟରେ ଏହି ପୁରାତନ ମନ୍ଦିର ବଣ ଜଙ୍ଗଲ ଭିତରେ ଲୁଚି ଏକ ବିପଦଶଙ୍କୁଳ ପରିବେଶ ପାଲଟିଗଲାଣି। ସେଠାକୁ କେହି ଯିବାକୁ ମଧ୍ୟ ଦେଖି ଭୟ କରିବା ସ୍ୱାଭାବିକ କଥା। ବର୍ଷା ଦିନ ଯୋଗୁଁ ଆଗକୁ ଏହାର ସ୍ଥିତି ଆହୁରି ଜଟିଳ ହେବାର ଆଶଙ୍କା ସୃଷ୍ଟି ହେବା କଥା ଅଞ୍ଚଳବାସୀ ମତ ଦେଇଛନ୍ତି। ଏହି ନିକଟରେ ଥିବା ଜଣେ ଦୋକାନୀ ମତ ଦିଅନ୍ତି। ମନ୍ଦିର ଆଗରୁ ଏମିତି ନଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ମନ୍ଦିରର ଏପରି ପରିସ୍ଥିତି ସୃଷ୍ଟି ହେଲାଣି। ଜଣେ ପୂଜକ ସକାଳେ ଓ ସନ୍ଧ୍ୟା ପୂର୍ବରୁ ଆସି ପୂଜା କରିଦେଇ ଯାଉଛନ୍ତି। ଗଛଲତା ଡାଙ୍ଗି ଜଙ୍ଗଲ ହେବା କାରଣରୁ ପୂଜକ ମଧ୍ୟ ବେଶୀ ସନ୍ଧ୍ୟା ହେଲେ ମନ୍ଦିରକୁ ଆସିବାକୁ ଭୟ କରୁଛନ୍ତି। ସରୀସୃପ ଥିବା ଆଶଙ୍କାରେ ଆଖପାଖ ଅଞ୍ଚଳର ଲୋକ ତା ପରିସର ମଧ୍ୟକୁ ପ୍ରବେଶ କରୁନାହାନ୍ତି ବୋଲି ସେ କହିଥିଲେ।

## ସ୍ୱାଭାବିକ ବର୍ଷା ପରେ ବିଲରେ ଚାଷୀ

# ଚାଷକାମ ଲାଗି ସାର ସାଜିଛି ବଡ଼ ସମସ୍ୟା

ବଲାଙ୍ଗିର, ୨୧।୭ (ସମିସ)

ବଲାଙ୍ଗିରରେ ଗତ ପ୍ରାୟ ଗୋଟିଏ ମାସ ହେଲା ସ୍ୱାଭାବିକ ଭାବେ ବର୍ଷା ହୋଇଛି। ଫଳରେ ଜିଲ୍ଲାରେ କୃଷି କାର୍ଯ୍ୟ ବେଶ ଉତ୍ସାହର ସହ ଆଗେଇ ଚାଲିଛି। ଜମିରେ କାଦୁଅ, ରୁଆ, ବିହୁଡ଼ା କାମ ଆଗେଇ ଚାଲିଥିବାବେଳେ ଜିଲ୍ଲାରେ ସାର୍ କଳାବଜାର ମଧ୍ୟ ଆରମ୍ଭ ହୋଇଛି। ଖରିଫ ଚାଷକାମ ପ୍ରାରମ୍ଭରେ ସାରର ନିତାନ୍ତ ଆବଶ୍ୟକତା ରହିଥିବା ବେଳେ ଚାଷୀମାନଙ୍କ ଆବଶ୍ୟକତାକୁ ଅସ୍ତ୍ରକରି ସାର ଦୋକାନୀମାନେ କଳାବଜାର ଚଲାଇଥିବା ଅଭିଯୋଗ ହୋଇଛି। ତେବେ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଥିବା କହି କୃଷି ବିଭାଗ ପକ୍ଷରୁ କୌଣସି ପ୍ରକାର ଯାଞ୍ଚକିମ୍ବା ଚଢ଼ଉ କରାଯାଉ ନ ଥିବାରୁ ଏହା ସାର ଦୋକାନୀମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି।

**ଅଧିକ ଦରରେ ବିକ୍ରି ଅଭିଯୋଗ**

**ଯାଞ୍ଚ ହେଉନି କି ଚଢ଼ଉ ହେଉନି**

ବଲାଙ୍ଗିର ଜିଲ୍ଲାରେ ଗତ ଜୁନ୍ ଶେଷସପ୍ତାହ ଓ ଜୁଲାଇରେ ପ୍ରାୟ ୧୫ ରୁ ୨୦ ଦିନ ଧରି ଲଗାତାର ବର୍ଷା ହୋଇଥିଲା। ଯାହାକି ଆଗାମୀ ଖରିଫ ପାଇଁ ଏହା ବେଶ ସହାୟକ ହୋଇପାରିବ। ବର୍ଷାକୁ ନଜରରେ ରଖି ଚାଷୀ ବେଶ ଉତ୍ସାହର ସହ ଚାଷ କାମ ଆରମ୍ଭ ହୋଇଛି। ଜମିରେ ପାଣି ମାଡ଼ିବା ପରେ କାଦୁଅ ଠାରୁ ଆରମ୍ଭ କରି ରୁଆ ବିହୁଡା କାମ ମଧ୍ୟ ଚାଷୀ ଆରମ୍ଭ କରିଛି। ତେବେ ଗତ ଖରିଫ ସମୟରେ ସ୍ୱାଭାବିକ ବର୍ଷା ଯୋଗୁଁ ଭଲ ଧାନ ଅମଳ ହୋଇଥିଲା। ଚଳିତ ଖରିଫରେ ମଧ ଚାଷୀ ସମାନ ଆଶା ରଖି ଚାଷ କାର୍ଯ୍ୟ ଆରମ୍ଭ କରିଛି। କୃଷି ବିଭାଗ ସୂଚନା ଅନୁସାରେ ଚଳିତ ଖରିଫରେ ୩ ଲକ୍ଷ ୪୫ ହଜାର ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ ଚଳିତବର୍ଷ ୩ ଲକ୍ଷ ୨୮ ହଜାର ହେକ୍ଟର



ଜମିରେ ଧାନ ଚାଷ କରାଯିବାକୁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ଲୋୟର ସୁକତେଲ ପ୍ରକଳ୍ପରେ ପ୍ରଭାବିତ ଗାଁର ଚାଷ ଜମିରେ ପାଣି ରହିଥିବାରୁ ସେହି ଜମିକୁ ବାଦ ଦିଆଯାଇଛି। ତେବେ ଗୋଟିଏ ପଟେ ଖୁସି ମନରେ ଚାଷୀ ଧାନ ଚାଷ ଆରମ୍ଭ କରିଛି ସତ କିନ୍ତୁ ଅନ୍ୟପଟେ ଏହି ଖୁସିକୁ ଏକ ବଡ଼ ସମସ୍ୟାରେ ପରିଣତ କରିଛି ସାର କଳାବଜାର। ରସାୟନ ସାର ପ୍ରୟୋଗ କରିବାକୁ ଚାଷୀ ମାନେ ସାର ଦୋକାନରେ ଭିଡ଼ ଲଗାଉଥିବା ବେଳେ ଅଧିକ ଦରରେ ସାର ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ତେବେ ବିଭାଗୀୟ ସୂଚନା ଅନୁସାରେ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରହିଥିବା କୃଷି ବିଭାଗ ସୂଚନା ଦେଇଛି। ୟୁରିଆ ୯୧୭୧.୩୪୪ ମ୍ୟାଟ୍ରିକ ଟନ୍, ଡିଏପି ୩୯୯..୬୮ ମାଟ୍ରିକ୍ ଟନ, ଏମଓପି ୧୯୬୪.୯୧୯ ମ୍ୟାଟ୍ରିକ ଟନ, ଏନ୍‌ପିକେଏସ ୭୩୪୭.୦୯ ମ୍ୟାଟ୍ରିକ ଟନ, ଏମ୍‌ଏସ୍‌ପି ୩୮୦.୦୮୫ ମ୍ୟାଟିକ ଟନ୍ ଜିଲ୍ଲାର ବିଭିନ୍ନ ସରକାରୀ ଗୋଦାମ, ହୋଲସେଲର ଓ ରିଟେଲରମାନଙ୍କ ପାଖରେ ରହିଛି। କିନ୍ତୁ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ସତ୍ୱେ ସାରକୁ ଅଧିକ ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ ସାର ବସ୍ତା ପ୍ରତି ଅଧିକ ତିନି ଶହରୁ ଚାରି ଶହ ଟଙ୍କାରେ ବିକ୍ରି କରାଯାଉଛି। ଅଧିକ ଦରରେ ଚାଷୀମାନଙ୍କୁ କିଣିବାକୁ ସାର ଦୋକାନୀମାନେ ବାଧ କରୁଥିବା ବେଳେ ନେଉଥିବା ଟଙ୍କାର ରସିଦ ମଧ୍ୟ ଦେଉନଥିବା ଅଭିଯୋଗ କରିଛନ୍ତି। ଅନେକ ସାର ଦୋକାନରେ ପିଓଏସ ମେସିନ ବ୍ୟବହାର କରାଯାଉ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ସାର ଦରକୁ ନେଇ କୌଣସି ପ୍ରକାର ପ୍ରଶ୍ନ ଉଠାଇଲେ କିମ୍ବା ପ୍ରତିବାଦ କଲେ ଚାଷୀମାନଙ୍କୁ ଦୋକାନୀ ସାର ଦେବାକୁ ମନା କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ସାର କଳାବଜାର କୁ ନେଇ ଲମ୍ବା ଅଭିଯୋଗ ତାଲିକା ରହିଥିଲେ ମଧ୍ୟ କୃଷି ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଦୋକାନୀ ମାନେ ଏହାକୁ ସୁଯୋଗ ଭାବି ଏହି କାରବାର ଚଲାଇଥିବା ଦେଖିବାକୁ ମିଳିଛି। ତେବେ ସାର ଦୋକାନମାନଙ୍କୁ ଯାଇ କୃଷି ବିଭାଗର କର୍ମଚାରୀ ମାନେ ନିୟମିତ ଭାବେ ଯାଞ୍ଚ କରିବାର ନିୟମ ରହିଛି କିନ୍ତୁ କେହି କୌଣସି ପ୍ରକାର ଯାଞ୍ଚ କରୁ ନ ଥିବାରୁ ଦୋକାନୀମାନେ ମଧ ମନମୁଖୀ କାରବାର ଚଲାଇଥିବା ଦେଖିବାକୁ ମିଳିଛି। ତେବେ ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କର ପ୍ରତିକ୍ରିୟା ମିଳିନାହିଁ। ଅନ୍ୟପକ୍ଷରେ ଏହି ଦିଗରେ କୃଷି ବିଭାଗ ତତ୍ପରତା ପ୍ରକାଶ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଡ୍ରେନ୍‌ରୁ ନବଜାତକ ଶବ ଉଦ୍ଧାର

**ଡ୍ରେନ୍ ପାଖରେ ରହିଛି ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନା**

ବଲାଙ୍ଗିର, ୨୧।୭ (ସମିସ): ବଲାଙ୍ଗିର ଜିଲ୍ଲାରେ ପୁଣି ଉଦ୍ଧାର ହେଲା ନବଜାତକ ମୃତଦେହ। କେତେବେଳେ ଖୋଲାସ୍ଥାନ ତ ପୁଣି କେତେବେଳେ ଡ୍ରେନ୍‌ରୁ ବଲାଙ୍ଗିରରେ ନବଜାତକ ଉଦ୍ଧାର ହେଉଥିବା ଘଟଣା ସାମ୍ନାକୁ ଆସୁଥିବାବେଳେ ସୋମବାର ପୁଣି ଏକ ସମାନ ଘଟଣା ସାମ୍ନାକୁ ଆସିଛି। ସୋମବାର ଉଦ୍ଧାର ହୋଇଥିବା ନବଜାତକ ମୃତଦେହଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତୀ ବିଭାଗ ନିକଟସ୍ଥ ଡ୍ରେନ୍‌ରୁ ଉଦ୍ଧାର ହୋଇଛି। ତେବେ ଉକ୍ତ ଶିଶୁଟି ମୃତ ଶିଶୁ ହୋଇଥିବା ବେଳେ କିଏ ଏହିଭଳି ଭାବେ ଡ୍ରେନରେ ଫିଙ୍ଗି ଦେଇଛି ତାହା ସ୍ପଷ୍ଟ ହୋଇନାହିଁ। ଟାଉନ ପୁଲିସର ଏକ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ବଲାଙ୍ଗିର ନବଜାତକ, ନବଜାତକ ମୃତଦେହ ଉଦ୍ଧାର ହେବା ଘଟଣା କିଛିବର୍ଷ ହେଲା ସାଧାରଣ ଘଟଣାରେ ପରିଣତ ହୋଇଛି। ଅନେକ ସମୟରେ ସହରର ବିଭିନ୍ନ ସ୍ଥାନରୁ ନବଜାତକ, ନବଜାତକଙ୍କ ମୃତଦେହ ଉଦ୍ଧାର ହେଉଥିବା ବେଳେ ସୋମବାର ପୁଣି ଏକ ନବଜାତକର ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁସାରେ ସୋମବାର ବଲାଙ୍ଗିର ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶିଶୁ ଓ ପ୍ରସୂତୀ ବିଭାଗ ପାଚେରିକୁ ଲାଗିରହିଥିବା ଡ୍ରେନ୍‌ରେ ଏକ ନବଜାତକ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ଉକ୍ତ ନବଜାତକ ମୃତଦେହଟି ଏକ ଶାଢ଼ୀରେ ଗୋଡାଇ ହୋଇ ପଡ଼ିଥିବାବେଳେ ଘଟଣା ବିଷୟରେ ସୂଚନା ପାଇବା ପରେ ଟାଉନ ପୁଲିସ ଟିମ ପହଞ୍ଚିଥିଲା। ମୃତଦେହ ଉଦ୍ଧାର କରି ପୁଲିସ ଘଟଣାର ଛାନଭିନ ଆରମ୍ଭ କରିଛି। କିଏ ଓ କେଉଁ ପରିସ୍ଥିତିରେ ନବଜାତକକୁ ଡ୍ରେନରେ ପକାଇଲା। ପକାଇବା ସମୟରେ ନବଜାତକ ଜୀବିତ ଥିଲା ନା ମୃତ ଥିଲା। ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଉକ୍ତ ମୃତ ନବଜାତକ ଫିଙ୍ଗିଥିବା ମହିଳା ଜଣକ ସରକାରୀ ଡାକ୍ତରଖାନା ରେ ଭର୍ତ୍ତି ହୋଇଥିଲେ ନା ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ତାକୁ ନେଇ ମଧ ପ୍ରଶ୍ନ ଉଠିଛି। କାହିଁକିନା ମୃତଦେହ ମିଳିଥିବା ସ୍ଥାନର ଗୋଟିଏ ପଟେ କିଛି ଘରୋଇ ଡାକ୍ତରଖାନା ଥିବାବେଳେ ଆଉ ଗୋଟିଏ ପଟେ ସରକାରୀ ଡାକ୍ତରଖାନାର ପ୍ରସୂତୀ ବିଭାଗ ରହିଛି। ତେବେ ବଲାଙ୍ଗିର ସହରରେ ଥିବା ଘରୋଇ ଡାକ୍ତରଖାନାମାନଙ୍କରେ ବେଆଇନ ଭାବେ ଗର୍ଭବତୀ ମହିଳାମାନଙ୍କ ପ୍ରସବ କରାଯାଉଥିବା ଅଭିଯୋଗ ହୋଇଆସୁଛି। ପୂର୍ବରୁ ମଧ ଘରୋଇ ଡାକ୍ତରଖାନା ନିକଟରେ ଅନେକ ସମୟରେ ନବଜାତକ ଉଦ୍ଧାର ହୋଇଥିବା ଘଟଣା ସାମ୍ନାକୁ ଆସିଛି। ତେବେ ଏହିସବୁ କାରବାର ବେଆଇନ କାରବାର ହୋଇଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଦିଗରେ କୌଣସି ପଦକ୍ଷପ ନିଆଯାଉ ନ ଥିବାରୁ ଘରୋଇ ଡାକ୍ତରଖାନାରେ ଏହି କାରବାର ବଢ଼ିଚାଲିଛି। ଅବାଧ ପ୍ରେମ ସମ୍ପର୍କରୁ ହେଉଥିବା ମତୃତ୍ୱ, ଅଲୋଡା ଶିଶୁ କନ୍ୟା ଘଟଣାରେ ଏହିଭଳି ଘଟଣା ବଢ଼ିଚାଲିଥିବାବେଳେ ଉଭୟ ପୁଲିସ ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିୟୋଗରେ ସିପିଆଇଏମ୍‌ର ଶୋକସଭା



ରାଉରକେଲା, ୨୧।୭ (ସମିସ): କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇଏମ୍‌ର ପ୍ରତିଷ୍ଠାତା ଭି ଏସ୍ ଅଚ୍ୟୁତାନନ୍ଦନଙ୍କ ସୋମବାର୧୦୧ ବର୍ଷ ବୟସରେ ତିରୁବନ୍ତପୁରମଠାରେ ଅସୁସ୍ଥତା ଯୋଗୁଁ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେଲାପରେ ପାର୍ଟିର ଦଳୀୟ ପତାକାକୁ ଅର୍ଦ୍ଧନିର୍ମିତ କରାଯିବା ସହ ତାଙ୍କୁ ସମ୍ମାନ ଜଣାଇ ୩ ଦିନିଆ ଦଳୀୟ ଶୋକ ପାଳନ କରାଯାଇଛି। ସିପିଆଇଏମ୍ ଜିଲ୍ଲା କାର୍ଯ୍ୟାଳୟ ଏକେଜି ଭବନ ଶକ୍ତିନଗରଠାରେ ଏହି ଅବସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାର୍ଟିର ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଉରକେଲା ଆଞ୍ଚଳିକ କମିଟି ସଂପାଦକ ରାଜ କିଶୋର ପ୍ରଧାନ, ଜିଲ୍ଲା କମିଟି ସଦସ୍ୟ ବସନ୍ତ ନାୟକ, ଆଞ୍ଚଳିକ କମିଟି ସଂପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଏନ୍‌ଏନ୍ ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ଅନାଦି ସାହୁ, ଏନ୍‌କେ ରାଉତରାୟ, ପ୍ରମୋଦ ପରିଡ଼ା, ଆଦିତ୍ୟ ନାୟକ, ଅଜିତ ରାୟ, କଞ୍ଚନୀ ଦେହୁରୀ, ରାଜୀବ ବସନ୍ତ ରାୟ ପ୍ରମୁଖ ଉପସ୍ଥିତ ରହି ଭିଏସ୍ ଅଚ୍ୟୁତାନନ୍ଦନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

# ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ ସର୍ପାଘାତ ସଚେତନତା



କୁତ୍ରା, ୨୧।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ତୁନମୁରାଠାରେ ଥିବା ସାର୍ଗୁକିଶାନ ଉଚ୍ଚ ସରକାରୀ ବିଦ୍ୟାଳୟରେ ସର୍ପାଘାତ ଜନିତ ମୃତ୍ୟୁ ହ୍ରାସ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ଅମରେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟ ପ୍ରଧାନଶିକ୍ଷକ ଡ଼ଃ ଅମରେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସେ ସାପ କାମୁଡିଥିବା ବ୍ୟକ୍ତିଙ୍କୁ ଯଥାଶୀଘ୍ର ଡାକ୍ତରଖାନାକୁ ନେଇ ଚିକିତ୍ସା କରିବାକୁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ କୁତ୍ରା ସରକାରୀ ଡାକ୍ତରଖାନାର ଡାକ୍ତର ଗଣେଶ ସରାଫ ଓ ଡ଼ଃ ରାଜଲକ୍ଷ୍ମୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାପ କାମୁଡ଼ାର ଲକ୍ଷଣ ଓ ଏହାର ଚିକିତ୍ସା ବିଷୟରେ ଧାରଣା ପ୍ରଦାନ କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ମୀନା କୁମାରୀ ଜେନା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅନ୍ଧବିଶ୍ୱାସରୁ ଦୁରେଇ ରହି ସାପ କାମୁଡା ଲୋକଙ୍କୁ ତୁରନ୍ତ ଚିକିତ୍ସା ପାଇଁ ପାଖ ସରକାରୀ ଡ଼ାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଏସ୍‌ଏମ୍‌ସି କମିଟିର ସମସ୍ତ ସଭ୍ୟସଭ୍ୟା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ପରିଚାଳନା କରିଥିଲେ।

## ■ ଦୁର୍ଗାପୂଜା ପାଇଁ ନୂତନ କମିଟି ଗଠିତ

# ଶ୍ରୀଚରଣ ସଭାପତି, ଚିନ୍ତାମଣି ସାଧାରଣ ସମ୍ପାଦକ ନିର୍ବାଚିତ

ରାଉରକେଲା, ୨୧।୭ (ସମିସ): ପ୍ରତି ବର୍ଷ ପରି ଚଳିତ ବର୍ଷ ୨୦୨୫-୨୬ ପାଇଁ ସାରନଗରୀରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ନୂତନ କମିଟିର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସାର୍ବଜନୀନ ପୂଜା ଆୟୋଜନ ପାଇଁ ସାରନଗରୀର ଗୋପବନ୍ଧୁ ପ୍ରଗତି



ପରିଷଦ କାର୍ଯ୍ୟାଳୟଠାରେ ଆଜି ଶ୍ରୀଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଗତ ବର୍ଷର ଆୟବ୍ୟୟର ହିସାବ ଉପସ୍ଥାପନ କରାଯାଇଥିଲା। ଏହାପରେ ବିଗତ ବର୍ଷର କମିଟିକୁ ସର୍ବସମ୍ମତି କ୍ରମେ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ୨୦୨୫-୨୬ ଦୁର୍ଗା, ଲକ୍ଷ୍ମୀ ଓ କାଳୀ ପୂଜା କିପରି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଦୁର୍ଗା ପୂଜା ପାଇଁ ସମସ୍ତ କ୍ୱାର୍ଟର ଗୁଡ଼ିକର ଚାନ୍ଦା ନିମନ୍ତେ ୬୦୦ ଟଙ୍କା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାସହ କ୍ୱାର୍ଟରରେ ଲୋକଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଥିବାରୁ ଚଳିତ ବର୍ଷ ସଭ୍ୟ ଚାନ୍ଦା ୧୦୦୦ ଟଙ୍କା ରଖାଯିବା ସହ ବାହ୍ୟ ଡୋନେସନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହାପରେ ନୂତନ କମିଟିର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ନୂତନ କମିଟିରେ ସଭାପତି ଭାବେ ଶ୍ରୀଚରଣ ମହାନ୍ତିଙ୍କୁ ନିର୍ବାଚିତ କରାଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଚିନ୍ତାମଣି ବେହେରା ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ଅନିଲ କୁମାର ମଲ୍ଲିକ, ଗୋକୁଳାନନ୍ଦ ବେହେରା, ଅଜୟ କୁମାର ପରିଡ଼ା, ସୁଶାନ୍ତ କୁମାର ବେହେରା ଓ ରାଧେଶ୍ୟାମ ଚିକ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ ଟିବି ଥାପା, ଅଙ୍ଗଦ କୈବର୍ତ୍ତ, ଅନିଲ ଦେହୁରୀ, ଅଜୟ ନାୟକ, ସମ୍ପାଦକ ଭାବେ ତ୍ରିଲୋଚନ ପ୍ରଧାନ, ସହ ସମ୍ପାଦକ ପ୍ରକାଶ ଚନ୍ଦ୍ର ଚୌଧୁରୀ, ରାକେଶ ନାୟକ, ରିତେଶ୍ୱର ଗିରି, ରମ୍ୟରଂଜନ ବିଶୋୟୀ, ଯୁଧିଷ୍ଠିର ପଶାୟତ, ଶଶି ପଶାୟତ, ଆଭାସ ରମଣ ଦାସ, କୋଷାଧ୍ୟକ୍ଷ ଭାବେ ବଳରାମ ସେଠୀ, ସହ କୋଷାଧ୍ୟକ୍ଷ ଭାବେ ଅରୁଣ କୁମାର ନାୟକ, ହିସାବ ନିରୀକ୍ଷକ ଭାବେ ବିଜୟ କୁମାର ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

# ଆର୍‌ଡିସି ଘେରଉ କାର୍ଯ୍ୟକ୍ରମରେ ରାଉରକେଲା ବିଜେଡି ସାମିଲ



ରାଉରକେଲା, ୨୧।୭ (ସମିସ): ଆଜି ଏଫ୍‌ଏମ୍ କଲେଜ ଛାତ୍ରଙ୍କୁ ନ୍ୟାୟ ଦାବିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ହୋଇଥିବା ସମ୍ବଲପୁର ଆରଡିସି କାର୍ଯ୍ୟାଳୟ ଘେରଉ କାର୍ଯ୍ୟକ୍ରମରେ ରାଉରକେଲା ଜିଲ୍ଲା ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସହିତ ବରିଷ୍ଠ ନେତା ହାଲୁ ମୁଣ୍ଡାରୀ, ବିରେନ ସେନାପତି, ଗଗନ ପଣ୍ଡା, ଜୟନ୍ତ କୁମାର ମିଶ୍ର, ପ୍ରଶାନ୍ତ ସେଠି, କାମଲ ଲାକ୍ରା, ଜୋତ୍ସ୍ନା ନାୟକ, ବିଭୁତି ପୁହାଣ, ଅଭିକ କୁମାର, ସଂଜିତ ଛୋଟରାୟ, ଦୁଷ୍ମନ୍ତ ରାଉତରାୟ, ବାବୁ ଖାନ ପ୍ରମୁଖ ସାମିଲ ହୋଇଥିଲେ। ବିଧାୟକ ଶ୍ରୀ ନାୟକ ନିଜ ବକ୍ତବ୍ୟରେ ମା' ସମଲେଇଙ୍କୁ ସ୍ମରଣ କରି ଓଡିଶାରେ ଛାତ୍ରୀମାନଙ୍କ ଉପରେ ହେଉଥିବା ଅମାନୁଷିକ କାର୍ଯ୍ୟକଳାପକୁ ଘୋର ନିନ୍ଦା କରିବା ସହ ରାଜ୍ୟର ଡବଲ ଇଂଜିନ ସରକାରଙ୍କ ଉଦାସିନତାକୁ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଛବି ମହାନ୍ତି, ଜୋତ୍ସ୍ନା ସ୍ୱାଇଁ, ବୀଣାପାଣି ମହାପାତ୍ର, ଭିକାନ ବଳ, ସୋମିୟ ଦାସ, ଭଞ୍ଜ ସିଂ, ରାହୁଲ ମହାନ୍ତି, ଅଜିତ ବାରିକ, ଏମ୍‌ଡି ସଉକତ, ଏମ୍‌ଡି ଇରଫାମ, ରବି ନାରାୟଣ ସାମଲଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# କୋଏଲ ନଦୀକୁ ଡେଇଁ ନାବାଳିକା ନିଖୋଜ

ରାଉରକେଲା, ୨୧।୭ (ସମିସ): ସ୍ଥାନୀୟ ସେକ୍ଟର-୧୬ ସ୍ଥିତ କୋଏଲ ନଦୀର ତୁମକେଲା ଘାଟରେ କୋଏଲ ନଦୀକୁ ଡେଇଁ ଜଣେ ନାବାଳିକା ଛାତ୍ରୀ ନିଖୋଜ ହୋଇଛନ୍ତି। ନିଖୋଜ ନାବାଳିକା ଜଣକ ହେଉଛନ୍ତି ସେକ୍ଟର -୯ ସି ବ୍ଲକ ସର୍ଭେଣ୍ଟ କ୍ୱାଟର୍ସର ବାସିନ୍ଦା ପୁନମ ମହତୋ (୧୪)। ପୁଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ନାବାଳିକାଙ୍କର କୌଣସି ସୂଚନା ମିଳି ନଥିଲା। ସୂଚନାମୁତାବକ, ରାଉରକେଲାର ସେକ୍ଟର-୯ ଅଞ୍ଚଳର ସମ୍ପୃକ୍ତ ନାବାଳିକା ଛାତ୍ରୀ କୌଣସି କାରଣରୁ ରାଗି ଯାଇ ସେକ୍ଟର-୧୫ ରେ ଥିବା ତାଙ୍କ ସାଙ୍ଗ ଘରକୁ ପଳାଇଥିଲେ। ପରେ ସେ ତୁମକେଲା ଘାଟକୁ ଯାଇ କୋଏଲ ନଦୀକୁ ଡେଇଁ ପଡ଼ିଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ସୂଚନା ମିଳିଛି। ତେବେ ନଦୀ କୂଳରେ ଉକ୍ତ ନାବାଳିକାଙ୍କ ଚପଲ ଏବଂ ସାଇକେଲକୁ ପୁଲିସ ଉଦ୍ଧାର କରିଥିବା ସୂଚନା ମିଳିଛି। ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେହିପରି ଗତକାଲି ବନ୍ଧମୁଣ୍ଡା ଥାନା ଜବାଘାଟ କୋଏଲ ନଦୀରେ ଗାଧୋଉ ଥିବା ବେଳେ ଜଣେ ନାବାଳିକା ବୁଡିଯାଇ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି। ବନ୍ଧମୁଣ୍ଡା ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତକ ଜଣକ ଜବାଘାଟ ଗ୍ରାମର ନନ୍ଦ ସମାସୀଙ୍କର ୮ ବର୍ଷୀୟ ନାବାଳିକା ଝିଅ ସମୀରା ସମାସୀ ବୋଲି ଜଣାପଡ଼ିଛି। ତେବେ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# କର୍ମ ସଂସ୍ଥାନରେ ଯୌନ ନିର୍ଯାତନା ସଚେତନତା ଓ ଶପଥ ପାଠ




କଣ୍ଟାବାଞ୍ଜି, ୨୧।୭ (ସମିସ): କଣ୍ଟାବାଞ୍ଜି ସ୍ଥିତ ମହିଳା ସ୍ନାତକମହିଳା ମହାବିଦ୍ୟାଳୟରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟ/ ସଦସ୍ୟା ଓ ଛାତ୍ରୀମାନଙ୍କୁ ନେଇ ଏକ ଯୌନ ନିର୍ଯାତନା ସଚେତନତା କର୍ମଶାଳା ଓ ଶପଥ ପାଠ ଉତ୍ସବ ପାଳିତ ହୋଇଯାଇଛି। ଏହି କର୍ମଶାଳାରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତ, ଯୌନ ଉତ୍ପୀଡନ ( ନିବାରଣ, ନିଷେଧ ଓ ପ୍ରତିକାର ) ଆଇନ ୨୦୧୩ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଆଇନ ୨୦୧୫ ରେ ଥିବା ବିଭିନ୍ନ ପ୍ରକାରର ଧାରା, କେର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ପ୍ରକାର ଭେଦ, ଅଭିଯୋଗ କରିବାର ପ୍ରକ୍ରିୟା, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଦାୟିତ୍ୱ ଓ ଦଣ୍ଡ ବିଧାନ ବ୍ୟବସ୍ଥା ଉପରେ ବୁଝାଇଥିଲେ। ସୁନନ୍ଦା ରଥ କର୍ମ ସଂସ୍ଥାନର ସମସ୍ତ ଅଂଶୀଦାର ଯୌନ ନିର୍ଯାତନା ରୋକିବା ପାଇଁ କଣ କରିବା ଉଚିତ୍ ଓ କଣ ନ କରିବା ଉଚିତ୍ କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଦୁଇ ଶହରୁ ଅଧିକ ଛାତ୍ରୀ ଏହି କର୍ମଶାଳାରେ ଯୋଗଦେଇଥିଲେ।

# ରାଜ୍ୟ ସନ୍ତରଣ ପ୍ରତିଯୋଗିତା, ୧୭ ଖେଳାଳି ମନୋନୀତ



ବଲାଙ୍ଗିର, ୨୧।୭ (ସମିସ): ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସରେ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣ ଖେଳାଳି ୬୫ତମ ରାଜ୍ୟ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସନ୍ତରଣଗାରରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଜିଲ୍ଲା କ୍ରୀଡ଼ାଧିକାରୀ ପରାସର ବାଗ ଏବଂ ବଲାଙ୍ଗିର ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ତଥା ରାଜ୍ୟସନ୍ତରଣ ସଂଘ ଉପ ସଭାପତି ସୁମିତ ରଞ୍ଜନ ପୁରୋହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନରେଶ ପ୍ରଧାନ, ବାଲଖୁମାର ମିଲୁଆର, ମ୍ୟାନେଜେର ଭାବରେ ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମନରେଗା ଯୋଜନାରେ ଦୁର୍ନୀତି; ଯାଞ୍ଚ କଲେ କେନ୍ଦ୍ରୀୟ ଟିମ୍

ବଲାଙ୍ଗିର/ସଇଁତଳା, ୨୧।୭ (ସମିସ)

ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକରେ ଚଳିତ ବର୍ଷ ମନରେଗା ଯୋଜନାରେ ବ୍ୟାପକ ଅନିୟମିତତା ଦେଖାଦେବା ସହ ମନରେଗା ଯୋଜନାରେ ଶ୍ରମିକ କାମ କରିବା ପରିବର୍ତ୍ତେ ମେସିନ କାମ କରୁଥିବା ସାଧରଣରେ ଅଭିଯୋଗ ହୋଇଛି। ତେବେ ବ୍ଲକରେ ମନରେଗା ଯୋଜନାରେ କିଭଳି କାର୍ଯ୍ୟକାରୀ କରାଯାଇଛି ସେ ନେଇ ତଦାରଖ କରିବାପାଇଁ କେନ୍ଦ୍ରରୁ ଏକ ଦୁଇଜଣିଆ ସ୍ୱତନ୍ତ୍ର ଟିମ ଆସି ବିଡିଓଙ୍କ ସହ କେରମେଲି ପଞ୍ଚାୟତ, ଶିସକେଳା ଓ କୁମ୍ଭାରି ପଞ୍ଚାୟତକୁ ଯାଇ ବିଭିନ୍ନ କେନ୍ଦ୍ରୀୟ ଅନୁଦାନ ଫାଇଲ ତଦାରଖ କରିଥିଲେ। ସୂଚନା ଅନୁସାରେ, ବ୍ଲକର କେରମେଲି ପଞ୍ଚାୟତରେ ମନରେଗା ଯୋଜନାରେ ବିଭିନ୍ନ ପୋଖରୀ ସମେତ ରାସ୍ତା କାମ ଚାଲିଥିବା ବେଳେ ପୋଖରୀ କାମରେ ଶ୍ରମିକ କରିବା ପରିବର୍ତ୍ତେ ଜେସିବି ମେସିନ



ଲଗାଯାଉ ଥିବା ଅଭିଯୋଗ ହେଉଛି। ତେବେ କେରମେଲି ପଞ୍ଚାୟତରେ ଏକ ପୋଖରୀ ଖନନ କାମ ଚାଲିଥିବା ବେଳେ ସେଠାରେ ଶ୍ରମିକ ପରିବର୍ତ୍ତେ ମେସିନ ଲଗାଯାଇ ମାଟି ଖନନ କରାଯାଇଥିବା ଅଭିଯୋଗ ହୋଇଥିଲା। ତା ସହ ଅଣଶ୍ରମିକଙ୍କ ଖାତାରେ ମନରେଗା ଟଙ୍କା ପକାଇ ସରକାରୀ ପଇସାକୁ ଆତ୍ମସାତ କରାଯାଉଥିବା ନେଇ ଅଭିଯୋଗ ହୋଇଥିବାବେଳେ ଏ ସମ୍ପର୍କ ରେ ସରପଞ୍ଚ ଅଶୋକ ସାହୁକୁ ପଚାରିଲେ ଏହା ସିଏଫସି କିମ୍ବା ଏସଏଫସି ପାଣ୍ଠି ରୁ ପୋଖରୀ ଖନନ କାମ ଚାଲୁଥିବା କହି ଖସି ଯିବାକୁ ଉଦ୍ୟମ କରିଥିଲେ। ଠିକ ସେହିପରି ବ୍ଲକର ଝିଙ୍କି ଡୁଙ୍ଗୁରି ପଞ୍ଚାୟତ ରେ ଗତ ୪ ବର୍ଷ ଭିତରେ ୪ କୋଟି ଟଙ୍କା ମନରେଗା ଯୋଜନା ରେ ଆତ୍ମସାତ ହୋଇଥିବା ସୂଚନା ହସ୍ତଗତ ହୋଇଛି। ଷ୍ଟେଜ ୱର୍କର ନାରେ ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ, ନାଳା କାମରେ ୨୪ ଲକ୍ଷ, ବିଭିନ୍ନ ଡ୍ୟାମ୍ କାମରେ ୧ କୋଟି ୨୦ ଲକ୍ଷ, ମୋ ପୋଖରୀ ଯୋଜନା ରେ ୪୮ ଲକ୍ଷ, ଜମି ଉନ୍ନତୀକରଣ ନାମରେ ୫୦ ଲକ୍ଷ ସୋକପିଟ ନିର୍ମାଣରେ ୧୮ ଲକ୍ଷ, ରାସ୍ତା ନିର୍ମାଣ ନାମରେ ୧୦ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି ଡୁଙ୍ଗୁରିପାଲି ପଞ୍ଚାୟତ ଓ ଡେଙ୍ଗ ପଞ୍ଚାୟତ ରେ ଜମି ଉନ୍ନତୀକରଣ ନାମରେ ସରପଞ୍ଚଙ୍କ ସ୍ୱାମୀ ହିତାଧିକାରୀମାନଙ୍କ ଠାରୁ ୫ ହଜାର ଟଙ୍କା ନେଇ ଜମି ଉନ୍ନତୀକରଣ କାମ କରାଉଥିବା ବିଡିଓଙ୍କଠାରେ ଅଭିଯୋଗ ହୋଇଛି। କେନ୍ଦ୍ରରୁ ଏକ ଦୁଇ ଜଣିଆ ସ୍ୱତନ୍ତ୍ର ଟିମ ଆସି ବିଡିଓ ସହ କେରମେଲି ପଞ୍ଚାୟତ, ଶିସକେଳା ଓ କୁମ୍ଭାରି ପଞ୍ଚାୟତକୁ ଯାଇ ବିଭିନ୍ନ କେନ୍ଦ୍ରୀୟ ଅନୁଦାନ ଫାଇଲ ତଦାରଖ କରିଥିଲେ। ଏହା ସହ ଉକ୍ତ ଦୁଇ ଜଣିଆ ଟିମ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଇ ମନରେଗା ଯୋଜନା ଉପରେ ତଦାରଖ କରିବା ପାଇଁ ଯୋଜନା ରହିଥିବା ସଇଁତଳା ବିଡ଼ିଓ ପୁରୋଷତ୍ତମ ମିର୍ଦ୍ଧା ପ୍ରକାଶ କରିଛନ୍ତି।

# ବଢ଼ୁଛି ନିର୍ଯାତନା, ସୁରକ୍ଷିତ ନୁହଁନ୍ତି ମହିଳା

**ସମ୍ବଲପୁର, ୨୧।୭ (ସମିସ)**

ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ଗର୍ଜିଲା ବିଜେଡି। ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ତଳିତଳାନ୍ତ କରିଦେଲାଣି। ଏହା ଡବଲ ଇଞ୍ଜିନ ନୁହେଁ, ଗୋଟିଏ ଇଞ୍ଜିନ ସରକାର। ଇଞ୍ଜିନ ଅଛି ଦିଲ୍ଲୀରେ, ବଗି ଅଛି ଓଡ଼ିଶାରେ। ପ୍ରତ୍ୟେକ ଦିନ ନାରୀ ନିର୍ଯାତନା ହେଉଛି। ସୌମ୍ୟାଶ୍ରୀଙ୍କୁ ମୃତ୍ୟୁ ମୁହଁକୁ ଠେଲି ଦିଆଯାଇଛି। ଶହ ଶହ ନାରୀ ନିର୍ଯାତନାର ଶିକାର ହେଉଛନ୍ତି। ନାରୀମାନେ ଘରେ, ବାହାରେ, କଲେଜରେ ସୁରକ୍ଷିତ ନୁହଁନ୍ତି। ଏହାକୁ ନେଇ ଏବେ ଆମେରିକା ମଧ୍ୟ କଟକଣା ଲଗେଇଲାଣି। ମୋହନ ସରକାର ଓଡ଼ିଶାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସୋମବାର ପୂର୍ବାହ୍ଣରେ ରାଜ୍ୟରେ ବଢ଼ୁଥିବା ନାରୀ ନିର୍ଯାତନା ବିରୋଧରେ ବିଜେଡି ପକ୍ଷରୁ

## ନାରୀ ନିର୍ଯାତନା ବିରୋଧରେ ବିଜେଡିର ସମ୍ବଲପୁର ଆରଡିସି ଘେରଉ







ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ପ୍ରତିବାଦ ସଭାରେ ରାଜ୍ୟ ସରକାରଙ୍କୁ ଦୃଢ଼ଭାବେ ବିରୋଧ କଲେ ବିଜେଡି ନେତୃବୃନ୍ଦ ଓ କର୍ମକର୍ତ୍ତା। ପ୍ରତିବାଦ ସଭାପରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ମାମଲା ଏବଂ ଓଡ଼ିଶାରେ ବଢ଼ୁଥିବା ମହିଳାଙ୍କ ବିରୋଧରେ ଅପରାଧର ହାଇକୋର୍ଟର ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ଦାବି କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ବିଜୁ ଜନତା ଦଳର ବରିଷ୍ଠ ନେତୃମଣ୍ଡଳୀ, ବିଜୁ ଯୁବ, ଛାତ୍ର, ମହିଳା ଜନତା ଦଳର କର୍ମକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ। ବିଜେଡି ଉପସଭାପତି ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ରାସ୍ତାରେ ନାରୀମାନେ ସୁରକ୍ଷିତ ନୁହଁନ୍ତି, ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ସୁରକ୍ଷିତ ନୁହଁନ୍ତି। ଏଫ୍‌ଏମ୍ ମହାବିଦ୍ୟାଳୟରେ ଜଣେ ଛାତ୍ରୀ ପ୍ରତି ଯେଉଁ ପ୍ରକାର ଅତ୍ୟାଚାର ହେଲା, ସମସ୍ତଙ୍କୁ ଅଭିଯୋଗ କଲା କେହି ଶୁଣିଲେ ନାହିଁ, ଶେଷରେ ଆତ୍ମଦାହ କରିଦେଲା। ତାହାର କେଇଦିନ ପରେ ରାସ୍ତା ଉପରେ ଜଣେ ଛାତ୍ରୀକୁ ଜଳେଇ ଦିଆଗଲା। ନାରୀ ନିର୍ଯାତନାରେ ଭାରତରେ ଓଡ଼ିଶା ଏକ ପ୍ରମୁଖ ସ୍ଥାନରେ ରହିଛି। ନାରୀ ବିରୋଧରେ ଅପରାଧ ଅନ୍ୟ ରାଜ୍ୟ ତୁଳନାରେ ବଢ଼ିଛି। ସରକାରଙ୍କ କେବଳ ସ୍ଲୋଗାନ, କର୍ମବୀର ସରକାର ନୁହଁନ୍ତି, ବାକ୍ୟବୀର ସରକାର ବୋଲି କହିଛନ୍ତି। ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଓଡ଼ିଶାରେ ମହିଳା, ଶିଶୁ, ସାଧାରଣ ନାଗରିକ ସମସ୍ତେ ଅସୁରକ୍ଷିତ। ୧୩ ମାସର ସରକାରରେ ୩୦୫୪ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ମାମଲା ଏବଂ ଗୋଟିଏ ଦିନରେ ୧୫ ଜଣ ମହିଳାଙ୍କୁ ଦୁଷ୍କର୍ମ କରାଯାଉଛି। ଏହା କେବଳ ଆମକୁ ଆନ୍ଦୋଳିତ କରିନାହିଁ ଗାଁଗହଳିର ମହିଳାଠାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ବିଶ୍ୱ ପର୍ଯ୍ୟନ୍ତ ଏହା ବ୍ୟାପି ଯାଇଛି। ସମସ୍ତେ ହାହାକାର ହେଉଛନ୍ତି, ମା'ମାନେ ତାଙ୍କ ଝିଅକୁ ଘରୁ ଛାଡ଼ିବାକୁ ନାରାଜ। ଛାତ୍ରୀ ଜଣକ ତାଙ୍କ ସ୍କୁଲ, ବିଟ୍, କଲେଜ କ୍ୟାମ୍ପସ ଆଦିରେ ସୁରକ୍ଷିତ ନୁହଁନ୍ତି। ବିଜେପି କହୁଛି, ବେଟି ପଢ଼ାଓ, ବେଟି ବଚାଓ। କିନ୍ତୁ ଆଜି ସେହି ନାରା ବେଟି ପଢ଼ାଓ, ବେଟି ଜଳାଓରେ ପରିଣତ ହୋଇଛି। ଗୋଟିଏ ମାସ ଭିତରେ ଗୋପାଳପୁର ବିଚ୍‌ରେ ଗଣ ଦୁଷ୍କର୍ମ, ଏଫ୍‌ଏମ୍ କଲେଜରେ ଛାତ୍ରୀ ଆତ୍ମଦାହ କଲେ ତା'ପରେ ଉପମୁଖ୍ୟମନ୍ତ୍ରୀ ଜଣେ ମହିଳା ପ୍ରତିନିଧିତ୍ୱ କରୁଥିବା ନିମାପଡ଼ାରେ ତିନିଜଣ ଦୁର୍ବୃତ୍ତ ଜଣେ ନାବାଳିକାକୁ ଜଳେଇଦେଇଛନ୍ତି। ଆଜି ମଧ୍ୟ ବାଲେଶ୍ୱରରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରି ଗିରଫ ହୋଇଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ହୋଇଥିବା ଆରଡିସି ଘେରଉରେ ବିଜେଡି ଉପସଭାପତି ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଓ ବିଧାୟକ ନିରଞ୍ଜନ ପୂଜାରୀ, ପୂର୍ବତନ ମନ୍ତ୍ରୀ ଓ ବିଧାୟକ ଶାରଦା ନାୟକ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ନିଧି ସାମଲ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ବିଧାୟକ କଳିକେଶ ନାରାୟଣ ସିଂଦେଓ, ବିଧାୟକ ନଳିନୀ ପ୍ରଧାନ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟିକା ଅଳକା ମହାନ୍ତି, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟକ ସରୋଜ ମେହେର, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟକ ସୁଦର୍ଶନ ହରିପାଲ, ବିଧାୟକ ଅଧିରାଜ ପାଣିଗ୍ରାହୀ, ପୂର୍ବତନ ବିଧାୟକ ମୁକେଶ ପାଲ, ପୂର୍ବତନ ବିଧାୟକ ଆୟୁବ ଖାନ, ପୂର୍ବତନ ସାଂସଦ ମହେଶ ସାହୁ, ପୂର୍ବତନ ବିଧାୟକ ଲମ୍ବୋଦର ନିଆଳ, ପୂର୍ବତନ ବିଧାୟକ ସୁବ୍ରତ ତରାଇ, ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, ବିଧାୟକ ପ୍ରାର୍ଥୀ ରାଜଗାଙ୍ଗପୁର ଅନିଲ ବାର୍ଲା, ବିଧାୟକ ଅଭିମନ୍ୟୁ ସେଠୀ, ସଞ୍ଜୟ ବାବୁଙ୍କ ସମେତ ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୋଦିନୀ ନାୟକ, ବିଭିନ୍ନ ଜିଲ୍ଲାର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ବୃନ୍ଦ, ଜିଲ୍ଲା ବିଜେଡି ସଭାପତି ବୃନ୍ଦ, ଯୁବ ଏବଂ ଛାତ୍ର ଜନତା ଦଳର ସଭାପତି ବୃନ୍ଦ, ମହିଳା, ଯୁବ ଛାତ୍ର ଜନତା ଦଳର ରାଜ୍ୟ ତଥା ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ବୃନ୍ଦ, ବିଭିନ୍ନ ଜିଲ୍ଲାରୁ ଆସିଥିବା ବିଜେଡି କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ। ସମ୍ବଲପୁରର ବରିଷ୍ଠ ନେତା ବସନ୍ତ ମିଶ୍ର, ଆନନ୍ଦ ବଡଗର୍ୟାଁ, ସୁରୁବାବୁ ମେହେର, ବେଣୁଧର ଦାସ, ଗୋକୁଳ ମେହେର, ଏମ୍‌ଡି ସନାଉଲ୍ଲା, ଯୁବ ଜୋନ ସଭାପତି ଦେବାଶିଷ ପରିଡ଼ା, ଛାତ୍ର ରାଜ୍ୟ ସମ୍ପାଦକ ଅନମୋଲ ଦାସ, ମହିଳା ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଉଷା ପ୍ରଧାନ, ମହାନଗର ସଭାନେତ୍ରୀ ସଂଯୁକ୍ତା ଦାସ, ସଙ୍ଗୀତା ସ୍ୱାଇଁ, ରଶ୍ମୀରେଖା ତ୍ରିପାଠୀ, ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଅନିତା ନାଏକ, କଳ୍ପନା ବେହେରା, ବୈଜୟନ୍ତୀ ପାଢ଼ୀ, ଆର୍ ଶିବ କୁମୁରା, ଗୋପ ମହାନନ୍ଦ, ମୃତ୍ୟୁଞ୍ଜୟ ସାମଲ, ସୂର୍ଯ୍ୟକାନ୍ତ ସ୍ୱାଇଁ, ପ୍ରଦୀପ ମିଶ୍ର, ସୁରେନ୍ଦ୍ର ବିଶ୍ୱାଳ, ତ୍ରିବେଣୀ ପଣ୍ଡା, ପାରୋ ମୁଣ୍ଡା, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ପ୍ରମିଳା ପ୍ରଧାନ, ଭାସ୍କର ଦାସ, ବ୍ରମ୍ହଦେବ ମହାନ୍ତି, ବିଜୟ ପଣ୍ଡା, କୈଳାସ କିସାନ, ଏମ୍‌ଡି ଇଶାକ, ବିକ୍ରମାଦିତ୍ୟ ପଣ୍ଡା, ଧର୍ମରାଜ ମରେଇ, ପ୍ରଦୋଷ ମହାନ୍ତି, ଏମ୍‌ଡି ସିରାଜ, ସୟଦ ସାବୁଦ୍ଦିନ, ଅଫତାବ୍ ଆଲମ, ଲିଲିମା ନାୟକ, ସୁରେଖା ସାହୁଙ୍କ ସମେତ ହଜାର ସଂଖ୍ୟାରେ ସମ୍ବଲପୁର, ବୁର୍ଲା ଏବଂ ହୀରାକୁଦ ଅଞ୍ଚଳର ବିଜେଡି କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।

## ମୁକ୍ତେଶ୍ୱର ଧାମରେ ପ୍ରବଳ ଭିଡ଼

**ଜମନକିରା, ୨୧।୭(ସମିସ):** ଜମନକିରା ବ୍ଲକ ଅଧୀନ ମୁକ୍ତେଶ୍ୱର ଧାମରେ ଦ୍ୱିତୀୟ ସୋମବାରରେ ୮ ହଜାର କାଉଡିଆ ପାଣିଢାଳି ଥିଲେ। ଭୋର ୩ଟା ରୁ ମନ୍ଦିର କବାଟ ଖୋଲା ଯାଇଥିଲା। ମନ୍ଦିର ପୂଜକ ଭାବରେ ନିଳାଦ୍ରି ମହାପାତ୍ର ଓ ତାଙ୍କ ପରିବାର ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ପିକେ କାନ୍ହାପାନ, ମାନ ଭଞ୍ଜନ ମେହେର, ଅଶୋକ ମେହେର, ରାଜ କୁମାର କେଡିଆ, ନରେଶ ଅଗ୍ରୱାଲ, ରମେଶ ସାହୁ, ପ୍ରମୁଖ ସହଯୋଗ କରିଥିଲେ।



## ଯୁବକ ସାଇବର ଠକେଇର ଶିକାର

**ରେଢ଼ାଖୋଲ ୨୧। ୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳରେ ସାଇବର ଠକେଇ ବ୍ୟାପକ ମାତ୍ରାରେ ବଢ଼ି ଚାଲିଛି। ସାଇବର ଛକେଇରେ ଶିକାର ହୋଇଛନ୍ତି ରେଢ଼ାଖୋଲ ସହରର ସ୍ଥାନୀୟ ଗଣେଶ ନଗର ଲୁକାପାଲି ବାସିନ୍ଦା ସଞ୍ଜୀବ ପ୍ରଧାନ। ସଞ୍ଜୀବଙ୍କ ସେଣ୍ଟ୍ରାଲ ବ୍ୟାଙ୍କରେ ଗୋଟିଏ ସେଭିଂ ଆକାଉଣ୍ଟ ଏବଂ ଗୋଟିଏ କରେଣ୍ଟ ଆକାଉଣ୍ଟ ଖାତା ରହିଛି। ଏହି ଦୁଇଟି ଖାତାରୁ ମୋଟ ପ୍ରାୟ ୨ ଲକ୍ଷ ଟଙ୍କା ସାଇବର ଠକେଇ ହୋଇଥିବା ଅଭିଯୋଗ ହୋଇଛି। ସହରର ବସ୍‌ଷ୍ଟାଣ୍ଡ ସ୍ଥିତ ଭେଣ୍ଡିଂ ଜୋନ୍ ରେ ସଞ୍ଜୀବଙ୍କ ଏକ ଛୋଟ ମୋବାଇଲ ଦୋକାନ ଦେଇଛନ୍ତି। ଗତ ୧୭ ତାରିଖ ଦିନ ସଞ୍ଜୀବ ଦୋକାନରେ ରହିଥିବା ବେଳେ ମୋବାଇଲରେ ଗୋଟେ ପିଏମ୍ କିଶାନ ଆପ୍ଲିକେସନ ଆସିଥିଲା। ସେହି ସମୟରେ ଜଣେ ଗ୍ରାହକ ଏକ ଫୋନ୍ କିଣି ଫୋନ୍ ପେ ମାଧ୍ୟମରେ ଟଙ୍କା ଦେବା ପରେ ସଞ୍ଜୀବଙ୍କ ଗୋଟେ ସେଭିଙ୍ଗ ବ୍ୟାଙ୍କ ଖାତାରୁ ୯୫ ହଜାର ୧ ଟଙ୍କା ଏବଂ ଅନ୍ୟ ଏକ ସିସି ଖାତାରୁ ୧ ଲକ୍ଷ ୯୯ ହଜାର ୯୪ ଟଙ୍କା ଖାତାରୁ କଟିଥିବା ମୋବାଇଲକୁ ମେସେଜ୍ ଆସିଥିଲା। କେହି ଜଣେ ଦୁର୍ବୃତ୍ତ ମୋବାଇଲ ହ୍ୟାକ୍ କରି ସାଇବର ଠକେଇ କରିଥିବା ସଞ୍ଜୀବ ରେଢ଼ାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ଆରଡିସି ଘେରଉରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର କର୍ମୀ ସାମିଲ

**ସମ୍ବଲପୁର, ୨୧।୭ (ସମିସ) :** ବାଲେଶ୍ୱର ଏଫ୍‌ଏମ୍ କଲେଜ ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଓ ରାଜ୍ୟରେ ମହିଳା ସୁରକ୍ଷା ଦାବିରେ ସମ୍ବଲପୁର ଆରଡିସି ଅଫିସ ଘେରଉ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜେଲ ଛକରୁ ନେଲସନ ମଣ୍ଡେଲା ଛକଦେଇ ଆରଡିସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲି ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପରିଷଦ ସଦସ୍ୟ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଏବଂ ରାଜ୍ୟ ଯୁବ ସମ୍ପାଦକ ମନୋଜ ମହାପାତ୍ର, ରାଜ୍ୟ ପରିଷଦ ସଦସ୍ୟ ଅରୁଣ ପ୍ରଧାନ, ରେଢ଼ାଖୋଲ ବ୍ଲକ ସଭାପତି ଉଦିତ ତ୍ରିପାଠୀ, ଯୁଯୋମୁରା ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡା, ଯୁବନେତା ଶମ୍ଭୁ ନନ୍ଦ, ରେଢ଼ାଖୋଲ ଏନ୍‌ଏସି ପୂର୍ବତନ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ନାକଟିଦେଉଳ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଅନାଦି ସାହୁ, ରାଜକିଶୋର ପ୍ରଧାନ, ସଞ୍ଜୟ ଭୋଇ, ଚିତ୍ତରଞ୍ଜନ ବାଗ, ପ୍ରଫୁଲ୍ଲ ମିର୍ଦ୍ଧା, ପ୍ରଫୁଲ୍ଲ ମଗର, ସୁଶାନ୍ତ ମେହେର, ବଳରାମ ସାହୁ, ବିପିନ ନାୟକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବହୁସଂଖ୍ୟାରେ କର୍ମକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ।




## ହୀରାକୁଦ ଜଳସ୍ତର ୬୧୦.୭୩ ଫୁଟ୍

**ସମ୍ବଲପୁର, ୨୧।୭ (ସମିସ) :** ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ୬୧୦.୭୩ ଫୁଟ୍‌ରେ ପହଞ୍ଚିଥିବାବେଳେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଗତ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

ଆଜି ସୋମବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୦.୭୩ ଫୁଟ ରହିଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ମୋଟ ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୦, ୭୭୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୮, ୮୦୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୫୯୭୦୮ ଘନଫୁଟ, ପାୱାର ଚେନାଲ ଦେଇ ୩୫୦୩୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୮୨୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୬.୩୪ ମିମି ଏବଂ ତଳମୁଣ୍ଡରେ ୫.୫୯ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୮୮୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୨୦୯୫୯ କ୍ୟୁସେକ୍, ଖଇରମାଳଠାରେ ୧୩୮୦୦୦ କ୍ୟୁସେକ୍, ବାରମୁଲଠାରେ ୧୩୯୨୫୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧୫୮୦୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କୁଶପୁତ୍ତଳିକା ଦାହ



**ସମ୍ବଲପୁର, ୨୧।୭ (ସମିସ) :** ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନଙ୍କ ଘୃଣ୍ୟ କାର୍ଯ୍ୟକଳାପ ବିରୁଦ୍ଧରେ ସ୍ଥାନୀୟ ଗୋଲବଜାର ଛକଠାରେ ଯୁବ ମୋର୍ଚ୍ଚାର କୋଷାଧ୍ୟକ୍ଷ କାହ୍ନୁରାମ ଶର୍ମାଙ୍କ ନେତୃତ୍ୱରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୀଲ ବେହେରା, ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ରିକି ବେହେରା, କବିନ୍ଦ୍ର ମହାପାତ୍ର, ତାପସ ପଣ୍ଡା, ରାହୁଲ୍ ମୋଦକ, କ୍ରୀଷ୍ଣା ମହାକୁଡ, ସୌମିତ୍ର ଜତି, ସନ୍ତୋଷ ଡାଲୁଆ, ହରିହର ପଣ୍ଡା, ଅଜୟ ବେହେରା, ଅଜୟ ବଡଗର୍ୟାଁ, ତରୁଣ ଗାନ୍ଧୀ, ଶ୍ରୀଦେଶ ଝକ୍ରିଆ, ସୁଶାନ୍ତ ପ୍ରଧାନ, ରୁନୁ ପ୍ରଧାନ, ଅଞ୍ଜଳୀ ଦୀପ ପ୍ରମୁଖ ବହୁ କର୍ମୀ ସାମିଲ ହୋଇଥିଲେ।

## ଗାଡ଼ି ଧକ୍କାରେ ଜଣେ ମୃତ

**ଜମନକିରା, ୨୧।୭ (ସମିସ):** ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅଧୀନ ବଡ଼ରମା ଘାଟିରେ ବାଇକ୍ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଥିବାବଳେ ୨ଜଣ ଗୁରୁତର ହୋଇଛନ୍ତି। ସୋମବାର ଅପରାହ୍ଣରେ ଦୁର୍ଘଟଣା ଘଟିଥିଲା। ମୃତ ହେଲେ ନକ୍ସିଆପାଲି ଗ୍ରାମ ରାଜନ୍ ସାହାଣୀ (୨୧)। ଆହତମାନେ ହେଲେ ଓମ୍ ବାଘ୍ ଓ ସୁମନ୍ତ ବାଘ୍। ମୃତକଙ୍କ ଭାଇ ମାନସ ସାହାଣୀ ଗୌଡ଼ପାଲି ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ବରିଷ୍ଠ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ୨୧।୭ (ସମିସ):** ଦୁର୍ଘଟଣାରେ ଗୁରୁତର ହୋଇ ବୁର୍ଲା ସୁପର୍ ସ୍ପେସାଲିଟି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମ୍ବଲପୁରର ସାମ୍ବାଦିକ ନବୀନ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଏ ନେଇ ଜିଲ୍ଲାପାଳ ଓ ଭିମସାର୍ ସୁପରିଟେଣ୍ଡେ ସହ ଫୋନରେ ଆଲୋଚନା କରିଥିଲେ। କିଭଳି ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ସେନେଇ କଥା ହୋଇଥିଲେ। ଆବଶ୍ୟକ ସ୍ଥଳରେ ଅଧିକ ଚିକିତ୍ସା ପାଇଁ ସମସ୍ତ ସହଯୋଗ କରିବେ ବୋଲି କହିଥିଲେ। ନବୀନ ଦାସଙ୍କ ପତ୍ନୀ ମଧ୍ୟ ଚିକିତ୍ସିତ ହେଉଛନ୍ତି। ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଭିତରେ କେନ୍ଦ୍ରମନ୍ତ୍ରୀ ଗୁରୁତର ସାମ୍ବାଦିକଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିବାରୁ ଜିଲ୍ଲା ସାମ୍ବାଦିକ ଖୁସବ୍ୟକ୍ତ କରିଛନ୍ତି।

## ସାମ୍ବାଦିକଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିଲେ ରୋହିତ

**ସମ୍ବଲପୁର, ୨୧।୭ (ସମିସ):** ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜୁ ଜନତା ଦଳ ସଭାପତି ଇଂ ରୋହିତ ପୂଜାରୀ ସମ୍ବଲପୁର ସହରର ଜଣାଶୁଣା ସାମ୍ବାଦିକ ନବୀନ ଦାସ ଦୁର୍ଘଟଣାଗ୍ରସ୍ତ ହୋଇ ବୁର୍ଲା ଭିମସାର ସୁପର ସ୍ପେସାଲିଟି ହସ୍ପିଟାଲ ଠାରେ ଚିକିତ୍ସିତ ହେଉଥିବାରୁ ହସ୍ପିଟାଲ ଯାଇ ତାଙ୍କୁ ଦେଖିବା ସହ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଏହା ସହ ତାଙ୍କ ପତ୍ନୀଙ୍କୁ ମଧ୍ୟ ବୁର୍ଲା ଭିମସାର ଓର୍ଥୋପେଡ଼ିକ ୱାର୍ଡରେ ଯାଇ ଭେଟିଥିଲେ। ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ଭୀମସାର କର୍ତ୍ତୃପକ୍ଷଙ୍କ ସହ ଉଭୟଙ୍କ ଉତ୍ତମ ଚିକିତ୍ସା ପାଇଁ ଆଲୋଚନା କରିଥିଲେ। ଏଥିରେ ଦଳର ବରିଷ୍ଠ ନେତା ବସନ୍ତ ମିଶ୍ର, ବେଣୁଧର ଦାସ, ଧର୍ମରାଜ୍ ମରେଇ, ପ୍ରଦୀମ ମିଶ୍ର, ଅନମୋଲ ଦାସ, ଦୀପ୍ତି ରଞ୍ଜନ ମଲ୍ଲିକ, ଟିଟୁ ସାମଲ ପ୍ରମୁଖ ଇଂ ରୋହିତ ପୂଜାରୀଙ୍କ ସହ ଉପସ୍ଥିତ ଥିଲେ।

## ଟ୍ରାଫିକ୍ ସମସ୍ୟାକୁ ନେଇ କର୍ମଶାଳା

**ସମ୍ବଲପୁର, ୨୧।୭ (ସମିସ) :** ସ୍ଥାନୀୟ ଗୁରୁପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ସମ୍ବଲପୁର ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ସଜାଡ଼ିବା ତଥା ବନ୍ଦୋବସ୍ତ କରିବା ପାଇଁ ସମ୍ବଲପୁର ଟ୍ରାଫିକ ପୋଲିସ ଓ ହୀରାଖଣ୍ଡ ନାଗରିକ ପରିଷଦ ମିଳିତ ଆନୁକୂଲ୍ୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅସଜଡ଼ା ଟ୍ରାଫିକ ବ୍ୟବସ୍ଥାକୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି କିଭଳି ବ୍ୟବସ୍ଥିତ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଅଟୋ ସିଗନାଲିଂ ଏବଂ ୟୁନାଇଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ମାଧ୍ୟମରେ ଏହା ନିୟନ୍ତ୍ରିତ ହେବ। ଏଥିପାଇଁ ପ୍ରାୟ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରାଥମିକ ପର୍ଯ୍ୟାୟରେ ମହାନଗରର ୫୫ଟି ସ୍ଥାନରେ ଏଆଇ ନିୟନ୍ତ୍ରିତ ସିସିଟିଭି କ୍ୟାମେରା ଖଞ୍ଜାଯିବ। ନାଗରିକ ପରିଷଦ ସଭାପତି ପ୍ରଫେସର ଡ. ନନ୍ଦକିଶୋର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଟ୍ରାଫିକ ଇନ୍ସପେକ୍ଟର ଦେବେନ୍ଦ୍ର ନାଏକ ଯୋଗଦେଇ ଟ୍ରାଫିକ ନିୟନ୍ତ୍ରଣର ରୂପରେଖ ଉପରେ ଆଲୋକପାତ କରିଥିଲେ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଲକ୍ଷ୍ମୀଟକିଜ ଛକ, ଜିଲ୍ଲାସ୍କୁଲ ଛକ, ଜେଲଖାନା ଛକ, ଧନୁପାଲି ଛକ ଓ ମୁଦିପଡ଼ା ଛକରେ ଏଆଇ ନିୟନ୍ତ୍ରିତ ଅଟୋଟ୍ରାଫିକ ସିଗନାଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ଯୋଜନା ରହିଛି। ସିସିଟିଭି କ୍ୟାମେରା ଖଞ୍ଜିବା ଦ୍ୱାରା ଦ୍ରୁତ ଗାଡ଼ିଚାଳନା, ନାବାଳକ ଓ ନାବାଳିକା ଗାଡ଼ି ଚାଳନା, ବିକଟାଳ ହର୍ଣ୍ଣ ବ୍ୟବହାର, ୟୁ-ଟର୍ଣ୍ଣ ବ୍ୟବହାର ବଦଳରେ ଭୁଲ ରାସ୍ତା ବା ଓଲଟା ରାସ୍ତାରେ ଗାଡ଼ି ଚାଳନା, ଦି'ଚକିଆ ଯାନରେ ତିନିଜଣ ଯିବା, ଦୋକାନ ସମ୍ମୁଖରେ ଅତ୍ୟଧିକ ଗାଡ଼ି ରଖି ସ୍ୱାଭାବିକ ଟ୍ରାଫିକ ଯାତାୟତକୁ ବାଧକ ହେବା, ସ୍କୁଲ ସମ୍ମୁଖରେ ଅତ୍ୟଧିକ ଭିଡ଼ ନିୟନ୍ତ୍ରଣ କରିବା, ଛକସ୍ଥାନରେ ନିୟନ୍ତ୍ରଣ ରେଖା ପଛରେ ରହିବା ଆଦି ବିଭିନ୍ନ ଟ୍ରାଫିକ ନିୟମ ଉଲଂଘନକାରୀଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବାନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଟ୍ରାଫିକ ସବ୍‌ଇନ୍ସପେକ୍ଟର ବାବୁଲି ମାଝୀ, ନାଗରିକ ପରିଷଦ ସମ୍ପାଦକ ସୀତାଂଶୁ ଭୂଷଣ ତ୍ରିପାଠୀ, ଡଃ ଧନେଶ୍ୱର ମେହେର, ଡା. ପଞ୍ଚାନନ ନାୟକ, ଅରବିନ୍ଦ ମହାପାତ୍ର, ଗୋପୀନାଥ ମିଶ୍ର, ଡା. ଲକ୍ଷ୍ମୀନାରାୟଣ ରଥ, ପ୍ରଦୀପ ପଣ୍ଡା ପ୍ରମୁଖ ଟ୍ରାଫିକ ନିୟନ୍ତ୍ରଣ ବିଷୟରେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ସଦସ୍ୟ ରାମେଶ୍ୱର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ହୀରାଖଣ୍ଡ ଅଞ୍ଚଳକୁ ଉପେକ୍ଷା ଶାସନ ବ୍ୟବସ୍ଥାର ଅଙ୍ଗ ହୋଇଯାଇଛି'

**ସମ୍ବଲପୁର, ୨୧।୭ (ସମିସ)**

ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଘୋଷଣା ଓ ଅର୍ଥ ମଞ୍ଜୁରୀ ପରେ ତଞ୍ଚକତା କରି ଉକ୍ତ ଅର୍ଥ ରାଶିକୁ ଉପକୂଳ ଓଡ଼ିଶାରେ ଖର୍ଚ୍ଚ କରିବାର ପରମ୍ପରା ବହୁଦିନରୁ ଚାଲି

### ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ

ଆସିଛି। ନିୟମିତ ଅର୍ଥ ମଞ୍ଜୁରୀ କ୍ଷେତ୍ରରେ ମାର୍ଚ୍ଚ ମାସରେ ଏଭଳି ସମୟରେ ଅର୍ଥ ଆସେ ଯାହାକି ଖର୍ଚ୍ଚ କରିବାର କୌଣସି ରାସ୍ତା ନ ଥାଏ। ଏହି ଅର୍ଥ ଫେରିବ ଓ କେଉଁଠି ଖର୍ଚ୍ଚ କରାଯିବ ତାହା ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ। କେନ୍ଦୁପତ୍ର ପାଣ୍ଠି ଠାରୁ ଆରମ୍ଭ କରି ବରଗଡ଼ କର୍କଟ ହସ୍‌ପିଟାଲ ପର୍ଯ୍ୟନ୍ତ ବାରମ୍ବାର ଛଳନା କରାଯାଇଛି। ହୀରାଖଣ୍ଡ ଅଞ୍ଚଳର ଶୋଷଣ କରି ପ୍ରବଞ୍ଚନା ମୂଳକ ଭାବରେ ଉପେକ୍ଷା




ଓଡ଼ିଶାର ଶାସନ ବ୍ୟବସ୍ଥାର ଅଙ୍ଗ ହୋଇ ରହିଯାଇଥିବା ମୁଖ୍ୟଅତିଥି ପୂର୍ବତନ ସାଂସଦ ଭବାନୀଶଙ୍କର ହୋତା ମତବ୍ୟକ୍ତ କରିଛନ୍ତି। ହୀରାଖଣ୍ଡ ସାମ୍ମୁଖ୍ୟର ସଭାପତି ରାମାନୁଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ହୀରାଖଣ୍ଡ ସାମୁଖ୍ୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଦୀପକ କୁମାର ପଣ୍ଡା ସଭାରେ କଳିଙ୍ଗ, ଉତ୍କଳ, କୋଶଳ, ଦକ୍ଷିଣ କୋଶଳ ଓ ହୀରାଖଣ୍ଡର ଭୌଗୋଳିକ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ସର୍ବାଧିକବାର ଗୋଟିଏ ନାଟକ ଭାବରେ ବୀର ସୁରେନ୍ଦ୍ର ସାଏ ଅଭିନୟ କରିଥିବା ବରଗଡ଼ ଜିଲ୍ଲା କୁମ୍ଭାରୀର ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦ ଏବଂ ସମ୍ବଲପୁରର ନାଟ୍ୟ ନିର୍ଦ୍ଦେଶକ ତଥା ସାଂସ୍କୃତିକ ସଙ୍ଗଠକ ବିପିନ ବିହାରୀ ଦାସଙ୍କୁ 'ହୀରାଖଣ୍ଡ ସମ୍ମାନ' ପ୍ରଦାନ କରାଯାଇଥିଲା। ସଭାରେ ବୀର ସୁରେନ୍ଦ୍ର ସାଏ ଚୁହାନ ନାଟକର ଅଭିନେତା ଭୂବନ ଭୋଇ, ବାସୁଦେବ ପ୍ରଧାନ ଓ ମନୋରଞ୍ଜନ ଚିରଗୁନ ନିଜ ସଂଳାପ କହିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସତ୍ୟନାରାୟଣ ଠାକୁର, ତାପସ ଦାସ, ବିଜୟଲକ୍ଷ୍ମୀ ବେହେରା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ଅଖିଳ ପଟ୍ଟନାୟକ ଓ ପ୍ରଶାନ୍ତ ପାଟଯୋଶୀ ମାନପତ୍ର ପାଠ କରିଥିଲେ। ହୀରାଖଣ୍ଡ ସାମୁଖ୍ୟର ସହସମ୍ପାଦକ ତର୍ପଣ ପ୍ରଧାନ ସ୍ୱାଗତ ଭାଷଣ ଏବଂ ଲଳିତ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

**ଶ୍ରାବଣ ମାସର ଦ୍ୱିତୀୟ ସୋମବାର**

# ବାବା କେଦାରନାଥଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼



**ଅମ୍ବାଭୋନା, ୨୧।୭ (ସମିସ):** ପ୍ରସିଦ୍ଧ ଅଷ୍ଟଶମ୍ଭୁ ପୀଠ ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକର ବାବା କେଦାରନାଥଙ୍କ ପାଖରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଦର୍ଶନ ସହ ଜଳ ଢାଳିବା ପାଇଁ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର ତଥା ପଡୋଶୀ ରାଜ୍ୟ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରୁ ହଜାର ହଜାର କାଉଡିଆ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ କମିଟି ତରଫରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରୁଖୁରୁରେ ଦର୍ଶନ ପାଇଁ ସୁବ୍ୟବସ୍ଥା କରାଯାଇଥିଲା। ଅମ୍ବାଭୋନା ପୁଲିସ ଷ୍ଟାଫ ମଧ୍ୟ ସୁରୁଖୁରୁରେ ଭକ୍ତଙ୍କ ଦର୍ଶନ କରାଇବାରେ ମୁଖ୍ୟ ଭୁମିକା ଗ୍ରହଣ କରିଥିଲେ। ରାସ୍ତାରେ ଭକ୍ତଙ୍କ ପାଇଁ ବିଭିନ୍ନ ଜାଗାରେ ଜଳଖିଆର ବ୍ୟବସ୍ଥା ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ତରଫରୁ କରାଯାଇଥିଲା। ଅମ୍ବାଭୋନା ପୁଲିସ ତରଫରୁ ମୁଖ୍ୟ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା କରାଯାଇଥିଲା। ଐତିହାସିକ କିମ୍ବଦନ୍ତୀ ଅନୁସାରେ ମନ୍ଦିରର ସ୍ୱତନ୍ତ୍ରତା ଥିବାରୁ ଆଗାମୀ ସୋମବାର ମାନଙ୍କରେ ମଧ୍ୟ ରାଜ୍ୟ ବାହାରୁ ଅନେକ ସଂଖ୍ୟକ ଭକ୍ତ ଦର୍ଶନ ପାଇଁ ଆସିବାର ସମ୍ଭାବନା ରହିଛି।

# ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ



**ବରଗଡ଼, ୨୧।୭ (ସମିସ):** ଝାରବନ୍ଧ ବ୍ଲକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ସମସ୍ତ ଶିକ୍ଷକଙ୍କୁ ନେଇ ବ୍ଲକ୍‌ସ୍ତରୀୟ ବୈଠକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କୁମୀର ଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇ ଥିବା ବେଳେ ସମସ୍ୟାର ସମାଧାନ ପାଇଁ ଶିକ୍ଷକ ମାନେ ନିଜ ନିଜ ମତାମତ ଦେଇଥିଲେ। ବୈଠକରେ ଝାରବନ୍ଧ ବ୍ଲକ ଓଷ୍ଟାର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ କିଶୋର ଦୀପ, ଉପସଭାପତି ଭାବେ ପ୍ରକାଶ ବାଗ, କାଦମ୍ବିନୀ ସାହୁ, ଚିତ୍ତରଞ୍ଜନ ସାହୁ, ସମ୍ପାଦକ ଭାବେ ଲକ୍ଷ୍ମଣ ଚୌହାନ, ଯୁଗ୍ମ ସମ୍ପାଦକ ଭାବେ ବିଶିକେଶନ ଧରୁଆ, କୀର୍ତ୍ତିଲାଲ ସାହୁ, ଦୟାନିଧି ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏହାସହିତ ଜିଲ୍ଲା କମିଟି ସଭ୍ୟ ଭାବେ ଚନ୍ଦ୍ରକାନ୍ତ ମେହେର, ଅନୁପମା ପ୍ରଧାନ, ବିପିନ ବିହାରୀ ଭୋଇ, ପଦ୍ମଲୋଚନ ମାଝୀ ମନୋନୀତ ହୋଇଥିବା ବେଳେ ରାଜ୍ୟ କମିଟି ସଦସ୍ୟ ଭାବେ ଟିକେଶ୍ୱର ପଟେଲ, ପବିତ୍ର ବନଛୋର, ପ୍ରଦୀପ ମିଶ୍ର ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ଅଶ୍ୱିନୀ ମିଶ୍ର, ସୁରେନ୍ଦ୍ରନାଥ ପ୍ରଧାନ ମନୋନୀତ ହୋଇଛନ୍ତି। ବୈଠକରେ ରାଜ୍ୟ ସହକାରୀ ସମ୍ପାଦକ ଆଶୁତୋଷ ଟାଥେ, ପୂର୍ବତନ ଜିଲ୍ଲା ସଭାପତି ନନ୍ଦଲାଲ ନାୟକ, ଗୋକୁଳାନନ୍ଦ ଡନସନା, ଭବାନୀ ଶଙ୍କର ଭୋଇ, ହୃଦାନନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ।

# ଧାନକାର୍ଡ ନୂତନ ପଞ୍ଜୀକରଣକୁ କୃଷକ ସଂଗଠନ ପକ୍ଷରୁ ବିରୋଧ

**ବରଗଡ଼, ୨୧।୭ (ସମିସ)**

ସଂଯୁକ୍ତ କୃଷକ ସଂଗଠନ ଧାନକାର୍ଡ ପଞ୍ଜୀକରଣ ନୂତନ ନୀତିକୁ ବିରୋଧ କରି ସୋମବାର ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛି। ରାଜ୍ୟ ସରକାର ଚଳିତ ଖରିଫ ଋତୁ ବଳକା ଧାନ ବିକ୍ରି କରିବାକୁ ଚାହୁଁଥିବା କୃଷକଙ୍କୁ ଜମି ପଞ୍ଜୀକରଣ

## ନିୟମ ସଂଶୋଧନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପାଇଁ କହିଛନ୍ତି। ଏଥିପାଇଁ ୧୯ ଜୁଲାଇରୁ ୨୦ ଅଗଷ୍ଟ ମଧ୍ୟରେ ଆବଶ୍ୟକ କାଗଜପତ୍ର ଦେଇ ପଞ୍ଜୀକୃତ ହେବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁଥିରେ ସମସ୍ତ ଚାଷୀଙ୍କୁ ନୂତନ ପଞ୍ଜୀକରଣ ପାଇଁ ପରାମର୍ଶ ରହିଛି। ନୂତନ ନିର୍ଦ୍ଦେଶିକାରେ ରେକର୍ଡଧାରୀଙ୍କ କ୍ଷେତ୍ରରେ କୌଣସି ଅସୁବିଧା ନାହିଁ। ସେମାନଙ୍କୁ ଗତ ବର୍ଷ ଯେମିତି କାଗଜପତ୍ର ଦରକାର ଥିଲା ସେତିକି ଦେବାକୁ ପଡ଼ିବ। କିନ୍ତୁ ରେକର୍ଡଧାରୀଙ୍କ ଯଦି ଦେହାନ୍ତ ହୋଇଛି ସେ କ୍ଷେତ୍ରରେ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ବଂଶାବଳୀ ଆଣିବାକୁ ପଡ଼ିବ। ବଂଶାବଳୀରେ ବଂଶର ସମସ୍ତ ପୁରୁଷ ଏବଂ ମହିଳା ସମାନ ଭାବେ ଜମିର ହକଦାର ହେବେ ଏବଂ ସମସ୍ତେ



ଧାନକାର୍ଡ କରିପାରିବେ। ଜମି ଚାଷ କରୁଥିବା ଚାଷୀ ନିଜର ନାମରେ ସମସ୍ତ ଜମିର ଧାନକାର୍ଡ ତିଆରି କରିବାକୁ ହେଲେ ସମସ୍ତ ଅଂଶୀଦାର ମାନଙ୍କୁ ସୋସାଇଟିକୁ ଆଣି ସ୍ୱାକ୍ଷର ଦେବାକୁ ହେବ। ଏହାସହିତ ସମସ୍ତଙ୍କ ଆଖି ସ୍କାନ ହେବ ଓ ମୋବାଇଲକୁ ଓଟିପି ଆସିବ। ସେହି ଓଟିପି ଦେଲେ ଯାଇ ଧାନକାର୍ଡ ତିଆରି ହୋଇପାରିବ। ଏପରି ବ୍ୟବସ୍ଥା ସ୍ୱର୍ଗରୁ ଅମୃତ ଆଣିଲା ଭଳି ନିଷ୍ପତ୍ତି ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ଅଭିଯୋଗ କରିଛି। ଏନେଇ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ସମବାୟ ମନ୍ତ୍ରୀ, ଯୋଗାଣ ମନ୍ତ୍ରୀ, ଜିଲ୍ଲାପାଳ ଏବଂ ଏସପିଙ୍କୁ ଲିଖିତ ଭାବେ ଜଣାଇଛି। ଏହି ନିୟମ କାର୍ଯ୍ୟକାରୀ ହେଲେ ୭୦ ରୁ ୮୦ ପ୍ରତିଶତ କୃଷକ ଧାନ ବିକ୍ରିରୁ ବଞ୍ଚିତ ହେବେ। ଯାହା ରାଜ୍ୟର କୃଷି ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇବ। ସରକାରୀ ସଂସ୍ଥାରୁ ଧାନ ବିକ୍ରି କରିବାରେ ବଞ୍ଚିତ ହେଲେ ଦଲାଲ ମାନେ ଆହୁରି ସକ୍ରିୟ ହେବେ। ଫଳରେ ଖାଦ୍ୟ ସୁରକ୍ଷା ଉପରେ ମଧ୍ୟ ବହୁତ କୁପ୍ରଭାବ ପଡ଼ିବ। ଶେଷରେ ଚାଷୀ ନିରୁତ୍ସାହିତ ହୋଇ ଚାଷ ଛାଡ଼ିବେ। ପଞ୍ଜୀକରଣର ଉଦ୍ଦେଶ୍ୟ ଯଦି ପ୍ରକୃତ ଚାଷୀର ଧାନ ବିକ୍ରି ଅଟେ ତାହେଲେ ନିୟମ କଟକଣା ସବୁ ସରଳ ହେବା ଦରକାର। ଥରେ ପଞ୍ଜୀକୃତ ହେଲେ କେବଳ ଆବଶ୍ୟକ ସ୍ଥଳେ ସଂଶୋଧନ ହେଉଥିବା ଦରକାର। ଏଣୁ ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପୁରୁଣା ପଦ୍ଧତିରେ ପଞ୍ଜୀକରଣ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ପୂର୍ବରୁ ପ୍ରଧାନମନ୍ତ୍ରୀ ଫସଲାବୀମା କ୍ଷେତ୍ରରେ ମଧ୍ୟ ଏଗ୍ରୀଷ୍ଟେକରେ ନାମ ନ ଥିଲେ ବୀମା କରି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଆସିଛି। ତେଣୁ ତାହାର ମଧ୍ୟ ଶୀଘ୍ର ସମାଧାନ କରିବା ପାଇଁ ସାଙ୍ଗଠନିକ ନିଷ୍ପତ୍ତି ଅନୁସାରେ ଆସନ୍ତାକାଲି ଜିଲ୍ଲାର ସମସ୍ତ ତହସିଲ ଅଫିସରେ ଦାବିପତ୍ର ଦିଆଯିବ ବୋଲି ସଂଗଠନ ଘୋଷଣା କରିଛି। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ସମେତ ବିଭିନ୍ନ ବ୍ଲକର ପ୍ରତିନିଧି ମାନେ ସୁଦାମ ପାତ୍ର, ନିରଞ୍ଜନ ପଧାନ, ବୃନ୍ଦାବନ ଭୋଇ, ସୁରେଶ ନିକେଣ୍ଟି, ରବିଶଙ୍କର ପଧାନ, କୁଶ ପଧାନ, ଲକ୍ଷ୍ମୀକାନ୍ତ ପଧାନ, ସୁବଳ ପଧାନ, ଜୟ ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସତୀଭଟା ଏୟାରଷ୍ଟ୍ରିପ୍‌କୁ ଉଡାନ୍ ଯୋଜନାରେ ସାମିଲ ପାଇଁ ସାଂସଦଙ୍କ ଦାବି

**ପଦ୍ମପୁର, ୨୧।୭ (ସମିସ):** କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନାରେ ସତୀଭଟା ଏୟାରଷ୍ଟ୍ରିପକୁ ସାମିଲ କରିବାକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଦାବି କରିଛନ୍ତି। ପଦ୍ମପୁରରେ ଥିବା ଏହି ଏୟାରଷ୍ଟ୍ରିପକୁ ନେଇ ସାଂସଦ ତୃତୀୟ ଥର ପାଇଁ କେନ୍ଦ୍ର ନିକଟରେ ଦାବି ରଖିଛନ୍ତି। ଏହାସହ ଝାରସୁଗୁଡ଼ା ଏୟାରପୋର୍ଟର ସମ୍ପ୍ରସାରଣ ପାଇଁ ମଧ୍ୟ ବରଗଡ଼ ସାଂସଦ ଦାବି କରିଛନ୍ତି। କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କୁ ଭେଟି ପ୍ରଦୀପ ପୁରୋହିତ ଓଡ଼ିଶା ହିତରେ ଏହି ଦୁଇ ବଡ଼ ଦାବି ରଖିଛନ୍ତି। ପୂର୍ବରୁ ଏପ୍ରିଲ ୨ ତାରିଖରେ ସାଂସଦ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସମାନ ଦାବି ରଖିଥିଲେ। ତେବେ ଉପରୋକ୍ତ ବିଷୟ ଉପରେ ଚୂଡାନ୍ତ ପ୍ରତିକ୍ରିୟା କିମ୍ବା କାର୍ଯ୍ୟ



ସମ୍ବନ୍ଧୀୟ କୌଣସି ଅପଡେଟ୍ ବିଭାଗ ତରଫରୁ ମିଳିନାହିଁ ବୋଲି ସାଂସଦ ଶ୍ରୀ ପୁରୋହିତ କହିଛନ୍ତି। ସତୀଭଟା ଏୟାରଷ୍ଟ୍ରିପ୍ ନୃସିଂହନାଥରେ ରହିଛି। ଗମନାଗମନ ସହ ଆଞ୍ଚଳିକ ପର୍ଯ୍ୟଟନ ଓ ଅର୍ଥନୈତିକ ଅଭିବୃଦ୍ଧ ପାଇଁ ଏହା ବେଶ ଗୁରୁତ୍ୱ ବହନ କରେ। ଉଡାନ୍ ଯୋଜନାରେ ସତୀଭଟା ଏୟାରଷ୍ଟ୍ରିପ୍‌କୁ ସାମିଲ କରାଗଲେ ବରଗଡ଼ ଓ ସମ୍ବଲପୁର ଜିଲ୍ଲା ପାଇଁ ଏହା ପ୍ରବେଶ ଦ୍ୱାର ହେବ ବୋଲି ସାଂସଦ କହିଛନ୍ତି। ସେହିଭଳି ପଶ୍ଚିମ ଓଡ଼ିଶାରେ ଝାରସୁଗୁଡ଼ା ବିମାନବନ୍ଦର ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ଭାବେ ରହିଛି। ହେଲେ ସକାଳ ଓ ସଂଧ୍ୟା ସମୟରେ ଭୁବନେଶ୍ୱର କିମ୍ବା ଦିଲ୍ଲୀ ଯିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯାହାଦ୍ୱାରା ବ୍ୟବସାୟୀ, ପ୍ରଶାସନିକ ପରିଚାଳକ ଓ ଜରୁରୀକାଳୀନ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଅଞ୍ଚଳର ଲୋକସଂଖ୍ୟା ବୃଦ୍ଧି ଓ ଶିଳ୍ପାଞ୍ଚଳକୁ ନଜରରେ ରଖି ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ବିଶାଖାପାଟଣା, ହାଇଦ୍ରାବାଦ୍ ଓ କୋଲକାତା ଭଳି ମେଟ୍ରୋ ଅଞ୍ଚଳକୁ ପ୍ରତିଦିନ ବିମାନ ଚଳାଚଳ ପାଇଁ ଶ୍ରୀ ପୁରୋହିତ ଦାବି ରଖିଛନ୍ତି। ଏଥିପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଖୁବଶୀଘ୍ର ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବରଗଡ଼ ସାଂସଦ ବେସାମରିକ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ବୀର ସୁରେନ୍ଦ୍ର ସାଏ ବିଦ୍ୟାଳୟରେ ବନ ମହୋତ୍ସବ

**ବରଗଡ଼, ୨୧।୭ (ସମିସ):** ଝାରବନ୍ଧ ବ୍ଲକର ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଚଣ୍ଡୀଭଟା ଠାରେ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ୭୬ ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ପ୍ରଧାନ ଯୋଗ ଦେଇଥବା ବେଳେ ମୁଖ୍ୟ ବକ୍ତା ଭାବେ ମୀନକେତନ ସାହୁ ଯୋଗ ଦେଇଥିଲେ। ବନ ମହୋତ୍ସବର ଆବଶ୍ୟକତା, ସଚେତନତା ସୃଷ୍ଟି, ବୃକ୍ଷରୋପଣ, ଜଙ୍ଗଲ ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ, ସବୁଜ ଜୀବନ ଯାପନ ବିଷୟରେ ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଶିକ୍ଷକ ପ୍ରେମରାଜ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ବିମଳ ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର କର୍ମଚାରୀ ତଥା ଶିକ୍ଷକ ନିର୍ମଳ ଚନ୍ଦ୍ର ସାହୁ, ଡୋଳାମଣି ବିଶ୍ୱାଳ, ନଳିନୀ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ। ଅତିଥିଙ୍କ ସହିତ ଛାତ୍ରଛାତ୍ରୀ ପଣସ, କରଞ୍ଜ, ଅଁଳା ଆଦି ଚାରାରୋପଣ କରିଥିଲେ।

# ଲାୟନ୍ସ କ୍ଲବ୍‌ର ଶପଥ ଗ୍ରହଣ ସମାରୋହ



**ପଦ୍ମପୁର, ୨୧।୭ (ସମିସ):** ପଦ୍ମପୁର ଲାୟନ୍ସ ଭବନରେ ପ୍ରୀତମ ମେହେରଙ୍କ ସଭାପତିତ୍ୱରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ଦ୍ୱାଦଶ ପ୍ରଧାନ ସଂଯୋଜନା କରିଥିବା ବେଳେ ବିନୋଦ ବିହାରୀ ମିଶ୍ର ବିବରଣୀ ପଠନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଦୀପ ଅଗ୍ରୱାଲ ଯୋଗ ଦେଇଥିଲେ। ନବ ନିଯୁକ୍ତ ସଭାପତି ପ୍ରୀତମ ମେହେର, ସମ୍ପାଦକ ସୌମ୍ୟାଜିତ ପାଢ଼ି, କୋଷାଧ୍ୟକ୍ଷ ସଦାନନ୍ଦ ପୁରୋହିତ ଓ ନୂତନ କର୍ମକର୍ତ୍ତାଙ୍କୁ ଚିତ୍ତରଞ୍ଜନ ଦାଶ ଶପଥ ପାଠ କରାଇଥିଲେ। ବେଣୁମାଧବ ଦୋରା, ରାଧା ମାଧବ ଦୋରା, ବିଷ୍ଣୁ ନାରାୟଣ ଦୋରା, ସନ୍ତୋସିନୀ ରଥ, ରାଜେନ୍ଦ୍ର ମେହେର, ହିମାଂଶୁ ଶେଖର ଯୋଶୀ, ସୁନୀଳ ଅଗ୍ରୱାଲ, ଭାରତୀ ପଟ୍ଟନାୟକ, ଶାଶ୍ୱତ ଦାଶ, ରାଜେନ୍ଦ୍ର ମେହେର, ଶ୍ରୀକାନ୍ତ ମିଶ୍ର, ହରିବୋଲ ସାହୁ ଓ ପାଇକମାଲ, ଦୀପ୍ତିପୁର, ପାଟଣାଗଡ଼ର ପ୍ରମୁଖ ନେତୃ ମଣ୍ଡଳୀ ଯୋଗ ଦେଇଥିଲେ। ଶେଷରେ ମୁଖ୍ୟ ଅତିଥି ପ୍ରଦୀପ ଅଗ୍ରୱାଲଙ୍କ ସିଲେଇ ତାଲିମ କେନ୍ଦ୍ର ସକ୍ଷମ ଦିଦିର ଉଦ୍‌ଘାଟନ କରାଯାଇଥିଲା। ସମ୍ପାଦକ ସୌମ୍ୟଜିତ ପାଢ଼ି ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



**ବରଗଡ଼, ୨୧।୭ (ସମିସ):** ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଜ ପଟ୍ଟନାୟକ, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝୀ, ତହସିଲଦାର ସୋନାଲି ପଟ୍ଟନାୟକ, ମୃତ୍ତିକା ସଂରକ୍ଷଣ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶୋଭାଙ୍ଗିନି ବେହେରା, ବରଗଡ଼ ବିଡିଓଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୭୨ଟି ଅଭିଯୋଗ ମଧ୍ୟରୁ ୫୪ଟି ବ୍ୟକ୍ତିଗତ, ୧୮ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ପାଇକମାଲ, ୨୧।୭ (ସମିସ):** ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ ବାରିକଙ୍କ ଅଧ୍ୟକ୍ଷତାରେ ନୂତନ ଭାବେ ନାମ ଲେଖା ହୋଇଥିବା ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟାପକ ପ୍ରଦୀପ୍ତ ସାହୁ ଜାତୀୟ ଶିକ୍ଷାନୀତି ୨୦୨୦ ସ୍ନାତକ ପାଠ୍ୟକ୍ରମ ସମ୍ପର୍କରେ ବିସ୍ତାର ଭାବେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅଧ୍ୟାପକ ପ୍ରଦୀପ ଦେୱାନ ମହାବିଦ୍ୟାଳୟର ନୀତି, ନିୟମ, ଆଦର୍ଶ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନାରୀ ନିର୍ଯ୍ୟାତନା ବିରୋଧରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଅଧ୍ୟକ୍ଷ ଶ୍ରୀ ବାରିକ କାର୍ଯ୍ୟସ୍ଥଳୀରେ ନାରୀ ମାନଙ୍କ ଉପରେ ହେଉଥିବା ମାନସିକ ନିର୍ଯ୍ୟାତନା ସମ୍ପର୍କରେ ସଚେତନ କରିବା ସହ ସରକାରଙ୍କ ନୂତନ ଶକ୍ତିଶ୍ରୀ ଆପ୍ ମହାବିଦ୍ୟାଳୟ ମାନଙ୍କରେ କିପରି କାର୍ଯ୍ୟ କରିବ ସେ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ସଭା ପରିଚାଳନା କରିଥିଲେ। ସଭାକୁ ସଫଳ କରିବା ପାଇଁ ଅଧ୍ୟାପକ, ଅଧ୍ୟାପିକା ତଥା ଅଣ ଶିକ୍ଷକ କର୍ମଚାରୀ ସକ୍ରିୟ ସହଯୋଗ କରିଥିବା ବେଳେ ଅଧ୍ୟାପକ ଅଙ୍କିତ ଦାସ ଧନ୍ୟବାଦ ଦେଇଥିଲେ।



# ଟ୍ରାଫିକ୍ ପୁଲିସ୍‌ଙ୍କୁ ଛତା ବଣ୍ଟନ




**ବରଗଡ଼, ୨୧।୭ (ସମିସ):** ଇନର ହ୍ୱିଲ୍ କ୍ଲବ୍ ଅଫ୍ ବରଗଡ଼ ପକ୍ଷରୁ ବରଗଡ଼ ଟ୍ରାଫିକ୍ ଟାୱାର କାର୍ଯ୍ୟାଳୟରେ ଟ୍ରାଫିକ୍ ଇନଚାର୍ଜ ମଙ୍ଗଳ କିସ୍କୁଙ୍କ ଉପସ୍ଥିତିରେ ଟ୍ରାଫିକ୍ ପୁଲିସକୁ ଇନର ହ୍ୱିଲ୍ ଲୋଗୋ ବିଶିଷ୍ଟ ୧୦ଟି ବ୍ରାଣ୍ଡେଡ୍ ଛତା ପ୍ରଦାନ କରାହୋଇଛି। ଛତାଗୁଡିକ କଠିନ ପରିସ୍ଥିତିରେ ଟ୍ରାଫିକ୍ ପରିଚାଳନା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ଟ୍ରାଫିକ୍ ପୁଲିସର ଅକ୍ଳାନ୍ତ ପ୍ରୟାସ ପାଇଁ ପ୍ରଶଂସାର ଏକ ନିଦର୍ଶନ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। କ୍ଲବ୍‌ର ସଭାପତି ଆସୀମା ବିସୋଇ, ସଚିବ ପୂଜା ଅଗ୍ରୱାଲ, କୋଷାଧ୍ୟକ୍ଷ ସାରିକା ଅଗ୍ରୱାଲ, ଆଇଏସଓ ପ୍ରତିଭା ମହାନ୍ତି ଏବଂ ସଦସ୍ୟ ଜୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ମମତା ପୁରୋହିତଙ୍କ ମାର୍ଗଦର୍ଶନ ଏବଂ ପ୍ରେରଣାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱୟଂକର କାର୍ଯ୍ୟକ୍ରମ

**ବରଗଡ଼, ୨୧।୭ (ସମିସ):** ହସ୍ତତନ୍ତ ଭାରତୀୟ ପରମ୍ପରାର ଏକ ପୁରାତନ କଳା। ଏହି ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଠାରେ 'ସ୍ୱୟଂ କର' ବା 'ଡୁ ଇଟ୍ ୟୁରସେଲ୍‌ଫ' ଭିତ୍ତିକ କାର୍ଯ୍ୟଶାଳା ଆୟୋଜିତ ହୋଇ ଯାଇଛି। ଏହା ଭାରତ ସରକାରଙ୍କ ହସ୍ତତନ୍ତ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ବରଗଡ଼ ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ପ୍ରତିଷ୍ଠାନତରଫରୁ ଆୟୋଜିତ ହୋଇଥିଲା। କାର୍ଯ୍ୟଶାଳାରେ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇ ବାନ୍ଧକଳା, କମ୍ପ୍ୟୁଟର ଏଡେଡ ବୟନକଳାର ଅଭ୍ୟାସ କରିଥିଲେ। ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ପ୍ରତିଷ୍ଠାନର ଅଧ୍ୟାପକ ରଞ୍ଜିତ ଚୌହାନ, ସତୀଶ ଜଂଘଗ୍ରାରା, ଜୟକାନ୍ତ ନିରାଲା, ଦିଲିପ ମେହେର ପ୍ରମୁଖ ପରିଚାଳନା କରିଥିଲେ।

# ୩ ଶହ ଦିନ ବଦଳରେ ଶ୍ରମିକଙ୍କୁ ମିଳୁଛି ଶହେ ଦିନ କାମ

## ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରୁଛନ୍ତି 'ଟ୍ୱିଟର ଗର୍ଲ' ଦୀପା

**ବରଗଡ଼, ୨୧।୭ (ସମିସ)**

ଦାଦନ ସମସ୍ୟାର ସମାଧାନ କରିବା ପାଇଁ ମନରେଗା ଯୋଜନାରେ ବରଗଡ଼ ଜିଲ୍ଲାର କେତକ ବ୍ଲକକୁ ଅଧିକ ଦିନର କାମ ସହ ବର୍ଦ୍ଧିତ ମଜୁରୀ ପ୍ରଦାନ କରାଯାଉଥିଲା। ଏହାକୁ ବର୍ତ୍ତମାନ ବନ୍ଦ କରି ଦିଆଯାଇଥିବା ଶ୍ରମିକ ମାନଙ୍କ ଅନୁରୋଧ କ୍ରମେ ପାଇକମାଲ ବ୍ଲକ ଟେମରି ଗାଁର ସ୍ୱେଚ୍ଛାସେବୀ ଦୀପା ବାରିକ ରାଜ୍ୟ ସରକାରଙ୍କୁ ଅଭିଯୋଗ କରିଛନ୍ତି। ଗତ ସରକାରଙ୍କ ସମୟରେ ଦାଦନ ପ୍ରବଣ ପାଇକମାଲ ବ୍ଲକରେ ଶ୍ରମିକ ମାନଙ୍କୁ ନିଜ ଗାଁରେ ରୋଜଗାର ଦେଇ ଦାଦନ ଖଟି ନ ଯିବା ପାଇଁ ଯୋଜନା କରାଯାଇଥିଲା। ଏହା



ଫଳପ୍ରଦ ମଧ୍ୟ ହେଉଥିଲା। କିନ୍ତୁ ବର୍ତ୍ତମାନ ତାକୁ ବନ୍ଦ କରିଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ଶ୍ରମିକ ମାନେ। ଚଳିତ ବର୍ଷ ଏପ୍ରିଲ ମାସରେ ଅଣକୁଶଳୀ ଶ୍ରମିକ ମାନଙ୍କର ସର୍ବନିମ୍ନ ଦୈନିକ ମଜୁରୀ ୪୫୨ ଟଙ୍କାରୁ ୪୬୨ ଟଙ୍କାକୁ ବୃଦ୍ଧି କରାଯାଇଥିଲା ବୋଲି ଘୋଷଣା ହୋଇଥିଲା। କିନ୍ତୁ ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଅଧୀନ ଟେମରି ଗାଁର ଶ୍ରମିକ ମାନେ ବର୍ତ୍ତମାନ ମାତ୍ର ୨୭୩ ଟଙ୍କା ମଜୁରୀ ପାଉଥିବା ଅଭିଯୋଗ କରିଛନ୍ତି। ପାଇକମାଲ ଅଞ୍ଚଳ ଦାଦନ ଶ୍ରମିକ ପ୍ରବଣ ଅଞ୍ଚଳ ହୋଇଥିବାରୁ ଏହି ସମସ୍ୟାକୁ ସମାଧାନ ପାଇଁ ପୂର୍ବରୁ ଅଞ୍ଚଳର ଶ୍ରମିକ ମାନଙ୍କୁ ବାର୍ଷିକ ତିନି ଶହ ଦିନର କାମ ଏବଂ ମଜୁରୀ ଦିଆଯାଉଥିଲା। କିନ୍ତୁ ତାହା ବର୍ତ୍ତମାନ ୧୦୦ ଦିନ କରାଯାଇଛି ବୋଲି ଶ୍ରମିକ ମାନେ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଉକ୍ତ ଅଞ୍ଚଳର ଗରିବମାନେ ପୁଣିଥରେ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେବେ ବୋଲି ଦୀପା ଉଲ୍ଲେଖ କରିଛନ୍ତି। ଏଥିପ୍ରତି ସରକାର ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦୀପା ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଜନତା ହାଇସ୍କୁଲରେ ଶିକ୍ଷାର୍ଥୀଙ୍କ ହିମୋଗ୍ଲୋବିନ୍ ପରୀକ୍ଷଣ

**ଅମ୍ବାଭୋନା, ୨୧।୭ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ଛାତ୍ରଛାତ୍ରୀଙ୍କ ରକ୍ତରେ ଥିବା ହିମୋଗ୍ଲୋବିନର ଶତକଡ଼ା ପରିମାଣ ଅନୁଧାନ କରାଯାଇଛି। ବିଦ୍ୟାଳୟର




ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଭୁକ୍ତା ସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡାକ୍ତର ନାରାୟଣ ପଶାୟତଙ୍କ ମାର୍ଗଦର୍ଶନରେ ସ୍ୱାସ୍ଥ୍ୟ କର୍ମୀ ପ୍ରମୋଦା ମଲ୍ଲିକ ଓ ସିଏଚଓ ଚନ୍ଦ୍ରମା କୁମ୍ଭାର ଛାତ୍ରଛାତ୍ରୀଙ୍କ ପରୀକ୍ଷା କରିଥିଲେ। ହିମୋଗ୍ଲୋବିନର ପରିମାଣ ଆବଶ୍ୟକତାରୁ କମ୍ ଥିବା ଛାତ୍ରଛାତ୍ରୀଙ୍କୁ ଗଠନମୂଳକ ପରାମର୍ଶ ଦେବା ସହିତ ଆଇରନ୍ ବଟିକା ଓ ଫଲିକ୍ ଏସିଡ ବଟିକା ନିୟମିତ ଖାଇବା ପାଇଁ ସୂଚନା ପ୍ରଦାନ କରାଯାଇଥିଲା। ବାଲ୍ୟାବସ୍ଥାରୁ ରକ୍ତହୀନତା ଦୂରୀକରଣ କରିବା ସହ ଆନେମିଆ ମୁକ୍ତ ଭାରତ ଗଠନ ସକାଶେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଆମ୍ବାସାଡାର ସଞ୍ଜୟ ଖମାରୀ, ରାଜୀ ଭୁଏ ଏବଂ ରଞ୍ଜିତ ସାହୁଙ୍କ ସମେତ ଶିକ୍ଷକ ଶ୍ରୀପତି ସାହୁ, ସୁବାସ ଚନ୍ଦ୍ର ଖମାରୀ, ବୋଧରାମ ବିଶ୍ୱାଳ, ତେଜରାମ ସା, ଆଶୁତୋଷ ଭୋଇ, ଅଙ୍କିତ ମହନ୍ତ, ସୌଦାମିନୀ ବାରିକ, ସରିତା ପଟେଲ, ମନୋଜା ପଟେଲ, ପୁଷ୍ପାଞ୍ଜଳି ପଧାନ, ଅନୀତା ପଧାନ, ପଦ୍ମଲୋଚନ ବିଶି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ନୂଆପଡ଼ାରେ ବାୟୁ ସ୍ୱାସ୍ଥ୍ୟ ସେବା ଆରମ୍ଭ

## ୪ ଦିନ ବ୍ୟାପୀ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେବେ ଜିଲ୍ଲାବାସୀ




**ନୂଆପଡ଼ା, ୨୧।୭(ସମିସ):** ନୂଆପଡ଼ା ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଆରମ୍ଭ ହୋଇଛି। ୪ ଦିନ ବ୍ୟାପି ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ଜିଲ୍ଲାବାସୀ ଚିକିତ୍ସିତ ହେବେ। ସୋମବାର ଡା. ଭବାନୀ ଶଙ୍କର ଧଳ, ଡା. ଲିଙ୍କନ ପଟେଲ, ଡା. ସନନ୍ଦ ସେଠ, ଡା. ସୋନାଲିକା ବେହେରା, ଡା. ପଙ୍କଜ କୁମାର ପ୍ରମୁଖ ଡାକ୍ତରୀ ଦଳ ନୂଆପଡ଼ାରେ ପହଞ୍ଚିଛନ୍ତି। ପୂର୍ବାହ୍ନ ୧୦ଟାରେ ଏମାନେ ଗୌତମା ଏୟାର ଷ୍ଟ୍ରିପରେ ପହଞ୍ଚିଥିଲେ। ସେମାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ୱାଗତ କରି ପାଛୋଟି ଅଣାଯାଇଥିଲା।

# ଭୂତ ଉଠାଇ ନେଉଛି ଭତ୍ତା ଟଙ୍କା

**ସିନାପାଲି, ୨୧।୭ (ସମିସ)**

ବୃଦ୍ଧ ଜଣକ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ଗତ ମେ ମାସରେ ପ୍ରଥମ ଭତ୍ତା ଟଙ୍କା ୧ ହଜାରେ ପାଇଛନ୍ତି। ଏହା ସହ ଛତା ଓ ଚପଲ କିଣିବାକୁ ଆଉ ୪୦୦ ଟଙ୍କା ପାଇଛନ୍ତି। ଜୁନ ଓ ଜୁଲାଇ ମାସ ପର୍ଯ୍ୟନ୍ତ ମାସିକ ୧ ହଜାର ଟଙ୍କା ଟିପ ଚିହ୍ନ ଦେଇ ନେଇଛନ୍ତି। ସରକାରୀ ତଥ୍ୟରେ ଏହା ଦର୍ଶାଯାଇଛି; ହେଲେ ଭୂତ ଟିପ ଚିହ୍ନ ଦେଇ ଟଙ୍କା ଉଠାଇ ନେଉଥିବା ଏବେ ଜଣା ପଡ଼ିଛି। ପ୍ରକୃତ ହିତାଧିକାରୀଙ୍କ ପାଖରେ କିନ୍ତୁ ଟଙ୍କା ପହଞ୍ଚିନି। ଏହା ଏଠି ଚର୍ଚ୍ଚା ସୃଷ୍ଟି କରିଛି। ତଞ୍ଚକତା କରି ପଞ୍ଚାୟତ କର୍ତ୍ତୃପକ୍ଷ ମିଳିମିଶି ଏଭଳି ଭାବେ ଗରିବଙ୍କ ଆସୁଥିବା ଭତ୍ତା ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହେଉଛି।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସୀମାନ୍ତ କୁସୁମଯୋର ପଞ୍ଚାୟତର ବ୍ରାହ୍ମଣୀଗୁଡା ଗ୍ରାମର ମିଥିଳା ମାଝି ନାମ୍ନୀ ୬୫ ବର୍ଷୀୟା ବୃଦ୍ଧାଙ୍କ ଭତ୍ତା ଟଙ୍କା ଏଭଳି ଭାବେ ହଡପ କରାଯାଇଥିବା ଅଭିଯୋଗ ହୋଇଛି। ମିଥିଳା ଭତ୍ତା ପାଇଁ ବାରମ୍ବାର ପ୍ରଶାସନ ନିକଟକୁ ଦୌଡ଼ି ଥିଲେ। ଶେଷରେ ଭତ୍ତା ମଞ୍ଜୁର ହୋଇଥିଲା; ହେଲେ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ପଞ୍ଚାୟତ କର୍ତ୍ତୃପକ୍ଷ ଭତ୍ତା ଆସିନି କହି ପୁଣି ଥରେ କାଗଜପତ୍ର ଦେଇ ଆବେଦନ କରିବାକୁ କହିଥିଲେ। ଏଣୁ ଶେଷରେ ସେ ବ୍ଲକକୁ ଯାଇଥିଲେ। ସେଠାରେ ଜାଣିବାକୁ ପାଇଲେ ଯେ ତାଙ୍କର ଭତ୍ତା ମଞ୍ଜୁର ହୋଇ ସାରିଛି। ତେବେ ଟିପ ଚିହ୍ନ ଦେଇ କିଏ ଟଙ୍କା ନେଉଛି ତାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି।

ସିନାପାଲି ବ୍ଲକରେ ଭତ୍ତା ଟଙ୍କାକୁ ନେଇ ବାରମ୍ବାର ଏଭଳି ଅଭିଯୋଗ ହୋଇ ଆସୁଛି। ଏଥି ପ୍ରତି ପ୍ରଶାସନିକ ଅଧିକାରୀମାନଙ୍କ ଅଙ୍କୁଶ ରହୁନି। ଏଣୁ ଦୁର୍ନୀତିଖୋର ପଞ୍ଚାୟତ



ନିର୍ବାହୀ ଅଧିକାରୀ ଓ ସରପଞ୍ଚମାନେ ଦୁର୍ନୀତି କରିଚାଲିଛନ୍ତି। ସିନାପାଲି ବ୍ଲକ କୁସୁମଯୋର ପଞ୍ଚାୟତ ସହ ବିଭିନ୍ନ ପଞ୍ଚାୟତରେ ଆହୁରି ଅନେକ ହିତାଧିକାରୀଙ୍କ ନାମରେ ତଞ୍ଚକତା କରି ହଡ଼ପ କରିଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଏ ଦିଗରେ ଉଚ୍ଚ ପ୍ରଶାସନିକ ଅଧିକାରୀ ହସ୍ତକ୍ଷେପ କରି ତଦନ୍ତ କରିବା ସହ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରି ଦୁର୍ନୀତି କରିଥିବା ଅଧିକାରୀ ଓ ଜନପ୍ରତିନିଧିଙ୍କ ନାମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ଓମ ପ୍ରକାଶ ମାଝିଙ୍କୁ ପଚାରିବାରୁ ସରକାରୀ ତଥ୍ୟ ଅନୁସାରେ ଭତ୍ତା ଟଙ୍କା ହିତାଧିକାରୀ ପାଉଛନ୍ତି ବୋଲି କହିବା ସହ ଏହାର ତଦନ୍ତ କରୁଛି ବୋଲି ପ୍ରକାଶ କରିଥିଲେ।

# ବଞ୍ଜାରି ଘାଟିରେ ଓଲଟିଲା କୋଇଲା ବୋଝେଇ ଟ୍ରକ୍



**ଲାଞ୍ଜିଗଡ଼, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥର

**ଚାଳକ ଗୁରୁତର**

ବଞ୍ଜାରୀଘାଟି ରାସ୍ତାର ବୁଲାଣୀରେ ଭାରସାମ୍ୟ ହରାଇ ଏକ କୋଇଲା ବୋଝେଇ ଟ୍ରକ୍ (ସିଜି-୦୪-ପିଡି-୯୮୧୬) ଓଲଟି ପଡ଼ିଛି। ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟ୍ରକଟି ତାଳଚେରରୁ କୋଇଲା ବୋଝେଇ କରି ବିଶାଖାପାଟଣା ଅଭିମୁଖେ ଯାଉଥିଲା।

# ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**କୋକସରା, ୨୧।୭ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ମୁନୁଗାପଦରରେ ସୋମବାର ବଜ୍ରପାତ ଯୋଗୁଁ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଚାଷୀ ଜଣକ ହେଲେ ଭୋଦେବ ଦଳପତି (୪୮)। ସେ ବିଲକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ଜାଣିବା ପରେ ତୁରନ୍ତ ତାଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ; ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ କାନ୍ଦବୋବାଳି ପଡ଼ିଛି।

# ଦୁର୍ଘଟଣାରେ ହୋମ୍‌ଗାର୍ଡଙ୍କ ମୃତ୍ୟୁ

## ଥାନାକୁ ଡ୍ୟୁଟି ଆସୁଥିବା ବେଳେ ଅଘଟଣ

**ଥୁଆମୂଳ ରାମପୁର, ୨୧।୭(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନାରେ କର୍ଯ୍ୟରତ ହୋମଗାର୍ଡ ଲମ୍ବୋଦର ମାଝୀ(୩୫)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ତାଙ୍କ ଗାଁ ରାଣୀଡୁମେରରୁ ବାଇକ୍‌ରେ ଥାନାକୁ ଡ୍ୟୁଟି ଆସୁଥିଲେ। ବାଟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ତହସିଲ ଅଫିସ ନିକଟରେ ଏକ କୁକୁର ହାବୁଡ଼ରେ ପଡ଼ିବାରୁ ଭାରସାମ୍ୟ ହରାଇ ବାଇକରୁ ତଳେ ପଡ଼ିଯାଇଥିଲେ।



ଘଟଣାସ୍ଥଳରୁ ଲମ୍ବୋଦରଙ୍କୁ ଉଦ୍ଧାର କରି ଥୁଆମୂଳ ରାମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ଘରକୁ ଫେରିଥିଲେ। ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ପୁଣିଥରେ ଗୁରୁତର ଯୋଗୁଁ ତାଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଅତି ଗୁରୁତର ଥିବା ଦେଖି ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର ବେଳେ ବଲାଙ୍ଗୀର ନିକଟରେ ଲମ୍ବୋଦରଙ୍କ ମୃତ୍ୟୁ ଘଟିଥିଲା। ବଲାଙ୍ଗୀର ଡାକ୍ତରଖାନାକରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଗାଁକୁ ଶବ ଆସିଲା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସବ୍ ଇନ୍ସପେକ୍ଟର ରଶ୍ମିରଞ୍ଜନ ବାଗଙ୍କ ସମେତ ଥାନା କର୍ମଚାରୀ ଏବଂ ସାଥି ହୋମ୍ ଗାର୍ଡମାନେ ଲମ୍ବୋଦରଙ୍କ ଅନ୍ତିମ ସଂସ୍କାରରେ ଉପସ୍ଥିତ ରହି ଶୋକ ତନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଶକ୍ତି ସଦନରେ ଆଶ୍ରୟନେଲେ ଅସହାୟ ଯୁବତୀ

**କୋମନା, ୨୧।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମହୁଲଭଟା ଗ୍ରାମର ଅସହାୟ ଯୁବତୀ ହିମାଦ୍ରୀ ନାଗ (୩୨) ଉଦ୍ଧାର ପରେ କୋମନାସ୍ଥିତ ଶକ୍ତି ସଦନ ତଥା ଚେତନା ମହିଳା ସଙ୍ଗଠନରେ ଆଶ୍ରୟ ନେଇଛନ୍ତି। ମା', ବାପାଙ୍କ ମୃତ୍ୟୁ ପରେ ଗତ ୬ ମାସ ହେବ ସେ ଉଦ୍ୟାନବନ୍ଧ ସହରରେ ବୁଲୁଥିଲେ। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାସ ଏହି ଖବର ଜାଣିବା ପରେ ତାଙ୍କ ନିର୍ଦ୍ଦେଶରେ କୋମନା ଶକ୍ତି ସଦନ ନିର୍ଦ୍ଦେଶିକା ସୋନାଲି ପାଣିଗ୍ରାହୀ ଯୁବତୀଙ୍କୁ ଉଦ୍ଧାର କରିଛନ୍ତି।

ସକାଳ ପ୍ରଭାବ



# ଶିକ୍ଷକଙ୍କ ଏମ୍‌ଏସିପି/ଆର୍‌ଏସିପି ଦେବାରେ ଅବହେଳାର ତଦନ୍ତ



**ନୂଆପଡ଼ା, ୨୧।୭(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ବ୍ଲକ ଶିକ୍ଷା ଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶିକ୍ଷକମାନଙ୍କୁ ସେମାନଙ୍କ ହକ୍ ଏମଏସିପି (ମୋଡିଫାଏଡ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେସନ) ଏବଂ ଆରଏସିପି( ରିଭାଇଜଡ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେସନ) ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏ ନେଇ ଅହେତୁକ ବିଳମ୍ବ କରାଯାଉଥିବା 'ସକାଳ'ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାିଥିଲା। ଏହାପରେ ଜିଲ୍ଲାପାଳ ମଧୁସୂଦନ ଦାଶ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ଏବେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ତଦନ୍ତ ଆରମ୍ଭ ହୋଇଛି। ସୋମବାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି। ଏଡିଇଓ ଡ. ରେଶମ ଲାଲ ନାଏକ ନୂଆପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ତତନ୍ତ କରିଛନ୍ତି।

# ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ୍ କାଷ୍ଟ ଫେଡେରେସନ୍‌ର ସମ୍ମିଳନୀ

**ଭବାନୀପାଟଣା, ୨୧।୭(ସମିସ):** ଭବାନୀପାଟଣା ବ୍ଲକ ଅଧୀନ ଥୁଆପଦରଠାରେ ଅନୁସୂଚିତ ଜାତି ବର୍ଗର ତଥା ଅଲ୍ ଓଡ଼ିଶା ସିଡୁଲ୍ କାଷ୍ଟ ଫେଡେରେସନ୍ କଳାହାଣ୍ଡିର ସଚେତନ ବୁଦ୍ଧିଜୀବୀମାନଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ୧୩ଟି ବ୍ଲକ, ୩ ଏନ୍‌ଏସ୍‌ସି ଓ ଗୋଟିଏ ପୌରାଞ୍ଚଳର ଶତାଧିକ ବୁଦ୍ଧିଜୀବୀ ଯୋଗଦେଇ ସେମାନଙ୍କ ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ




ଅନବରତ ଭାବେ ଲୋକଙ୍କ କାମ କରୁଥିବା ଅଲ୍ ଓଡ଼ିଶା ସିଡୁଲ୍ କାଷ୍ଟ ଫେଡେରେସନ୍‌କୁ କିଛି ବ୍ୟକ୍ତି ନିଜ ବ୍ୟକ୍ତିଗତ ସଂଗଠନ ଓ ସମ୍ପତ୍ତି ଭାବି ପଦପଦବୀକୁ ଜାବୁଡି ଧରିବା ଯୋଗୁଁ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏପରିକି ମୂଳ ସଂଗଠନରୁ ଦୁଇ ଗୋଷ୍ଠୀ ହୋଇଥିବାରୁ ଏହା ସମାଜ ପାଇଁ ଶୁଭଙ୍କର ନୁହେଁ ବୋଲି ମତପ୍ରକାଶ ପାଇଥିଲା। ତେଣୁ ଅଯଥାରେ ଭାଗ ଭାଗ ନ ହୋଇ କେବଳ ଗୋଟିଏ ସଂଗଠନ କରି ଅଲ୍ ଓଡ଼ିଶା ସିଡୁଲ୍ କାଷ୍ଟ ଫେଡେରେସନ୍‌ର ପୂର୍ବସ୍ଥିତକୁ ଆଣି ଏକ ଦୃଢ ଓ କାର୍ଯ୍ୟକ୍ଷମ ସଂଗଠନ ଗଢିବା ନିମନ୍ତେ ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ଦେଇଥିଲେ। ହ୍ୱାଟ୍ସଆପ୍ ଗ୍ରୁପ୍‌ରେ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ପଦବୀ ଯାଇଥିଲେ ମଧ ଆଡ୍‌ମିନ୍ ରହି ଯାହାକୁ ଇଚ୍ଛା ତାହାକୁ ରିମୁଭ୍ କରି ନିଜ ସମାଜ ଭିତରେ ତିକ୍ତତା ବୃଦ୍ଧି କରୁଥିବାରୁ ତାକୁ ନିନ୍ଦ କରାଯାଉଛି। ସମାଜର ଆକାଉଣ୍ଟରେ ଅର୍ଥ ଜମା ନ ହୋଇ ନିଜ ବ୍ୟକ୍ତିଗତ ଏକାଉଣ୍ଟରେ ସମାଜର ଅର୍ଥ ସଂଗ୍ରହ କରିବାକୁ ଦୃଢ ନିନ୍ଦ କରାଯାଇଥିଲା। ସର୍ବସମ୍ମତିକ୍ରମେ ପ୍ରତ୍ୟେକ ବ୍ଲକ, ଏନ୍‌ଏସ୍‌ସି ଓ ମୁନିସିପାଲଟିକୁ ନେଇ ଗୋଟିଏ ଆବାହକ କମିଟି ମଧ୍ୟ ଗଠନ କରାଯାଇଛି। ଏହି ଆବାହକ କମିଟି ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରୁ ସମସ୍ତଙ୍କୁ ଗୋଟିଏ ମଞ୍ଚକୁ ଆଣିବାର କାର୍ଯ୍ୟ କରିବ। ଖୁବ୍ ଶୀଘ୍ର ପୂର୍ଣ୍ଣାଙ୍ଗ ଓ ସର୍ବମାନ୍ୟ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି କରାଯାଇଛି। ନିଜ ନିଜ ଭିତରେ ଥିବା ମତଭେଦକୁ ଭୁଲି ପୂର୍ବ ଭଳି ସମାଜ ପାଇଁ ଉତ୍ସର୍ଗକୃତ ଭାବେ କାର୍ଯ୍ୟ କରିବା ନିମନ୍ତେ ସମସ୍ତ ଉପସ୍ଥିତ ବୁଦ୍ଧିଜୀବୀ ତଥା ଅଲ୍ ଓଡ଼ିଶା ସିଡୁଲ୍ କାଷ୍ଟ ଫେଡେରେସନ୍‌ର ବରିଷ୍ଠ ସଦସ୍ୟମାନେ ମତ ଦେଇଥିଲେ। ବରିଷ୍ଠ ଉପଦେଷ୍ଟା ରାମଶ୍ୱାମୀ ନାଏକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କାର୍ଯ୍ୟକର୍ତ୍ତା ଜତିନ୍ଦ୍ର କର ମଞ୍ଚ ପରିଚାଳନା କରିଥିଲେ। ଆଇନଜୀବୀ ଛବିଲାଲ ନିଆଲ, ଧବଳେଶ୍ୱର ନାଗ, ଶ୍ରୀକାନ୍ତ ଛତ୍ରିଆ, ଜିଲ୍ଲା ସରପଞ୍ଚ ସଂଘର ସାଧାରଣ ସମ୍ପାଦକ ଦିଗାମ୍ବର ଲୁହା, ଲୋକନାଥ ନାଗ, ବୃନ୍ଦାବନ ନାଗ, ପୂର୍ବତନ ସରପଞ୍ଚ ସୁମତୀ ଛତ୍ରିଆ, ଯୁଧେଷ୍ଠିର ଭଗତ, ସାମ୍ବାଦିକ ଅଭି ନନ୍ଦ, କୌଶିକ ଦୁରିଆ, ସେନାପତୀ ନାଏକ, କ୍ଷେତ୍ରମୋହନ ଛତ୍ରିଆ, ସରପଞ୍ଚ ମୌଷିକ ମଙ୍ଗରାଜ, ଲଳିତ ମଙ୍ଗରାଜ, ଛତ୍ରସାଇ ନାଏକ, ଅଜୟ ଦୀପ, ମୁରଲିଧର ନାଏକ, ବୈକୁଣ୍ଠ ଜାଲ, ରତ୍ନାକର ବେମାଲ, ସୁନିଲ ବିଶି, ଶଙ୍କର କର, ମହାଦେବ ନାଏକ, ପୂର୍ବତନ କେସିଙ୍ଗା ଏନ୍‌ଏସ୍‌ସି ଭାଇସ୍ ଚେୟାରମ୍ୟାନ୍ ପ୍ରତାପ ବାଗ ପ୍ରମୁଖ ଶତାଧିକ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସ୍ଥାନୀୟ ସରପଞ୍ଚ ଦିଗାମ୍ବର ଲୁହା ଧନ୍ୟବାଦ ଦେଇଥିଲେ।

# ସିନାପାଲି ଜଗନ୍ନାଥ ଛକ ଦୁର୍ଗାପୂଜା ପ୍ରସ୍ତୁତି

**ସିନାପାଲି, ୨୧।୭(ସମିସ):** ଆଗାମୀ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ସିନାପାଲି ଜଗନ୍ନାଥ ଛକ ଦୁର୍ଗାପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଈଶ୍ୱର ପ୍ରସାଦ ମେହେର ସଭାପତିତ୍ୱ କରିଥିଲେ। ଚଳିତବର୍ଷ ଏହି କମିଟି ୪୮ ତମ ପାର୍ବଣ ଉତ୍ସବ ପାଳନ କରିବାକୁ ଯାଉଛି। ଏଥର ସଭାପତି ଭାବେ ଈଶ୍ୱର ପ୍ରସାଦ ମେହେର, ଉପସଭାପତି ଭାବେ ରାମକୃଷ୍ଣ ମେହେର, ସମ୍ପାଦକ ଭାବେ ଜିତେନ୍ଦ୍ର ମେହେର, ସହସମ୍ପାଦକ ଭାବେ ଭୀଷ୍ମରାଜ ମେହେର ଓ ବେଣୁଧର ମେହେର ଏବଂ କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର ମେହେରଙ୍କୁ ଚୟନ କରାଯାଇଛି। ପୂଜାକୁ ଭବ୍ୟ ଓ ଶୃଙ୍ଖଳିତ କରିବା ପାଇଁ ଏହି ସଭାରେ ବିଶଦ ଆଲୋଚନା କରାଯାଇଛି। ସେହିପରି କମିଟିର ଉପଦେଷ୍ଟା ମଣ୍ଡଳୀରେ ବୈଶମ୍ପାୟନ ମେହେର, ତୁଳସୀରାମ ମେହେର, ଚତୁର୍ଭୁଜ ମେହେର, ତପେଶ୍ୱର ମେହେର, ନବୀନଚନ୍ଦ୍ର ମେହେର, ଲୋକନାଥ ମେହେର, ପରମେଶ୍ୱର ମେହେର, ଚତୁର୍ଭୁଜ ମେହେର, ଉଦ୍ଧବ ମେହେର, ବୈଷ୍ଣବ ମେହେର, ତରୁଣ ମେହେର ରହିଛନ୍ତି। କର୍ତ୍ତା ଭାବରେ ଉଗ୍ରେସନ ମେହେର ଓ ତାଙ୍କ ଧର୍ମପତ୍ନୀଙ୍କୁ ଚୟନ କରାଯାଇଛି। ୨୦୨୭ରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀର ସଂଯୋଜକ ଭାବରେ ଚତୁର୍ଭୁଜ ମେହେର, ବୈଷ୍ଣବ ମେହେର ଓ ତରୁଣ ମେହେରଙ୍କୁ ମନୋନିତ କରାଯାଇଥିଲା। ସଭାରେ ମୁରଲୀଧର ମେହେର, ବନମାଳି ମେହେର, ପ୍ରଦ୍ୟୁମ୍ନ ମେହେର, ପ୍ରଦୀପ ମେହେର, ହାଡୁରାମ ମେହେର, ବୈବସ୍ୱତ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦକ୍ଷିଣା ଉତ୍ସବ

**ସିନାପାଲି, ୨୧।୭(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁଦକ୍ଷିଣା ଉତ୍ସବ ଅନୁଷ୍ଠିତ ହୋଯାଇଛି। ଏହି ଅବସରରେ ସିନାପାଲି ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଉତ୍କଳ ପ୍ରଧାନ, ମୋହନ ଚରଣ ଦାସ, ସୁବ୍ରତ ଠାକୁର, ପରିଚାଳନା କମିଟି ସଭାପତି ନରହରି ମେହେର, ସମ୍ପାଦକ ଗିରିଶ ଚନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବୈଷ୍ଣବ ମେହେର, ଚୂଡ଼ାମଣି ମେହେର, ଆଚାର୍ଯ୍ୟ ଭଜମନ ନିଆଲ, ପଞ୍ଚାନନ ନାୟକ, ହୃଦାନନ୍ଦ ମେହେର, ସ୍ୱପ୍ନ କାଣ୍ଡ, ଦେବାଶିଷ ନାୟକ, ଲକ୍ଷ୍ମଣ ବାଗ, ଲଳିତ ନାଏକ, ସୁରେଶ ନାଏକ, କୃଷ୍ଣଭବ ସା, ଚୈବନ ସା, କ୍ଷୀରୋଦ ସୁନାରି, ଗଗନ ନିଆଲ, ରଘୁମଣି ମେହେର, ହରିନାଥ ନାଗେଶ, ଜଗଦୀଶ ନାୟକ, ସେବକ କୃତିବାସ ମାଝି ଓ ବାସୁଦେବ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ରୋହିତାଶ୍ୱ ନାୟକ ମଞ୍ଚ ପରିଚାଳନା କରିଥିଲେ। ଗଜମନ ନିଆଲ, କୁରୁସୁଦ୍ଧ ପ୍ରଧାନ ଓ ତ୍ରିନାଥ ନାଗ ସହଯୋଗ କରିଥିଲେ।



# ଜୁନିୟର ଓ ସବ୍ ଜୁନିୟର ର୍‍ୟାଙ୍କିଙ୍ଗ ପ୍ରତିଯୋଗିତା ଉଦ୍‌ଯାପିତ

**ଭବାନୀପାଟଣା, ୨୧।୭ (ସମିସ)**

ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ତତ୍ତ୍ୱାବଧାନରେ କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏସନ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ରାଜ୍ୟ ଜୁନିୟର ଓ ସବ ଜୁନିୟର ରାଙ୍କିଙ୍ଗ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ଜିଲ୍ଲା ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ରାଜ୍ୟ ପର୍ଯ୍ୟବେକ୍ଷକ ସୁଦୀପ୍ତ ବିଷୋୟୀ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ପ୍ରତିଯୋଗିତା ରେଫରି ରିତା ଦାସ, ନିମନ୍ତ୍ରିତ ଅତିଥି ଭାବେ ଆନ୍ତର୍ଜାତିକ ବୈଷୟିକ ଅଧିକାରୀ ବିଜୟ ବାଗ, ରାଜ୍ୟ ବୈଷୟିକ କର୍ମକର୍ତ୍ତା ସହ ଅଧକ୍ଷ ମନୋରଞ୍ଜନ ଦାସ ଓ ଜିଲ୍ଲା ସଂଘ ସମ୍ପାଦକ ତଥା ପ୍ରତିଯୋଗିତାର ସାଙ୍ଗଠନିକ ସମ୍ପାଦକ ସନ୍ଦୀପ ମିଶ୍ର ଏବଂ ଜିଲ୍ଲା ସଭାପତି ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ତୃତୀୟ ଦିନ ୨୦ଟି ସେମି ଫାଇନାଲ ଓ ୧୦ଟି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧୫ ବର୍ଷରୁ କମ୍ ବାଳକ ଏକକ ବିଭାଗରେ କଟକର ହର୍ଷିତ ବେହେରା ବିଜେତା ଓ ସମ୍ବଲପୁରର ଆୟଙ୍କ ବେହେରା ଉପବିଜେତା, ୧୫




ବର୍ଷରୁ କମ୍ ବାଳିକା ଏକକ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ନିମେସା ଓଝା ବିଜେତା ଓ କଟକର ସ୍ୱାତି ନାୟକ ଉପବିଜେତା, ୧୫ ବର୍ଷରୁ କମ୍ ବାଳକ ଯୁଗଳ ବିଭାଗରେ କଟକର ହର୍ଷିତ ବେହେରା ଓ ସମ୍ବଲପୁରର ଆୟଙ୍କ ବେହେରା ବିଜେତା ଓ ସୁନ୍ଦରଗଡ଼ର ଅଭିନବ ବଡେକ ଓ କଟକର ଔରୋଦେବ ମହାନ୍ତି ଉପବିଜେତା, ୧୫ ବର୍ଷରୁ କମ୍ ବାଳିକା ଯୁଗଳ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ନିମେସା ଓଝା ଓ କଟକର ସ୍ୱାତି ନାୟକ ବିଜେତା ଓ ଭଦ୍ରକର ବୁଡୁପୁ ଲକ୍ଷ୍ମୀ ରେଡି ଓ ଯାଜପୁରର ରିତିକା ଦାସ ଉପବିଜେତା, ୧୫ ବର୍ଷରୁ କମ୍ ମିଶ୍ରିତ ଯୁଗଳରେ କଟକର ହର୍ଷିଦ ବେହେରା ଓ ଆଦ୍ୟସା ମହାପାତ୍ର ବିଜେତା ଓ ଭୁବନେଶ୍ୱରର ଦୀପ୍ତଶୁ ଶର୍ମା ଓ ସମ୍ବଲପୁରର ଆଲ୍ୟସା ପ୍ରଧାନ ଉପବିଜେତା, ୧୯ ବର୍ଷରୁ କମ୍ ବାଳକ ଏକକ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ବାପୁନ ରାଉତ ବିଜେତା ଓ ଭୁବନେଶ୍ୱର ଖୋର୍ଦ୍ଧାର ସୌମ୍ୟାଜିତ ସାହୁ ଉପବିଜେତା, ୧୯ ବର୍ଷରୁ କମ୍ ବାଳିକା ଏକକ ବିଭାଗରେ ସୁନ୍ଦରଗଡ଼ର ଗୀତାଶ୍ରୀ ଦେ ବିଜେତା ଓ ସମ୍ବଲପୁରର ଅମ୍ବୀକା ମିଶ୍ର ଉପବିଜେତା, ୧୯ ବର୍ଷରୁ କମ୍ ବାଳକ ଯୁଗଳ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ବାପୁନ ରାଉତ ଓ ବଲାଙ୍ଗିରର ଦିବ୍ୟମ କେଜରୀୱାଲ ବିଜେତା ଓ ମୟୁରଭଞ୍ଜର ଶ୍ରୀଙ୍ଘସ ଜେନା ଓ ଢେଙ୍କାନାଳର ଶୁଭ୍ରକେତନ ମଲ୍ଲିକ ଉପବିଜେତା, ୧୯ ବର୍ଷରୁ କମ୍ ବାଳିକା ଯୁଗଳ ବିଭାଗର ସମ୍ବଲପୁରର ଅମ୍ବୀକା ମିଶ୍ର ଓ ଖୋର୍ଦ୍ଧାର ସିରିନ ସାଦ୍ଧିକି ବିଜେତା ଓ ଭୁବନେଶ୍ୱରର ଆଦ୍ୟା ପାଢ଼ୀ ଓ ରାୟଗଡ଼ର ସ୍ୱିଟିପ୍ରିୟା ପ୍ରଧାନ ଉପବିଜେତା, ୧୯ ବର୍ଷରୁ କମ୍ ମିଶ୍ରିତ ଯୁଗଳ ବିଭାଗର ବଲାଙ୍ଗୀରର ଜୟେସ ଅଗ୍ରୱାଲ ଓ ରାୟଗଡ଼ର ସ୍ୱିଟିପ୍ରିୟା ପ୍ରଧାନ ବିଜେତା ଓ କଟକର ଅଗସ୍ତ୍ୟ ନାୟକ ଓ ଖୋର୍ଦ୍ଧାର ଆଦ୍ୟା ପାଢ଼ୀ ଉପବିଜେତା ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ସରୋଜ ମହାରଣା ମଞ୍ଚ ପରିଚାଳନା କରିଥିବାବେଳେ ମହେଶ କୁକ୍ରେଜା, ଶକ୍ତି ପ୍ରସାଦ ରଞ୍ଜନ ଯୋଶୀ, ରବି ସାହୁ, ରାମ ସାହୁ, ସନ୍ଦୀପ ଦାସ ପୁରସ୍କାର ବିତରଣ ପାଇଁ ସହଯୋଗ କରିଥିଲେ। ଉପସଭାପତି ଅରୁଣ ରଥ, ଉପସଭାପତି ସମୀର ସାହୁ, ଦୀପକ, ସାଗର କୁମାର, ରଞ୍ଜିତ ସାହୁ, ମାଣିକେଶ୍ୱରୀ ମହାପାତ୍ର, ପରେଶ ପ୍ରଧାନ, ମାନସ ପ୍ରଧାନ, ମନୋଜ ପଣ୍ଡା, ଶୋଭାନ ଦତ୍ତ, ଅଶୋକ ପତିଙ୍କ ସହମସ୍ତ ସମସ୍ତ ସଦସ୍ୟ, ପୁଲିସ, ସ୍ୱାସ୍ଥ୍ୟ ଟିମ୍, ସାମ୍ବାଦିକ, ଇନ୍‌ଡୋର କର୍ମଚାରୀ ସମସ୍ତଙ୍କୁ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ଜିଲ୍ଲା ସଭାପତି ଶ୍ରୀ ଦାସ ଧନ୍ୟବାଦ ଜଣାଇଥିଲେ।

## ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ସଫେଇ ଅଭିଯାନ

# ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଆହ୍ୱାନ



**ଭବାନୀପାଟଣା, ୨୧।୭ (ସମିସ):** ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କ୍ୟାମ୍ପସ ସଫେଇ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଛାତ୍ରନେତା ଚୈତନ୍ୟ ବାଗଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ସଫା କରାଯାଇଛି। ପ୍ରତି ସପ୍ତାହରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନ, ହଷ୍ଟେଲ ଓ ମୁଖ୍ୟ ଫାଟକ ନିକଟକୁ ସଫା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବିଶ୍ୱବିଦ୍ୟାଳୟକୁ ତମାଖୁ ଓ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ଛାତ୍ର ନେତାମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ଚୈତନ୍ୟ ବାଗ, ମାନସ ରଞ୍ଜନ ସିନ୍ଦୂର, ଆଶୁତୋଷ ପୁଜାରୀ, ଅଂଶୁମାନ ନାଗ, ରୋହନ ମହାପାତ୍ର, ସୁରଜ ହରପାଲ, କୈଳାସ ଚନ୍ଦନ, ଆଦିତ୍ୟ ରାଉତ, ସୁମିତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର ଓ କାଉନସିଲର ଉତ୍ପଳ ଦାସ ସହଯୋଗ କରିଥିଲେ।

### କେବେ ଦୂରହେବ କେଶଦୁରାପାଳ ଗ୍ରାମବାସୀଙ୍କ ଦୁଃଖ

# ରାସ୍ତାରୋକ୍, ଧାନତଳି ପକାଇ ପ୍ରତିବାଦ କଲେ ବି ଶୁଣୁନି ପ୍ରଶାସନ

ବେଲବାହାଲି,୨୧।୭ (ସମିସ)





କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ କେଶଦୁରାପାଳ ବଜାର ମୁଖ୍ୟରାସ୍ତା ଲକ୍ଷ୍ମୀବଜାର ମଝିରେ ଜବରଦଖଲ ଅଧାକରି ଚୁପ୍ ବସିଛି ପ୍ରଶାସନ। ଅସରାଏ ବର୍ଷା ହେଲେ ଲକ୍ଷ୍ମୀ ବଜାରରେ ଆଣ୍ଠୁଏ ପାଣି ଜମି ରହିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ସମୟରେ ନର୍ଦ୍ଦମା ପାଣିରେ ଧାନତଳି ପକାଇ ଓ ରାସ୍ତାରୋକ୍ କରି ପ୍ରତିବାଦ କଲେ ଗ୍ରାମବାସୀ; କିନ୍ତୁ ଜବରଦଖଲ ଉଚ୍ଛେଦ ଅଧାକରି ଚୁପ୍ ବସିଛି ପ୍ରଶାସନ। ପ୍ରଶାସନ ପକ୍ଷରୁ ବଜାରର ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଅଧାରେ ଅଟକିଥିବାରୁ ବଜାର ମଝିରେ ଜମି ରହୁଛି ଆଣ୍ଠୁଏ ଆଣ୍ଠୁଏ ପାଣି। ଯାହାଫଳରେ ବହୁ ସମୟରେ ଲୋକମାନଙ୍କ ଘର ଭିତରକୁ ପାଣି ପଶିଯିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଅବହେଳା ଯୋଗୁଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କେଶଦୁରାପାଳ ମେଡିକାଲକୁ ଆସୁଥିବା ରୋଗୀମାନେ ଏହି ନର୍ଦ୍ଦମା ପାଣିରେ ହନ୍ତସନ୍ତ ହେଉଛନ୍ତି। ପ୍ରଶାସନ ସବୁ ଜାଣି ଚୁପ୍ ବସିଥିବାରୁ ବିଭିନ୍ନ ସମୟରେ ଲୋକମାନେ ବଜାରର ମୁଖ୍ୟରାସ୍ତାରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରୁଥିବା ଭଳି ଚିତ୍ର ସାମନା କୁ ଆସୁଛି। ଅନ୍ୟପଟେ କେଶଦୁରାପାଳ ଗ୍ରାମ ଉପରେ ୬ଟି ପଞ୍ଚାୟତର ହଜାର ହଜାର ଲୋକମାନେ ନିର୍ଭର କରିଥାନ୍ତି। ଜରୁରୀସେବା ଦମକଳ ଓ ଆମ୍ବୁଲାନ୍ସ ମଧ୍ୟ ବଜାର ମଧ୍ୟରେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛି। ଗୋଟିଏ ଗଲେ ଆଉ ଏକ ଗାଡ଼ି ଯିବା ଅସମ୍ଭବ ହେଉଛି। ପୂର୍ବରୁ ବହୁବାର ଘଷିପୁରା ବ୍ଲକ୍‌ରେ ହୋଇଥିବା ଅଭିଯୋଗ ଶୁଣାଣିରେ କେନ୍ଦୁଝର ଜିଲ୍ଲାପାଳ ଓ ଉପଜିଲ୍ଲାପାଳ, ତହସିଲଦାରଙ୍କୁ ଅଭିଯୋଗ ପରେ ବି ଆଜି ପର୍ଯ୍ୟନ୍ତ ପ୍ରଶାସନ ଚୁପ୍ ବସିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ପ୍ରଶାସନ ଅଧିକାରୀଙ୍କ ମନମାନୀ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ଯଥାଶୀଘ୍ର ଅଧାରେ ଅଟକିଥିବା ଜବରଦଖଲ ପ୍ରଶାସନ ତୁରନ୍ତ ଉଚ୍ଛେଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

- ବର୍ଷା ହେଲେ ଆଣ୍ଠୁଏ ପାଣି ଜମୁଛି
- ଅଧାରେ ଅଟକିଥିବା ଜବରଦଖଲ ଉଚ୍ଛେଦ ଦାବି

## ଧର୍ମ ଜାଗରଣ ମଞ୍ଚ ଘସିପୁରା ଖଣ୍ଡ ପକ୍ଷରୁ ଚାରାରୋପଣ




ରାମଚନ୍ଦ୍ରପୁର,୨୧।୭ (ସମିସ): ଧର୍ମ ଜାଗରଣ ମଞ୍ଚ ଘସିପୁରା ଖଣ୍ଡ ପକ୍ଷରୁ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ ଭଣ୍ଡାରିପଡ଼ାରୁ ପଟିଲୋ ପର୍ଯ୍ୟନ୍ତ ତଥା ୩ କିମି ରାସ୍ତାର ଉଭୟ ପାଶ୍ୱର୍ରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଶତାଧିକ ଚାରାରୋପଣ କରାଯାଇଛି। ଘସିପୁରା ଖଣ୍ଡ ସହପ୍ରଭାରୀ ଶରତକୁମାର ସ୍ୱାଇଁଙ୍କ ସଂଯୋଜନାରେ, ବ୍ଲକ୍ ସଂଯୋଜକ ପ୍ରଶାନ୍ତ ବିଶ୍ୱାଳ, ଜିଲ୍ଲା ଧର୍ମ ଜାଗରଣ ସଂସ୍କୃତି ସଂଯୋଜକ ପ୍ରଶାନ୍ତକୁମାର ଚକ୍ର, କଇଁସିଆରୀ ଧର୍ମ ଜାଗରଣ ପ୍ରଭାରୀ ବ୍ରଜକିଶୋର ରାଉତ ପ୍ରମୁଖ ଅନେକ କାର୍ଯ୍ୟକର୍ତ୍ତା ଯୋଗଦେଇ ଚାରାରୋପଣ କରିଥିଲେ। ରାସ୍ତାର ଉଭୟ ପାଶ୍ୱର୍ରେ ଆମ୍ବ, ନିମ୍ବ, କଦମ୍ବ, ପଣସ, ପେସ୍ତା ଭଳି ଔଷଧୀୟ ଏବଂ ଫଳ ଚାରାରୋପଣ କରିଥିଲେ। ଚାରାରୋପଣ କାର୍ଯ୍ୟକ୍ରମ ପ୍ରତ୍ୟେକ ଗ୍ରାମରେ ଚାଲୁରଖିବା ସହ ଜନସାଧାରଣଙ୍କୁ ଏଥିରେ ସାମିଲ କରିବାକୁ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପିତ ହୋଇଥିଲେ।

## ଅସରାଏ ବର୍ଷାରେ ଧୋଇଗଲା ନୟନଯୋରି

### ନଟିଆ ଆର୍‌ଡି ରାସ୍ତା କାମ ନିମ୍ନମାନର ଅଭିଯୋଗ



ଆନନ୍ଦପୁର,୨୧।୭ (ସମିସ): ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସଦ୍ୟ ନିର୍ମିତ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଅସରାଏ ବର୍ଷାରେ ରାସ୍ତାପାଶ୍ୱର୍ରେ ନୟନଯୋର ଧୋଇଯାଇଛି। ଘସିପୁରା ବ୍ଲକ୍ ଶାମୁକାନାଣ୍ଡି ପଞ୍ଚାୟତ ନଟିଆ ଗ୍ରାମ ନିକଟରେ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅଳ୍ପଦିନ ତଳେ ନିର୍ମାଣ ହୋଇଥିବା ରାସ୍ତାକଡ଼ରୁ ମାଟି ଧୋଇଯାଇଛି। ବିନା ସୂଚନାଫଳକରେ ବାଟସାହିରୁ ନଟିଆ ପର୍ଯ୍ୟନ୍ତ ୬କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଛି। ଏପ୍ରିଲରେ ରାସ୍ତା ନିର୍ମାଣ ସମୟରେ ଲୋକେ ଏହାର ସ୍ଥାୟିତ୍ୱ ପାଇଁ ରାସ୍ତାକଡ଼ରେ ଗାର୍ଡୱାଲ ନିର୍ମାଣ କରିବାକୁ ଦାବି କରିଥିଲେ। ଏନେଇ ଗ୍ରାମବାସୀ ବୈଠକକରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମର କ୍ରିଷ୍ଣା ନାଇକଙ୍କ କହିବା ଅନୁସାରେ, ରାସ୍ତାର କୌଣସି କଥାକୁ ଯନ୍ତ୍ରୀ କିମ୍ବା ଠିକାଦାର ଶୁଣିନଥିବା ସେ ଅଭିଯୋଗ କରିଥିଲେ। ପହିଲି ବର୍ଷାରେ ରାସ୍ତାକଡ଼ରୁ ମାଟି ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ନଦେଲେ ପରବର୍ତ୍ତୀ ବର୍ଷାରେ ରାସ୍ତା ଧୋଇଯିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକଟ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ୫ ମାସ ପୁରିଲା

# ପୂରଣ ହେଲାନି ଆନନ୍ଦପୁର ମହାବିଦ୍ୟାଳୟର ଦାବି

ଆନନ୍ଦପୁର,୨୧।୭ (ସମିସ): ଏକଦା ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ର ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟକୁ ସରକାରୀ ଓ ସ୍ୱୟଂଶାସିତ ମାନ୍ୟତା ଦେବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୭ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଇତିମଧ୍ୟରେ ପ୍ରାୟ ୫ ମାସ ବିତିଯାଇଛି; ହେଲେ ଗୋଟିଏ ବି ଦାବି ପୂରଣ ହୋଇନଥିବାରୁ ସାଧାରଣରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଆନନ୍ଦପୁର ମହାବିଦ୍ୟାଳୟ ଗ୍ରସ୍ତ ସମୟରେ ଅଞ୍ଚଳବାସୀ ଓ ଛାତ୍ରଛାତ୍ରୀଙ୍କ ଉତ୍କଣ୍ଠା ବଢ଼ିଯାଇଥିଲା। ନିଜେ ଘୋଷଣା କରିଥିବାରୁ ବୁଦ୍ଧିଜୀବୀମାନେ ଏବେ ବି ଆଶାବାଦୀ ଅଛନ୍ତି। କେନ୍ଦୁଝର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ଆନନ୍ଦପୁର ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଖ୍ୟାତି ଅର୍ଜନ କରିଥିବା ବେଳେ ବିବିଧ ସମସ୍ୟା ଯୋଗୁଁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବି ପ୍ରକାଶ ପାଇଛି। ୧୯୬୪ରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୬୧ ବର୍ଷ ଧରି ନିରନ୍ତର ଭାବେ ଗୁଣାତ୍ମକ ଶିକ୍ଷା ଦେଉଥିବାରୁ ବର୍ତ୍ତମାନ ଏହାର ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରାୟ ୨୩ଶହରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଛାତ୍ରଛାତ୍ରୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଏବଂ ସର୍ବମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟାର ଶତକଡ଼ା ୭୦ ପ୍ରତିଶତ ଛାତ୍ରୀ ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ଏସବୁ ସତ୍ତ୍ୱେ ଏହି ମହାବିଦ୍ୟାଳୟର ଭିତ୍ତିଭୂମି ଆଶାନୁରୂପକ ଭାବେ ଅଗ୍ରଗତି ହୋଇପାରି ନାହିଁ। ରାଜ୍ୟର ଏକ ସର୍ବପୁରାତନ ମହାବିଦ୍ୟାଳୟ ହୋଇଥିଲେ ବି ସରକାରୀ ମାନ୍ୟତା ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇନାହିଁ। ଖଣିଜ ସମ୍ପଦରେ ଭରପୁର କେନ୍ଦୁଝର ଜିଲ୍ଲାର ଏହି ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ ବିଭାଗ ଖୋଲିବାକୁ ବହୁବାର ଦାବି ହୋଇଥିଲେ ମଧ୍ୟ ତାହା ବିଭାଗୀୟ ଦପ୍ତରୀରେ ଚାପି ହୋଇଯାଇଛି। ସମାଜ ବିଜ୍ଞାନ, ମନୋବିଜ୍ଞାନ ଓ ଶିକ୍ଷା ଭଳି ମହତ୍ତ୍ୱପୂର୍ଣ୍ଣ ବିଭାଗ ଖୋଲିବାର ଆବଶ୍ୟକ୍ତା ଥିଲେ ମଧ୍ୟ ଏଥିପ୍ରତି ଅଣଦେଖା କରାଯାଇଛି। ଛାତ୍ରଛାତ୍ରୀଙ୍କ ପକ୍ଷରୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।






(ଫାଇଲ୍ ଫଟୋ)

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର



ବେଲବାହାଲି,୨୧।୭ (ସମିସ): ଆନନ୍ଦପୁର ବ୍ଲକ୍ ଅଧୀନ ଟୋଲଙ୍କପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ନେଇ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଶିବିରର ପ୍ରଶିକ୍ଷିକା ପାର୍ବତୀ ମୁଣ୍ଡା, ଶଶୀକଳା ମହାନ୍ତ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ନିର୍ମିତ ବିଭିନ୍ନ ରଣକୌଶଳ ଉପରେ ତାଲିମ ପ୍ରଦାନ କରିବାସହ ନିଜ ସୁରକ୍ଷା ପାଇଁ ନିଜେ ସଜାଗ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରୀଙ୍କୁ ନିଜର ଆତ୍ମରକ୍ଷା କେମିତି କରିପାରିବେ ସେଥିପ୍ରତି ଉପାଦେୟ ମନ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିର ପାଞ୍ଚଦିନ ଧରି ଚାଲିବା ନେଇ ପ୍ରଧାନଶିକ୍ଷକ ସୂଚନା ଦେଇଛନ୍ତି।

## ସମସ୍ୟା ଘେରରେ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟ




ବେଲବାହାଲି,୨୧।୭ (ସମିସ): ଆନନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଶିକ୍ଷାବ୍ୟବସ୍ଥା ଦିନକୁ ଦିନ ଦୟନୀୟ ହୋଇପଡୁଛି। ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ନିୟମିତ ପରିଦର୍ଶନ କରାଯାଉ ନ ଥିବାରୁ ଅନେକ ବିଦ୍ୟାଳୟରେ ସରକାରଙ୍କ ପକ୍ଷରୁ ଆସୁଥିବା ମଧ୍ୟାହ୍ନଭୋଜନ ପରିଚାଳନାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ସେହିପରି ହରିଡ଼ାପାଳ ପଞ୍ଚାୟତ ଅଧୀନ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟ ସରକାରୀ ସୁବିଧାରୁ ସତେ ଯେପରି ବଞ୍ଚିତଥିବା ଜଣାପଡୁଛି। ଉକ୍ତ ବିଦ୍ୟାଳୟରେ ପ୍ରଥମ ଠାରୁ ପଞ୍ଚମ ଶ୍ରେଣୀ ଯାଏଁ ପ୍ରାୟ ୩୫ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଦୀର୍ଘଦିନ ହେବ ଜଣେ ମାତ୍ର ଶିକ୍ଷୟିତ୍ରୀ ରହିଛନ୍ତି। ସେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହିବା ସମୟରେ ପିଲାମାନଙ୍କ ପାଠପଢ଼ା ଏକରକମ ଠପ୍ ହୋଇଯାଉଛି ବୋଲି ଅଭିଭାବକଙ୍କ ପକ୍ଷରୁ ଅଭିଯାଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ପିଲାମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଅତି ନିମ୍ନମାନର ବୋଲି ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଅଭିଯୋଗ କରିଆସୁଛନ୍ତି। ସେଥିପାଇଁ ଅଭିଭାବକମାନେ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ମଧ୍ୟ ଇଚ୍ଛାପ୍ରକାଶ କରୁନାହାଁନ୍ତି। ପୂର୍ବରୁ ମଧ୍ୟ ଏନେଇ ଗ୍ରାମବାସୀ ଶିକ୍ଷା ବିଭାଗର ବିଭିନ୍ନ ଅଧିକାରୀଙ୍କୁ ଯାଇ ନିଜର ଅଭିଯୋଗ କରିଥିଲେ ବି ଆଜି ପର୍ଯ୍ୟନ୍ତ ଏହାର କୌଣସି ସୁଫଳ ମିଳିପାରିନାହିଁ। ଅଧିକାରୀମାନେ ବିଭିନ୍ନ ସ୍ଥାନକୁ ଯାଇ ଖାଦ୍ୟର ମାନ ଯାଞ୍ଚ କରୁଥିବା ବେଳେ ଅଭିଯୋଗ ହେଉଥିବା ସ୍ଥାନକୁ କାହିଁକି ଆସୁନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଦ୍ୟାଳୟରେ ଖାଦ୍ୟ ପ୍ରସ୍ତୁତି କରିବା ପାଇଁ ଜାଳେଣୀର ଅଭାବ କାରଣରୁ ଖାଦ୍ୟ ରୋଷେଇ କରିବାରେ ଅନେକ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ଏଣୁ ସରକାରଙ୍କ ତରଫରୁ ଆଗାମୀ ଦିନରେ ଏହି ଗ୍ରାମର ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ଅସୁବିଧାକୁ ଦୂରୀଭୂତ କରିବା ଦିଗରେ ସରକାର ପ୍ରଚେଷ୍ଟା କରିବେ ବୋଲି ଗ୍ରାମବାସୀଙ୍କ ସମେତ ଅଭିଭାବକମାନେ ଦାବି କରିଛନ୍ତି।

### ଶ୍ରାବଣ ଦ୍ୱିତୀୟ ସୋମବାର

# ଜିଲ୍ଲାର ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼



ଆନନ୍ଦେଶ୍ୱରାୟ ମନ୍ଦିରରେ ଜଳାଭିଷେକ କଲେ ଭକ୍ତ

କେନ୍ଦୁଝର,୨୧।୭ (ସମିସ): ପବିତ୍ର ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଶୈବପୀଠଗୁଡ଼ିକ ଗୈରୀକମୟ ହୋଇଉଠିଛି। ପୂଣ୍ୟତୋୟା ବୈତରଣୀର ଉତ୍ପତ୍ତିସ୍ଥଳ ଗୋନାସିକାଠାରୁ ଆରମ୍ଭ କରି ଜିଲ୍ଲାର ଅନ୍ୟତମ ସୀମାନ୍ତ ହାବଳେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ଶୈବାଳୟରେ ଶ୍ରାବଣ ସୋମବାରରେ କାଉଡ଼ିଆ ଭକ୍ତମାନେ ଶୁଦ୍ଧପୂତ ଭାବରେ ଅତି ନିଷ୍ଠାର ସହ ଦେବ ଦେବ ମହାଦେବଙ୍କୁ ଜଳାଭିଷେକ କରାଇଥିବାବେଳେ ବହୁ ଭକ୍ତଙ୍କ ଗହଣରେ ପବିତ୍ର ଶିବମନ୍ଦିର ଗୁଡିକରେ ଭିଡ ପରିଲକ୍ଷିତ ହୋଇଛି। ପାଟଣାର ଆନନ୍ଦେଶ୍ୱରାୟ ମନ୍ଦିର, ଗୋନାସିକାର ବ୍ରହ୍ମେଶ୍ୱର ମନ୍ଦିର, ଦେଓଗାଁର କୁଶଳେଶ୍ୱର ମନ୍ଦିର, ସିଦ୍ଧମଠର ଧବଳେଶ୍ୱର, ଶ୍ରୀ ବଳଦେବଜୀଉ ମନ୍ଦିରରେ ଥିବା ପ୍ରଭୁ ବାଞ୍ଛେଶ୍ୱର, ମୁର୍ଗା ମହାଦେବରେ ଥିବା ଶ୍ରୀଗିରିଶ୍ୱର, ପାଟଣାରେ ଥିବା ପ୍ରଭୁ ପରମେଶ୍ୱର ଓ ଆନନ୍ଦେଶ୍ୱର, ବୋଦାପଳସାରେ ଥିବା ଶ୍ରୀ ଚନ୍ଦ୍ରଶେଖର, ବଡ଼ଶାସନରେ ଥିବା ପ୍ରଭୁ ବାଲୁଙ୍କେଶ୍ୱର, ଧୂର୍ପଦାରେ ଶ୍ରୀ ଆଖଣ୍ଡଳମଣୀ, ପୁରୁଣା ସହରରେ ମୁକ୍ତେଶ୍ୱର, ଟୁକୁଣାରେ ଥିବା କୁଣ୍ଡେଶ୍ୱର, ବାର୍ହାଟିପୁରାରେ ଥିବା ଶ୍ରୀ ନୀଳକଣ୍ଠେଶ୍ୱର, ଘଟଗାଁରେ ଥିବା ଶ୍ରୀ ଘଟକେଶ୍ୱର, କେନ୍ଦୁଝର-ଅନୁଗୁଳ ସୀମାନ୍ତବର୍ତ୍ତୀ ଖୁଲୁଡିରେ ଥିବା ଶ୍ରୀ ଗିରିଶ୍ୱର, ଶୁଆକାଟିରେ ଥିବା ପ୍ରଭୁ ପାଟେଶ୍ୱର, ଏକାମ୍ର ବନବିହାରୀରେ ଥିବା ପ୍ରଭୁ ମହାଦେବ, ଗୁଆବାଡିରେ ଥିବା ଗୁଆ ମାଳିଶ୍ୱର, ଲକ୍ଷ୍ମୀପାଦରେ ଥିବା ବାବା ଚନ୍ଦ୍ରଶେଖର, ରାଙ୍କିରେ ଥିବା ପ୍ରଭୁ ସ୍ୱପ୍ନେଶ୍ୱର, ନରଣପୁର ଘଡଘଡି ମନ୍ଦିର ପ୍ରଭୁ ମହାଦେବ, ତୁରୁମୁଙ୍ଗାରେ ଥିବା ପ୍ରଭୁ ଗିରିଜାଶଙ୍କର, ଢ଼େଙ୍କାପୁରଠାରେ ଥିବା ପ୍ରଭୁ ବିଶେଶ୍ୱର ଆଦି ଶୈବପୀଠରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶନିବାର ଓ ରବିବାରଠାରୁ କାଉଡିଆ ଭକ୍ତମାନେ ବିଭିନ୍ନ ଜଳାଶୟରୁ ଜଳ ଉଠାଇ ଦୀର୍ଘ ରାସ୍ତା ଅତିକ୍ରମ କରି ବିଭିନ୍ନ ଶିବାଳୟରେ ଲମ୍ବାଧାଡିରେ ମହାଦେବଙ୍କୁ ଜଳାଭିଷେକ କରାଇବା ସହ ପ୍ରସାଦସେବନ କରିଛନ୍ତି। ବିଭିନ୍ନ ଶୈବପୀଠରେ ଦାତବ୍ୟ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମାଗଣା ପ୍ରସାଦ ବିତରଣର ବ୍ୟବସ୍ଥା କରାଯାଇଥିଲା।

## ଜେକେ ଟାୟାର ପକ୍ଷରୁ ସେଲ୍ସ ଆଣ୍ଡ ଆୱାରନେସ କାର୍ଯ୍ୟକ୍ରମ



ଯୋଡ଼ା,୨୧।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ାରେ ଜେକେ ଟାୟାର କଟକ ଶାଖା ପକ୍ଷରୁ ସେଲ୍ସ ଆଣ୍ଡ ଆୱାରନେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ସହରର ସମାଜସେବୀ ତଥା ପ୍ରତିଷ୍ଠିତ ଉଦ୍ୟୋଗପତି ଶରତ ଚନ୍ଦ୍ର ନାୟକଙ୍କ ଦ୍ୱାରା ଶୁଭଉଦ୍‌ଘାଟନ କରାଯାଇଥିଲା। ଏଥିରେ ଜେକେ ଟାୟାର୍ସର ଓଡିଶା ମୁଖ୍ୟ ସଂକେତ ସେନାପତି, ଓଟିଆର ଡିଷ୍ଟ୍ରିବୁଟର (ଶାରଦା ଟ୍ରେଡର୍ସ) ସୁନୀଲ ବାସୋଟିଆ, ବିଏସ ମାଇନିଂର ଅଧିକାରୀ ସିପୁ ଦାସ, ରାକେଶ ନାଏକ, ରାକେଶ ସାରଦା ପ୍ରଭୃତି ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଯୋଡ଼ା ବଡ଼ବିଲ ଖଣି ଅଞ୍ଚଳରେ ଏକ ସପ୍ତାହ ଧରି ଚାଲିବ ବୋଲି ଶ୍ରୀ ସେନାପତି କହିଛନ୍ତି। ଯୋଡ଼ା, ବଡ଼ବିଲ, ବଲାଣି, ବିଲେଇପଡ଼ା, ବଡଜାମଡା ତଥା ବାମେବାରୀ ଅଞ୍ଚଳରେ ପହଞ୍ଚି ବିଭିନ୍ନ ଖଣିଖାଦାନରେ ଟାୟାରର ସଠିକ ବ୍ୟବହାର, ରକ୍ଷଣାବେକ୍ଷଣ କରି ଗାଡ଼ି ମାଲିକମାନେ ଦୀର୍ଘ ଦିନ ଧରି ଟାୟାରକୁ ବ୍ୟବହାର ଲଗାଇ ଲାଭବାନ ହୋଇ ପାରିବେ ଏନେଇ ସଚେତନତା ସୃଷ୍ଟି କରିବ।

## ଆନନ୍ଦପୁର ମହାବିଦ୍ୟାଳୟରେ ତାଲିମ ଶିବିର




ଆନନ୍ଦପୁର,୨୧।୭ (ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ମହିଳା କର୍ମଚାରୀ ଓ ଛାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ନୂତନ ସମ୍ମିଳନୀ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଡ. ଶକ୍ତିପ୍ରସାଦ ମହାପାତ୍ର, ଡ. ନିମାଇଁ ଚରଣ ରାଉତ, ପ୍ରାଧ୍ୟାପକ ଦୁର୍ଗାଶଙ୍କର ପରିଡ଼ା ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରେସିଡିଂ ଅଫିସର ଶ୍ରୀଲେଖା ସାହୁ ଉପସ୍ଥିତ ରହି ପୋକ୍‌ସ ଆଇନ ୨୦୧୨ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଗାଇଡ୍‌ଲାଇନ ୨୦୧୫ ଉପରେ ଆଲୋଚନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ ଓ ସଭା ସଂଯୋଜନା କରିଥିଲେ ଯୁବ ଅଧ୍ୟାପକ ରଘୁଦିପ୍ତି ନାୟକ। କାହ୍ନୁଚରଣ ଜେନା, ପ୍ରକାଶ କୁମାର ସାହୁ, ଉପେନ୍ଦ୍ର କୁମାର ମିଶ୍ର, ଓଜେଲ ପଟ୍ଟନାୟକ, ରଞ୍ଜନ କୁମାର ନାୟକ, ଶ୍ରୀକାନ୍ତ କୁମାର ପଟେଲ, ସଂଘମିତ୍ରା ରାଉତ, ଅନିତା ଦାସ, ଭାରତୀ ସାହୁ, ନିହରିକା ପାତ୍ର, ମିତାଶ୍ରୀ ବେହେରା, ହେମା ଗୁପ୍ତା, ତନୁଶ୍ରୀ ପଣ୍ଡା, ଆଦ୍ୟାଦେବ ମହାନ୍ତି, ମନୋଜ ନାୟକ, ପୁଷ୍ପଲତା ରାମ, ରୋସନ୍ ଢେଂଗ୍ରା, ପ୍ରଦୀପ କୁମାର ପୂର୍ତ୍ତୀ, ଦେବାଶିଷ ଆଚାର୍ଯ୍ୟ, ସତ୍ୟବ୍ରତ ସ୍ୱାଇଁ, ଡ. ଉତ୍ତମ କୁମାର ପାଣିଗ୍ରାହୀ, ସୁବ୍ରତ କୁମାର ପରିଡ଼ା, ସୁବ୍ରତ କୁମାର ସାହାଣୀ, ଡ. ବଶିଷ୍ଠ କୁମାର ବେହେରା, ଡ. ରବୀନ୍ଦ୍ର କୁମାର ସାହୁ, ସୂର୍ଯ୍ୟମଣି ଜେନା, ଅଜିତ କୁମାର ଜେନା, ପ୍ରତାପ କଅଁର, ପୂର୍ଣ୍ଣାନନ୍ଦ ପାର୍ଥସାରଥୀ ଶଙ୍ଖୁଆ, ନରେଶ ସାହା ପ୍ରମୁଖ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ତିନିଜଣ ଛାତ୍ରୀଙ୍କୁ ଆଇସିସିରେ ମନୋନୀତ କରାଯାଇଛି।

### ସାହାଣୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

# ସୁନ୍ଦରଗଡ଼ ବିଜୟୀ; ଢେଙ୍କାନାଳ-ସୁବର୍ଣ୍ଣପୁର ମ୍ୟାଚ୍ ଡ୍ର

କେନ୍ଦୁଝର,୨୧।୭ (ସମିସ)




ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟ୍‌ବଲ୍ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମପଡ଼ିଆରେ ସୋମବାର ୬୪ତମ ସାହାଣୀ କପ ସିନିଅର ଆନ୍ତଃଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ୍ କମ ନକ୍ ଆଉଟ ପଦ୍ଧତିରେ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଏବଂ ସଂଘର୍ଷପୂର୍ଣ୍ଣ ପ୍ରଥମ ଖେଳରେ ସୁନ୍ଦରଗଡ଼ ଜିଲ୍ଲା ବାଲେଶ୍ୱର ଜିଲ୍ଲାକୁ ୧-୦ ଗୋଲରେ କଷ୍ଟଲବ୍ଧ ବିଜୟ ଲାଭକରି ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ତିନି ମିନିଟରେ ଦୁଇଦଳ ପଡ଼ିଆ ସହ ଅଭ୍ୟସ୍ତ ହେବା ପୂର୍ବରୁ ସୁନ୍ଦରଗଡ଼ ପ୍ରତିପକ୍ଷ ଗୋଲ୍‌ପୋଷ୍ଟ ନିକଟରେ ଗୋଲ ଦେବାର ସୁବର୍ଣ୍ଣ ସୁଯୋଗ ପାଇଥିଲା। ସୁନ୍ଦରଗଡ଼ର ଜର୍ସି ନମ୍ବର ୧୩ କରନ କୁଜୁର ଏହାକୁ ହାତଛଡ଼ା ନକରି ଦଳ ପକ୍ଷରୁ ଚମତ୍କାର ସଟ୍ ଜରିଆରେ ଏହି ବିଜୟ ସୂଚକ ଗୋଲଟି ଦେଇଥିଲେ। ପରେ ବାଲେଶ୍ୱର ଜିଲ୍ଲା ପରସ୍ପର ସହ ବୁଝାମଣା ରକ୍ଷାକରି କେତୋଟି ଗୋଲ୍ ଦେବାର ସୁଯୋଗ ସୃଷ୍ଟି କରିଥିଲେ ହେଁ ତୃଟିପୂର୍ଣ୍ଣ ସୁଟିଂ ଯୋଗୁଁ ଶେଷ ସ୍ପର୍ଶ ଦେବାରେ ସଫଳ ହୋଇପାରି ନଥିଲେ ଏବଂ ୧-୦ ଗୋଲରେ ପରାଜୟ ସ୍ୱୀକାର କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ଲିଗ୍ ପର୍ଯ୍ୟାୟରେ ସମୁଦାୟ ୩ଟି ମ୍ୟାଚ୍ ଖେଳି ୩ଟି ବିଜୟ ସହ ସମୁଦାୟ ୯ପଏଣ୍ଟ ହାସଲ କରି 'ଏ' ଗ୍ରୁପ୍ ଲିଗ ଟେବୁଲରେ ଶୀର୍ଷରେ ରହିବା ସହ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି। ଆସନ୍ତା ୨୩ ତାରିଖ ବୁଧବାର ସୁନ୍ଦରଗଡ଼ ଜୋନାଲ ଫାଇନାଲରେ ରାଉରକେଲାକୁ ଭେଟିବ। ଦୁଇଟି ଦଳ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିବା ବେଳେ ଆଜି ଢେଙ୍କାନାଳ ଏବଂ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଖେଳର କୌଣସି ଗୁରୁତ୍ୱ ନଥିଲା। ଖେଳରେ ଉଭୟ ଦଳ ଗୋଲ ଦେବାର କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଦୁଇ ଦଳର ରାକ୍ଷଣଭାଗ ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ସମସ୍ତ ଆକ୍ରମଣକୁ ପଣ୍ଡ କରିଥିଲେ। ଅନ୍ତିମ ଖେଳଟି ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ସଦସ୍ୟ ଶିବ ନାରାୟଣ ମହାନ୍ତ, ବିଭୁତି ଭୂଷଣ ପ୍ରଧାନ ଏବଂ ବିଶିଷ୍ଟ ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡାଙ୍କ ସହ ଖେଳାଳିମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ, ରାଜକୁମାର ମିଶ୍ର, ସୁରେଶ ଚନ୍ଦ୍ର ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ବୀରଭଦ୍ର ପରିଡ଼ା ଏବଂ ମାର୍କଣ୍ଡ ସାମଲ ମଞ୍ଚାସିନ ଥିଲେ। ପ୍ରଥମ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଲାଇନରେ ଶୁଭମ ପାତ୍ର ଓ ଚକ୍ରଧର ଟାଟାର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ସୁବ୍ରତ ପୁରୋହିତ। ସେହିପରି ଦ୍ୱିତୀୟ ଖେଳରେ ଉତ୍କଳମଣି ବେହେରା ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ରତ୍ନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିବା ବେଳେ ସଞ୍ଜୟକୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଆସନ୍ତାକାଲି ବିଶ୍ରାମ ଦିବସରେ ତାରିଣୀ ଫୁଟବଲ ଏକାଡେମୀ ଓ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ହେବାର କାର୍ଯ୍ୟକ୍ରମ ରହିଛି।

ଜୋନାଲ ଫାଇନାଲରେ ସୁନ୍ଦରଗଡ଼ ରାଉରକେଲା

ସକାଳ THE SAKALA
ମଙ୍ଗଳବାର ୨୨ ଜୁଲାଇ, ୨୦୨୫


# ପୂଜ୍ୟପୂଜା ସଂସଦ ପକ୍ଷରୁ ସୌମ୍ୟଶ୍ରୀଙ୍କୁ ନ୍ୟାୟ ଦାବି



କୁଜଙ୍ଗ,୨୧।୭(ସମିସ): ଶାସ୍ତ୍ରରେ କୁହାଯାଇଛି ନାରୀଙ୍କୁ ସମ୍ମାନ ଓ ମର୍ଯ୍ୟାଦା ମିଳିଲେ ସେଠାରେ ଦେବତାଙ୍କ ଆବିର୍ଭୂତ ହୁଅନ୍ତି। ସେହି ଦୃଷ୍ଟିରୁ ଭାରତ ତଥା ଓଡ଼ିଶାରେ ଛୋଟ ଝିଅକୁ ଶ୍ରଦ୍ଧାରେ ମା' ମଧ୍ୟ କୁହାଯାଏ। ମାତ୍ର ଆଜି ସେହି ମା'ଙ୍କୁ ଶ୍ରଦ୍ଧା, ସମ୍ମାନ ବଦଳରେ ତଥାକଥିତ ଡିଗ୍ରୀଧାରୀ ପିଶାଚ ସାଜି ସର୍ବସ୍ୱ କ୍ଷତି ପହଞ୍ଚାଇବାକୁ ପଛାଉନାହିଁ ବୋଲି ଆଜି କୁଜଙ୍ଗ ପୂଜ୍ୟପୂଜା ସଂସଦ ପକ୍ଷରୁ ଜଗନ୍ନାଥ ମନ୍ଦିର ପରିସରରେ ବାଲେଶ୍ୱର ସୌମ୍ୟାଶ୍ରୀ ଘଟଣା ନେଇ ପ୍ରତିବାଦ କରିବା ସହ ସୌମ୍ୟଶ୍ରୀଙ୍କୁ ନ୍ୟାୟ ଓ ଦୋଷୀଙ୍କୁ କଠୋର ଦଣ୍ଡ ପାଇଁ ଦାବି କରାଯାଇଛି। ପୂଜ୍ୟପୂଜା ସଂସଦ ପକ୍ଷରୁ ସଭାପତି ବିଶିଷ୍ଟ ସାମ୍ୟବାଦୀ କମ୍ରେଡ୍ ବାବୁରାମ ଚୌଧୁରୀଙ୍କ ପୌରୋହିତ୍ୟରେ କୁଜଙ୍ଗ ଜଗନ୍ନାଥ ମନ୍ଦିରରେ ଆହୂତ ସମାବେଶରେ ଚାଷୀ ନେତା ନୂତନ ଚନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ୍ ନବୀନ ପ୍ରଧାନ, ଅବସରପ୍ରାପ୍ତ ସରକାରୀ ଅଧିକାରୀ ରଜନୀକାନ୍ତ ଦାସ, ସୁଭାଷ ସାମନ୍ତରାୟ, ବୈଷ୍ଣବ ପ୍ରଧାନ, ଯୋଗେନ୍ଦ୍ର କୁମାର ଦାସ, କବି ଛବିନ୍ଦ୍ର ସାହୁ, ବୈକୁଣ୍ଠ ନାରାୟଣ ଦାସ, କବି ଗୀତା ଦାସ, ଶଶୀଭୂଷଣ ସାହୁ, ପ୍ରଫୁଲ୍ଲ କୁମାରୀ ମହାରଣା, ଚାଷୀ ନେତା ବିଭୂତି ଭୂଷଣ ଜେନା, କବି ଶଙ୍କର ଦାସ, ନଗେନ୍ଦ୍ର ସ୍ୱାଇଁ, ବିଜୟ ଖଟାଇ ପ୍ରମୁଖ ଯୋଗଦେଇ ସୌମ୍ୟାଶ୍ରୀ ନ୍ୟାୟ ପାଇଁ ସବୁ ପ୍ରକାର ଚେଷ୍ଟା କରି ବିଫଳ ହେବାରୁ ଆତ୍ମଦାହ କରି ଜୀବନ ହାରିଛି। ତାଙ୍କୁ ନ୍ୟାୟ ଦିଆଯିବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଥିଲେ।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

# ୬ଟି ଅଭିଯୋଗର ତ୍ୱରିତ ସମାଧାନ

ଜଗତସିଂହପୁର,୨୧।୭(ସମିସ)



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପୂର୍ବାହ୍ନରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ୬ଟି ଅଭିଯୋଗର ତ୍ୱରିତ ସମାଧାନ କରିଛନ୍ତି। ଆଜି ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ୧୨୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୧୫ଟି ଓ ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୯ ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ କାର୍ଡ ସମସ୍ୟା ସମ୍ପର୍କିତ ୪ଟି, ଆବାସ ଯୋଜନା ସମ୍ପର୍କିତ ୧୭ଟି, ଜମିଜମା ସମସ୍ୟା ସମ୍ପର୍କିତ ୩୪ଟି, ଭତ୍ତା ପାଇବା ପାଇଁ ୬ଟି, ପୁଲିସ ସହାୟତା ପାଇଁ ୩ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି, ରେଡ୍‌କ୍ରସ ସମସ୍ୟା ସମ୍ପର୍କିତ ୧ଟି ଓ ଅନ୍ୟାନ୍ୟ ୪୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାଶ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବିଦ୍ୟୁତ୍ ଆଘାତରେ ୪ ମଇଁଷି ମୃତ

ନାଉଗାଁ,୨୧।୭(ସମିସ): ନାଉଗାଁ ବ୍ଲକ୍‌ର ଗଜରାଜପୁର ପଞ୍ଚାୟତ ମଠସାହିଠାରେ ଏକଅଭାବନୀୟଘଟଣାଦେଖିବାକୁମିଳିଛି। ଉକ୍ତ ଗ୍ରାମର ମାଧ ଦାସ ମଇଁଷି ପାଳନ କରି ଜୀବିକା ନିର୍ବାହ କରିଆସୁଥିଲେ। ୨୦ ତାରିଖ ସନ୍ଧ୍ୟାରେ ମଇଁଷି ଚରାଇ ଘରକୁ ଫେରୁଥିବା ସମୟରେ ଏକ ଏଲ୍‌ଆଇ ପଏଣ୍ଟ ନିକଟରେ ଥିବା ଖୋଲା ପଡିଥିବା ଇଲେକ୍ଟ୍ରି ସବ୍ ସେଣ୍ଟର ନିକଟରେ ବିଦ୍ୟୁତ ଆଘାତ ଲାଗି ୪ଟି ମଇଁଷି ମୃତ୍ୟୁବରଣ କରିଥିଲେ। ମୃତ ମଇଁଷିର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ମଇଁଷି ପାଳକ ମାଧ ଦାସଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସମାଜସେବୀ ମନୋଜ ଦାସ ଦାବି କରିଛନ୍ତି। ଘଟଣାସ୍ଥଳରେ ଆର୍‌ଆଇ ଓ ରାଜସ୍ୱ ବିଭାଗର ଅଧିକାରୀ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପହଞ୍ଚି ଘଟଣା ଅନୁଧ୍ୟାନ କରିବା ସହିତ ମାଧ ଦାସଙ୍କୁ ସରକାରୀ ସହାୟତା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଝଙ୍କଡ଼ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ



ତିର୍ତ୍ତୋଲ,୨୧।୭(ସମିସ): ଝଙ୍କଡ଼ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ଆଖଣ୍ଡଲେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରତିଷ୍ଠାତା ସମ୍ପାଦକ ଗୋଲକ ବିହାରୀ ପଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପିକା ଡଃ ବିଷ୍ଣୁପ୍ରିୟା ଦାସ ଯୋଗଦେଇ ଝଙ୍କଡ଼ ସାହିତ୍ୟ ସଂସଦ ଗ୍ରାମାଞ୍ଚଳରେ ଓଡ଼ିଶା ଭାଷା ସାହିତ୍ୟର ସୁରକ୍ଷା ଓ ପ୍ରଚାର ପ୍ରସାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସଦର କୋଷାଧ୍ୟକ୍ଷ ଝୁଲରାମ୍ ଦାସ, ପ୍ରାବନ୍ଧିକ ରାଧାମୋହନ ପରିଜା, କବୟିତ୍ରୀ ସବିତା ନାୟକ, ଅଞ୍ଜନା ମହାନ୍ତି, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ଯୋଗଦାନ କରି ସଂସଦର ବିଗତ ବର୍ଷର କାର୍ଯ୍ୟାବଳୀ ଓ ଉପଲବ୍ଧିର ସ୍ମୃତିଚାରଣ କରିଥିଲେ। ସଂଗଠନ ସମ୍ପାଦକ ପଣ୍ଡିତ ବାସବ ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷାବିତ୍ ରବିନାରାୟଣ ପଣ୍ଡା, ପ୍ରଭାତ ପରିଜା, ଆଶିଷ ପରିଜା, ଶ୍ରଦ୍ଧାଞ୍ଜଳି ଦାସ, ବିକାଶ ପରିଜା, ଅଶୋକ ଲେଙ୍କା, ଦିଗମ୍ବର ରାଉତ, ସନ୍ତୋଷ ଦାସ, ପବିତ୍ର ଦାଶଙ୍କ ସମେତ ସଂସଦର ବହୁ ସଭ୍ୟ ଯୋଗ ଦେଇଥିଲେ। ଉପଦେଷ୍ଟା ନିତ୍ୟାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**● ଚାଳକଙ୍କ ବେପରୁଆ ଗାଡ଼ି ଚାଳନା**

# ଫଳ ଦୋକାନକୁ ମାଡ଼ିଗଲା ବସ୍; ବର୍ତ୍ତିଲେ ଯାତ୍ରୀ

ରଘୁନାଥପୁର,୨୧।୭(ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ତାରପୁର ବାଇପାସ ନିକଟରେ ଭାରସ୍ୟାମ ହରାଇ ଏକ ଯାତ୍ରୀବାହୀ ବସ ଫଳ ଦୋକାନ ଭିତରକୁ ପଶିଯାଇଛି। ଦୋକାନର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ସୌଭାଗ୍ୟବଶତଃ ରକ୍ଷା ପାଇଯାଇଛନ୍ତି ଯାତ୍ରୀ। ବସର ଆଗ କାଚ ସହ କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବାବେଳେ ବାଲିରେ ଧସି ଯାଇ ବସ୍‌ଟି ରହିଯାଇଥିଲା। ଗ୍ରୀନ୍ ଇଣ୍ଡିଆ ନାମକ ଏକ ଘରୋଇ ବସ୍ ତିର୍ତ୍ତୋଲ ଥାନା ଶଙ୍ଖେଶ୍ୱରରୁ ତାରପୁର ବାଇପାସ ଦେଇ କଟକ ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣା ଘଟାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ବସ୍ ଚାଳକ ଦ୍ରୁତଗତିରେ ଆସି ବାଇପାସଠାରେ ଡାହାଣ ପାଶ୍ୱର୍କୁ ଟର୍ଣ୍ଣ କାଟୁଥିବାବେଳେ




ଭାରସ୍ୟାମ ହରାଇ ଫଳ ଦୋକାନ ସମ୍ମୁଖକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍‌ରେ ଥିବା ପ୍ରାୟ ୪୫ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬ ଜଣ ସାମାନ୍ୟ ଆହତ ହୋଇ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତାରପୁର ବାଇପାସଠାରୁ ତାରପୁର ପୁରୁଣା ବଜାର ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଗତ ଜୁନ୍ ୧୯ ତାରିଖରେ ଏକ ପିକଅପ ଭ୍ୟାନ୍ ୨ଜଣ ମହିଳାଙ୍କୁ ଧକ୍କା ଦେଇଥିଲା। ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି।

# ମହିଳା ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା




ଜଗତସିଂହପୁର,୨୧।୭(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କାଡୁଆପଡାସ୍ଥ ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଆଇସିସି କମିଟିର ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ, କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ନିବାରଣ, ନିଷେଧ ଓ ପ୍ରତିକାର) ଆଇନ-୨୦୧୩ ଅନୁଯାୟୀ ଯଦି କୌଣସି ଉପରସ୍ଥ ଅଧିକାରୀ ଅଧୀନସ୍ଥ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନ ଦିଅନ୍ତି, ତେବେ ଏହି ଆଇନ ଅନୁଯାୟୀ ଦଣ୍ଡିତ ହେବେ। ସାଧାରଣତଃ ମହିଳା କର୍ମଚାରୀ କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ଶିକାର ହେଇଥା'ନ୍ତି। ଉପରସ୍ଥ ଅଧିକାରୀ ଅଧୀନସ୍ଥ ମହିଳା କର୍ମଚାରୀଙ୍କୁ ନିଯୁକ୍ତି, ଦରମା ବୃଦ୍ଧି, ପଦୋନ୍ନତି, ବଦଳି, ଚାକିରି ସ୍ଥାୟୀ କରିବା ଭଳି ମିଥ୍ୟା ପ୍ରଲୋଭନ ଦେଖାଇ ଯୌନ ନିର୍ଯାତନା ଦେଇଥା'ନ୍ତି । ମହିଳାମାନେ ଏହି ମିଥ୍ୟା ପ୍ରଲୋଭନରେ ବଶିଭୂତ ହୋଇ ନିର୍ଯାତନାର ଶିକାର ହୁଅନ୍ତି। ଆତ୍ମବିଶ୍ୱାସର ଅଭାବ ଓ ଲଜ୍ଜା ହେତୁ ମହିଳାମାନେ ଯୌନ ନିର୍ଯାତନାର ଘଟଣାକୁ ରିପୋର୍ଟ କରିବାକୁ ଅନିଚ୍ଛୁକ ହୁଅନ୍ତି। ଏଥିପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ କାର୍ଯ୍ୟାଳୟରେ ଅଭିଯୋଗ କମିଟି ଗଠନ କରାଯାଇଛି। ଯେଉଁ କାର୍ଯ୍ୟାଳୟରେ ୧୦ରୁ କମ୍ ମହିଳା କର୍ମଚାରୀ କାର୍ଯ୍ୟ କରନ୍ତି, ସେଠାରେ ଆଞ୍ଚଳିକ ଅଭିଯୋଗ କମିଟି ଓ ୧୦ରୁ ଅଧିକ କର୍ମଚାରୀଙ୍କ କ୍ଷେତ୍ରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଏ। ମହିଳା କର୍ମଚାରୀ ଉକ୍ତ କମିଟିରେ ତାଙ୍କ ଅଭିଯୋଗ ଦାଖଲ କରିପାରିବେ। ଏହି କମିଟି ମାଧ୍ୟମରେ ଅଭିଯୋଗର ତଦନ୍ତ କରି ଦୋଷୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଯଦି କୌଣସି ମହିଳା କର୍ମଚାରୀ ଯୌନ ନିର୍ଯାତନାର ଶିକାର ହୁଅନ୍ତି, ତେବେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିରେ ଅଭିଯୋଗ କରିବା ପାଇଁ ସଚିବ ସଚେତନ କରାଇଥିଲେ। ବରିଷ୍ଠ ଅଧ୍ୟାପକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ହିସାବରକ୍ଷକ, ଡାଟା ଏଣ୍ଟ୍ରି ଅପରେଟର ସଂଘ ଗଠିତ



ଜଗତସିଂହପୁର,୨୧।୭(ସମିସ): ଜଗତସିଂହପୁର ଜିଲ୍ଲାର ପଞ୍ଚାୟତମାନଙ୍କରେ କାର୍ଯ୍ୟରତ ହିସାବରକ୍ଷକ ଓ ଡାଟା ଏଣ୍ଟ୍ରି ଅପରେଟର (ଏଡିଇଓ)ଙ୍କ ଜିଲ୍ଲାସ୍ତରୀୟ ସଂଘ ଗଠନ କରାଯାଇଛି। ଏଥିସହ ସଂଗଠନର କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇଛି। ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ କେରେକେରାସ୍ଥ ବାବା ଗୋରେଖନାଥଙ୍କ ପୀଠରେ ୮ଟି ବ୍ଲକ୍‌ର କର୍ମଚାରୀଙ୍କ ଦ୍ୱାରା ଆୟୋଜିତ ବୈଠକରେ ଜିଲ୍ଲା ସଂଗଠନର କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇଛି। ଉପଦେଷ୍ଟା ସୁକାନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାଂଗଠନିକ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରାଯାଇ ସଭାପତି ଭାବେ ବିକ୍ରମ ବଲ୍ଲଭ ରାଉତଙ୍କୁ ମନୋନୀତ କରାଯାଇଥିଲା। ସେହିପରି କୃପାସାଗର ଚରଣ ନାୟକ (ସମ୍ପାଦକ), ସତ୍ୟଜୀବନ ବିଶ୍ୱାଳ (ଉପସଭାପତି), ସୁରେଶ ମହାପାତ୍ର (ଯୁଗ୍ମ ଉପସଭାପତି), ଚନ୍ଦନ କୁମାର ସ୍ୱାଇଁ ଓ ସୌମ୍ୟରଞ୍ଜନ ମିଶ୍ର (ସହସମ୍ପାଦକ) ଏବଂ ସୁମନ୍ତ କୁମାର ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନିହାର ରଞ୍ଜନ ଦାସ, ଶାରଦା ପ୍ରସାଦ ନାୟକ, ପ୍ରୀତିରଞ୍ଜନ ସାହୁ, ସୁଧାଂଶୁ ଶେଖର ରାଉତରାୟ, ଅରବିନ୍ଦ ସ୍ୱାଇଁ, ସଂଜିତ ସ୍ୱାଇଁ, ସଂଗ୍ରାମ କେଶରୀ ବେହେରା ପ୍ରମୁଖ କୋର୍ କମିଟିରେ ସ୍ଥାନ ପାଇଛନ୍ତି।

# ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟରେ ଚାରାରୋପଣ

ନାଉଗାଁ,୨୧।୭(ସମିସ): ପରିବେଶ ସନ୍ତୁଳନ ପାଇଁ ରାଜ୍ୟବ୍ୟାପୀ ଚାରାରୋପଣ କାର୍ଯ୍ୟକ୍ରମ ଚାଲୁ ରହିଛି। ନାଉଗାଁ ବ୍ଲକ୍ ଅନ୍ତର୍ଗତ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବନ ମହୋତ୍ସବ ବ୍ଲକ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପମିତ୍ରା ମହାନ୍ତିଙ୍କ ସମେତ ଘୋଡାଂଶ ସରପଞ୍ଚ ନିହାର ରଞ୍ଜନ ବସ୍ତିଆ, ସଭ୍ୟ ତରୁଣକାନ୍ତ ବାରିକ, ଅବସରପ୍ରାପ୍ତ ସାମରିକ ଅଧିକାରୀ ଗୁନ ଚରଣ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଚିତ୍ରା ଦାସ, ୱାର୍ଡସଭ୍ୟା ସୁମିତ୍ରା ସାହୁ, ପଞ୍ଚାୟତ ବାଣୀପୀଠ କ୍ଲଷ୍ଟର ସଂଯୋଜକ ଅକ୍ଷୟ ରାଉତ, ଇକୋ କ୍ଲବ୍ ଶିକ୍ଷକ ହିମାଂଶୁ ମହାନ୍ତି, ଅନନ୍ତ ଗୋଚ୍ଛାୟତ ଓ ସଂଘମିତ୍ରା ନାୟକ ପ୍ରମୁଖ ଉପସ୍ଥିତ ରହି ଆମ୍ବ, ବଉଳ, ନିମ୍ବ, ପଣସ ସହିତ ବିଭିନ୍ନ ଔଷଧୀୟ ବୃକ୍ଷ ଚାରା ରୋପଣ କରିଥିଲେ। ବୃକ୍ଷ ବଞ୍ଚିଲେ ସମାଜ ବଞ୍ଚିବ ବୋଲି ବିଇଓଙ୍କ ସମେତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାଳୀଦାସ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାବେରୀ ଷଡ଼ଙ୍ଗୀ, ସ୍ୱାଗତିକା ମୁଦୁଲି, ସୁଜାତା ପୃଷ୍ଟି, ସୌଭାଗ୍ୟ ରଞ୍ଜନ ଦାସ ଓ ଉଭୟ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



# ସରକାରୀ ବାଳିକା ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଚାରାରୋପଣ କାର୍ଯ୍ୟକ୍ରମ



ଜଗତସିଂହପୁର,୨୧।୭(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଆଜି ଅପରାହ୍ନରେ ଜିଲ୍ଲାସ୍ତରୀୟ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ପରିବେଶ ବିଭାଗର ମା' ପାଇଁ ଗଛଟିଏ ଅଭିଯାନ ଓ ଇକୋ କ୍ଲବ ଫର ମିସନ ଲାଇଫ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକରୀ ନିରଞ୍ଜନ ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ମିହିର ପାଲ୍ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ ଭୋଇ , ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏଥିସହ ୩୦୦ ଗଛ ଚାରା ଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା। ମାଆଙ୍କୁ ସାଙ୍ଗରେ ଧରି ବୃକ୍ଷରୋପଣ କରିବାକୁ ଜିଲ୍ଲା ଶିକ୍ଷା ଅଧିକରୀ ପିଲାଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟାଲକ୍ଷ୍ମୀ ଦାସ, ସୁପ୍ରିୟା ପ୍ରିୟଦର୍ଶନୀ, ସିପ୍ରା ଦାସ, ଶୁଭଶ୍ରୀ ରାଉତ, ମିଳି ଦାସ ପ୍ରମୁଖ ସହଯୋଗ କରିଥିଲେ।

# ରେଭେନ୍ସା ସମାବର୍ତ୍ତନ ଉତ୍ସବରେ ପ୍ରତିଭା ରାଉତ ସମ୍ମାନିତ



ରାଜକନିକା,୨୧।୭(ସମିସ): କଟକ ରେଭେନ୍ସା ସ୍ୱୟଂଶାସିତ ମହବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ତ୍ରୈଲୋକ୍ୟପୁର ପଞ୍ଚାୟତ ଆୟତନ ଗ୍ରାମର ପ୍ରତିଭା ରାଉତ ସମ୍ମାନିତ ହୋଇଛନ୍ତି। ୨୦୨୩-୨୪ ଶିକ୍ଷାବର୍ଷରେ ରେଭେନ୍ସାରେ କେମେଷ୍ଟ୍ରୀରେ ପିଜି କରି ଶତକଡ଼ା ୯୦.୧୫ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରି ପୁରସ୍କୃତ କରିଛନ୍ତି। ବର୍ତ୍ତମାନ କଟକ-୧ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ପ୍ରତିଭାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

**● ସଦର ମହକୁମାରେ ବ୍ଲକ୍‌ସ୍ତରୀୟ କାର୍ଯ୍ୟାଳୟ ସ୍ଥାପନ ଦାବି**

# ଆନ୍ଦୋଳନ ପାଇଁ ଚାଲିଛି ପ୍ରସ୍ତୁତି

କୁଜଙ୍ଗ,୨୧।୭(ସମିସ): କୁଜଙ୍ଗ କେବଳ ଜିଲ୍ଲାର ନୁହେଁ, ରାଜ୍ୟ ପ୍ରଗତିର ପ୍ରମୁଖ ସାଧନ ପାରାଦୀପ ବନ୍ଦରର ମୁଖଶାଳା। ଏହି ବ୍ଲକର ସଦର ମହକୁମାରରେ ଦୁଇ ବ୍ଲକସ୍ତରୀୟ କାର୍ଯ୍ୟାଳୟ ଅଦ୍ୟାବଧି କାର୍ଯ୍ୟ କରୁନାହିଁ। ତେଣୁ ସଦର ମହକୁମାରେ ବ୍ଲକ୍‌ସ୍ତରୀୟ କାର୍ଯ୍ୟାଳୟ ସ୍ଥାପନ କରାଯିବାକୁ କୁଜଙ୍ଗବାସୀ ଆନ୍ଦୋଳନ କରିବାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରସ୍ତୁତି ଚାଲିଛି। ଆସନ୍ତା ୨୯ ତାରିଖରେ କୁଜଙ୍ଗ ଆଥଲେଟିକ୍ କ୍ଲବ୍‌ରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। କୁଜଙ୍ଗ ଚକବନ୍ଦୀ କାର୍ଯ୍ୟାଳୟ ଜିଲ୍ଲା ସଦର ମହକୁମା ଓ କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବ୍ଲକ ପ୍ରଶାସନିକ କେନ୍ଦ୍ରଠାରୁ ୧୦ କିମି ଦୂର ପଙ୍କପାଳଠାରେ କାର୍ଯ୍ୟ କରୁଛି। ଫଳରେ କୁଜଙ୍ଗର ସାଧାରଣ ଜନତା ବିଭିନ୍ନ ସମୟରେ ବହୁ ସମସ୍ୟା ଭୋଗିବା ସହ ଅଯଥା ଅର୍ଥ ଓ ସମୟ ବରବାଦ କରୁଛନ୍ତି। ବ୍ଲକ ପ୍ରଶାସନର ଅନ୍ତୁଆଳରେ ରହୁଥିବାରୁ ବିଇଓ କାର୍ଯ୍ୟାଳୟ ଭଳି କେତକ କାର୍ଯ୍ୟାଳୟ ଭିଜିଲାନ୍ସ ଅଧିକାରୀଙ୍କ ନଜର ରହିଛି। ପୂର୍ବରୁ କୁଜଙ୍ଗ ଆଥଲେଟିକ୍ କ୍ଲବର ବିକାଶ ପାଇଁ ବହୁ ଦୁର୍ବାର ଆନ୍ଦୋଳନ କରି ସଫଳ ହୋଇଥିବାବେଳେ ଏବେ ଏହି ଦୁଇ କାର୍ଯ୍ୟାଳୟ କୁଜଙ୍ଗରେ ପ୍ରତିଷ୍ଠା ପାଇଁ ବହୁବାର ଦାବି କରିଆସିଛି ବୋଲି କୁଜଙ୍ଗ ଓକିଲ ସଂଘର ସଭାପତି ତଥା ଆଥଲେଟିକ୍ କ୍ଲବ୍‌ର ଏଏନ୍‌ଡି ଯାଦବ କହିଛନ୍ତି। ଏହି ମର୍ମରେ ଆସନ୍ତା ୨୯ରେ ଅପରାହ୍ନ ୪ଟାରେ କୁଜଙ୍ଗ ଆଥେଲେଟିକ୍ କ୍ଲବରେ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକ ହେବ । ଏହି ଦାବି ପାଇଁ ଆନ୍ଦୋଳନର ରୂପରେଖ ତିଆରି ହେବ ବୋଲି ସୂଚନା ମିଳିଛି। ଏ ନେଇ ଶ୍ରୀ ଯାଦବଙ୍କ ସହ ଓକିଲ ସଂଘର ସମ୍ପାଦକ ମାନସ କୁମାର ରାଉତ, ଆଥଲେଟିକ୍ କ୍ଲବ ସଭାପତି ଦିଲ୍ଲୀପ କୁମାର ସାହୁ, ସମ୍ପାଦକ ରଜନୀକାନ୍ତ ଗୁରୁ, ଲୋକପ୍ରିୟ ଭେଷଜ ବିଶେଷଜ୍ଞ ଡାକ୍ତର ରବିନାରାୟଣ ବେହେରା, ଗଣସଂଗଠକ କମ୍ରେଡ ବାବୁରାମ ଚୌଧୁରୀ, କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚର କୋଷାଧ୍ୟକ୍ଷ ରଜନୀକାନ୍ତ ଗୁରୁ, ଶିକ୍ଷାବିତ୍ ଅନଙ୍ଗ ମହାପାତ୍ର, ସୁଭାଷ ସାମନ୍ତରାୟ, ନବୀନ ପ୍ରଧାନ, ଶରତ ଚନ୍ଦ୍ର ସାମନ୍ତରା, ଚାଷୀ ନେତା ନୂତନ ତ୍ରିପାଠୀ ତୁରନ୍ତ ଏହି ଦୁଇ କାର୍ଯ୍ୟାଳୟ ସ୍ଥାପନ କରା ନ ଗଲେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

# ଧାନକୁଦ ଜଗନ୍ନାଥ ମନ୍ଦିର ସେବାୟତ ଅଶୋକ ଜେନାଙ୍କ ପରଲୋକ



ବିରିଡ଼ି, ୨୧।୭(ସମିସ): ବିରିଡ଼ି ବ୍ଲକ ହାଜିପୁର ଗ୍ରାମର ବରିଷ୍ଠ ବିଜେଡି କର୍ମୀ ତଥା ଧାନକୁଦ ଜଗନ୍ନାଥ ମନ୍ଦିରର ବରିଷ୍ଠ ଦଇତାପତି ସେବାୟତ ଅଶୋକ କୁମାର ଜେନାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ ଜଣେ ଅମାୟିକ, ନିଷ୍ଠାବାନ, ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। ଧାନକୁଦଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଜଗନ୍ନାଥଙ୍କ ପରମ ଭକ୍ତ ଭାବେ ସେବା କରିଆସୁଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଧାନକୁଦ ପୀଠଧୀଶ ବାବା ଅରକ୍ଷିତ ଦାସମହାରାଜ, ଜଗନ୍ନାଥ ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦୀ, ବିଶ୍ୱବାସୁ ବିଭୁଦତ୍ତ ସାହୁ, ମୁଦିରସ୍ତ ବିଜୟ କୁମାର ମିଶ୍ର, ପାଟରାଜା ପ୍ରଭାତ ନନ୍ଦୀ, ପରେଶ ନନ୍ଦୀ, ବାମଦେବ ସ୍ୱାଇଁ, ତୀର୍ଥାନନ୍ଦ ଦାସଙ୍କ ସମେତ ସମସ୍ତ ଦଇତାପତି ସେବାୟତ ତାଙ୍କ ହାଜିପୁରସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରାଶରୀରକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

**ବିଜେଡି ସରକାରଙ୍କ ଘୋଷଣାକୁ ମାନିଲେନି ବିଜେପି ସରକାର**

# ଭୂ-ବନ୍ଦୋବସ୍ତ ଆଶା ଆଶାରେ ରହିଲା

ପାରାଦୀପ, ୨୧।୭(ସମିସ)



**୮ ଦିନ ମଧ୍ୟରେ ନିଷ୍ପତ୍ତି ନ ନେଲେ ଆନ୍ଦୋଳନ**

ବିଜେଡି ସରକାର ଘୋଷଣା କଲେ, କାର୍ଯ୍ୟ ମଧ୍ୟ ଆରମ୍ଭ ହେଲା। ମାତ୍ର ଲୋକଙ୍କ ସରକାର ଲୋକଙ୍କ ଦୀର୍ଘଦିନର ସଂଘର୍ଷ ଓ ଆଶାକୁ ଗୋଟିଏ ଚିଠିରେ ଆଶଙ୍କା ମଧ୍ୟକୁ ଠେଲିଦେଲେ। ଯାହାକୁ ନେଇ ଏବେ ୯ଟି ମୌଜାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ବିଦ୍ରୋହ ଦେଖାଦେଇଛି। ୮ ଦିନ ମଧ୍ୟରେ ସରକାର ନିଷ୍ପତ୍ତି ନ ନେଲେ ୯ଟି ମୌଜାର ଲୋକ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ୧୯୩୦ରୁ କୁଜଙ୍ଗ ତହସିଲ ଅଧୀନ କାଠଗଡ଼ା, ଝିମାଣୀ, ପୀତାମ୍ବରପୁର, ବାଲିଡିଆ, ବିଜୟଚାନ୍ଦପୁର, କତକୁଲା, ନୂଆଗଡ଼, ସିଜୁ, ଅଗନାସୀ, ବାହାରତରୀ, ଭିତରତରୀ, କୋଲଡିଆ ପ୍ରଭୃତି ୯ଟି ମୌଜାର ଜମି ଭୂ-ବନ୍ଦୋବସ୍ତ ହୋଇନାହିଁ। ଫଳରେ ସ୍ଥାନୀୟ ଲୋକେ ଜମି ଥାଇ ମଧ୍ୟ ନିଜ ପିଲାଙ୍କ ପାଇଁ ରେସିଡେଣ୍ଟ ସାର୍ଟିଫିକେଟ କାଢ଼ି ପାରୁନାହାନ୍ତି। ସ୍ଥାନୀୟ ଲୋକେ ଏହି ଘଟଣାକୁ ନେଇ ୨୦୧୮ରେ ଏକ କମିଟି ଗଠନ କରି ତତ୍କାଳୀନ ରାଜ୍ୟ ସରକାରଙ୍କୁ ଅବଗତ କରିବା ସହିତ ଏହାର ସମାଧାନ ପାଇଁ ନିବେଦନ କରିଥିଲେ। ଫଳରେ ତତ୍କାଳୀନ ସରକାର ଭୂ-ବନ୍ଦୋବସ୍ତ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇ ପାଖାପାଖି ୪୦ ପ୍ରତିଶତ କାମ ହୋଇଥିବା କୁଜଙ୍ଗ ତହସିଲଦାର ଜିଲ୍ଲାପାଳଙ୍କୁ ଅବଗତ କରିବା ସହିତ କର୍ମଚାରୀ ଅଭାବରୁ କାର୍ଯ୍ୟ ଆଗେଇ ପାରୁ ନ ଥିବା ଜଣାଇଥିଲେ। ଜିଲ୍ଲାପାଳ ବୋର୍ଡ ଅଫ୍ ରେଭିନ୍ୟୁ ଡାଇରେକ୍ଟରଙ୍କୁ ଚିଠି କଲେ ଏହି କାର୍ଯ୍ୟ ପାଇଁ ଅଧିକ ୨୪ ଜଣ କର୍ମଚାରୀ ଆବଶ୍ୟକ। କିନ୍ତୁ ଏହା ପୂର୍ବରୁ ସରକାର ସର୍ଭେ କାର୍ଯ୍ୟରେ ସମସ୍ୟା ଯୋଗୁଁ ସମ୍ବଲପୁର, ଯାଜପୁର, ସୁନ୍ଦରଗଡ଼, ବଲାଙ୍ଗୀର, ଜଗତସିଂହପୁର, କେନ୍ଦ୍ରାପଡା, କଳାହାଣ୍ଡିରେ ଭୂ-ବନ୍ଦୋବସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ସାରିଛନ୍ତି। ଯାହାକୁ ନେଇ ଏବେ ସ୍ଥାନୀୟ ଲୋକେ ଆନ୍ଦୋଳନ ଧମକ ଦେଇଛନ୍ତି। ଯଦି ଜିଲ୍ଲାପାଳ ସରକାରଙ୍କ ନିଷ୍ପତ୍ତି ଜାଣିପାରୁନାହାନ୍ତି, ତେବେ ଲୋକଙ୍କ ସରକାର କିଭଳି କାମ କରୁଛି ଓ ଏଥିରୁ ସାଧାରଣ ଲୋକେ କିପରି ନ୍ୟାୟ ପାଇବେ ବୋଲି ପ୍ରଶ୍ନ କରିଛନ୍ତି ଜମି ମାଲିକ। ଏହି ଘଟଣାକୁ ନେଇ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଅବଗତ କରାଯାଇଛି। ଯଦି ୮ଦିନ ଭିତରେ କିଛି ନିଷ୍ପତ୍ତି ନିଆ ନ ଯାଏ, ତେବେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି ସ୍ଥାନୀୟ ମୌଜାର ବାସିନ୍ଦା।

ସକାଳ
THE SAKALA



### ଚେନ୍ନାଇରେ ଦାଦନ ଖଟୁଛି ସ୍ୱାମୀ

# ପାହାଡ଼ ତଳେ ଜରି କାନ୍ଥ ଘରେ ଏକୁଟିଆ ପରିବାର

ଯଖପୁରା,୨୧।୭ (ସମିସ)



**ଶିଳ୍ପାଞ୍ଚଳରୁ ଦାଦନ ଶ୍ରମିକ**

କଳିଙ୍ଗନଗର ଗଢି ଉଠିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, କଳକାରଖାନା ଗଢିଉଠିଲେ ସ୍ଥାନୀୟ ବାସିନ୍ଦା ସେମାନଙ୍କ ନିଯୁକ୍ତି ହେବ ବା ଅନ୍ୟ କୌଣସି ମାଧ୍ୟମ ଦ୍ୱାରା ସ୍ଥାୟୀ ରୋଜଗାରର ପନ୍ଥା ବାହାରିପଡିବ। କିନ୍ତୁ ଏଠାରେ ସ୍ଥାନୀୟ ବାସିନ୍ଦାମାନଙ୍କୁ ନିଯୁକ୍ତି ନ ମିଳିବାରୁ ସେମାନେ ବାଧହୋଇ ନିଜର ପରିବାର ପ୍ରତିପୋଷଣ କରିବା ପାଇଁ ସୁଦୂର ଚେନ୍ନାଇ ଯିବାକୁ ପଡୁଛି। କଳିଙ୍ଗନଗରରେ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ନ ଦିଆଯାଇ ବାହାର ଜିଲ୍ଲା ତଥା ରାଜ୍ୟରୁ ନିଯୁକ୍ତି ଦିଆଯାଉଛି। ସେମିତି ଏକ ପରିବାରକୁ ଏକୁଟିଆ ପାହାଡ଼ ତଳେ ଛାଡି ସୁଦୂର ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଛି ଜଣେ ନିରୁପାୟ ଶ୍ରମିକ।

ଦାନଗଦି ବ୍ଲକ ଚାନ୍ଦିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝୁମ୍ପୁରୀ ପାହାଡ ତଳେ ଘର କରି ରହିଥିବା ଟୁକୁନା ପାତ୍ର (୪୨)ଙ୍କ ପରିବାର। ସ୍ତ୍ରୀ ରିନା ପାତ୍ର (୪୧) ଉପରେ ପରିବାରର ସମସ୍ତ ଦାୟିତ୍ୱ ଦେଇ ନିଜେ ପରିବାର ମୁହଁରେ ଦାନା ଯୋଗାଡ଼ କରିବା ପାଇଁ ଚେନ୍ନାଇରେ ଦାଦନ ଖଟୁଛି। ଟୁକୁନାର ଚାରୋଟି ଛୁଆ ପିଲା ଥିବାବେଳେ ବଡ଼ ଝିଅ ଲକ୍ଷ୍ମୀ (୮ମ), ମଝିଆଁ ଝିଅ ସରସ୍ୱତୀ (୭ମ), ସାନ ଝିଅ ଲଭଲି (୫ମ)ରେ ପାଖ ଗୋଲାଗାଁ ବିଦ୍ୟାଳୟରେ ପଢୁଥିବା ବେଳେ ସାନ ପୁଅ (୪ବର୍ଷ) ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଛନ୍ତି। ନିଜ ନାମରେ ଜମି ଖଣ୍ଡେ ନଥିବାରୁ ଗୋଲାଗାଁରେ ଥିବା ଏକ ଅନାବାଦୀ ଜମିରେ ମାଟି କାନ୍ଥରେ ଘରଟିଏ ତିଆରି କରି ରହିଆସୁଥିଲା। ପାଖରେ ଅନ୍ୟମାନଙ୍କ ଚାଷ ଜମିଥିବାରୁ ସେମାନେ ଧିରେ ଧିରେ ତା' ଘର ପାଖକୁ ମାଡି ଆସିବାରୁ ଚଳପ୍ରଚଳ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଲେ। ବାଧହୋଇ ମାଟି କାନ୍ଥ ଘରକୁ ଛାଡ଼ି ପାଖ ଝୁମ୍ପିରୀ ପାହାଡ ତଳେ ମୁଣ୍ଡ ଗୁଞ୍ଜିବା ପାଇଁ ଚାଲିଗଲେ। ସେଠାରେ ଏକ ପାଲ ଛପର ଘର ତିଆରି କରି ନିଜ ପରିବାରକୁ ରଖିଲେ। ଗତ ୭ବର୍ଷ ହେବ ଏହି ପାଲ ଛପର ଓ ପାଲରେ ଆବଦ୍ଧ କାନ୍ଥ ଘରେ ରହି ଆସୁଛି ଏହି ନିରାଶ୍ରୟ ପରିବାର। ଟୁକୁନାର ରୋଜଗାର ହିସାବରେ କେବଳ ପରିବାର ମୁହଁରେ ଦାନା ଦେବା ବିନା ଗୋଟିଏ ହେଲେ ଟଙ୍କା ବଳୁନଥିଲା। ତେଣୁ ତା' ପକ୍ଷେ ଘରଟିଏ ତିଆରି କରିବା ସମ୍ଭବପର ନଥିଲା। ପ୍ରଶାସନକୁ ବହୁବାର ଅନୁରୋଧ କରିଥିଲେ ମଧ୍ୟ ତାକୁ ଘର ଖଣ୍ଡ ମିଳିପାରିନାହିଁ। ଧୀରେ ଧୀରେ ପିଲାମାନେ ବଡ଼ ହେବାରୁ ପରିବାରର ଖର୍ଚ୍ଚ ବଢ଼ିବାରେ ଲାଗିଲା। ପିଲାମାନଙ୍କୁ ପ୍ରତିପୋଷଣ କରିବା ଦିନକୁ ଦିନ ଟୁକୁନା ପାଇଁ ବୋଝ ହେବାରେ ଲାଗିଲା।

ଶିଳ୍ପନଗରରେ ଏତେ ସଂଖ୍ୟାରେ କଳକାରଖାନା ସ୍ଥାପନ କରାଯାଇଥିଲେ ସୁଦ୍ଧା ସ୍ଥାନୀୟ ଗରିବ, ଶ୍ରମିକମାନଙ୍କୁ ଏହାର କୌଣସି ପ୍ରକାର ଉପକାରିତା ମିଳିପାରିଲା ନାହିଁ। ଏଠାରେ ସ୍ଥାନୀୟ ବାସିନ୍ଦାମାନଙ୍କୁ ଅଗ୍ରାଧିକାର ନ ଦିଆଯାଇ ଜିଲ୍ଲା ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ନିଯୁକ୍ତି ମିଳୁଛି। କଳିଙ୍ଗନଗରରେ ଯାହାର ଯେତେ ସମ୍ଭବ ରାଜନୈତିକ ସମ୍ପର୍କଥିବ ସେ ସେହି ଅନୁସାରେ ଲାଭବାନ ହୋଇପାରିବ। ମାତ୍ର ଏଠାରେ ଗରିବଟିଏ ଆହୁରି ଗରିବ ପଛେ ହୋଇଚାଲିବ କିନ୍ତୁ ତା ଦୁଃଖ ବୁଝିବା ପାଇଁ କେହି ନାହାଁନ୍ତି। ଏହିପରି ଏକ ଶିକାର ହେଇଛି ଗୋଲାଗାଁର ଟୁକୁନା ପାତ୍ର। ଏଠାରେ ପ୍ରତ୍ୟେକ ଦିନ ମଜୁରୀ ନମିଳିବାରୁ ପରିବାର ମୁହଁରେ ଭଲରେ ଟିକେ ଖାଦ୍ୟ ଯୋଗାଡ଼ କରିପାରିଲା ନାହିଁ। ଶେଷରେ ବାଧହୋଇ ତିନୋଟି ଝିଅ ଓ ଗୋଟିଏ ୪ ବର୍ଷର ଛୁଆକୁ ସ୍ତ୍ରୀ ହାତରେ ଛାଡ଼ି ସୁଦୂର ଚେନ୍ନାଇ ଦାଦନ ଖଟିବାକୁ ଚାଲିଯାଇଛି। ଝୁମ୍ପୁରି ପାହାଡ଼ ତଳେ ଏକୁଟିଆ ପାଲ ଛପର ଓ ପାଲରେ ଆବଦ୍ଧ କାନ୍ଥ ଥିବା ଘରେ ଚାରୋଟି ଛୁଆଙ୍କୁ ଧରି କେତେ ଯେ କଷ୍ଟରେ ଜୀବନ ଅତିବାହିତ କରୁଛି ତାହା କେବଳ ମା' ରୀନା ପାତ୍ର ହିଁ ଜାଣିଛି।

ଟୁକୁନାର ପରିବାର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ପୁଅକୁ ଛାଡି ବାକି ୫ ଜଣଙ୍କ ରାସନ କାର୍ଡ ଥିବାବେଳେ ପ୍ରଶାସନ ପକ୍ଷରୁ ଏହା ବ୍ୟତୀତ ଅନ୍ୟ କୌଣସି ସରକାରୀ ସୁବିଧା ସୁଯୋଗ ପାଇପାରିନାହିଁ। ଏ ନେଇ ରୀନା କୁହନ୍ତି, ଘର ପାଖରେ ଏତେ କଳକାରଖାନା ଥାଇ ମଧ୍ୟ କାମ ନମିଳିବାରୁ ସ୍ୱାମୀ ବାଧହୋଇ ଘର ସଂସାର ଛାଡି ଚେନ୍ନାଇ ଚାଲିଯାଇଛନ୍ତି। ସେଠାରୁ ଯାହାକିଛି ଟଙ୍କା ପଠାଉଛନ୍ତି ସେତିକିରେ ଚାରୋଟି ଛୁଆଙ୍କୁ ପାଳିବା କଷ୍ଟ ହେଉଛି। ସେଥିରୁ ବଳିଲେ ସିନା ଘର କରିବା କଥା ଚିନ୍ତାକରିବୁ। ପ୍ରଶାସିକ ଏଥିପ୍ରତି ଦୃଷ୍ଟି ଦେଇ ବଣଜଙ୍ଗଲରେ ପାଲ କୁଡିଆରେ ରହିଥିବା ଅସହାୟ ପରିବାରକୁ ତୁରନ୍ତ ଘରଟିଏ ପ୍ରଦାନ କରାଇଲେ ଗରିବ ପରିବାରଟି ରହିବା ପାଇଁ ଆଶ୍ରା ପାଇଯାଆନ୍ତା।

## ରାସ୍ତାରେ ପାଣି ଜମି ଯାତାୟାତରେ ସମସ୍ୟା



ରଗଡ଼ି,୨୧।୭ (ସମିସ): କୋରେଇ ବ୍ଲକ ଅସନଝର ପଞ୍ଚାୟତରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ରାସ୍ତାରେ ସର୍ବଦା ପାଣି ଜମି ରହୁଛି। ଲଗାଣ ବର୍ଷା ହେଲେ ଅବସ୍ଥା ଆହୁରି ଖରାପ୍। ତିନିଫୁଟରୁ ଊର୍ଦ୍ଧ୍ୱ ପାଣି ଜମିରହେ। ଯାହା ଫଳରେ ଯାତାୟାତରେ ଏହା ଘୋର ସମସ୍ୟା ସୃଷ୍ଟି କରେ। ଏହା ଦୀର୍ଘ ଦିନର ସମସ୍ୟା ହୋଇଥିଲେ ମଧ୍ୟ ଏଥି ପ୍ରତି କେହି ନଜର ଦେଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଗ୍ରାମବାସୀ ଅଧିକ ସମସ୍ୟା ଭୋଗୁଛନ୍ତି। ଅସନଝର ପଞ୍ଚାୟତ ବଛିପୁର ଗ୍ରାମରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ପୂର୍ବକୋଟ-ଖଜୁରୀ ନାଲୁଆ ରାସ୍ତା ବଛିପୁର ଗ୍ରାମଦେଇ ଅତିକ୍ରମ କରିଛି। ନିର୍ମାଣରେ ତ୍ରୁଟି, ଖାଲୁଆ ଜାଗା ଓ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ୫୦ଫୁଟ ରାସ୍ତାରେ ସର୍ବଦା ପାଣି ଜମି ରହୁଛି। ଏହା ଯେ କେବଳ ଯାତାୟାତରେ ସମସ୍ୟା ସୃଷ୍ଟି କରିଛି ତା' ନୁହେଁ; ପାଣି ଜମି ରହିବା ଓ ଏଥିରେ ଅଳିଆ ଆବର୍ଜନା ମିଶି ପଚିବା ଫଳରେ ଏଥିରୁ ଦୁର୍ଗନ୍ଧ ବାହାରି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ପୋକଜୋକ ମଧ୍ୟ ଏଥିରେ ରହି ଭୟ ସୃଷ୍ଟି କରିଛନ୍ତି। ଡ୍ରେନେଜ ବ୍ୟବସ୍ଥା ଓ ଖାଲୁଆ ରହିଥିବା ରାସ୍ତାର ମରାମତି କରାଯାଇ ପାଣି ନିଷ୍କାସନ ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଯାଜପୁର,୨୧।୭ (ସମିସ): ଚଳିତ ବର୍ଷ ୭୯ତମ ଯାଜପୁର ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗଦେଇ ଆଲୋଚନା କରିଥିଲେ। ବୈଠକର ନିଷ୍ପତି ଅନୁଯାୟୀ ଜିଲ୍ଲା ସଦର ମହକୁମା ସ୍ଥିତ ପ୍ରଶାସନିକ ଭବନ ପଡ଼ିଆରେ ଚଳିତ ବର୍ଷ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯିବ। ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷରୁ ରାମଧୁନ ପରିବେଷଣ, ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ, ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଚିତ୍ରାଙ୍କନ ଓ ମାଧ୍ୟମିକ, ଉଚ୍ଚବିଦ୍ୟାଳୟ ସ୍ତରରେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ସେହିପରି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ପ୍ୟାରେଡ଼ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେଥିପାଇଁ ଅଗଷ୍ଟ ୧୦ ତାରିଖରେ ସାଂସ୍କୃତିକ ଦଳ ଚୟନ ନିମନ୍ତେ ପ୍ରତିଯୋଗିତା ଓ ଓପନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଭ୍ୟାସ ପ୍ୟାରେଡ଼ ୧୧, ୧୨, ୧୩ ତାରିଖରେ ହେବ। ସ୍ୱାଧୀନତା ଦିବସ ଉପଲକ୍ଷେ ସକାଳ ୫.୩୦ ମିନିଟ ଠାରୁ ୬.୩୦ ମିନିଟ ପର୍ଯ୍ୟନ୍ତ ସଦର ମହକୁମା ଓ ବ୍ଲକ ସ୍ତରରେ ପ୍ରଭାତ ଫେରୀ ଆୟୋଜନ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ନିରୀକ୍ଷକ ଟାଉନ ଥାନା ଶରତ ଚନ୍ଦ୍ର ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସମେତ ବୁଦ୍ଧିଜୀବୀ, ଆଇନଜୀବୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।




## ଜାରକା ଇନର ହୁଇଲ କ୍ଲବର ଅଭିଷେକ ଉତ୍ସବ

ଧର୍ମଶାଳା,୨୧।୭ (ସମିସ): ଧର୍ମଶାଳା ଷ୍ଟାଡିଅମ ପରିସରରେ ଜାରକା ଇନରହୁଇଲ କ୍ଲବର ଅଭିଷେକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇ କ୍ଲବର ଲୋଗୋକୁ ଉନ୍ମୋଚନ କରିଥିଲେ। ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସଭାପତି ରଶ୍ମିତା ନାୟକ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରି ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଇନରହୁଇଲ କ୍ଲବ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ, ସହାୟକ ଗଭର୍ଣ୍ଣର ସୁବାସ ଚନ୍ଦ୍ର ମହାପାତ୍ର ଓ ଜୋନାଲ ଅଧ୍ୟକ୍ଷ ସୁଦିପ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ରଶ୍ମିତା ନାୟକ ନବ ନିର୍ବାଚିତ ସଭାପତି ଲୋପାମୁଦ୍ରା ଷେଣ୍ଠ ଓ ସମ୍ପାଦକ ପ୍ରଭାତ ନଳିନୀ ସାହୁଙ୍କୁ ଚଳିତବର୍ଷ ନିମନ୍ତେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଉତ୍ସବର ପ୍ରାରମ୍ଭରେ ପୂର୍ବତନ ସଭାପତି ମାଧୁରୀ ଶତପଥୀ ବେଦ ପାଠ କରିଥିଲେ। ପୂର୍ବତନ ସମ୍ପାଦକ ବିଶ୍ୱାମିତ୍ରା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅର୍ଚ୍ଚନା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ନିମନ୍ତ୍ରିତ ଅତିଥିଭାବେ ଧର୍ମଶାଳା ବିଡିଓ ଜୋତିର୍ମୟ କର, ଭୁବନେଶ୍ୱରର ଏସିପି ଅମିତାଭ ମହାପାତ୍ର, ଡା. ସୁଧୀର କୁମାର ସାହୁ, ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ଯୋଗ ଦେଇଥିଲେ। ଏତଦବ୍ୟତୀତ ଭୁବନେଶ୍ୱର, କଟକ, ଯାଜପୁର ଟାଉନ, ବିରଜାକ୍ଷେତ୍ର, ବ୍ୟାସନଗର, କଳିଙ୍ଗ ନଗର, କେନ୍ଦୁଝର, ଭଦ୍ରକ, ବ୍ରହ୍ମପୁର ଆଦି କ୍ଲବର କର୍ମକର୍ତ୍ତାଙ୍କ ସମେତ ଆମ ଆଶ୍ରମ, ଅସହାୟର ବନ୍ଧୁ, ଅଂଶୁମାନ ମେମୋରିଆଲ ଟ୍ରଷ୍ଟ, ବରିଷ୍ଠ ନାଗରିକ ମଞ୍ଚର ପ୍ରମୁଖ ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବାହ୍ନରେ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଓ ଫିଜିଓଥେରାପି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ଯାଜପୁର ଜିଲ୍ଲାର ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଶତପଥୀ ଯୋଗଦେଇ ଉଦଘାଟନ କରିଥିଲେ। ପୂର୍ବତନ ସଭାପତି ଶୁଭଲକ୍ଷ୍ମୀ କର ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷତ୍ରିୟ ଖଣ୍ଡାୟତ ସମାବେଶ ୨୭ରେ

ସିଂହପୁର,୨୧।୭ (ସମିସ): କ୍ଷତ୍ରିୟ ଖଣ୍ଡାୟତ ଗରିମା ଓ ଐକ୍ୟତା ରକ୍ଷା ନିମନ୍ତେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ସାଇ ମଣ୍ଡପ ପରିସରରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆଲୋକ ବଳିଆର ସିଂହଙ୍କ ଆବାହକରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଧର ଜେନା, କୃଷ୍ଣଚନ୍ଦ୍ର ଥଟୋଇ, ସୁଶାନ୍ତ କୁମାର ନାୟକ, ପ୍ରଦୀପ କୁମାର ଜେନା, ଚନ୍ଦ୍ରଶେଖର ନାୟକ, ସୁବାସ ଚନ୍ଦ୍ର ପ୍ରଧାନ, ମଳୟ କୁମାର ଥାଟୋଇ, ଭରତ ଚନ୍ଦ୍ର ନାୟକ, ରାମନାରାୟଣ ବଳିଆରସିଂହ, ଅନଙ୍ଗ ଉଦୟ ବେଉରିଆ, କୈଳାସ ସାମଲ, ରାଜୀବ ଲୋଚନ ବେଉରିଆ, ଉତ୍କଳ କୁମାର ନାୟକ, ଅମରେନ୍ଦ୍ର ଜେନା, ଜ୍ଞାନେନ୍ଦ୍ର ବେଉରିଆ, ନିର୍ମଳ ଜେନା, ଦୀନବନ୍ଧୁ ଥାଟୋଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କ୍ଷତ୍ରିୟ ବ୍ୟକ୍ତି ଯୋଗ ଦେଇଥିଲେ। ଆଗମୀ ୨୭ ତାରିଖ ସିଂହପୁରରେ ଏକ ବଡ଼ଧରଣର ବୈଠକ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସମାରୋହରେ ପାଳନ କରାଯିବ ସେ ସଂପର୍କରେ ଆଲୋଚନା କରଯାଇଥିଲା।

## କାମରେ ଲାଗୁନି କଲ୍ୟାଣ ମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସ

ରଗଡ଼ି,୨୧।୭ (ସମିସ): କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ ମା' କାମୁଡ଼େଇ କଲ୍ୟାଣ ମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସ କାମରେ ଲାଗୁନି। ଯାହା ଦ୍ୱାରା ପଞ୍ଚାୟତ ଆୟ ବୃଦ୍ଧିରେ ଏହା ସହାୟକ ହୋଇପାରୁନି। ୨୦୧୬ ମସିହାରେ ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୋରେଇର ତତ୍କାଳୀନ ବିଧାୟକ ଆକାଶ ଦାସ ନାୟକଙ୍କ ଦ୍ୱାରା ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ତେବେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହାର ଆନୁଷଙ୍ଗିକ ପାନୀୟଜଳ, ବିଦ୍ୟୁତ କରଣ, ରୋଷେଇ ଶାଳା ଓ ପାଚେରୀ ବ୍ୟବସ୍ଥା ନଥିବାରୁ ଏହା କାମରେ ଲାଗି ପାରୁନାହିଁ। ଏସବୁ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଭାବେ ପଞ୍ଚାୟତ ପକ୍ଷରୁ ଦିଆଯାଇଛି। ବର୍ତ୍ତମାନର ବିଧାୟକଙ୍କ ଦ୍ୱାରା କାର୍ଯ୍ୟର ଶୁଭାରମ୍ଭ କରାଯାଇଥିବା ବେଳେ ବାକି ରହିଥିବା କାର୍ଯ୍ୟ ପ୍ରତି ସେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ଯୁବମୋର୍ଚ୍ଚା ସଭାପତିଙ୍କ ବିରୋଧରେ ଥାନାରେ ଏତଲା

ବିଞ୍ଝାରପୁର,୨୧।୭ (ସମିସ): ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କଂଗ୍ରେସ ଦଳକୁ ବଳାତ୍କାରୀ ଦଳ କହିବା ଓ ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀଙ୍କୁ ଦେଶଦ୍ରୋହୀ କହିଥିଲେ। କଂଗ୍ରେସ ଦଳ ଓ ଲୋକସଭାର ବିରୋଧିଦଳର ନେତାଙ୍କୁ ବିଜେପି ଯୁବମୋର୍ଚ୍ଚା ସଭାପତିଙ୍କ ଦାୟିତ୍ୱହିନ କଟୁ ମନ୍ତବ୍ୟକୁ ବିରୋଧ କରି ସୋମବାର ଅପରାହ୍ନରେ ଏଆଇସିସି ସଭ୍ୟ ପଦ୍ମାକର ଗୁରୁ ବିଞ୍ଝାରପୁର ଥାନାରେ ଏକ ଏତଲା ଦେଇଛନ୍ତି। ଏହି ଏତଲା ଦେବା ସମୟରେ ବିଞ୍ଝାରପୁର କଂଗ୍ରେସ ଦଳର ଛାମୁଆ ନେତା ସରୋଜ ନାୟକ, ବିଜୟ ଦାସ, ପ୍ରକାଶ ଦାସ, ଶେଖ୍ ଆବୁ ଆକାର ଖାନ୍, ପୂର୍ଣ୍ଣଚନ୍ଦ୍ର ଜେନା, ମିଥୁନ ମଲ୍ଲିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ହାତୀବାରିରେ ଅଗ୍ନିକାଣ୍ଡ

ହାତୀବାରି,୨୧।୭ (ସମିସ): ହାତୀବାରି ଗ୍ରାମ ମହାଦେବ ସାହିର ପ୍ରଦୀପ ପ୍ରଧାନ (ଅଲ୍ଲା)ଙ୍କ ଘରେ ଅଗ୍ନିକାଣ୍ଡ ଘଟି ଘରର ସବୁ ଆସବାବପତ୍ର ପୋଡ଼ିଯାଇଛି। ପ୍ରଦୀପ ଖରାବେଳେ ଶୋଇଥିବା ସମୟରେ ହଠାତ ଲାଇନ୍ କଟିଯିବାରୁ ଗରମ ସହ୍ୟ ନ କରିପାରି ପଦାକୁ ଚାଲିଯାଇଥିଲେ। କିଛି ସମୟ ପରେ ଲାଇନ୍ ଆସି କେଉଁଠାରୁ ସଟ୍‌ସର୍କିଟ ହୋଇ ଘର ପୋଡ଼ିଯାଉଥିଲା। ତାଙ୍କ ସ୍ତ୍ରୀ ଘର କବାଟ ଖୋଲିଲା ବେଳକୁ ଘର ଭିତରେ ସବୁ ଜଳୁଥିବା ଦେଖି ଜୋରରେ ଡାକ ଛାଡିଲା ପରେ ଲୋକମାନେ ଅଗ୍ନିଶମ ବିଭାଗକୁ ଫୋନ କରିବା ପରେ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲିଭିଲା ବେଳକୁ ପ୍ରାୟତଃ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହୋଇ ଯାଇଥିଲା। ପ୍ରଦୀପଙ୍କ କିଡ୍‌ନୀ ଖରାପ ହୋଇ ଡାଇଲାସିସ୍ ଚାଲୁଥିବା ସମୟରେ ଏ ବିପଦ ପରିବାରକୁ ଦୁଃଖ ମଧ୍ୟକୁ ଠେଲି ଦେଇଛି। ପ୍ରଶାସନ ସହଯୋଗ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅଖିଳ ଚକ୍ର ପକ୍ଷରୁ ଆଲୋଚନାଚକ୍ର

ପ୍ରୀତିପୁର,୨୧।୭ (ସମିସ): ଅଖିଳଚକ୍ର ପକ୍ଷରୁ ଏକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଖିଳଚକ୍ରର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆମ ଦେଶର ଆଇନ୍, ସାମ୍ବିଧାନିକ ବ୍ୟବସ୍ଥା ଶାସକ, ପ୍ରଶାସକ ଓ ଆଇନ ମଧ୍ୟରେ ଥିବା ବ୍ୟତିକ୍ରମ ସଂପର୍କରେ ଏଥିରେ ଆଲୋଚନା କରାଯାଇଥିଲା। ଏଥିରେ ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ, ସୁବାସ ଚନ୍ଦ୍ର ସାହାଣୀ, ପଣ୍ଡିତ ମହେଶ୍ୱର ନନ୍ଦ, ସାମ୍ବାଦିକ ଅଜୟ କୁମାର ଦାସ, ଗୌରାଙ୍ଗ ସ୍ୱାଇଁ, ମୀନାକ୍ଷୀ ଦ୍ୱିବେଦୀ, ଶରତ କୁମାର ନାୟକ, ସନ୍ତୋଷ ବେହୁରିଆ, କବି ଧନେଶ୍ୱର ରାଉତ, ଶିକ୍ଷା ମହାପାତ୍ର, ଡ. ଶ୍ରୀହରି ଧଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରବୀନ୍ଦ୍ର କୁମାର ପରିଡା ଧନ୍ୟବାଦ ଦେଇଥିଲେ।

## ଦୁର୍ଗାପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

କାଳିଆପାଣି,୨୧।୭ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖଣିଅଞ୍ଚଳରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଡ଼ ଧୁମ୍‌ଧାମରେ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୌରିକ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ପ୍ରଥମ ପ୍ରସ୍ତୁତି ବୈଠକ ଆଜି କଲରଙ୍ଗିଅତା ଦୁର୍ଗା ପୂଜା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ କିପରି ଯାକଜମକରେ ହେବ ସେ ବିଷୟରେ ପ୍ରତ୍ୟେକ ପଦପଦବୀରେ ଥିବା ବ୍ୟକ୍ତି ତାଙ୍କର ମତାମତ ଦେଇଥିଲେ। ଆଜିର ଏହି ବୈଠକରେ ସୌରିକ ସାର୍ବଜନୀନ ଦୁର୍ଗାପୂଜା କମିଟିର ଭରତ ଚନ୍ଦ୍ର ମହାନ୍ତ, ପ୍ରଭାତ ରଞ୍ଜନ ପ୍ରଧାନ, ଅଜୟ କୁମାର ନାୟକ, ବୈକୁଣ୍ଠ ମହାନ୍ତ, ବିଶ୍ୱଜିତ ମହାନ୍ତି, ଆଶିଷ କୁମାର ଜେନା, ନରେନ୍ଦ୍ର ଦାସ, ଦଶରଥ ମହାନ୍ତ, ମାନସ ରଞ୍ଜନ ଭଞ୍ଜ, ମୋତିଲାଲ ମହାନ୍ତ, ସମ୍ରାଟ ସାମଲ, ଜଗବନ୍ଧୁ ମହାନ୍ତ, ବିଭୂତି ପ୍ରଧାନ ଏବଂ ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି, ରାଁସୋଳ ସରପଞ୍ଚ କନକଲତା ସର୍ଦ୍ଦାର, କାଳିଆପାଣି ସରପଞ୍ଚ ବିକାଶ କୁମାର ପାତ୍ର, ଚିଙ୍ଗୁଡ଼ିପାଳ ସରପଞ୍ଚ ଅଞ୍ଜଳି ଦେହୁରୀ, କଂସ ସରପଞ୍ଚ ରାଜାରାଣୀ ଦେହୁରୀ, କାଙ୍କଡ଼ପାଳ ସରପଞ୍ଚ ସଞ୍ଜୟ ପରିଡ଼ା ଓ ସମସ୍ତ ଯାତ୍ରା କମିଟି, ପୂଜା କମିଟି, ମୀନାବଜାର କମିଟି ସଦସ୍ୟ ଉପସ୍ଥିତ ରହି ପୂଜା ଆଲୋଚନା କରିଥିଲେ।

## ପୁସ୍ତକରୁ ପାଇକ୍ ବିଦ୍ରୋହ ବାଦ ପଡ଼ିବାକୁ ପ୍ରତିବାଦ

ପ୍ରୀତିପୁର,୨୧।୭ (ସମିସ): ଇତିହାସ ପୁସ୍ତକରେ ପୂର୍ବରୁ ସ୍ଥାନ ପାଇଥିବା ଓଡ଼ିଶାର ପାଇକ୍ ବିଦ୍ରୋହ ପ୍ରଥମ ସ୍ୱାଧୀନତାର ସଂଗ୍ରାମକୁ ବାଦ୍ ଦେବା ଘଟଣାକୁ ପ୍ରତିବାଦ କରିଛି ଅଖିଳଚକ୍ର ସାରସ୍ୱତ ସଂଗଠନ। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧୀନସ୍ଥ ସଂସ୍ଥା ଏନସିଇଆରଟି ପକ୍ଷରୁ ଏବେ ସେ ବିଷୟକୁ ବାଦ୍ ଦିଆଯାଇଥିବାରୁ ଅନୁଷ୍ଠାନର ଉପସଭାପତି ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ, ଡ. ଶ୍ରୀହରି ଧଳ, ସହ ସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ସହସଂପାଦକ ରବୀନ୍ଦ୍ର କୁମାର ପରିଡା, ଅଭୟ କୁମାର ଖୁଣ୍ଟିଆ, ଅଟଳବିହାରୀ ନାୟକ, ସୂର୍ଯ୍ୟମଣୀ ବିଶ୍ୱାଳ ପ୍ରମୁଖ ଏହାର ପ୍ରତିବାଦ କରି କେନ୍ଦ୍ର ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସମ୍ପାଦକ ହରେକୃଷ୍ଣ ପଣ୍ଡା କେନ୍ଦ୍ର ସରକାର ଏହାର ପୁନର୍ବିଚାର ପାଇଁ ଦାବି ଜଣାଇଛନ୍ତି। କେନ୍ଦ୍ର ସରକାର ଓ କେନ୍ଦ୍ରର ଶିକ୍ଷା ବିଭାଗ ଓଡିଶାର ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଯଥା ମାନ୍ୟତା ଦେବାକୁ ଶ୍ରୀ ପଣ୍ଡା ଦାବି ଜଣାଇଛନ୍ତି।

## ଶ୍ରୀବନ୍ତ ସରକାରୀ ସ୍କୁଲରେ ବୃକ୍ଷରୋପଣ

ସିଂହପୁର,୨୧।୭ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁରରେ ବନମହୋତ୍ସବ ସପ୍ତାହ ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ରଙ୍କ ତତ୍ତ୍ୱାବଧାନରେ ତଥା ଇକୋ କ୍ଲବର ଇନଚାର୍ଜ ନଳିନୀପ୍ରଭା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଇତ୍ୟବସରରେ ବିଦ୍ୟାଳୟର ଇକୋ କ୍ଲବର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ, ଚିତ୍ରକଳା, ତର୍କ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ଇକୋ କ୍ଲବ ପକ୍ଷରୁ ପୁରସ୍କାର ସ୍ୱରୂପ ଗଛର ଚାରା ପ୍ରଦାନ କରାଯାଇଥିଲା। ମା'ପାଇଁ ଗଛଟିଏ' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଆମ ବ୍ୟାଙ୍କ ସେବା ବ୍ୟବସ୍ଥା ବନ୍ଦ

ରଗଡ଼ି,୨୧।୭ (ସମିସ): ଗ୍ରାମାଞ୍ଚଳ ଲୋକଙ୍କୁ ହାତ ପାଆନ୍ତାରେ ବ୍ୟାଙ୍କ ସେବା ଯୋଗାଇ ଦେବାପାଇଁ ପୂର୍ବ ବିଜେଡି ସରକାର ଯେଉଁ ସବୁ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ନାହିଁ ସେଠାରେ ଆମ ବ୍ୟାଙ୍କ ସେବା (ସିପିଏସ୍ ପ୍ଲସ) ଆଉଟ ଲେଟ ନାମରେ ଲୋକଙ୍କୁ ବ୍ୟାଙ୍କ ସୁବିଧା ଦେବାର ବ୍ୟବସ୍ଥା କରିଥିଲେ। ଏଥିପାଇଁ ସ୍ୱତନ୍ତ୍ରଭାବେ ବ୍ୟାଙ୍କ ଗୃହ ନିର୍ମାଣ ନିମନ୍ତେ ୫୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ୫ଟି ଜାତୀୟ କରଣ ବ୍ୟାଙ୍କ ଏହି ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ସହ ଚୁକ୍ତି ହୋଇଥିଲା। ଏହି ଭିତ୍ତିରେ କୋରେଇ ବ୍ଲକରେ ୧୦ରୁ ଊର୍ଦ୍ଧ୍ୱ ମୋ ବ୍ୟାଙ୍କ ସେବା ବ୍ୟବସ୍ଥା ଚୂଡ଼ାନ୍ତ ହୋଇ ୨୮ ନଭେମ୍ବର ୨୦୨୩ ଫେବୃୟାରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମାଧ୍ୟମରେ ଏହାର ଲୋକାର୍ପଣ କରିଥିଲେ। ତେବେ ଏ ସବୁ ବ୍ୟବସ୍ଥା ଏବେ ବନ୍ଦ। ପଛିକୋଟ ପଞ୍ଚାୟତରେ ୟୁନିଅନ ବ୍ୟାଙ୍କ୍‌କୁ ଏହି ସେବା ଯୋଗାଇ ଦେବାକୁ ଦାୟିତ୍ୱ ଦିଆଯାଇଥିଲା। ପ୍ରାୟ ଦୁଇମାସ ବ୍ୟାଙ୍କ ସେବା ଚାଲିବା ପରେ ଏଠାରେ ନିଯୁକ୍ତି ପାଇଥିବା କର୍ମଚାରୀ ଆଉ ଆସିଲେନାହିଁ। ଯାହା ଫଳରେ ବ୍ୟାଙ୍କ ଘରେ ଏବେ ତାଲା ଝୁଲୁଛି। କେଉଁଠି ଗୃହ ନିର୍ମାଣ ଶେଷ ହୋଇଥଲେ ମଧ୍ୟ କର୍ମଚାରୀ ନିଯୁକ୍ତି ପାଇ ନଥିବା ବେଳେ କେଉଁଠି ଗୃହ ନିର୍ମାଣ ଚାଲିଛି ତ ଆଉ କେଉଁଠି କର୍ମଚାରୀ ନିଯୁକ୍ତି ପରେ ଆଉ ଆସୁନାହାନ୍ତି। ଯାହା ଫଳରେ ତତ୍କାଳୀନ ସରକାରଙ୍କ ମହତାକାଂକ୍ଷୀ ଯୋଜନା ଲୋକଙ୍କ ସେବାରେ ଲାଗି ପାରୁନାହିଁ। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଧର୍ମଶାଳାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ୧୫୬ଟି ଅଭିଯୋଗର ତତ୍କାଳ ଫଇସଲା

ଧର୍ମଶାଳା,୨୧।୭ (ସମିସ)

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୧୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୯ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୫୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୫୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମଣ୍ଡଳ ଉନ୍ନୟନ ଅଧିକାରୀ, ଧର୍ମଶାଳା ଜ୍ୟୋତିର୍ମୟ କର, ଭାରପ୍ରାପ୍ତ ତହସିଲଦାର, ଧର୍ମଶାଳା ଭବେଷ ମାଝୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



# ସ୍କ୍ରାପ୍ ବ୍ୟବସାୟୀ, ଗ୍ୟାରେଜ ମାଲିକ ସମେତ ୭ ଗିରଫ





ରାଉରକେଲା, ୨୧।୭ (ସମିସ)

ରାଉରକେଲା ସହରର ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି ଘଟଣାରେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଏକ ବଡଧରଣର ଗ୍ୟାଙ୍ଗକୁ ପୁଲିସ ଧରିବାରେ ସକ୍ଷମ ହୋଇଛନ୍ତି। ଏହି ଘଟଣାରେ ସ୍କ୍ରାପ୍ ବ୍ୟବସାୟୀ, ଗ୍ୟାରେଜ ମାଲିକ ସହ ୭ ବାଇକ ଚୋରଙ୍କୁ ପୁଲିସ ଗିରଫ କରିଛି। ଏହାସହ ୪ଟି ଅକ୍ଷୁର୍ଣ୍ଣ ଚୋରି ବାଇକ ସହ ମୋଟ ୧୦ଟି ବାଇକ ଓ ସ୍କ୍ରାପ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ବାଇକ ଚୋରି କରି ଖଣ୍ଡ ଖଣ୍ଡ କରି ବିକ୍ରି କରୁଥିଲେ ବୋଲି ସୂଚନା ମିଳିଛି। ଏନେଇ ପ୍ଲାଣ୍ଟସାଇଟ୍ ଥାନାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜୋନାଲ ଡିଏସପି ଅମରେନ୍ଦ୍ରନାଥ ଷଣ୍ଢ ଓ ଆଇଆଇସି ବିଭସ୍ୱ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ରାଉରକେଲା ସହରରେ ବିଗତ କିଛି ଦିନ ଧରି ବାଇକ ଚୋରି ହେଉଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପ୍ଲାଣ୍ଟସାଇଟ୍ ପୁଲିସ ପକ୍ଷରୁ ରାଉରକେଲା ସ୍କ୍ରାପ୍ ଡିଲର୍ସ ସିଣ୍ଡିକେଟ୍ ଉପରେ ଚଢ଼ଉ କରି ୧୦ଟି ଚୋରି ମୋଟରସାଇକେଲ୍‌କୁ ଜବତ କରିଥିଲେ। ଯେଉଁଥିରେ ୪ଟି ଅକ୍ଷୁର୍ଣ୍ଣ ବାଇକ ଜବତ ହୋଇଥିବା ବେଳେ ଅନ୍ୟ ବାଇକ ଗୁଡିକର ସ୍କ୍ରାପ୍‌କୁ ପୁଲିସ ଜବତ କରିଛି। ଏହା ସହ ରାଉରକେଲା ସ୍କ୍ରାପ ଡିଲର୍ସ ସିଣ୍ଡିକେଟ୍‌ର ଏକ ପିକଅପ୍ ଭ୍ୟାନ୍‌କୁ ମଧ୍ୟ ଜବତ କରାଯାଇଛି। ଏହି ମାମଲାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରେଲୱେ କଲୋନୀର ଅନିମେଶ ବାର (୨୨), ଗୋପବନ୍ଧୁପାଲିର ମନୀଷ ମଣ୍ଡଳ(୨୪), ବିଶାଲ ସାହୁ(୩୦), ମହମ୍ମଦ ସମୀର(୨୦), ବାସନ୍ତୀ କଲୋନୀର ବିପୁଲ କୁମାର ଆଜମେରା, ଗୋପବନ୍ଧୁପାଲ୍ଲିର ସଞ୍ଜୟ ପ୍ରସାଦ(୫୫) ଏବଂ ଜେଲ ରୋଡ ଲକ୍ଷ୍ମୀନଗର ଅଞ୍ଚଳର ବିଜୟ ବେହେରା (୪୭)। ଜବତ କରାଯାଇଥିବା ୧୦ଟି ମୋଟର ସାଇକେଲ ମଧ୍ୟରୁ ଗୋଟିଏ ବଜାଜ ପଲସର, ଗୋଟିଏ ହିରୋ ଗ୍ଲାମର, ଗୋଟିଏ ହିରୋ ସିଡି ଡିଲକ୍ସ, ଗୋଟିଏ ହିରୋ ହୋଣ୍ଡା ସ୍ପେଣ୍ଡର ପ୍ଲସ୍, ଗୋଟିଏ ହିରୋ ଡିଲକ୍ସ ମୋଟର ସାଇକେଲର କଟିଂ ଅଂଶ, ଗୋଟିଏ ହିରୋ ଗ୍ଲାମରର କଟିଂ ଅଂଶ, ଗୋଟିଏ ହିରୋ ହୋଣ୍ଡା ସିଡି ଡାଉନ୍‌ର କିଛି କଟିଂ ଅଂଶ, ଗୋଟିଏ ହିରୋ ହୋଣ୍ଡା ଗ୍ଲେମରର କିଛି କଟିଂ ଅଂଶ, ଗୋଟିଏ ଗ୍ଲାମର ମୋଟର ସାଇକେଲର କିଛି କଟିଂ ଅଂଶ ଏବଂ ଗୋଟିଏ ବୋଲେରୋ ପିକ୍-ଅପ୍ ଭ୍ୟାନ୍ ରହିଥିଲା। ପିକ୍-ଅପ୍ ଭ୍ୟାନ୍‌ରୁ ୧୬୯୦ କିଲୋଗ୍ରାମ ଚୋରି ଲୁହା ସ୍କ୍ରାପ୍ ସାମଗ୍ରୀ ଜବତ କରାଯିବା ସହ ଗୋଟିଏ କଟିଂ ଗ୍ରାଇଣ୍ଡର ଉପକରଣ ଜବତ୍ କରାଯାଇଛି। ଗିରଫ କରାଯାଇଥିବା ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଛି। ସେଥିମଧ୍ୟରେ ସଞ୍ଜୟ ପ୍ରସାଦ ନାମରେ ପ୍ଲାଣ୍ଟସାଇଟ୍ ଥାନାରେ ୫ଟି ମାମଲା ଥିଲାବେଳେ ବିଶାଲ ସାହୁଙ୍କ ନାମରେ ପ୍ଲାଣ୍ଟସାଇଟ୍ ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ବିଜୟ ବେହେରା ନାମରେ ରଘୁନାଥପାଲ୍ଲୀ ଥାନାରେ ୧୦ଟି ମାମଲା ରହିଥିଲାବେଳେ ଟାଙ୍ଗରପାଲ୍ଲୀ ଥାନାରେ ଗୋଟିଏ ମାମଲା ରହିଛି। ମନୀଷ ମଣ୍ଡଳ ନାମରେ ପ୍ଲାଣ୍ଟସାଇଟ୍ ଥାନାରେ ଗୋଟିଏ ଗୋଟିଏ ମାମଲା ରହିଥିଲାବଳେ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ ଜାରିରହିଛି ବୋଲି ପ୍ଲାଣ୍ଟସାଇଟ୍ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସହରର ଜନଗହଳି ସ୍ଥାନ ସମେତ ବିଭିନ୍ନ ସ୍ଥାନରେ ପାର୍କିଂ ହେଉଥିବା ବାଇକ୍ ଉପରେ ଏହି ଗ୍ୟାଙ୍ଗ ନଜର ରଖୁଥିଲା। ସୁଯୋଗ ଦେଖି ଉଭୟ ନକଲି ଚାବି ଓ ଲକ୍ ଭାଙ୍ଗି ଚୋରି କରି ନେଉଥିଲେ। ଚୋରି କରିବା ପରେ ବାଇକ୍ ଗୁଡିକର ମେକାନିକ ଦ୍ୱାରା ପାର୍ଟସ ଖଣ୍ଡ ଖଣ୍ଡ କରି ଅଲଗା କରି ଦେଉଥିଲେ। ସେଥିରୁ ଭଲ ପାର୍ଟସ ଗୁଡିକୁ ବିଭିନ୍ନ ଗ୍ୟାରେଜ ମାଲିକଙ୍କୁ ବିକ୍ରି କରି ଦେଉଥିଲେ। ଆଉ ବାକି ପାର୍ଟସ ଗୁଡିକୁ ସ୍କ୍ରାପ ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ। ସେଥିରେ ଯାହା ଟଙ୍କା ଆସିଲା ନିଜ ମଧ୍ୟରେ ଭାଗ କରି ଦେଉଥିଲେ। ଏହି ଗ୍ୟାଙ୍ଗରେ ଆଉ କିଛି ଜଣ ଦୁର୍ବୃତ୍ତ ସାମିଲ ଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି ବୋଲି ଡିଏସପି ଶ୍ରୀ ଷଣ୍ଢ ସୂଚନା ଦେଇଛନ୍ତି।

- ବାଇକ ଚୋରି କରି ଖଣ୍ଡ ଖଣ୍ଡ କରି ବିକ୍ରି କରୁଥିଲେ
- ୧୦ ବାଇକ ଓ ସ୍କ୍ରାପ୍ ଜବତ

# ବାଇକ୍ ଓ ୨ ଅଟୋକୁ ଧକ୍କା ଦେଲା ପିକ୍‌ଅପ୍; ଜଣେ ମୃତ, ୨ ଗୁରୁତର



ବିଶ୍ରା, ୨୧।୭(ସମିସ): ବିଶ୍ରା ମୁଖ୍ୟ ରାସ୍ତାର ମଜିଦ୍ ଛକ ପାଖରେ ସୋମବାର ସକାଳେ ଏକ ସିରିଜ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଏକ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତ ଗତିରେ ଆସି ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଦୁଇ ଅଟୋ ସହ ଗୋଟିଏ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସିଥିବା ବାଙ୍ଗୁରକେଲାରର ପୁସା ଲାକଡା(୪୫)ଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇ ଜଣ ଫୁଲ୍‌ମଣି ମୁଣ୍ଡାରୀ(୪୫), ଲଦ୍ର ଓରାମ(୩୯) ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, ବାଙ୍ଗୁର୍ କେଲାରୁ ପୁସା, ଫୁଲମଣି, ଲଦ୍ର ଓରାମ ବିଶ୍ରା ବିଦ୍ୟୁତ୍ ବିଭାଗର କାର୍ଯ୍ୟାଳୟକୁ ନିଜର ବିଦ୍ୟୁତ୍ ବିଲ ପୈଠ ପାଇଁ ଆସିଥିଲେ। ପୂର୍ବାହ୍ନରେ ବିଶ୍ରା ମୁଖ୍ୟ ରାସ୍ତାର ମଜିଦ୍ ଛକ ପାଖରେ ପିକ୍‌ଅପ୍ ଭ୍ୟାନ୍ (ଓଡି ୧୪ ଏଡି ୪୯୪୭) ଦ୍ରୁତ ଗତିରେ ମାଡିଆସି ରାସ୍ତା କଡ଼ରେ ଥିବା ଦୁଇ ଯାତ୍ରୀବାହୀ ଅଟୋକୁ ଶକ୍ତ ଧକ୍କା ଦେଇ ଆଗକୁ ଯାଇ ମୃତକଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ବିଶ୍ରା ପୁଲିସ ମୃତକଙ୍କ ଶବକୁ ଜବତ କରିବା ସହ ଗୁରୁତରଙ୍କୁ ରାଉଲକେଲା ଆର୍‌ଜିଏଚ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରିଛି। ଏଥିସହ ପୁଲିସ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍‌କୁ ଜବତ କରିବା ସହ ଚାଳକକୁ ଥାନାରେ ଅଟକ ରଖିଛି।

# ଆରଏସ୍‌ପିର ନୂତନ ପ୍ଲେଟ୍ ମିଲ୍‌ରେ ଚାରାରୋପଣ




ରାଉରକେଲା, ୨୧।୭(ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ନୂତନ ପ୍ଲେଟ୍ ମିଲ୍ (ଏନ୍‌ପିଏମ୍) ବିଭାଗର ପ୍ରଶାସନିକ ଭବନ ନିକଟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାରଖାନା ପରିବେଶର ସବୁଜିମା ବୃଦ୍ଧି ସହ ଏହାର ଚତୁଃପାର୍ଶ୍ୱକୁ ସବୁଜସୁନ୍ଦର କରିବା ଏହି ଅଭିଯାନର ଉଦ୍ଦେଶ୍ୟ। ଏହି ଅଭିଯାନରେ ନୂତନ ପ୍ଲେଟ ମିଲ ଓଏସ୍‌ପିପି ବିଭାଗର ସିଜିଏମ୍ ଆର୍‌କେ ବିସାରେ ନେତୃତ୍ୱ ନେଇ ପ୍ରଥମ ଚାରାରୋପଣ କରିଥିଲେ। ସୁରକ୍ଷା ଇନିଜିନିୟରିଂ ବିଭାଗର ଜିଏମ୍ ଅବକାସ ବେହେରା ଏବଂ ବହୁ ବିଭାଗୀୟ ମୁଖ୍ୟ ମଧ୍ୟ ଯୋଗଦେଇ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୂତନ ପ୍ଲେଟ ମିଲ ବିଭାଗର ଜିଏମ୍ ନୀଳମଣି ମହାପାତ୍ର ଏବଂ ଡିଏସ୍‌ଓ ସୁମନ କୁମାର ମିଳିତ ଭାବରେ ସଂଯୋଜନା କରିଥିଲେ। ଉଲ୍ଲେଖନୀୟ ଯେ, ଆର୍‌ଏସ୍‌ପି ୨୦୨୫-୨୬ ଆର୍ଥିକ ବର୍ଷରେ କାରଖାନା ପରିସରରେ ୫୦୦୦୦ ଗଛ ଲଗାଇବା ପାଇଁ ଲକ୍ଷ୍ୟ ରଖିଛି। ତେବେ ଏପର୍ଯ୍ୟନ୍ତ ୧୦୦୦୦ ଚାରାରୋପଣ କରାଯାଇଥିବା ସୂଚନା ମିଳିଛି।

# ସୋଲ ରେଞ୍ଜରେ ବନ ମହୋତ୍ସବ



ବଣାଇଁ, ୨୧।୭(ସମିସ): ବଣାଇଁ ବନଖଣ୍ଡ ଅଧିନସ୍ଥ ସୋଲ ରେଞ୍ଜର କୁଡାବିରା ଜେଇଏଲ ଚର୍ଚ୍ଚ ପରିସରରେ ୭୬ ତମ ବନ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋଲ ରେଞ୍ଜ ଅଧିକାରୀ ରଶ୍ମୀରଞ୍ଜନ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋଲ ସରପଞ୍ଚ ମନୋଜ ମିର୍ଦ୍ଧା ଯୋଗଦେଇ ପରିବେଶର ସୁରକ୍ଷା ନିମନ୍ତେ ଚାରାରୋପଣର ଆବଶ୍ୟକତା ରହିଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ଚର୍ଚ୍ଚ ପ୍ରଚାରିକା ସୁହାଉତି କୁଲ୍ଲୁ, ଫଟାଟାଙ୍ଗର ଓ କୁଡାବିରା ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ସୋଲ ଫରେଷ୍ଟର ଅମିତ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୋଲ ରେଞ୍ଜର ସମସ୍ତ ବନ କର୍ମଚାରୀ, ବନ ସୁରକ୍ଷା ସମିତିର ସଦସ୍ୟ, ଏନ୍‌ଜିଓ ଟିମ୍‌ର ସଦସ୍ୟ, ସଦସ୍ୟା ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ମା'ଙ୍କ ନାମରେ ଗଛଟିଏ ଅଭିଯାନରେ ଉପସ୍ଥିତ ଅତିଥି ଓ ଜନସାଧାରଣ, ଛାତ୍ରଛାତ୍ରୀଙ୍କ ଦ୍ୱାରା ଚର୍ଚ୍ଚ ପରିସରରେ ୨୦୦ ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବା ସହ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦୁଇ ବାଇକ ମୁହାଁମୁହିଁ; ୪ ଗୁରୁତର

ବଣାଇଁ, ୨୧।୭(ସମିସ): ବଣାଇଁ ଥାନା ଲଲେଇ ବିଜୁ ସେତୁ ଉପରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ଆଜି ସନ୍ଧ୍ୟା ୭ ଘଟିକା ସମୟରେ ବଣାଇଁ ବିଜୁ ପାର୍କ ନିକଟରୁ କୁର୍ଡା ଗ୍ରାମକୁ ବୁଦ୍ଧଦେବ କିଷାନ (୨୨), ଆନନ୍ଦ କାଳିନ୍ଦୀ (୧୯) ଯାଉଥିବା ବେଳେ କେଉଁଝରରୁ ନିଜ ଘର ପୁରୁଣାପାଣିକୁ ଅଭିନାଶ ଭୂମିଜ (୨୯), ବୁଧୁରାମ ମୁଣ୍ଡା (୨୧) ଫେରୁଥିବା ବେଳେ ସେତୁ ଉପରେ ଉଭୟ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ଅଗ୍ନିଶମ କେନ୍ଦ୍ରକୁ ଜଣାଇବା ପରେ ଅଗ୍ନିଶମ ବାହିନୀଙ୍କ ଦ୍ୱାରା ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ବଣାଇଁ ଚିକିତ୍ସାଳୟକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଖବରପାଇ ଘଟଣା ସ୍ଥଳରେ ବଣାଇଁ ପୁଲିସ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

# ହାତୀଙ୍କ ସୁରକ୍ଷା ନେଇ ପଥପ୍ରାନ୍ତ ନାଟକରେ ସଚେତନତା

ବଣାଇଁ, ୨୧।୭(ସମିସ): ବଣାଇଁ ବନଖଣ୍ଡର ୭ଟି ରେଞ୍ଜ ବଣପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ଏହି ଅଞ୍ଚଳରେ ହାତୀର ସୁରକ୍ଷା ସହ ଧନ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ଗତ ଏକ ମାସରୁ ଊର୍ଦ୍ଧ୍ୱ ହେବ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କରାଯାଇଛି। କୋଇଡା ରେଞ୍ଜ ଅନ୍ତର୍ଗତ ବିଭିନ୍ନ ହାତୀ ଉପଦ୍ରବ ଉପାନ୍ତ ଗ୍ରାମ, ବିଭିନ୍ନ ବିଦ୍ୟାଳୟ ଗୁଡ଼ିକରେ କଳାକାରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ, ନାଚ ଗୀତ ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସୋଲାର ଷ୍ଟ୍ରିଟ୍ ଲାଇଟ୍, ସୋଲାର ଫେନସିଂ, ଟର୍ଚ୍ଚ ଲାଇଟ୍ ଯୋଗାଇ ଦେବା ସହ ଆବଶ୍ୟକ ସ୍ଥଳେ ରାପିଡ ରେସ୍ପନ୍ସ ଟିମ୍‌ର ସହାୟତା ପ୍ରଦାନ କରାଯାଉଛି। ବର୍ତ୍ତମାନ ସରକାରଙ୍କ ତରଫରୁ ବନ୍ୟ ପ୍ରାଣୀଙ୍କ ଆକ୍ରମଣରେ ମୃତକଙ୍କ ପରିବାର ପାଇଁ ଦଶ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରୁଛନ୍ତି। ଆଂଶିକ ଘର ଭଙ୍ଗା ସହ ସମ୍ପୂର୍ଣ୍ଣ ଘର ଭାଙ୍ଗିଥିଲେ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଜନାରେ କ୍ଷତିଗ୍ରସ୍ତଙ୍କୁ ପ୍ରାଥମିକତା ଦିଆଯାଇ ଘର ପ୍ରଦାନ କରାଯାଉଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି






ରାଉରକେଲା, ୨୧।୭(ସମିସ): ୭୯ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆଇଟିଡିଏ ସମ୍ମିଳନୀ କକ୍ଷରେ ସୋମବାର ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ବର୍ଷ ରାଉରକେଲା ଠାରେ ମହାସମାରୋହ ଭାବରେ ସ୍ୱାଧୀନତା ଦିବସ ପାଳନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଗୁରୁତ୍ୱ ଦେଇଥିଲେ। ଆଜିର ଏହି ବୈଠକରେ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଯଥା ପ୍ୟାରେଡ ପଡ଼ିଆରେ ସାଜସଜ୍ଜା, ସଫେଇ, ପାନୀୟ ଜଳ ଯୋଗାଣ, ଅଭ୍ୟାସ ପ୍ୟାରେଡ, ଟ୍ରାଫିକ ନିୟନ୍ତ୍ରଣ, ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ବ୍ୟବସ୍ଥା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ରାଉରକେଲା ମହାନଗର ନିଗମ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନଙ୍କୁ ଏହି କାର୍ଯ୍ୟ ସମ୍ପାଦନା ଉପରେ ଗୁରୁତ୍ୱ ଦେବା ପାଇଁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୧୫ ତାରିଖ ଦିନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସକାଳ ୫ ଘଟିକା ସମୟରେ ରାମଧୂନ ପରିବେଷଣ କରାଯିବା ସହ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସକାଳ ୬ଟାରେ ପ୍ରଭାତ ଫେରି କରିବାକୁ ନିଷ୍ପତ୍ତି ନିଆଯାଇଛି। ସକାଳ ୭ଟା ୩୦ ମିନିଟ ସମୟରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ, ଶିକ୍ଷା ଅନୁଷ୍ଠାନମାନଙ୍କରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ସ୍ଥାନୀୟ ଉଦିତନଗର ପଡ଼ିଆଠାରେ ସକାଳ ୯ଟା ୧୫ ସମୟରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ ଏବଂ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ। ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଲିଖନ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଗାନ ଆଦି ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ସ୍ୱାଧୀନତା ଦିବସ ଉପଲକ୍ଷେ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହା ବ୍ୟତୀତ କାରାଗାର ଓ ଆରଜିଏଚରେ ମିଷ୍ଟାନ ଓ ଫଳ ବଣ୍ଟନ କରିବାର ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଡେପୁଟି କଲେକ୍ଟର ସାଧ୍ୱୀ ଦେହୁରିଆ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ଟାଙ୍ଗରପାଲିରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି




ରାଉରକେଲା /ଟାଙ୍ଗରପାଲ୍ଲୀ, ୨୧।୭(ସମିସ): ଆଜି ଟାଙ୍ଗରପାଲି ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ଆସିଥିବା ମୋଟ ୭୨ ଗୋଟି ଅଭିଯୋଗ ମଧ୍ୟରୁ ୨୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୩୬ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ସେହିପରି ୧୩ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୦ ଗୋଟି ଆବେଦନ ରହିଥିଲା। ଆଜି ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଆଇଏଏସ୍ ପ୍ରବେଶନାରୀ ଅଧିକାରୀ ଫାବୀ ରସିଦ, ଟାଙ୍ଗରପାଲି ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ଜୋଜିଲା ସୁଡ଼ଙ୍ଗ ନିର୍ମାଣ ପାଇଁ ସେଲ୍ ପକ୍ଷରୁ ଇସ୍ପାତ ଯୋଗାଣ



ରାଉରକେଲା, ୨୧।୭(ସମିସ): ଭାରତର ସର୍ବବୃହତ ଇସ୍ପାତ ନିର୍ମାଣକାରୀ ମହାରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍) ଜୋଜିଲା ସୁଡ଼ଙ୍ଗ ପ୍ରକଳ୍ପ ପାଇଁ ସର୍ବାଧିକ ଇସ୍ପାତ ଯୋଗାଣ କରିଛି। ଏହି ମହତ୍ୱାକାଂକ୍ଷୀ ଓ ନିର୍ମାଣାଧୀନ ପ୍ରକଳ୍ପ ଭାରତର ସବୁଠାରୁ ଦୀର୍ଘ ସୁଡ଼ଙ୍ଗ ରାସ୍ତା ଏବଂ ଏସିଆର ମହାଦେଶର ସର୍ବବୃହତ ସୁଦୀର୍ଘ ଦ୍ୱି-ଦିଗୀୟ ସୁଡ଼ଙ୍ଗ ହେବାକୁ ଯାଉଛି। ସେଲକୁ ଏହି ରଣନୈତିକ ଭିତ୍ତିଭୂମି ପଦକ୍ଷେପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ସ୍ଥାନିତ କରାଯାଇଥିବାବେଳେ ପ୍ରକଳ୍ପ ପାଇଁ ସେଲ୍‌ଫ ୩୧,୦୦୦ ଟନ୍‌ରୁ ଅଧିକ ଇସ୍ପାତ ଯୋଗାଇଛି। ଯେଉଁଥିରେ ଟିଏମ୍‌ଟି ରି-ବାର୍ସ, ଷ୍ଟ୍ରକ୍‌ଚରାଲ୍ ଏବଂ ପ୍ଲେଟ୍ ଅନ୍ତର୍ଭୁକ୍ତ ରହିଛି। ୨୦୨୭ ମସିହା ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସେଲ୍‌ଫର ନିରନ୍ତର ଇସ୍ପାତ ଯୋଗାଣ ଏହାର ଅଟଳ ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଉକ୍ତ ଜୋଜିଲା ସୁଡ଼ଙ୍ଗ ନିର୍ମାଣରେ ସେଲ୍‌ଫର ଏହି ଅବଦାନ ରାଷ୍ଟ୍ର ନିର୍ମାଣର ଦୀର୍ଘକାଳୀନ ଐତିହ୍ୟକୁ ଆହୁରି ଦୃଢ଼ କରୁଛି। ଜୋଜିଲା ଟନେଲ୍ ଭଳି ମେଗା-ପ୍ରକଳ୍ପଗୁଡ଼ିକ ସେଲ୍‌ଫ ଇସ୍ପାତର ନିର୍ଭରଯୋଗ୍ୟତା ଏବଂ ଶକ୍ତି ଉପରେ ନିରନ୍ତର ଭରସାକୁ ସୁଦୃଢ କରୁଛି। ଏହି ଟନେଲଟି ହିମାଳୟ ଭୂଖଣ୍ଡରେ ନିର୍ମାଣ କରାଯାଉଛି। ଯାହା ୧୧, ୫୭୮ ଫୁଟ ଉଚ୍ଚତାରେ ଅବସ୍ଥିତ। ଏହି ସୁଡ଼ଙ୍ଗ ୩୦ କିଲୋମିଟରରୁ ଅଧିକ ବ୍ୟାପ୍ତ ହୋଇଥିବା ବେଳେ ଏହା ଶ୍ରୀନଗର ଏବଂ ଲେହ ମଧ୍ୟଦେଇ ଦ୍ରାସ ଏବଂ କାର୍ଗିଲ୍‌ର ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ନିତ୍ୟ ସଂଯୋଗ ପ୍ରଦାନ କରିବ। ଏହି ସୁଡ଼ଙ୍ଗଟି ଜାତୀୟ ଭିତ୍ତିଭୂମି ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ବିଶେଷକରି ଶ୍ରୀନଗର-କାରଗିଲ୍-ଲେହ ଜାତୀୟ ରାଜପଥ ସହ ଏହି ଅଞ୍ଚଳରେ ନାଗରିକ ଏବଂ ସାମରିକ ଗତିଶୀଳତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ତେବେ ଜୋଜିଲା ସୁଡଙ୍ଗ ପ୍ରତି ସେଲ୍‌ଫର ଏହି ଅବଦାନ ଭାରତର ସବୁଠାରୁ ପ୍ରତୀକାତ୍ମକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବାର ଏହାର ବ୍ୟାପକ ଐତିହ୍ୟକୁ ଯୋଡିବ, ଯେଉଁଥିରେ ଚେନାବ ରେଳ ସେତୁ, ଅଟଳ ଟନେଲ୍, ବାନ୍ଦ୍ରା-ୱର୍ଲି ସି ଲିଙ୍କ୍, ଧୋଲା ସାଦିଆ ଏବଂ ବୋଗିବିଲ୍ ସେତୁମାନ ମଧ୍ୟ ଅନ୍ତର୍ଭୁକ୍ତ ବୋଲି ଜଣାପଡ଼ିଛି।

# ବିଶ୍ୱ ପୁଲିସ କରାଟେ ଚାମ୍ପିଅନ୍‌ସିପ୍; ଅଭିଷେକଙ୍କୁ କାଂସ୍ୟ ପଦକ




ରାଉରକେଲା, ୨୧।୭(ସମିସ) : ଆମେରିକାର ବାର୍ମିଙ୍ଗହାମ ସହରଠାରେ ଆୟୋଜିତ ୨୧ତମ ବିଶ୍ୱ ପୁଲିସ ଗେମ୍‌ସ-୨୦୨୫ ଗତ ଜୁନ ୨୭ ତାରିଖରୁ ଆରମ୍ଭ ହୋଇ ଚଳିତ ଜୁଲାଇ ୬ ରେ ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ପୁଲିସ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଆୟୋଜିତ ଗତ ସର୍ବଭାରତୀୟ ପୁଲିସ କରାଟେ ଚାମ୍ପିଅନ୍‌ସିପରେ ବ୍ୟକ୍ତିଗତ କାଟା ବର୍ଗରେ ଚାମ୍ପିୟନ ହୋଇଛନ୍ତି ରାଉରକେଲା ପୁଲିସରେ କାର୍ଯ୍ୟରତ ଅଭିଷେକ ପଟ୍ଟନାୟକ। ଏହି ବିଶ୍ୱ ପୁଲିସ ଗେମସର କରାଟେ ଚାମ୍ପିଅନ୍‌ସିପ୍‌ରେ ଭାରତୀୟ ପୁଲିସକୁ ପ୍ରତିନିଧିତ୍ୱ କରି ଏକ କାଂସ୍ୟ ପଦକ ହାସଲ କରିଛନ୍ତି। ଆଜି ଅଭିଷେକ ରାଉରକେଲା ରେଳଷ୍ଟେସନରେ ପହଞ୍ଚିବା ପରେ ରାଉରକେଲା ପୁଲିସ, ବାସନ୍ତୀ ସାଂସ୍କୃତିକ ପରିଷଦ, ରାଉରକେଲା କରାଟେ ଆସୋସିଏସନ, ରାଉରକେଲା ଉତ୍କଳ କରାଟେ ସ୍କୁଲ ସହ ଅନେକ ସାମାଜିକ ଓ କ୍ରୀଡ଼ା ସଂଗଠନର କର୍ମକର୍ତ୍ତା ଓ କ୍ରୀଡ଼ାପ୍ରେମୀମାନେ ଅଭିଷେକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛୋଟ ବେଳୁ ରାଉରକେଲା ଉତ୍କଳ କରାଟେ ସ୍କୁଲରେ ନିଜର କରାଟେ ପ୍ରଶିକ୍ଷଣ ଆରମ୍ଭ କରିଥିବା ଅଭିଷେକ ଏହି ସଫଳତାର ଶ୍ରେୟ ପୁଲିସ ବିଭାଗ, ତାଙ୍କର ଗୁରୁ ତଥା ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ ଓ ରାଉରକେଲା ଶାଖାର ପ୍ରଶିକ୍ଷକ ରାଜୀବ ସିଂଙ୍କୁ ଦେଇଛନ୍ତି।





## ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା

# ଆରଡିସି ଅଫିସ ଆଗରେ ଗର୍ଜିଲା ବିଜେଡି








କଟକ, ୨୧।୭ (ସମିସ)

ସମଗ୍ର ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ମହିଳାଙ୍କ ବିରୋଧରେ ଅପରାଧରେ ଅହେତୁକ ବୃଦ୍ଧିକୁ ବିରୋଧ କରିବା ସହିତ ଏଫ୍ଏମ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ କଟକ ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡିର ହଜାର ହଜାର କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। 'ମୋହନ ସରକାର ହଟାଅ' ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଦଳ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ସ୍ମାରକପତ୍ର ଆରଡିସିଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା।



ବିଜେଡି ତରଫରୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବା ସହିତ ନାରୀ, ଛାତ୍ରୀ ଓ ଶିଶୁଙ୍କ ବିରୋଧରେ ଅପରାଧ ବୃଦ୍ଧିପାଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ, ନ୍ୟାୟ ପାଇଁ ଦୀର୍ଘ ୬ ମାସ ଲଢ଼ିବା ପରେ ନ୍ୟାୟ ନପାଇ ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଦେବା ଘଟଣା ସମଗ୍ର ଦେଶରେ ରାଜ୍ୟ ପାଇଁ ଲଜ୍ୟା ଓ ନିନ୍ଦା ଆଣିଛି। ଏଫ୍ଏମ୍ କଲେଜ ଘଟଣା ରାଜ୍ୟବାସୀଙ୍କ ମନରୁ ନଲିଭୁଣୁ, ପୁରୀ ଜିଲ୍ଲାର ବଳଙ୍ଗା ଠାରେ ପୁଣି ଜଣେ ନାବାଳିକାକୁ ଜିଅନ୍ତା ଜାଳିଦେବା ଉଦ୍ୟମ ଭଳି ହୃଦୟ ବିଦାରକ ଘଟଣା ଲୋକଲୋଚନକୁ ଆସିଛି।

### 'ମୋହନ ସରକାର ହଟାଅ' ନାରାରେ କମ୍ପିଲା ବିକ୍ଷୋଭସ୍ଥଳ

ଏହାଛଡା ଦୁଷ୍କର୍ମ, ଗଣଦୁଷ୍କର୍ମ ରାଜ୍ୟରେ ଏକ ନିତି ଦିନିଆ ଘଟଣା ପାଲଟିଛି। ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ଏଫ୍ଏମ୍ କଲେଜରେ ଛାତ୍ରୀ ଜଣକ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଘର୍ଷ କରି ଆସୁଥିଲେ। ସେ କଲେଜ ଅଧ୍ୟକ୍ଷଙ୍କ ସମ୍ମୁଖରେ ତାଙ୍କ ଅଭିଯୋଗ ଜଣାଇବା ବ୍ୟତୀତ ସ୍ଥାନୀୟ ପୁଲିସ, ଏସ୍‌ପି, ବିଧାୟକ, ସାଂସଦ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥଲେ ମଧ୍ୟ କେହି ତାଙ୍କୁ ନ୍ୟାୟ ପ୍ରଦାନ କରିନଥିଲେ। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ, ଜଣେ ଉଚ୍ଚନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ପାଇଁ ବିଜୁ ଜନତା ଦଳ(ବିଜେଡି) ଦାବି କରୁଥିବା ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

କଟକ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇବା ବେଳେ ଏଥିରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ସୁଦାମ ମାରାଣ୍ଡି, ଅତନୁ ସବ୍ୟସାଚୀ ନାୟକ, ଚିରଞ୍ଜୀବ ବିଶ୍ୱାଳ, ରାଜଶ୍ରୀ ମଲ୍ଲିକ, ପ୍ରଣବ ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, କଟକ ମେୟର ସୁବାସ ସିଂ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବିଜେଡି ନେତା ପ୍ରଫୁଲ୍ଲ ସିଂ, ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଧାୟକ ସୌଭିକ ବିଶ୍ୱାଳ, ବିଜେଡି ନେତା ସୁଭାଶିଷ ଖୁଣ୍ଟିଆ, ସଞ୍ଜୀବ ମଲ୍ଲିକ, ସୁଶାନ୍ତ ରାଉତ, ପ୍ରଶାନ୍ତ ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ ମୁଦୁଲି, ଧ୍ରୁବ ସାହୁ, ସାରଦା ଜେନା, ରମାକାନ୍ତ ଭୋଇ, ରମେଶ ବେହେରା, ମଞ୍ଜୁଲତା ମଣ୍ଡଳ, ପ୍ରଫୁଲ୍ଲ ସାମଲ, ଅଂଶୁମାନ ମହାନ୍ତି, ସୁକାନ୍ତ ନାୟକ, ସ୍ୱରୂପ ଦାସ, ଲେଖାଶ୍ରୀ ସାମନ୍ତସିଂହାର, ଅଶୋକ ପଣ୍ଡା, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ରୁଦ୍ର ମହାରଥୀ, ତୁଷାରକାନ୍ତି ବେହେରା, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ସନ୍ତୋଷ ମହାପାତ୍ର, ସଞ୍ଜୀବ ପୃଷ୍ଟି, ଆସିଫ ଅମିନ, ରାଜେନ୍ଦ୍ର ଦାସ, ବାସନ୍ତୀ ହେମ୍ବ୍ରମ, ସାନନ୍ଦ ମାରାଣ୍ଡି, ରଞ୍ଜନ ବିଶ୍ୱାଳ ଓ ଶିଶିର ପରିଜା ପ୍ରମୁଖ ସାମିଲ ଥିଲେ।








## କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

# ୭ଟି ଅଭିଯୋଗର ତ୍ୱରିତ ସମାଧାନ



କଟକ, ୨୧।୭ (ସମିସ): କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ, କଟକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପ ଆରକ୍ଷୀ ଅଧୀକ୍ଷକ ସସ୍ମିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୯ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରେ ୮୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ଗୋଟିଏ ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିଲେ।

# ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ର ମୋହନ ପାଣିଙ୍କ ପରଲୋକ

**କଟକ, ୨୧।୭ (ସମିସ):** ବିଶିଷ୍ଟ ଶିକ୍ଷାବିତ୍ ତଥା ରାଧାନାଥ ଉଚ୍ଚତର ଶିକ୍ଷାନୁଧ୍ୟାନ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ମୋହନ ପାଣିଙ୍କ ପରଲୋକ ଘଟିଛି। ତାଙ୍କର ବିୟୋଗରେ ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି (ଏଆଇଏସଇସି) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ପ୍ରଫେସର ପାଣି ନିଜର ସରଳତା ତଥା ଶିକ୍ଷାର ବିକାଶରେ ଦୃଢ଼ ଓ ସଚ୍ଚୋଟ ବ୍ୟକ୍ତିତ୍ୱ ପାଇଁ ଶିକ୍ଷାବିତ ତଥା ଶିକ୍ଷାପ୍ରେମୀ ଜନସାଧାରଣଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ଶିକ୍ଷା କ୍ଷେତ୍ରରେ ଗଣତାନ୍ତ୍ରିକ ପ୍ରକ୍ରିୟାର ପ୍ରଚଳନ ପାଇଁ ସେ ସଦାସର୍ବଦା ଚେଷ୍ଟିତ ଥିଲେ।



ସାରା ଭାରତ ଶିକ୍ଷା ବଞ୍ଚାଅ କମିଟିର ସର୍ବ ଭାରତୀୟ କମିଟିର ଅନ୍ୟତମ ଉପଦେଷ୍ଟା ଭାବେ ସେ ଦୀର୍ଘଦିନ ଧରି ବିଭିନ୍ନ ଶିକ୍ଷା ଆନ୍ଦୋଳନକୁ ପ୍ରୋତ୍ସାହିତ କରି ଆସୁଥିଲେ। ତାଙ୍କର ବିୟୋଗରେ ଶିକ୍ଷା ଆନ୍ଦୋଳନରେ ଏକ ଅପୂରଣୀୟ କ୍ଷତି ହେଲା ବୋଲି କମିଟିର କଟକ ଜିଲ୍ଲା ସଭାପତି ପ୍ରଫେସର ଅକ୍ଷୟ ଦାସ ଓ ସମ୍ପାଦକ ବବି ବଳବନ୍ତରାୟ ଏକ ଶୋକବାର୍ତ୍ତାରେ କହିଛନ୍ତି।

# ଏସ୍‌ସିବିରୁ ୨ ଦଲାଲ ଗିରଫ

### ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ କର୍ମଚାରୀ କରୁଥିଲେ ଦଲାଲି

**କଟକ, ୨୧।୭ (ସମିସ):** ଏସ୍‌ସିବି ମେଡିକାଲ୍‌ର ବିଭିନ୍ନ ୱାର୍ଡରେ ଚଢ଼ଉ କରାଯାଇ ଆଜି ୨ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ ୨ କର୍ମଚାରୀ ହିଁ ଦଲାଲି କରୁଥିବା ଜଣାପଡ଼ିଥିଲା। ମଙ୍ଗଳାବାଗ ଥାନା ପୁଲିସ ଓ ମେଡିକାଲ୍‌ରେ ନିୟୋଜିତ ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ଚଢ଼ଉ କରି ଏହି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରାଯାଇଥିଲା। ଅଭିଯୁକ୍ତ ଦ୍ୱୟ ହେଲେ ରାଣୀହାଟ ଅଞ୍ଚଳର ପ୍ରସନ୍ନ ନାଏକ(୨୭) ଏବଂ ଜଗତପୁର ନିମସାହି ଅଞ୍ଚଳର ଅରୁଣ ନାଏକ(୨୪)। ବିଏନ୍‌ଏସ୍-୨୦୨୩ ର ଧାରା ୩୧୯(୨)/ ୩୧୮(୪)/୩୦୮(୨)/ ୩(୫) ଅନୁଯାୟୀ ଏକ ଫୌଜଦାରୀ ମାମଲା ପଞ୍ଜିକୃତ ହୋଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ ପରେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।




ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତ ପ୍ରସନ୍ନ ଓ ଅରୁଣ ମେଡିସିନ୍ ୱାର୍ଡରେ ରୋଗୀ ଏବଂ ସେମାନଙ୍କ ପରିବାରଙ୍କୁ ଉତ୍ତମ ସେବା ପ୍ରଦାନ କରିବାର ମିଥ୍ୟା ବାହାନା କରି ସେମାନଙ୍କର ସମ୍ପୃକ୍ତ ଘରୋଇ କ୍ଲିନିକ୍ ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟରଗୁଡ଼ିକୁ ଯିବାକୁ ପ୍ରବର୍ତ୍ତାଉଥିଲେ। ଏସ୍‌ସିବିରେ ଭଲ ସେବା ମିଳୁନାହିଁ, ସେଠାରେ ଉତ୍ତମମାନର ସେବା ପ୍ରଦାନ କରାଯାଉଛି ବୋଲି କହୁଥିଲେ। ଏହି ଦଲାଲମାନେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଘରୋଇ ନର୍ସିଂହୋମ୍‌ରେ ଉତ୍ତମ ଚିକିତ୍ସାର ମିଥ୍ୟା ପ୍ରତିଶ୍ରୁତି ଦେଇ ଟଙ୍କା ଆଦାୟ କରୁଥିବା ଜଣାପଡ଼ିଥିଲା। ଏହା ପୁଲିସକୁ ଖବର ମିଳିବା ପରେ ଅଚାନକ ଚଢ଼ଉ କରାଯାଇ ମେଡିସିନ୍ ୱାର୍ଡରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

# ପରିବେଶ ଆଇନ ଉଲ୍ଲଂଘନ କରି ଚାଲିଛି ଗାଡ଼କଣ ଡମ୍ପୟାର୍ଡ

**କଟକ, ୨୧।୭ (ସମିସ):** ଭୁବନେଶ୍ୱର ସୈନିକ ସ୍କୁଲ ପ୍ରାଚୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗାଡ଼କଣ ଅଳିଆଗଦା ବା ଡମ୍ପୟାର୍ଡ ପରିବେଶ ମଞ୍ଜୁରୀ ବିନା ଚାଲି ଆସୁଥିବା ଅଭିଯୋଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ରାଜ୍ୟ ସରକାର, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଖୋର୍ଦ୍ଧା ଜିଲ୍ଲାପାଳ ଓ ଭୁବନେଶ୍ୱର ମହାନଗର ନିଗମକୁ ଜବାବ ତଲବ କରିଛନ୍ତି। ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ ପାଇଁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଭୁବନେଶ୍ୱର ଉନ୍ନୟନ ପରିଷଦ ତରଫରୁ ଏହାର ସଭାପତି ବାସୁଦେବ ଭଟ୍ଟ ଦ୍ୱାରା ଆଗତ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଅଗଷ୍ଟ ୪ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିରଜା ମହାପାତ୍ର, ବିପ୍ଳବ ବାହାଲି ଓ ସୂର୍ଯ୍ୟ ମିଶ୍ର ମାମଲା ପରିଚାଳନା କରୁଛନ୍ତି। ଏହି ଅଳିଆଗଦା ଯୋଗୁଁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ହେବା ସହିତ ଓ ଏହାର ଆଖପାଖରେ ରହୁଥିବା ବାସିନ୍ଦା ମାନଙ୍କର ସ୍ୱାସ୍ଥ୍ୟପ୍ରତି ଘୋର ବିପଦ ସୃଷ୍ଟି ହେଇଛି। ବାରମ୍ବାର ଆନ୍ଦୋଳନ ଓ ଦାବିପତ୍ରକୁ ଉଭୟ ପୌର କର୍ତ୍ତୃପକ୍ଷ ଓ ସରକାର ଅଣଦେଖା କରିଛନ୍ତି। ସରକାର ଅସ୍ଥାୟୀ ଆବର୍ଜନା ପରିଚାଳନା କେନ୍ଦ୍ର ନାମ ଦେଇ ବିଭିନ୍ନ ନିୟମ ଉଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏହି ଅଳିଆଗଦା ବନ୍ଦ ହେଲେ ସୈନିକ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ ଓ କଲୋନୀରେ ଛାତ୍ର ଛାତ୍ରୀ ଓ ଲୋକମାନେ ଆଶ୍ୱସ୍ତି ଲାଭ କରିବେ ବୋଲି ଦର୍ଶାଯାଇଛି।

### ହାଇକୋର୍ଟଙ୍କ ଜବାବତଲବ

# ଶ୍ରମିକଙ୍କୁ ହତ୍ୟା; ମୁଖ୍ୟ ଅଭିଯୁକ୍ତ ଗିରଫ, ୫ ଫେରାର୍

କଟକ, ୨୧।୭ (ସମିସ)

ସହରରେ ମଦ ପିଇବାକୁ କେନ୍ଦ୍ର କରି ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ପୁରୀଘାଟ ଥାନା ପୁଲିସ ତଦନ୍ତ ଚଳାଇ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ତେବେ ମୃତ ଶ୍ରମିକ ଜଣକ ହେଲେ ସାଆନ୍ତ ସାହିର ରବୀନ୍ଦ୍ର କୁମାର ସାହୁ(୪୭)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଜେରା କରାଯାଉଥିବା ବେଳେ ଅନ୍ୟ ୫ଜଣ ଅଭିଯୁକ୍ତ ଫେରାର ହୋଇଛନ୍ତି। ଘଟଣାସ୍ଥଳରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରାଯିବା ସହିତ ସ୍ଥାନୀୟ ଜନସାଧାରଣଙ୍କ ବୟାନ୍ ଆଧାରରେ ତଦନ୍ତ କରାଯାଉଥିବା ଜଣାପଡ଼ିଛି।

ପୁଲିସ ସୂଚନା ଅନୁସାରେ, ସାଆନ୍ତ ସାହିର ରବୀନ୍ଦ୍ର ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ହରିପୁର ଅଞ୍ଚଳର ଶଙ୍କର ପ୍ରଧାନଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ଥିଲା। ଉଭୟ ପ୍ରାୟ ସମୟ ଏକାଠି ମଦ୍ୟପାନ କରିଥାଆନ୍ତି। କିଛି ଦିନ ତଳେ ଶଙ୍କରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ଡାକ୍ତର ତାଙ୍କୁ ମଦ ପିଇବାକୁ ବାରଣ କରିଥିଲେ। ମାତ୍ର ରବୀନ୍ଦ୍ର ତାଙ୍କୁ ପ୍ରତ୍ୟେକ ଦିନ ଡାକି ନେଉଥିଲେ। ଏହାକୁ ନେଇ ଶଙ୍କରଙ୍କ ପୁଅ ବିରକ୍ତ ହେବା ସହିତ ରବୀନ୍ଦ୍ରଙ୍କୁ ବାରଣ କରୁଥିଲେ। ହେଲେ ପୂର୍ବଭଳି ଗତ ରବିବାର ଅପରାହ୍ନରେ ଦୁହେଁ ଏକାଠି ମଦ ପିଇବାକୁ ଯାଇଥିଲେ। ଏହି କଥା ଜାଣିବା ପରେ ଶଙ୍କରଙ୍କ ପୁଅ ସୁରଜ ପ୍ରଧାନ(୨୮) କ୍ରୋଧାନ୍ୱିତ ହୋଇପଡ଼ିଥିଲେ। ରାତିରେ ସୁରଜ୍ କିଛି ସାଙ୍ଗଙ୍କୁ ଧରି ରବୀନ୍ଦ୍ରଙ୍କ ଘରେ ପହଞ୍ଚିଥିଲେ। ସେଠାରେ ବାପାଙ୍କୁ କାହିଁକି ସବୁବେଳେ ମଦ ପିଇବାକୁ ଡାକି ନେଉଛ ବୋଲି କହି ଜୋରଦାର ପାଟିତୁଣ୍ଡ କରିଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ରବୀନ୍ଦ୍ର ଆସି ତା' ସହ ଯୁକ୍ତିତର୍କ କରିଥିଲେ। ବଚସା ବଢ଼ିବାରୁ ସୁରଜ୍ ଉତକ୍ଷିପ୍ତ ହୋଇ ସାଙ୍ଗମାନଙ୍କ ସହ ମିଶି ରବୀନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଘର ପାଖ କେନାଲ କଡ ରାସ୍ତାକୁ ଘୋଷାଡି ଆଣି ନିସ୍ଥୁକ ମାଡ ମାରିଥିଲେ। ପରିବାର ଲୋକେ ବି ଉଦ୍ଧାର କରିବାକୁ ଆସି ଆକ୍ରମଣର ଶିକାର ହୋଇଥିଲେ। ପ୍ରାୟ ଅଧ ଘଣ୍ଟା ଧରି ଏଭଳି ମାରଧର୍ ଚାଲିଥିଲା।

### ମଦ ପିଇବାକୁ କେନ୍ଦ୍ରକରି ଘଟିଛି ହତ୍ୟାକାଣ୍ଡ

### ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତ ଗିରଫ ହେବେ: ଡିସିପି

ଏହାପରେ ସାହି ପଡୋଶୀଙ୍କ ହସ୍ତକ୍ଷେପ ପରେ ଝଗଡ଼ା ଥମିଥିଲା। ସେତେବେଳକୁ ରବୀନ୍ଦ୍ର ପ୍ରଚୁର ନିଶାରେ ଥିବାରୁ ମେଡିକାଲ ଯିବାକୁ ମନା କରିଥିଲେ। ତେବେ ଆଜି ସକାଳୁ ହଠାତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯାଇଥିଲା। ପରିବାର ଲୋକେ ତାଙ୍କୁ ନେଇ ଏସ୍‌ସିବି ମେଡିକାଲ ଯାଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଘଟଣା ସମ୍ପର୍କରେ ପୁରୀଘାଟ ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ମୃତକଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ ରାତିରେ ଚଢଉ କରି ମୁଖ୍ୟ ଅଭିଯୁକ୍ତ ସୁରଜକୁ କାବୁ କରିଛନ୍ତି। ଶଙ୍କର ଏକ ଅଟୋ ଚଳାଉଥିବା ଜଣାପଡ଼ିଛି। ସୁରଜ ଠାରୁ ସହଯୋଗୀଙ୍କ ତଥ୍ୟ ଯୋଗାଡ କରି ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରୁଛି। ଘଟଣା ସମ୍ପର୍କରେ ଡିସିପି ଖିଲାରୀ ରିଶିକେଶ ଦ୍ୟାନଦେଓଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସ ଘଟଣା ସମ୍ପର୍କରେ ଜାଣିବା ପରେ ତୁରନ୍ତ ଏସସିବି ମେଡିକାଲରେ ପହଞ୍ଚି ଶବକୁ ଜବତ କରିଥିଲା। ଅନ୍ୟପଟେ ଏକ ଟିମ୍ ଗଠନ କରାଯାଇ ପୁରୀଘାଟ ଥାନା ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯାଇଥିଲା। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତକୁ ଧରାଯାଇ ପଚରାଉଚରା କରାଯାଉଛି। ଖୁବ୍‌ଶୀଘ୍ର ଘଟଣାର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ ହେବ ବୋଲି ଡିସିପି ଦ୍ୟାନଦେଓ ସୂଚନା ଦେଇଛନ୍ତି।

# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**କଟକ, ୨୧।୭ (ସମିସ):** ପୁରୀଘାଟ ଥାନା ନିକଟସ୍ଥ ଏକ ବେସରକାରୀ ହସ୍ପିଟାଲରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ରୋଗୀ ସମ୍ପର୍କୀୟ ଓ ହସ୍ପିଟାଲ କର୍ମଚାରୀ ମୁହାଁମୁହିଁ ହୋଇଥିଲେ। ସମ୍ପୃକ୍ତ ରୋଗୀଙ୍କୁ ରବିବାର ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ବିଷୟ ହସ୍ପିଟାଲ କର୍ତ୍ତୃପକ୍ଷ ଜଣାଇବା ପରେ ମୃତକଙ୍କ ସମ୍ପର୍କୀୟମାନେ ଧୈର୍ଯ୍ୟହରା ହୋଇପଡ଼ିଥିଲେ। ଚିକିତ୍ସା ଅବହେଳାକୁ ଦାୟୀ କରି ସେମାନେ ହସ୍ପିଟାଲ ଭିତରେ ହୋହଲ୍ଲା କରିଥିଲେ। ହସ୍ପିଟାଲ କର୍ମଚାରୀ ଯେତେ ବୁଝାଇକଲେ ମଧ୍ୟ ସେମାନେ କାହାରି କଥା ଶୁଣିନଥିଲେ। ଉତ୍ତେଜନା ସମ୍ପର୍କରେ ସୂଚନା ପାଇ ପୁରୀଘାଟ ପୁଲିସ ପିସିଆର ହସ୍ପିଟାଲକୁ ଯାଇ ସ୍ଥିତି ନିୟନ୍ତ୍ରଣ କରିଥିଲା। ପରେ ମୃତକଙ୍କ ପରିବାର ସଦସ୍ୟ ଶବ ଧରି ଫେରିଯାଇଥିବା ଜଣାପଡ଼ିଛି। ଘଟଣା ନେଇ କୌଣସି ଅଭିଯୋଗ ହୋଇନଥିବା ପୁରୀଘାଟ ଥାନା ପକ୍ଷରୁ ସୂଚନା ଦିଆଯାଇଛି।